R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୨୪୩
ତିଥି : ଚତୁର୍ଦ୍ଦଶୀ
୧୦ ଜୁନ୍ ୨୦୨୫, ମଙ୍ଗଳବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 243
10 June 2025, Tuesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ମୋଦିଙ୍କ ୧୧ ବର୍ଷ

# ଅପରେସନ୍ ସିନ୍ଦୂରରୁ ନୂଆ ଭାରତ



ନୂଆଦିଲ୍ଲୀ, ୯।୬ : ପ୍ରଧାନମନ୍ତ୍ରୀ ଭାବେ ନରେନ୍ଦ୍ର ମୋଦି ୧୧ ବର୍ଷ ପୂରଣ କରିଛନ୍ତି। ଲଗାତର ୧୧ ବର୍ଷ ପ୍ରଧାନମନ୍ତ୍ରୀ ପଦରେ ରହି ସେ ଏକ ରେକର୍ଡ ସୃଷ୍ଟି କରିଛନ୍ତି। ୧୧ ବର୍ଷ ମଧ୍ୟରେ ଅପରେସନ୍ ସିନ୍ଦୂରରୁ ଭିତ୍ତିଭୂମି ସୁଦୃଢ଼ ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ ସରକାର ତାଙ୍କ ସରକାର ସମୟରେ ନିଆଯାଇଛି। ତୃତୀୟ ପାଳିର ପ୍ରଥମ ବର୍ଷରେ ବିଶେଷକରି ଅପରେସନ୍ ସିନ୍ଦୂର ଓ ଆତଙ୍କବାଦୀଙ୍କ ଆଡ୍ଡା ଧ୍ୱଂସ କରିବା ତାଙ୍କର ଏକ ବଡ ମାଇଲଷ୍ଟୋନ୍ ବୋଲି ବିଚାର କରାଯାଉଛି। ଗତ ଜୁନ୍ ୯ରେ ସେ ପ୍ରଧାନମନ୍ତ୍ରୀ ଭାବେ ତୃତୀୟ ପାଳି ଶପଥ ନେଇଥିଲେ।

ବିଜେପି ରାଷ୍ଟ୍ରୀୟ ସଭାପତି ଜେପି ନଡ୍ଡା ମୋଦି ସରକାରଙ୍କ ୧୧ ବର୍ଷର ସଫଳତା ନେଇ ସୂଚନା ଦେଇଛନ୍ତି। ଆର୍ଥିକ ଅଭିବୃଦ୍ଧି, ଗରିବ କଲ୍ୟାଣ, ଏବଂ ଜମ୍ମୁ-କାଶ୍ମୀର ଉପରେ ମୋଦି ସରକାରଙ୍କ ଫୋକସ ଉପରେ ଦୃଷ୍ଟିପାତ କରିଛନ୍ତି। ୧୧ ବର୍ଷରେ ବିଶ୍ୱ ଅର୍ଥନୀତିରେ ୧୦ମ ସ୍ଥାନରେ ଥିବା ଭାରତ ଚତୁର୍ଥ ସ୍ଥାନକୁ ଆସିଛି। ଏସସି, ଏସ୍‌ଟି, ଓବିସି ଓ ମହିଳା କଲ୍ୟାଣ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ଲକ୍ଷପତି ଦିଦି ସୃଷ୍ଟି କରାଯାଇ ସ୍ୱୟଂ ସହାୟକ ଗୋଷ୍ଠିକୁ ସଶକ୍ତ କରାଯାଇଛି। ସେହିଭଳି ଦାରିଦ୍ର୍ୟ ଦୂରୀକରଣ ସ୍ଲୋଗାଲ ହୋଇ ରହିନାହିଁ। ପ୍ରାୟ ୨୫ କୋଟି ଲୋକ ଦାରିଦ୍ର୍ୟତାରୁ ମୁକ୍ତି ପାଇଛନ୍ତି। ଦେଶର ରାଜନୀତି ଓ ରାଜନୈତି ସଂସ୍କୃତିକୁ ମଧ୍ୟ ୧୧ ବର୍ଷ ମଧ୍ୟରେ ସେ ପରିବର୍ତ୍ତନ କରିଛନ୍ତି। ଦାୟିତ୍ୱବାନ ସରକାର ପ୍ରଦର୍ଶନ ସହ ରାଜନୈତିକ ରିପୋର୍ଟ କାର୍ଡ ସର୍ବସାଧାରଣରେ ଉପସ୍ଥାପନ କରିଛନ୍ତି। କୋଭିଡ ସମୟରେ ୨୨୦ କୋଟି ମାଗଣା ଡବଲ ଡୋଜ୍ ଟିକାକରଣ କରାଯାଇଛି। ଜମ୍ମୁ-କାଶ୍ମୀରରେ ସବୁଠୁ ଲମ୍ବା ଚେନାବ ବ୍ରିଜ୍ ମଧ୍ୟ ତାଙ୍କ ସମୟରେ ଶେଷ ହୋଇଛି। ଏହି ପୋଲଟି ୧୯୯୫ରେ ନରସିଂହ ରାଓଙ୍କ ପ୍ରଧାନମନ୍ତ୍ରୀତ୍ୱ କାଳରେ ଆରମ୍ଭ ହୋଇଥିଲା। ଅଟଳ ବିହାରି ବାଜପେୟୀ ଏହାକୁ ଜାତୀୟ ପ୍ରକଳ୍ପ ଭାବେ ଘୋଷଣା କରିଥିଲେ। ଗତ ୧୧ ବର୍ଷରେ ସବ୍ କା ସାଥ୍, ସବ୍ କା ବିକାଶ, ସବ୍ କା ପ୍ରୟାସ ଓ ସବ୍ କା ବିଶ୍ୱାସ ମନ୍ତ୍ରରେ ସରକାର ଚାଲିଛି। ବିରୋଧୀଙ୍କ ସମାଲୋଚନାର ମଧ୍ୟ ଜବାବ ଦିଆଯାଇଛି। ବିକଶିତ ଭାରତର ଲକ୍ଷକୁ ହାସଲ କରିବା ପାଇଁ ପ୍ରତ୍ୟେକଟି ନୀତି ଉପରେ ଫୋକସ କରାଯାଇଛି। ସଂସ୍କାରକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ଜମ୍ମୁ-କାଶ୍ମୀରରେ ୩୭୦ ଧାରାକୁ ଉଚ୍ଛେଦ କରାଯାଇଛି। ତ୍ରିପଲ ତଲାକ୍ ବିଲକୁ ମଧ୍ୟ ଉଚ୍ଛେଦ କରାଯାଇଛି। ୱାକଫ ସଂଶୋଧନ ଆଇନ୍, ନାଗରିକ ସଂଶୋଧନ ଆଇନ୍, ବିମୁଦ୍ରିକରଣ ଓ ମହିଳା ସଂରକ୍ଷଣ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ପହଲଗାମ୍ ଆକ୍ରମଣ ପରେ ମେ' ୭ରେ ଅପରେସନ୍ ସିନ୍ଦୂର ଆରମ୍ଭ କରାଯାଇ ପାକିସ୍ତାନ ଓ ପାକ୍ ଅଧିକୃତ କାଶ୍ମୀରରେ ଥିବା ଆତଙ୍କୀ ଆଡ୍ଡାକୁ ଧ୍ୱଂସ କରାଯାଇଛି। ପାକର ଅନେକ ମିଶାଇଲ୍ ଓ ଡ୍ରୋନକୁ ଧ୍ୱଂସ କରାଯାଇଛି। ଅଧିକାଂଶ ଡ୍ରୋନ୍ ଓ ମିଶାଇଲ ଚୀନ୍ ଦ୍ୱାରା ପ୍ରସ୍ତୁତ ହୋଇଥିଲା। ସେନାକୁ ପୂର୍ଣ୍ଣ ସ୍ୱାଧୀନତା ଦିଆଯାଇ ଅପରେସନ୍ ଆରମ୍ଭ କରାଯାଇଥିଲା। ତୃତୀୟ ବର୍ଷର ପ୍ରଥମ ପାଳିରେ ଦେଶର ଅର୍ଥନୀତିକୁ ସମୃଦ୍ଧ କରିବା ପାଇଁ ଅନେକ ବଳିଷ୍ଠ ପଦକ୍ଷେପ ନିଆଯାଇଛି। ଦେଶର (୯ ପୃଷ୍ଠାରେ)

- ସବ୍ କା ସାଥ୍, ସବ୍ କା ବିକାଶ, ସବ୍ କା ବିଶ୍ୱାସ, ସବ୍ କା ପ୍ରୟାସ ମନ୍ତ୍ର
- ୩୬.୮୦ କୋଟି ଦାରିଦ୍ର୍ୟରୁ ମୁକୁଳିଛନ୍ତି
- ୫୫ କୋଟି ଭାରତୀୟଙ୍କୁ ମାଗଣା ସ୍ୱାସ୍ଥ୍ୟବୀମା
- ଭାରତୀୟ ରାଜନୀତିରେ ବଡ ପରିବର୍ତ୍ତନ
- ଆର୍ଥିକ କ୍ଷେତ୍ରରେ ଦେଶ ସଶକ୍ତ
- ୩୭୦ ଧାରା, ଟ୍ରିପଲ ତଲାକ ଉଚ୍ଛେଦ
- ୱାକଫ୍ ସଂଶୋଧନ ଆଇନ୍, ମହିଳା ସଂରକ୍ଷଣ ବିଲ୍

## ୨୪ ଘଣ୍ଟାରେ କୋଭିଡ ନେଇନି ଜୀବନ

ନୂଆଦିଲ୍ଲୀ, ୯।୬ : ଭାରତରେ କୋଭିଡ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଆକ୍ରାନ୍ତଙ୍କ ସଂଖ୍ୟା ୬୪୯୧ରେ ପହଞ୍ଚିଥିବାବେଳେ ଗତ ୨୪ ଘଣ୍ଟା ମଧ୍ୟରେ କୌଣସି ମୃତ୍ୟୁ ଖବର ସମ୍ମୁଖକୁ ଆସିନାହିଁ। ତେବେ କେରଳ ସବୁଠୁ ଅଧିକ ଆକ୍ରାନ୍ତ ରାଜ୍ୟ ହୋଇଥିବାବେଳେ ଏହା ପଛକୁ ପଶ୍ଚିମବଙ୍ଗ, ଦିଲ୍ଲୀ, ମହାରାଷ୍ଟ୍ର ଅଛନ୍ତି। ସେହିଭଳି ଅରୁଣାଚଳ ପ୍ରଦେଶ, ମିଜୋରାମ, ତ୍ରିପୁରା, ଚଣ୍ଡୀଗଡରେ ସଂକ୍ରମିତଙ୍କ ସଂଖ୍ୟା କମ୍ ରହିଛି।

୨୪ ଘଣ୍ଟା ମଧ୍ୟରେ କୌଣସି ମୃତ୍ୟୁ ହୋଇନଥିଲେ ବି କୋଭିଡ ଯୋଗୁ ୬୫ ଜଣଙ୍କର ଜୀବନ ଯାଇଛି। କେରଳରେ ସର୍ବାଧିକ କୋଭିଡ ଆକ୍ରାନ୍ତଙ୍କ ସଂଖ୍ୟା ୧୯୫୭ରେ ପହଞ୍ଚିଛି। ଗତ ୨୪ ଘଣ୍ଟା ମଧ୍ୟରେ ଆଉ ନୂଆ ୭ ସଂକ୍ରମିତ କେରଳରେ ଚିହ୍ନଟ ହୋଇଛନ୍ତି। ତେବେ କୋଭିଡ ଜନିତ ମୃତ୍ୟୁରେ ମହାରାଷ୍ଟ୍ର ସର୍ବାଗ୍ରେ ରହିଛି। ଏହି ରାଜ୍ୟରେ ମୃତ୍ୟୁ ସଂଖ୍ୟା ୧୮ ଥିବାବେଳେ (୯ ପୃଷ୍ଠାରେ)

## ବନ୍ୟଜନ୍ତୁ ଆକ୍ରମଣରେ ମୃତ୍ୟୁକାଳୀନ ସହାୟତା ୧୦ ଲକ୍ଷକୁ ବୃଦ୍ଧି

ଭୁବନେଶ୍ୱର, ୯।୬ (ସବ୍ୟୁ) : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟରେ ବନ୍ୟଜନ୍ତୁ ଆକ୍ରମଣରେ ପୂର୍ବରୁ ମିଳୁଥିବା ମୃତ୍ୟୁକାଳୀନ ସହାୟତା ରାଶିକୁ ୬ ଲକ୍ଷ ଟଙ୍କାରୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି।

ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଗ୍ରାମ ଗୁଡିକରେ ସାଧାରଣତଃ ବନ୍ୟଜନ୍ତୁ ଆକ୍ରମଣର ନଜିର ଅଧିକ ରହିଥାଏ। ବନ୍ୟଜନ୍ତୁ ଆକ୍ରମଣରେ ଧନଜୀବନ ନଷ୍ଟ ହୋଇଥାଏ। ଏ ସବୁକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ କ୍ଷତିଗ୍ରସ୍ତ ଲୋକଙ୍କ ସହାୟତା ରାଶି ବୃଦ୍ଧି କରିଛନ୍ତି।

ନିଷ୍ପତ୍ତି ଅନୁଯାୟୀ ମୃତ୍ୟୁକାଳୀନ ସହାୟତା ରାଶି ବୃଦ୍ଧି କରାଯିବା ସହିତ ଯଦି ବାସଗୃହ କ୍ଷତିଗ୍ରସ୍ତ ହୋଇଥାଏ ତେବେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଗୃହ ନଚେତ ସମତୁଲ ଆର୍ଥିକ ସହାୟତା ପ୍ରଦାନ କରାଯିବ। ରୋଷେଇ ଘର, ଧାନ ସଂରକ୍ଷଣ ଗୃହ କିମ୍ବା (୯ ପୃଷ୍ଠାରେ)

### ଆଇନ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ରଥଯାତ୍ରାର ଦ୍ୱିତୀୟ ସମନ୍ୱୟ ବୈଠକ

## ୮୦ ଭାଗ କାର୍ଯ୍ୟ ଶେଷ, ଦେବସ୍ନାନ ଲାଗି ଚୂଡାନ୍ତ ପ୍ରସ୍ତୁତି




ପୁରୀ,୯।୬ (ସବ୍ୟୁ ): ରାଜ୍ୟ ସରକାର ଆଇନ, ଅବକାରୀ, ପୂର୍ତ୍ତ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ସୋମବାର ପୂର୍ବାହ୍ନରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଚଳିତ ବର୍ଷ ରଥଯାତ୍ରା ୨୦୨୫ର ଆଜି ଦ୍ୱିତୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଅଧ୍ୟକ୍ଷତା କରି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଥିଲେ ମହାପ୍ରଭୁ ନିଜେ ନିଜ କାର୍ଯ୍ୟ କରନ୍ତି। ଆମେ କେବଳ ପରସ୍ପର ସହଯୋଗ କରନ୍ତି। ରଥଯାତ୍ରା ପାଇଁ ପ୍ରାୟ ଅଶୀ ଭାଗ କାର୍ଯ୍ୟ ସରିଲାଣି ନିର୍ଦ୍ଧାରିତ ସମୟ ସୁଦ୍ଧା କାର୍ଯ୍ୟ ଶେଷ ହେବ। ସେହିପରି ଦେବସ୍ନାନ ପାଇଁ ସରକାର ଓ ପ୍ରଶାସନ ଚୂଡାନ୍ତ ପ୍ରସ୍ତୁତି କରୁଛନ୍ତି ବୋଲି ସୂଚନା ଦେଇଛନ୍ତି ମନ୍ତ୍ରୀ।

ଚଳିତ ବର୍ଷ ରଥଯାତ୍ରା ଦ୍ୱିତୀୟ ସମନ୍ୱୟ ବୈଠକ ଆଜି ପୂର୍ବାହ୍ନରେ ଟାଉନ ହଲ ପରିସରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଅଧ୍ୟକ୍ଷତା କରିବା ସହ ମହାପ୍ରଭୁଙ୍କ ପବିତ୍ର ରଥଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହ ସମ୍ପର୍ଣ୍ଣ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ରଥଯାତ୍ରା ଏକ ସାମୁହିକ କାର୍ଯ୍ୟଛ ପାରସ୍ପରିକ (୯ ପୃଷ୍ଠାରେ)

## ଜନପ୍ରତିନିଧିଙ୍କ ଦାବିକୁ ଦୃଷ୍ଟିରେ ରଖି କାର୍ଯ୍ୟ ହେବ : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର/କେନ୍ଦ୍ରାପଡା, ୯।୬ (ସବ୍ୟୁ) : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି କେନ୍ଦ୍ରାପଡ଼ା ଜିଲ୍ଲା ଗସ୍ତ କରି ଜିଲ୍ଲା ପ୍ରଦକ୍ଷଣ ଗୃହ ସ୍ଥିତ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲା ପ୍ରଶାସନର ସମସ୍ତ ଉନ୍ନତିମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି ଏବଂ ଜିଲ୍ଲାର ପ୍ରଶାସନର କାର୍ଯ୍ୟ ବିଷୟରେ ସମୀକ୍ଷା କରିଛନ୍ତି ଓ ଘୋଷଣା କରିଛନ୍ତିଯେ ରାଜ୍ୟ ସରକାରଙ୍କ ଦ୍ୱିତୀୟ ବର୍ଷର ଆରମ୍ଭ କେନ୍ଦ୍ରାପଡ଼ା ଜିଲ୍ଲାରେ ବିକାଶମୂଳକ କାର୍ଯ୍ୟ ଆରମ୍ଭରୁ ହିଁ ହେବ।

ସମୀକ୍ଷାରୁ ଜଣା ଯାଇଛି ଯେ, କେନ୍ଦ୍ରାପଡ଼ା ଜିଲ୍ଲାରେ ଜଳ ସମ୍ପଦର ବିକାଶ ହେବା ପାଇଁ ଏବଂ ଏହି ଜିଲାରେ ଶିଳ୍ପର ବିକାଶ ପାଇଁ ଖୁବ ଶୀଘ୍ର ପଦକ୍ଷେପ ନିଆଯିବ। କେନ୍ଦ୍ରାପଡ଼ା ଅଂଚଳରେ ଥିବା ହେନ୍ତାଳ ଜଙ୍ଗଲକୁ ଆହୁରି ବ୍ୟାପକ କରିବା ପାଇଁ ଏବଂ ଭିତରକନିକା ଓ ଗହୀରମଥା ଅଂଚଳରେ ଇକୋ ଟୁରିଜିମକୁ ଆହୁରି ତ୍ୱରାନ୍ୱିତ କରାଯିବ। ଖୁବ୍ ଶୀଘ୍ର ବିଭିନ୍ନ ନୂତନ ପ୍ରକଳ୍ପ ଗୁଡ଼ିକ ଏହି ଜିଲ୍ଲାରେ ଉଦ୍‌ଘାଟନ ହେବା ପାଇଁ ଯାଉଛି ଏବଂ କେନ୍ଦ୍ରାପଡ଼ା ଠାରେ ମେଡିକାଲ କଲେଜ ସ୍ଥାପନ ଓ ମହାପ୍ରଭୁ ଶ୍ରୀ ବଳଦେବଜୀଉଙ୍କ ମନ୍ଦିର ପରିକ୍ରମା ପ୍ରକଳ୍ପ ବିଷୟରେ ବିଧାୟକଗଣ ଓ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା ହୋଇଛି ବୋଲି ବୈଠକରୁ ଜଣାଯାଇଛି।

ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ସମସ୍ତ ବିଭାଗୀୟ କାର୍ଯ୍ୟ ଗୁଡିକ ସମ୍ବନ୍ଧରେ (୯ ପୃଷ୍ଠାରେ)

## ଜୁଲାଇ ୮ରୁ ଡ୍ରାଇଭରଙ୍କ ଷ୍ଟିଅରିଂ ଛାଡ଼

ଭୁବନେଶ୍ୱର, ୯।୬ (ସବ୍ୟୁ) : ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ଡାକରା ଦେଇଛି ଡ୍ରାଇଭର ମହାସଂଘ । ୬ ଦଫା ଦାବି ପୂରଣ ନହେଲେ ବନ୍ଦ ହେବ ଚକ ଅଖ । ଜୁଲାଇ ୮ରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତି ଷ୍ଟିୟରିଂ ଛାଡ଼ ଆନ୍ଦୋଳନ କରିବ ମହାମଞ୍ଚ। ସରକାରଙ୍କୁ ଚେତାବନୀ ଦେଇଛି ଓଡ଼ିଶା ଡ୍ରାଇଭର ଓ ଏକତା ମହାମଞ୍ଚ ।

ସୋମବାର ଏକ ସାମ୍ବାଦିକ ସମ୍ମିଳନୀରେ ମଞ୍ଚ ପକ୍ଷରୁ କୁହାଯାଇଛି, ଆସନ୍ତା ଜୁଲାଇ ମାସରେ ୬ ଦଫା ଦାବି ନେଇ ରାସ୍ତାକୁ ଓହ୍ଲାଇବେ ଡ୍ରାଇଭର। ୬ ଦଫା ଦାବି ଗୁଡ଼ିକ ହେଉଛି, ଓଡିଶା ମୋଟର ଟ୍ରାନ୍ସପୋର୍ଟ ଡ୍ରାଇଭର ଏବଂ ଓ୍ୱାର୍କର ଓ୍ୱେଲଫେୟାର ବୋର୍ଡରେ ଅଟୋ ଡ୍ରାଇଭରକୁ ସାମିଲ । ଜନ ସାଧାରଣଙ୍କ ଆକ୍ରୋଶରେ ଶିକାର ହେଉଥିବା ଡ୍ରାଇଭର ସମାଜର ସୁରକ୍ଷା ପାଇଁ ଏକ ସ୍ୱତନ୍ତ୍ର ଆଇନ ତିଆରି କରାଯାଉ । ବୃତିଗତ ଡ୍ରାଇଭରଙ୍କୁ (୯ ପୃଷ୍ଠାରେ)

## ଜେଲ ଗଲେ ଧର୍ମଗଡ଼ ଉପଜିଲ୍ଲାପାଳ



ଧର୍ମଗଡ଼, ୯।୬ (ସବ୍ୟୁ): କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଉପଜିଲ୍ଲାପାଳ ଧୀମାନ ଚକମା, (୨୦୨୧ ବ୍ୟାଚ୍ ଆଇଏଏସ୍ ) ରବିବାର ରାତି ୧୦ଟାରେ ଜଣେ ସ୍ଥାନୀୟ କ୍ରସର ବ୍ୟବସାୟୀଙ୍କଠାରୁ ୧୦ ଲକ୍ଷ ଟଙ୍କା ଲାଞ୍ଚ ଗ୍ରହଣ କରିବା ସମୟରେ ଧରାପଡ଼ିଥିଲେ । ସୋମବାର ଆଇଏଏସ ଧୀମାନ ଚକମା ଗିରଫ (୯ ପୃଷ୍ଠାରେ)

### ଲାଞ୍ଚ ପଛରେ ବିସ୍ଫୋରଣ ବ୍ୟବସାୟ !

ସୁନ୍ଦରଗଡ଼ରେ ଡିନାମାଇଟ ଧରପଗଡ଼ ପରେ ରାଜ୍ୟ ସାରା ବିସ୍ଫୋରକ ଖୋଜା ଚାଲିଛି । ସାରା ରାଜ୍ୟରେ ଚାଲୁଛି ବେଆଇନ୍ କ୍ରସର ଓ ପଥର କ୍ୱାରି । ମାର୍ଚ୍ଚ ମାସରୁ ଅନେକଙ୍କ ଲାଇସେନ୍ସ ସରିଗଲାଣି ,କିନ୍ତୁ ନବୀକରଣ କରାଯାଉନାହିଁ । ଅନ୍ୟପକ୍ଷରେ ଏସବୁକୁ ବନ୍ଦ ମଧ୍ୟ କରାଯାଉନି। ଆଖି ବୁଜି ଦେଇଛନ୍ତି ପ୍ରଦୂଷଣ ବିଭାଗ ଓ ପ୍ରଶାସନ। ସରକାରୀ ତଥ୍ୟ ଅନୁସାରେ, ରାଜ୍ୟରେ ଏବେ ରହିଛି ୩୭୨ଟି ଲାଇସେନ୍ସପ୍ରାପ୍ତ ପଥର କ୍ରସର । ବିନା ଲାଇସେନ୍ସ (୯ ପୃଷ୍ଠାରେ)

## ଲ୍ୟାଣ୍ଡମାଇନ ବିସ୍ଫୋରଣରେ ଅତିରିକ୍ତ ଏସପି ସହିଦ

ମାଲକାନଗିରି, ୯।୬ (ସବ୍ୟୁ) : ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡର ସୁକମା ଜିଲ୍ଲା ଅନ୍ତର୍ଗତ କୋଣ୍ଟା ଥାନା ଅଞ୍ଚଳରେ ସୋମବାର ସକାଳେ ମାଓବାଦୀଙ୍କ ଲ୍ୟାଣ୍ଡମାଇନ ବିସ୍ଫୋରଣରେ ଜଣେ ଅତିରିକ୍ତ ଏସପି ପ୍ରକାଶ ରାଓ ଗିରିପୁଞ୍ଜେ ସହିଦ ହୋଇଥିବା ବେଳେ ୨ ଜଣ ପୁଲିସ ଅଧିକାରୀ ଆହତ ହୋଇଛନ୍ତି ।

କୋଣ୍ଟା ଥାନା ଅଂଚଳ ଠାରୁ ବୁର୍କାପାଲ ରାସ୍ତାରେ ମାତ୍ର ଦୁଇ କିଲୋମିଟର ଦୂରରେ ରବିବାର ରାତିରେ ଏକ ପ୍ରୋକଲିନକୁ ମାଓବାଦୀ ନିଆଁ ଲଗାଇ ପୋଡି ଦେଇଥିଲେ । ଏହି ଖବର କୋଣ୍ଟା ପୁଲିସ ଖବର ପାଇବା ପରେ ସୁକମା ଜିଲ୍ଲାର ଅତିରିକ୍ତ ଏସପି ପ୍ରକାଶ ରାଓ ଗିରିପୁଞ୍ଜେ ଏକ ଟିମ ନେଇ ସେହି ଅଞ୍ଚଳ ଗସ୍ତ କରିଥିଲେ । ତେବେ ପୂର୍ବରୁ ମାଓବାଦୀ ଏଠାକୁ ନିଶ୍ଚିତ ଭାବେ ପୁଲିସ ଅଧିକାରୀ ପହଞ୍ଚିବା କଥା ଜାଣିଥିଲେ ବୋଲି ଅନୁମାନ (୯ ପୃଷ୍ଠାରେ)

### ଉତ୍କଟ ବେକାରୀ

## ହୋମଗାର୍ଡ ଚାକିରି ଲାଗି ବି.ଟେକ୍, ଏମ୍‌ବିଏ ଡିଗ୍ରୀଧାରୀ



ରାଉରକେଲା, ୯।୬ (ସବ୍ୟୁ) : ପୁଲିସ ବିଭାଗର ହୋମଗାର୍ଡ ଚାକିରି ପାଇଁ ରାଉରକେଲାରେ ଆଜି ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା । ଚାକିରି ସ୍ଥାୟୀ ନୁହେଁ , ପଦବୀ ମଧ୍ୟ ଅଳ୍ପ ,ଦରମା ମଧ୍ୟ କମ । ହୋମଗାର୍ଡଙ୍କ କାର୍ଯ୍ୟକାଳ କେବଳ ୩ ବର୍ଷ । କିନ୍ତୁ ଆଶାୟୀଙ୍କ ସଂଖ୍ୟା ହଜାର ହଜାର । ମାସିକ ୧୮ ହଜାର ୩୬୦ ଟଙ୍କା, ଦୈନିକ ପାରିଶ୍ରମିକ ୬୧୨ ଟଙ୍କା । ଗୃହ ବିଭାଗ ଅଧୀନସ୍ଥ ଏକ ଅସ୍ଥାୟୀ ଚାକିରିପଞ୍ଚମ ଶ୍ରେଣୀ ପାସ୍ କରିଥିଲେ ଏହି ଚାକିରି ପାଇଁ ଆବେଦନ କରିପାରିବେ । କିନ୍ତୁ ହୋମଗାର୍ଡ ପୋଷ୍ଟ ପାଇଁ ଆବେଦନ କରିଛନ୍ତି ଅତି ଉଚ୍ଚଶିକ୍ଷିତ ଏମବିଏ, ଏମସିଏ, ବି.ଟେକ୍ ଡିଗ୍ରୀଧାରୀ । ଓଡ଼ିଶାର ଅନେକ ଜିଲ୍ଲାରେ ଗୃହରକ୍ଷୀ ଚାକିରି ପାଇଁ ହେଉଥିବା ପରୀକ୍ଷାରେ ଏଭଳି ଚିତ୍ର ସାମ୍ନାକୁ ଆସିଛି । ଏହାସତ୍ତ୍ୱେ ହଜାର ହଜାର ସଂଖ୍ୟାରେ ଉଚ୍ଚଶିକ୍ଷିତ ହୋମଗାର୍ଡ ଚାକିରି ପାଇଁ ଆବେଦନ କରିବା ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବଡ଼ ବଡ଼ ଶିଳ୍ପର ସ୍ୱପ୍ନ ଦେଖାଉଥିବା ସରକାର ଉଚ୍ଚଶିକ୍ଷିତଙ୍କୁ ନିଯୁକ୍ତି ଦେବାକୁ କାହିଁକି ଭିତ୍ତିଭୂମି ସୃଷ୍ଟି କରିପାରୁନାହାନ୍ତି । କେବଳ ଡିଗ୍ରି ବାଣ୍ଟିବାକୁ ଓଡ଼ିଶାରେ ଖୋଲିଛି କି ଶହ ଶହ ଶିକ୍ଷାନୁଷ୍ଠାନ । ଛାତ୍ରଛାତ୍ରୀଙ୍କୁ କ୍ୟାମ୍ପସ ପ୍ଲେସମେଣ୍ଟ ଦେବାରେ ବିଫଳ ହେଉଛନ୍ତି କି ଶିକ୍ଷାନୁଷ୍ଠାନ । ନା ଚାକିରି ଅଭାବ ଓ ବେକାରି ବୃଦ୍ଧି ଏଭଳି ବିକଟ ସ୍ଥିତି ସୃଷ୍ଟି କରିଛି । କେବଳ ସାର୍ଟିଫିକେଟ୍ ଧରି ବସିଥିବା (୯ ପୃଷ୍ଠାରେ)

## ସରକାରଙ୍କୁ ଅଡୁଆରେ ପକାଉଛି ଔଷଧ ନିଗମ

ଭୁବନେଶ୍ୱର, ୯।୬ (ସବ୍ୟୁ) : ରାଜ୍ୟ ଔଷଧ ନିଗମ ସରକାରଙ୍କ ଲାଗି ଅନେକ ସମୟରେ ଅଡୁଆ ପରିସ୍ଥିତି ସୃଷ୍ଟି କରୁଥିବାର ଅଭିଯୋଗ ହୋଇ ଆସୁଛି। ୨୦୧୫ରୁ ଏହି ନିଗମ ପ୍ରତିଷ୍ଠା ହୋଇଥିବାବେଳେ ଆରମ୍ଭରୁ ନିଯୁକ୍ତି, ଔଷଧ କିଣା ଓ ଅନ୍ୟାନ୍ୟ ପ୍ରସଙ୍ଗରେ ଅନିୟମିତତା ଅଭିଯୋଗ ବାରମ୍ବାର ହେଉଛି। ପୂର୍ବ ସରକାରଙ୍କ ଅମଳରେ ଏଭଳି ହେଉଥିବାବେଳେ ମଧ୍ୟ ନୂଆ ସରକାରଙ୍କ ଅମଳରେ ସେହି ଧାରା ବଜାୟ ରହିଥିବା ସୂଚନା ମିଳିଛି।

୨୦୨୦ରେ କୋଭିଡ ସମୟରେ ସାମଗ୍ରୀ କିଣା ନେଇ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଥିବାବେଳେ ଏବେ ମେଡିକାଲ ଯନ୍ତ୍ରାଂଶ କିଣା ନେଇ ମଧ୍ୟ ଅଭିଯୋଗ ଆସିଛି। ସାନିଟାରୀ ନାପ୍‌କିନ୍ ଔଷଧୀୟ ମଶାରୀ ଯୋଗୁ ମଧ୍ୟ ନିଗମ ଉପରକୁ ଆଙ୍ଗୁଠି ଉଠିଥିଲା। ସବୁ କାର୍ଯ୍ୟ ସତ୍ତ୍ୱେ ସରକାରଙ୍କ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ନ ନିଆଯିବା ଏବେ ଭୃକୁଞ୍ଚନ ସୃଷ୍ଟି କରୁଛି। ଅଭିଯୋଗ ଅନୁଯାୟୀ ୨୦୨୩-୨୪ରେ ରେଡିଓଲୋଜି ସାମଗ୍ରୀ କିଣା ପାଇଁ ଟେଣ୍ଡର ହୋଇଥିଲା। ୨୦୨୩ ଜୁଲାଇ ୨୪ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଯେଉଁଥିରେ ପୋଟେବୁଲ୍ ଏକ୍ସରେ ମେସିନ୍, ସି ଆର୍ମ ୫୦୦ଏମ୍‌ଏ, ୩୦୦ ଏମଏ ଏକ୍ସରେ ମେସିନ୍ କିଣିବା ଲାଗି ଆହ୍ୱାନ ହୋଇଥିଲା। ଯେଉଁ କମ୍ପାନୀ ଏହାର ଟେଣ୍ଡର ଭରିଥିଲା ତା' ନାମରେ ଅପରାଧିକ ମାମଲା ଥିବା ଦର୍ଶାଇ ପୁଣି ଟି-୫ରେ ସେହି କମ୍ପାନୀ ମହାରାଷ୍ଟ୍ର ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶାଳୟ ସମେତ ଆଉକେତେକ ରାଜ୍ୟରେ କଳା ତାଲିକାଭୁକ୍ତ ହେବା ଦର୍ଶାଯାଇଥିଲା। ତେବେ ନିଗମର ଅଧିକାରୀମାନେ ଜାଣିଶୁଣି ଅଣଦେଖା କରି ଉକ୍ତ କମ୍ପାନୀକୁ କୋଟି କୋଟି ଟଙ୍କାର ପୋଟେବୁଲ୍ ଏକ୍ସରେ ଓ ସି ଆର୍ମ ମେସିନ୍ କିଣିବା ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାପଡିଥିଲା। ସରକାରୀ ସଂସ୍ଥା ଓ ରାଜ୍ୟରୁ ଏନ୍‌ଓସି ଟେଣ୍ଡର (୯ ପୃଷ୍ଠାରେ)



## ମନୋରମା ମହାପାତ୍ର

ଓଡ଼ିଶାର ସାହିତ୍ୟିକାଙ୍କ ତାଲିକାରେ ମନୋରମା ମହାପାତ୍ରଙ୍କ ନାଁ ଆଗରେ ରହିଥାଏ । ନିଜର ଅସାଧାରଣ ପ୍ରତିଭା ଓ ଅଗାଧ ପାଣ୍ଡିତ୍ୟ ବଳରେ ସେ ଓଡ଼ିଶାର ସାହିତ୍ୟକୁ ବେଶ୍ ଆଗକୁ ନେଇଥିଲେ । ୧୯୩୪ ମସିହା ଜୁନ ୧୦ ତାରିଖରେ କଟକ ଆଠଗଡ଼ ରାଧାନାଥପୁର ଶାସନରେ ଜନ୍ମ ହୋଇଥିଲେ ମନୋରମା । ଜଣେ ଓଡ଼ିଆ ସମାଜସେବୀ, ସାହିତ୍ୟିକା ଓ ସମ୍ପାଦକ ଭାବେ ତାଙ୍କର ସୁ ଖ୍ୟାତି ରହିଛି । ସାହିତ୍ୟିକାଭାବେ ସେ ଓଡ଼ିଶାର ସମ୍ମାନଜନକ ପୁରସ୍କାର ସାହିତ୍ୟ ଏକାଡେମୀ ଓ ଶାରଳା ସମ୍ମାନରେ ଭୂଷିତ ହୋଇଛନ୍ତି । କେବଳ ସାହିତ୍ୟ ନୁହେଁ ତାଙ୍କର ସାମ୍ବାଦିକତାରେ ମଧ୍ୟ ରୁଚି ରହିଥିଲା । ସେ ଦୈନିକ ଖବରକାଗଜ ସମାଜର ସମ୍ପାଦକ ଭାବରେ ସେ ବହୁତ ଦିନ କାର୍ଯ୍ୟରତ ଥିଲେ । ସେ ଜଣେ ଅର୍ଥନୀତି ଅଧ୍ୟାପକ ଭାବରେ ମଧ୍ୟ କାର୍ଯ୍ୟ କରିଛନ୍ତି । ସେ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଉତ୍କଳ ସାହିତ୍ୟ ସମାଜର ସେ ଥିଲେ ପ୍ରଥମ ମହିଳା ସମ୍ପାଦିକା । ସେ ହେଉଛନ୍ତି ପଦ୍ମଭୂଷଣ ସମ୍ମାନୀତ, ସ୍ୱାଧୀନତା ସଂଗ୍ରାମୀ ତଥା ସମାଜର ପୂର୍ବତନ ସଂପାଦକ ରାଧାନାଥ ରଥଙ୍କର କନ୍ୟା । ପ୍ରାଥମିକ ଶିକ୍ଷା ଶେଷ ପରେ ରେଭେନ୍ସା ଗାର୍ଲସ ହାଇସ୍କୁଲରୁ ମ୍ୟାଟ୍ରିକ ପାସ୍ କରିଥିଲେ । ୧୯୭୦ ମସିହାରେ ଓଡ଼ିଶା ଶିକ୍ଷା ବିଭାଗରେ ସେ ଯୋଗ ଦେଇଥିଲେ ।

ଅର୍ଥନୀତି ପ୍ରାଧ୍ୟାପିକା ଭାବରେ ୧୫ବର୍ଷ କାଳ ଶିକ୍ଷାଦାନ କରି ୧୯୮୫ ମସିହାରେ ସେ ଅବସର ଗ୍ରହଣ କରିଥିଲେ । ତାଙ୍କର ବୈଦେହୀ ବିସର୍ଜିତା, ଆଈଙ୍କ ମୁଣିରୁ ବିଜ୍ଞାନ ଗପ, ଝଡ଼ପରେ ସୂର୍ଯ୍ୟୋଦୟ, ମାନସୀ ମୋ’ ବନହଂସୀ,ପାହାନ୍ତି ତାରାର ଲୁହ ଭଳି ରଚନାକୁ ବିପୁଳ ପ୍ରଶଂସା ମିଳିଥିଲା । ତାଙ୍କର ସାହିତ୍ୟ ସାଧନା ପାଇଁ ତାଙ୍କୁ ଅନେକ ସମ୍ମାନରେ ସମ୍ମାନିତ କରାଯାଇଥିଲା । ତେବେ ୨୦୨୧ ମସିହା ସେପ୍ଟେମ୍ବର ୧୮ ତାରିଖରେ ସେ ସମସ୍ତଙ୍କୁ ଦୁଃଖର ସାଗରରେ ଭସାଇ ପ୍ରାଣ ତ୍ୟାଗ କରିଥିଲେ । ତାଙ୍କ ଅବର୍ତ୍ତମାନରେ ସାହିତ୍ୟ ଜଗତରେ ଏକ ଅପୂରଣୀୟ କ୍ଷତି ସୃଷ୍ଟି ହୋଇଥିଲା ।

## ସୋସିଆଲ କୋଟ୍ସ



“ହମ୍ ସାଥ ସାଥ ହେ ଫିଲ୍ମ ସୁଟିଂ ସମୟରେ ମୁଁ ସଲମାନଙ୍କୁ ପସନ୍ଦ କରୁ ନଥିଲି । ହେଲେ ସଲମାନ ଖୁବ ମଜାଳିଆ ସ୍ୱଭାବର । ସେ ମୋତେ ସବୁବେଳେ ଚିଡାଉଥିଲେ ।

**ସୋନାଲି ବେନ୍ଦ୍ରେ, ଅଭିନେତ୍ରୀ**



“ମଡେଲିଂ ଆରମ୍ଭରୁ ମୋତେ ମୋଟି ବୋଲି ଫେରାଇ ଦିଆଯାଉଥିଲା । ଯାହା ମୋତେ ଖୁବ ଖରାପ ଲାଗିଥିଲା । ତେଣୁ ମୁଁ ସେବେଠାରୁ ଫିଟ୍ ରହିବା ପାଇଁ ଶତଚେଷ୍ଟା କରିଥାଏ ।

**ଶିଳ୍ପା ସେଟ୍ଟୀ, ଅଭିନେତ୍ରୀ**



“କମ୍ଫର୍ଟ ଜୋନ୍‌ରୁ ବାହାରି ଅଭିନୟ କରିବା କଷ୍ଟ ହୋଇଥିଲା । କିନ୍ତୁ ଏହା କ୍ୟାରିୟର ପାଇଁ ସହାୟକ ହୋଇଥିଲା । ବୋଲ୍ଡ କ୍ୟାରେକ୍ଟର କରିବା ମୋ ପାଇଁ ସହଜ ନଥିଲା ।

**ଆଧା ଆନନ୍ଦ, ଅଭିନେତ୍ରୀ**

## ଯୌତୁକରେ ମିଳିଛି ୧୦୦ ସିଭେଟ୍ କ୍ୟାଟ୍



ବାହାଘରରେ ସାଧାରଣତଃ ଝିଅ ମାନଙ୍କୁ ଆସବାବ ପତ୍ର, ଘର ଗାଡି ଦିଆଯାଇଥାଏ । ହେଲେ ଭିଏତନାମର ଗୋଟିଏ ବିବାହ ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଚର୍ଚ୍ଚା ସାଉଁଟିବାରେ ଲାଗିଛି । ଏହା ନିଜର ଯୌତୁକକୁ ନେଇ ଭାଇରାଲ ହେଉଛି । ସୂଚନା ଅନୁସାରେ ଏହି ବିବାହରେ କନ୍ୟା ପିତାମାତା ଝିଅକୁ ୧୦୦ଟି ସିଭେଟ୍ କ୍ୟାଟ୍ ଯୌତୁକରେ ପ୍ରଦାନ କରିଛନ୍ତି । ସିଭେଟ୍ କ୍ୟାଟ୍ ହେଉଛି ଏକ ବିରଳ ପ୍ରାଣୀ । ଏହି ପ୍ରାଣୀର ମଳରୁ ଦୁନିଆର ସବୁଠାରୁ ଦାମୀ କଫି କୋପି ଲୁଓ୍ୱାକ ପ୍ରସ୍ତୁତ ହୋଇଥାଏ । ଏହି ବିଲେଇ ଏକ ପ୍ରକାର ଫଳ ଖାଇଥାଆନ୍ତି ଯାହାର ମଞ୍ଜିକୁ ଏମାନଙ୍କର ମଳରୁ ସଂଗ୍ରହ କରାଯାଇ ଏହି କଫି ପ୍ରସ୍ତୁତ କରାଯାଇଥାଏ । ଯାହା ପଛରେ ବୈଜ୍ଞାନିକ କାରଣ ରହିଛି । ତେବେ ଏହି ୨୨ ବର୍ଷୀୟ କନ୍ୟାଙ୍କୁ ତାଙ୍କ ଘର ଲୋକ ଏତେମାତ୍ରାରେ ଏହି ପଶୁ ପ୍ରଦାନ କରିବା ପରେ ଘଟଣାଟି ଖୁବ ଭାଇରାଲ ହେଉଛି । ଏହି ଜୀବମାନଙ୍କର ଦାମ ଆକଳନ କଲେ ୭୦ ହଜାର ଡଲାରରୁ ଅଧିକ । ତେବେ ଝିଅକୁ କେବଳ ଏହି ବିରଳପଶୁ ନୁହେଁ ଏଥିସହିତ ୨୫ଟି ସୁନା ବାର୍, ୨୦ ହଜାର ଡଲାର କ୍ୟାସ୍, ୧୧,୫୦୦ ଡଲାରର କମ୍ପାନୀ ସେୟାର, ସାତଟି ଜମି ମଧ୍ୟ ଯୌତୁକରେ ଦିଆଯାଇଛି । ତେବେ ସୋସିଆଲ ମିଡିଆରେ ବାହାଘରରେ ଦିଆଯାଇଥିବା ୧୦୦ଟି ସିଭେଟ୍ କ୍ୟାଟ୍ ଘଟଣାଟି ଭାଇରାଲ ହେଉଥିବା ଦେଖିବାକୁ ମିଳୁଛି ।



## ରଖନ୍ତୁ ଫୁସ୍‌ଫୁସ୍‌କୁ ସୁସ୍ଥ

**ଆଜିକାଲି ବାୟୁମଣ୍ଡଳରେ ଅନେକ ଦୂଷିତ ପଦାର୍ଥ ମିଶି କରି ରହୁଛି, ଯାହା ଆମ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ । ଏହାକୁ ବିଶୋଧିତ କରିବା ପାଇଁ ବୈଜ୍ଞାନିକମାନେ ଅନେକ ପ୍ରକାର ଉପାୟ ଆପଣାଉଛନ୍ତି । ତେବେ ପ୍ରକୃତିରେ ମଧ୍ୟ ଏଭଳି କିଛି ସାମଗ୍ରୀ ରହିଛି, ଯାହାକୁ ବ୍ୟବହାର କରି ଆମେ ବାୟୁ ପ୍ରଦୂଷଣ କାରଣରୁ ଶରୀରରେ ହେଉଥିବା କ୍ଷତିକୁ କମାଇପାରିବା । ଆସନ୍ତୁ ଜାଣିବା ସେହିଭଳି କିଛି ସାମଗ୍ରୀ ବିଷୟରେ ।**

**ହଳଦୀ–** ହଳଦୀ ଆମେ ସବୁଥିରେ ବ୍ୟବହାର କରିଥାଉ । ଏଥିରେ ଥିବା କୁରକୁମିନ୍ ବେଶ୍ ସ୍ୱାସ୍ଥ୍ୟକର । ଏହା ଆଣ୍ଟିଇନ୍‌ଫ୍ଲାମେଟୋରୀ ଭାବେ କାର୍ଯ୍ୟ କରିଥାଏ । ଏହା ଆଣ୍ଟିଇନ୍‌ଫ୍ଲାମେଟୋରୀ ସହିତ ଆଣ୍ଟିଅକ୍ସିଡାଣ୍ଟ ଭାବେ ମଧ୍ୟ କାମ କରିଥାଏ । ଏହା ଆସ୍ଥମା ପାଇଁ ଖୁବ ଉପକାରୀ ହୋଇଥାଏ ।

**ଅଦା–** ଅଦା ଥଣ୍ଡା ରୋଗ ପାଇଁ ଖୁବ ଉପକାରୀ । ଏହା ବିଭିନ୍ନ ଶ୍ୱାସକ୍ରିୟା ଜନିତ ସମସ୍ୟା ପାଇଁ ଉପକାରୀ । କାଶ, ଥଣ୍ଡା ପାଇଁ ଏହା ଉପକାରୀ ହୋଇଥିବାରୁ ଏହା ଫୁସଫୁସ ପାଇଁ ଉପକାରୀ ହୋଇଥାଏ ।

**ରସୁଣ–** ରସୁଣରେ କେବଳ ସ୍ୱାଦ ଭରି ରହିଛି ତାହା ନୁହେଁ, ଏଥିରେ ନ୍ୟାଚୁରାଲ ଆଣ୍ଟିବାୟୋଟିକ୍ ଭରି ହୋଇ ରହିଥାଏ । ଏହା ଆମର ବିଭିନ୍ନ ଶ୍ୱାସନଳୀରେ ଥିବା ସଂକ୍ରମଣକୁ ରୋକିବାରେ ସହାୟତା ହୋଇଥାଏ । ଏହା ସହିତ ଇମ୍ୟୁନ୍‌ସିଷ୍ଟମକୁ ବୁଷ୍ଟ କରିବାରେ ମଧ୍ୟ ରସୁଣ ବେଶ ସହାୟକ ହୋଇଥାଏ ।


## ଇତିହାସ

୧୨୪୬– ନାସିରୁଦ୍ଦିନ୍ ମହମ୍ମଦ ଶାହ ଦିଲ୍ଲୀର ପ୍ରଥମ ଶାସକ ହେଲେ ।
୧୭୮୬– ଚୀନ୍‌ର ସିଚୁଆନ ପ୍ରାନ୍ତରେ ଭୂମିକମ୍ପ କାରଣରୁ ଦାଦୁ ନଦୀବନ୍ଧ ଭାଙ୍ଗି ୧ ଲକ୍ଷ ଲୋକ ମୃତ୍ୟୁବରଣ କରିଥିଲେ ।
୧୮୨୯– ବ୍ରିଟେନ୍‌ର ଅକ୍ସଫୋର୍ଡ ଏବଂ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟ ମଧ୍ୟରେ ପ୍ରଥମ ବୋଟ୍ ରେସ୍ ହୋଇଥିଲା ।
୧୯୪୪– ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜର୍ମାନୀ ସେନା ୟୁନାନ୍‌ର ୨୧୮ ଜଣଙ୍କୁ ହତ୍ୟା କରିଥିଲା ।
୧୯୪୬– ରାଜଶାହି ସମାପ୍ତ ହେବା ପରେ ଇଟାଲି ଗଣତାନ୍ତ୍ରିକ ରାଷ୍ଟ୍ର ରୂପେ ପରିଚିତ ହେଲା ।
୧୯୬୭– ଇସ୍ରାଏଲ୍ ଏବଂ ସିରିଆ ମଧ୍ୟରେ ୬ ଦିନିଆ ଯୁଦ୍ଧ ସମାପ୍ତ ।
୧୯୭୭– ପ୍ରଥମ ଆପଲ୍ ୧୧ ସିରିଜ୍‌ର କମ୍ପ୍ୟୁଟରର ବିକ୍ରି ଆରମ୍ଭ କରାଗଲା ।
୧୯୮୬– ଇଂଲଣ୍ଡକୁ ୫ ଓ୍ୱିକେଟ୍‌ରେ ହରାଇ ଭାରତ ପ୍ରଥମ ଥର ଲର୍ଡସ୍‌ରେ ଟେଷ୍ଟ ମ୍ୟାଚ୍ ଜିତିଥିଲା ।
୧୯୯୫– ୟୁରୋପର ବିକ୍ସଲେଟ୍ ଅଞ୍ଚଳରେ ୫୧୦୦ କିଲୋବିଶିଷ୍ଟ ବିଶ୍ୱର ସବୁଠୁ ଓଜନିଆ ଘଡି ସ୍ଥାପିତ କରାଗଲା ।
୧୯୯୯– କେରଳସ୍ଥିତ କୋଚିରେ ଏକ ଘରୋଇ ଅନ୍ତର୍ଜାତୀୟ ବିମାନବନ୍ଦରର ପରିଚାଳନା ଆରମ୍ଭ କରାଗଲା ।
୨୦୦୩– ନାସାର ପକ୍ଷରୁ ମଙ୍ଗଳାୟାନ ରୋବର୍ ଲଞ୍ଚ୍ କରାଗଲା ।
୨୦୦୮– ୫୪ତମ ରାଷ୍ଟ୍ରୀୟ ଫିଲ୍ମ ପୁରସ୍କାରର ଘୋଷଣା କରାଗଲା । ଏଥିରେ ସଞ୍ଜୟ ଦତ୍ତଙ୍କ ଅଭିନୀତ ଲଗେ ରହୋ ମୁନ୍ନାଭାଇ ସର୍ବଶ୍ରେଷ୍ଠ ଲୋକପ୍ରିୟ ଚଳଚ୍ଚିତ୍ର ରୂପେ ଚୟନ କରାଗଲା ।

## ଫ୍ଲୋଟିଂ ମ୍ୟୁଜିୟମ

ଦୁନିଆରେ ଏଭଳି ଅନେକ ଜିନିଷ ଅଛି, ଯାହା ଆଖିକୁ ମ୍ୟାଜିକ୍ ଭଳି ଦେଖାଯାଏ । ସେହିଭଳି ଏକ ମ୍ୟୁଜିୟମ୍ ରହିଛି ଚୀନରେ, ଯାହା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବାରେ ଲାଗିଛି । ଏହି ମ୍ୟୁଜିୟମ୍‌କୁ ଦୂରରୁ ଦେଖିଲେ ଏକ ସ୍ପେସ୍‌ସିପ୍ ପରି ମନେ ହୋଇଥାଏ । ହେଲେ ଏହାକୁ ସ୍ୱତନ୍ତ୍ରଭାବେ ଭବିଷ୍ୟତରେ ବ୍ୟବହାର ହେବାକୁ ଯାଉଥିବା ନୂତନ ଧରଣର ଟେକ୍ନୋଲୋଜିର ବିଭିନ୍ନ ଇଭେଣ୍ଟକୁ ହୋଷ୍ଟ କରିବାକୁ ପ୍ରସ୍ତୁତ କରାଯାଇଛି । ଏହାର ଆକାରକୁ ସାଇନ୍ସ -ଫିକସନ୍ ମାଗାଜିନ୍‌ରେ ପବ୍ଲିସ୍ ହେଉଥିବା ପ୍ରୋଜେକ୍ଟ ସହ ତୁଳନା କରାଯାଉଛି । ଏହି ମ୍ୟୁଜିୟମକୁ ୬୦ ହଜାର ସ୍କୋୟାର ମିଟରରେ ପ୍ରସ୍ତୁତ କରାଯାଇଛି, ଯାହା ସିଡନୀ ଅପେରା ହାଉସଠାରୁ ପ୍ରାୟ ୩ଗୁଣ ବଡ । ଏହି ମ୍ୟୁଜିୟମଟିକୁ ଅନନ୍ୟ କଳାକାରୀ ବ୍ୟବହାର କରି ପ୍ରସ୍ତୁତ କରାଯାଇଛି, ଯାହା ସବୁ ଆଙ୍ଗେଲ୍‌ରୁ ଖୁବ ସୁନ୍ଦର ବୋଲି ସୂଚନା ରହିଛି । ଏହି ମ୍ୟୁଜିୟମକୁ ମାତ୍ର ଗୋଟିଏ ବର୍ଷରେ ନିର୍ମାଣ କରାଯାଇଥିଲା । ମ୍ୟୁଜିୟମଟିକୁ ପରିଚିତ ବ୍ରିଟିଶ ଆର୍କିଟେକଚର୍ ଡମେ ଜାହା ହଦିଦ୍ ନିର୍ମାଣ କରିଛନ୍ତି । ସେ ଏହି ମ୍ୟୁଜିୟମର ଡିଜିଟାଲ ଡିଜାଇନ୍ କରିଛନ୍ତି, ଯାହା ଟେକ୍ନୋଲୋଜିରେ ଖୁବ ଆଗରେ ରହିଛି । ଏହାକୁ ବିଭିନ୍ନ ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବହାର କରି ପ୍ରସ୍ତୁତ କରାଯାଇଛି । ଏହି ମ୍ୟୁଜିୟମରେ ସୋଲାର ପ୍ୟାନେଲର ମଧ୍ୟ ବ୍ୟବହାର କରାଯାଇଛି, ଯାହା ପାଓ୍ୱାର ସପ୍ଲାଇରେ ବ୍ୟବହାର ହେଉଛି । ମ୍ୟୁଜିୟମ୍‌ଟି ବର୍ତ୍ତମାନ ସାରା ବିଶ୍ୱରେ ଚର୍ଚ୍ଚାର ବିଷୟ ପାଲଟିଛି ।





Letters from the attic

Dear Sir.

I am arrive by passenger train Ahmedpur station and my belly is too much swelling with jackfruit. I am therefore went to privy. Just I doing the nuisance that guard making whistle blow for train to go off and I am running with 'lotah' in one hand and 'dhoti' in the next when I am fall over and expose all my shocking to man and female women on plateform.

Yours faithfully servent

Dear Sir.

I am arrive by passenger train Ahmedpur station and my belly is too much swelling with jackfruit. I am therefor went to privy. Just I doing the nuisance that guard making whistle blow for train to go off and I am running with 'LOTAH' in one hand & 'DHOTI' in the next when I am fall over & expose all my shocking to man & female women on platform. I am got leaved Ahmed-pur station.

This too much bad. if passenger go to make dung that dam guard not wait train minutes for him. I am therefor pray your honour to make big fine on that guard for public sake. Otherwise I am making big report to papers.

## ରେଳ ଶୌଚାଳୟର ଇତିହାସ

ଆଜିକାଲି ପ୍ରତିଟି ଭାରତୀୟ ରେଳରେ ଶୌଚାଳୟର ସୁବିଧା ରହିଛି । ହେଲେ ଦିନଥିଲା ଟ୍ରେନ୍‌ରେ ଏହି ସୁବିଧା ନଥିଲା । ତେବେ ଏହା ପଛରେ ଏକ ରୋମାଞ୍ଚକର କାହାଣୀ ରହିଛି, ଯେଉଁ କାରଣରୁ ଟ୍ରେନ୍‌ରେ ଶୌଚାଳୟ ସାମିଲ ହୋଇଥିଲା । ଓଖିଲ ଚନ୍ଦ୍ରସେନ ନାମକ ଜଣେ ବ୍ୟକ୍ତି ଭାରତୀୟ ରେଳର ବ୍ୟବସ୍ଥାରେ ପରିବର୍ତ୍ତନ ଆଣିଥିଲେ । ପ୍ରଥମେ ୧୮୫୩ ମସିହାରେ ବ୍ରିଟିଶ ଶାସନ ସମୟରେ ଭାରତରେ ରେଳ ଗଡିଥିଲା,ହେଲେ ପ୍ରଥମରୁ ଏଥିରେ ଶୌଚାଳୟର ଅଭାବ ରହିଥିଲା । ପ୍ରଥମେ ରେଳ ଗୁଡିକ ଖୁବ କମ ବ୍ୟବଧାନ ମଧ୍ୟରେ ଯାଆସ କରୁଥିଲା । ହେଲେ ଯେତେବେଳେ ଅଧିକ ବ୍ୟବଧାନରେ ଟ୍ରେନ ଯାତ୍ରା ଆରମ୍ଭ ହେଲା ସେହି ସମୟରେ ଏହା ଏକ ଗୁରୁତର ସମସ୍ୟାରେ ପରିଣତ ହେଲା । ତେବେ ପାଖାପାଖି ୫୦ ବର୍ଷ ପର୍ଯ୍ୟନ୍ତ ଏଥି ପ୍ରତି ବ୍ରିଟିଶର ମାନେ ଧ୍ୟାନ ଦେଇନଥିଲେ । ୧୯୦୯ରେ ଭାରତରେ ଗଡୁଥିବା ରେଳରେ ପ୍ରଥମକରି ଶୌଚାଳୟ ବ୍ୟବସ୍ଥା କରାଗଲା, ଯାହା ପଛରେ ଏକ ରୋଚକ କାହାଣୀ ରହିଛି । ସୂଚନା ଅନୁସାରେ ୧୯୦୯ ଜୁଲାଇ ୨ରେ ଓକିଲ ଚନ୍ଦ୍ରସେନ ନାମକ ବ୍ୟକ୍ତି ଟ୍ରେନରେ ଯାତ୍ରା କରୁଥିବାବେଳେ ତାଙ୍କୁ ଶୌଚାଳୟର ଆବଶ୍ୟକତା ପଡିଥିଲା । ଯେଉଁଥିପାଇଁ ତାଙ୍କୁ କିଛି ଅପମାନକ ଜନକ ପରିସ୍ଥିତି ଦେଇ ଗତି କରିବାକୁ ପଡିଥିଲା । ଏହାପରେ ସେ ଟ୍ରେନ୍‌ରେ ଶୌଚାଳୟ ସ୍ଥାପନା ପାଇଁ ଲଢେଇ ଆରମ୍ଭ କରିଥିଲେ । ପ୍ରଥମେ ସେ ତତ୍କାଳୀନ ରେଳବିଭାଗର ଅଧିକାରୀଙ୍କ ପାଖୁ ଏକ ପତ୍ର ଏ ସଂକ୍ରାନ୍ତରେ ଲେଖିଥିଲେ । ଏହାପରେ ରେଳରେ ଶୌଚାଳୟର ବ୍ୟବସ୍ଥା କରାଯାଇଥିଲା ।



## ହୋଟେଲ୍ ଚାକିରିରୁ ବଲିଉଡ

ବଲିଉଡ ଅଭିନେତ୍ରୀ ସୋନମ କପୁର ସବୁବେଳେ ନିଜ ଫ୍ୟାଶନ ସେନ୍ସ ପାଇଁ ଚର୍ଚ୍ଚାରେ ରହିଥାଆନ୍ତି । କେବଳ ଫ୍ୟାଶନ ନୁହେଁ ସେ ନିଜର ଷ୍ଟେଟମେଣ୍ଟ ପାଇଁ ମଧ୍ୟ ଚର୍ଚ୍ଚାରେ ରହିଥାଆନ୍ତି । ନିକଟରେ ସେ ନିଜର କ୍ୟାରିୟର ଷ୍ଟ୍ରଗଲ ନେଇ ମନଖୋଲି କଥା ହୋଇଛନ୍ତି । ସେ ଅନିଲ କପୁରଙ୍କ ଝିଅ ହେଲେ ବି କ୍ୟାରିୟରରେ ଅନେକ ଷ୍ଟ୍ରଗଲ କରିଥିବା ସେ ମତ ଦେଇଛନ୍ତି । ସେ ସିଧାସିଧା ଫିଲ୍ମରେ ସ୍ଥାନ ପାଇନଥିଲେ, ଏଥିପାଇଁ ତାଙ୍କୁ ବିଭିନ୍ନ ପ୍ରକାର କଷ୍ଟ କରିବାକୁ ପଡିଛି । ପିତା ବଲିଉଡର ଏତେ ବଡ ଷ୍ଟାର ହେଲେ ବି ସୋନମଙ୍କୁ କିନ୍ତୁ ହୋଟେଲ୍‌ରେ ଓ୍ୱେଟ୍ରେସ୍‌ର ଚାକିରି କରିବାକୁ ପଡିଥିଲା । ଯେତେବେଳେ ସେ ସିଙ୍ଗାପୁରରେ ପାଠ ପଢୁଥିଲେ ସେହି ସମୟରେ ତାଙ୍କୁ ପକେଟ୍‌ମନି ମିଳୁନଥିଲା ତେଣୁ ତାଙ୍କୁ ଏଥିପାଇଁ ହୋଟେଲରେ ଚାକିରି କରିବାକୁ ପଡୁଥିଲା । ସେହିଭଳି ବିଟାଉନ୍‌ରେ ନିଜ କ୍ୟାରିୟରର ପ୍ରଥମରୁ ସେ ଅନ୍ୟମାନଙ୍କ ଠାରୁ ଡିଜାଇନର ଡ୍ରେସ ଧାରନେଇ ପିନ୍ଧୁଥିଲେ । ସବୁବେଳେ କିଛି ପୋଷାକ କିଣିବାକୁ ସୋନମ ସମର୍ଥନ କରୁନଥିଲେ । କିଣିବା ଅପେକ୍ଷା ଡ୍ରେସ ରେଣ୍ଟ ନେବା ତାଙ୍କୁ ବେଶି ଲାଭ ଦାୟକ ଲାଗିଥିଲା ।

## ମାଙ୍ଗୋମିସୁ



**ସାମଗ୍ରୀ–** ସାଭୋଇରାଡି, ଚିଜ୍, ଅଣ୍ଡା, ଚିନି, କଫି ପାଉଡର, ପାଣି, ଆମ୍ବ ରସ, ଗୋଟା ମିଠା ଆମ୍ବ ।

**ପ୍ରଣାଳୀ–** ପ୍ରଥମେ ପାଣି, କଫି ଗୁଣ୍ଡ ଓ ଚିନିକୁ ମିଶାଇ ଏକ କଫି ସିରପ ପ୍ରସ୍ତୁତ କରନ୍ତୁ । ଏହି ମିଶ୍ରଣକୁ ଅଲଗା ରଖି ଦିଅନ୍ତୁ । ଏହାପରେ ଏକ ଡବଲ ବଏଲରରେ ଅଣ୍ଡା କେଶର ଓ ଚିନିକୁ ମିଶାଇ ଫୁଟାନ୍ତୁ । ଏହାକୁ କ୍ରିମ ଭଳି ମିକ୍ସ କରନ୍ତୁ । ଏହାପରେ ଆଉ ଏକ ପାତ୍ରରେ ଆମ୍ବ ରସ ଓ ଚିଜ୍‌କୁ ଭଲକରି ମିଶାନ୍ତୁ । ଏହାପରେ ଅଣ୍ଡା ମିଶ୍ରଣକୁ ଚିଜ୍‌ରେ ମିଶାଇ ଗୋଳାନ୍ତୁ । ସାଭୋଇରାଡିକୁ କଫି ସିରପରେ ବୁଡାଇ ରଖନ୍ତୁ । ଏହି ସାଭୋଇରାଡିକୁ ଏକ ପାତ୍ରରେ ରଖି ଏହା ଉପରେ ଆମ୍ବର ଖଣ୍ଡ ଦିଅନ୍ତୁ । ଏହି ଆମ୍ବ ଉପରେ ପୂର୍ବର ପ୍ରସ୍ତୁତ କ୍ରିମ୍‌କୁ ଲେୟାର କରି ପକାନ୍ତୁ । ଏହି ଲେୟାରକୁ ଆଉ ଥରେ ରିପିଟ୍ କରନ୍ତୁ ପ୍ରସ୍ତୁତ ହୋଇଯିବ ମାଙ୍ଗୋମିସୁ । ଏହାକୁ ଖାଇବା ଆଗରୁ ୨ଘଣ୍ଟା ଫ୍ରିଜରେ ରଖନ୍ତୁ ।





କେନ୍ଦ୍ରାପଡ଼ା ବଳଦେବଜୀଉ ମନ୍ଦିରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

# ଗାଡି ଚୋରି ରାକେଟ୍ ଠାବ: ୩ ଗିରଫ: ୭ଟି ବାଇକ ଜବତ

କଟକ,(ସବ୍ୟୁ): ସହର ଓ ଉପକଣ୍ଠରେ ଗାଡି ଚୋରି କରୁଥିବା ଏକ ର୍ୟାକେଟ୍ ଠାବ କରାଯାଇଛି । ୨ଜଣ ଲୁଟେରା ସମେତ ୩ ଜଣଙ୍କୁ ପୁରୀଘାଟ ଥାନା ପୁଲିସ ଆଜି ଗିରଫ କରିଛି । ଅଭିଯୁକ୍ତମାନେ ହେଲେ ବାରଙ୍ଗ ମୁଣ୍ଡମୁହାଣର ଚନ୍ଦନ ବେହେରା(୨୫), ପୁରୀଘାଟ ମଠସାହି ଗୋପାଳଜୀଉ ଲେନର ମହାଦେବ ନାଏକ(୩୦) ଓ ବାରଙ୍ଗ ପାଟପୁରର ଶିବାନି ଓରଫ ଶିବ ଜେନା(୨୯) ଛ ଅଭିଯୁକ୍ତଙ୍କ ଠାରୁ ୭ଟି ଚୋରା ଗାଡି ଉଦ୍ଧାର ହୋଇଛି । ଆଜି ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ ପରେ ଜେଲ ପଠାଇ ଦିଆଯାଇଛି । ପୁଲିସ ସୂଚନା ଅନୁସାରେ, ହରିପୁରର ଦୀପଙ୍କର ପଲାଇ ଗତ ୬ ତାରିଖ ସକାଳେ ପ୍ରାତଃଭ୍ରମଣ ପାଇଁ ସନସାଇନ ପଡିଆ ପାଖକୁ ନିଜ ବାଇକରେ ଯାଇଥିଲେ । ଗାଡିକୁ ପଡିଆ ସମ୍ମୁଖରେ ତାଲା ପକାଇ ଭିତରକୁ ଚାଲିବା ପାଇଁ ଯାଇଥିଲେ । ଆଉ ପ୍ରାୟ ୮ଟା ବେଳେ ଫେରି ଦେଖିଲା ବେଳକୁ ବାଇକ ସେଠାରେ ନାହିଁ । ତୁରନ୍ତ ସେ ଥାନାରେ ଏତଲା ଦେଲେ । ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଆଖପାଖର ସିସିଟିଭି ଫୁଟେଜ ତଥ୍ୟ ଆଧାରରେ ପୋଲିସ ପ୍ରଥମେ ଅଭିଯୁକ୍ତ ଚନ୍ଦନକୁ ଠାବ କରିଥିଲା । ତା' ଠାରୁ ୩ଟି ଚୋରା ଗାଡି ମଧ୍ୟ ଜବତ ହୋଇଥିଲା । ସେହିପରି ଚନ୍ଦନର ସୂଚନା ଆଧାରରେ ଚଢଉ କରାଯାଇ ତାର ସହଯୋଗୀ ମହାଦେବ ନାଏକକୁ ପୁଲିସ ଗିରଫ କରିଥିଲା । ମହାଦେବ ଗିରଫ ପରେ ତା' ଠାରୁ ମଧ୍ୟ ଅନ୍ୟ ୩ଟି ଚୋରା ଗାଡି ଜବତ ହୋଇଥିଲା । ତେବେ ୨ ଅଭିଯୁକ୍ତ ଦୀପଙ୍କର ପଲାଇଙ୍କ ବାଇକ ଚୋରି କରିବା ପରେ ବାରଙ୍ଗ ପାଟପୁରର ଶିବ ଜେନାକୁ ବିକିଥିବା ସୂଚନା ଦେଇଥିଲେ । ପୁଲିସ ସେଠାରେ ଚଢଉ କରି ଶିବକୁ ଗିରଫ କରିବା ସହିତ ତା ଘରୁ ଅଭିଯୋଗକାରୀଙ୍କର ଚୋରି ଯାଇଥିବା ବାଇକ ଜବତ କରିଥିଲା । ଅଭିଯୁକ୍ତ ଚନ୍ଦନ ଓ ମହାଦେବ ହେଉଛନ୍ତି ପେସାଦାର ବାଇକ ଲୁଟେରା । ଏକ ଗ୍ୟାଙ୍ଗ ଗଢି ଗାଡି ଚୋରି ପରେ ତୁରନ୍ତ ଶିବକୁ ବିକ୍ରି କରିଥାନ୍ତି । ଶିବ ଅଳ୍ପ କିଛି ପଇସାରେ ଚୋରା ଗାଡି ନେଇ କଟକ ବାହାରେ ବିକ୍ରି କରିଦେଇଥାଏ । ଚନ୍ଦନ ଜଣେ ପୁରଣା ପେସାଦାର ଚୋର ହୋଇଥିବା ବେଳେ ତା' ନାଁରେ ବାରଙ୍ଗ, ମଧୁପାଟଣା, ପୁରୀଘାଟ ଓ ଟାଙ୍ଗୀ ଥାନାରେ ୧୧ଟି ଚୋରି, ଛିନତାଇ ଓ ଡକାୟତି ମାମଲା ରହିଛି । ମହାଦେବ ନାଁରେ ପୁରୀଘାଟ ଥାନାରେ ଗୋଟିଏ ଛିନତାଇ ମାମଲା ରହିଛି । ଶିବ ନାଁରେ କେବଳ ବାରଙ୍ଗ ଥାନାରେ ଚୋରା ମଦ କାରବାର, ଗଣ୍ଡଗୋଳ ଓ ଚୋରା ଜିନିଷ କିଣିବା ନେଇ ୪ଟି ମାମଲା ରହିଛି । ଗତ ୩୦ ତାରିଖରେ ଅଭିଯୁକ୍ତ ଚନ୍ଦନ ଚୌଦ୍ୱାର ଥାନାରୁ ଏକ ମାମଲାରେ ଜାମିନ ପାଇଥିଲା ।

## କଟକଣା କୁ ଫୁ...
# ଡହଡହ ଖରାରେ କାମ କରୁଛନ୍ତି ଶ୍ରମିକ, ପ୍ରଶାସନ ନିରବ

ଖୋର୍ଦ୍ଧା,(ସବ୍ୟୁ): ଖୋର୍ଦ୍ଧା ରେ ଡହଡହ ଖରାରେ କାମ କରୁଛନ୍ତି ଶ୍ରମିକ। ଏଠାରେ ସରକାରୀ ନିୟମର ଖୋଲା ଉଲ୍ଲଂଘନ ହେଉଥିବା ଦେଖିବାକୁ ମିଳିଛି । ଏପରିକି ମଣ୍ଡଳ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟରୁ ମାତ୍ର ୨କିଲୋ ମିଟର ପରଧି ଭିତରେ ଉଭୟ ସରକାରୀ ଓ ବେସରକାରୀ କାର୍ଯ୍ୟରେ ଶ୍ରମିକ ନିୟୋଜିତ ହୋଇ କାର୍ଯ୍ୟ କରୁଛନ୍ତି ।

ସରକାର ପ୍ରଚଣ୍ଡ ଖରାକୁ ନେଇ ଶ୍ରମିକଙ୍କ କାମ କରିବାର ଏକ ସମୟ ସାରଣୀ (ଦିନ ୧୧ରୁ ୩ଟା ପର୍ଯ୍ୟନ୍ତ ଶାରୀରିକ କାର୍ଯ୍ୟ ନ କରିବା ପାଇଁ) ପ୍ରସ୍ତୁତ କରି ଜିଲ୍ଲାର ଶ୍ରମ ବିଭାଗକୁ ଦେଇଥିଲେ । କିନ୍ତୁ ତାହାର ତଦାରଖ ଠିକ୍ ରେ ହୋଇପାରୁନାହିଁ । ଖୋର୍ଦ୍ଧା ପୌରାଂଚଳର ୧୨ନଂ ୱାର୍ଡ ତଥା ଶ୍ରୀରାମନଗର ରେ ଲକ୍ଷାଧିକ ଟଙ୍କା ବ୍ୟୟରେ ଡ୍ରେନ୍ ନିର୍ମାଣ କାର୍ଯ୍ୟ ଦୃତଗତିରେ ଜାରୀ ରହିଛି । ମୁଣ୍ଡଫଟା ଖରା ଓ ଅସହ୍ୟ ଗୁଳୁଗୁଳି ସତ୍ୱେ ଏଠାରେ ଦିନ ସାଢେ ୧୧ଟାବେଳେ ମଧ ଶ୍ରମିକ କଠିନ କାମ କରୁଥିବା ଦେଖିବାକୁ ମିଳିଛି । ନିର୍ମାଣ ଚାଲିଥିବା ଡ୍ରେନ୍ ପୌରପରିଷଦ ଅଧିନ ରେ ରହିଛି । ମାତ୍ର ଏହି ଡ୍ରେନ୍ କାମ କେଉଁ ଠିକାଦାର ଏବଂ କେଉଁ ଠିକାସଂସ୍ଥା କୁ ଦିଆଯାଇଛି ତାର ତଥ୍ୟ ପୌରକାର୍ଯ୍ୟାଳୟ ନିକଟରେ ନଥିବା ନିର୍ବାହୀ ଅଧିକାରୀ ରିଜିୱାନା କଅକବଙ୍କ ସୂତ୍ରରୁ ଜଣାଯାଇଛି । ଉକ୍ତ ଡ୍ରେନ୍ କାର୍ଯ୍ୟ ପୂର୍ତ ବିଭାଗ ଯଦି କରିବ ତେବେ ପୌରକାର୍ଯ୍ୟାଳୟରୁ ଅନୁମତି ନେବା ଆବଶ୍ୟକ ରହିଛି ।ମାତ୍ର ଡ୍ରେନ୍ କାମ ନେଇ ପୂର୍ତ ବିଭାଗ ବି କିଛି ସ୍ୱଷ୍ଟ କରୁନି ।ଯାହାକୁ ନେଇ ଚର୍ଚ୍ଚା ଜୋର ଧରଛି । କୁହାଯାଉଛି ଶାସକ ଦଳର ସ୍ଥାନୀୟ ନେତାଙ୍କ ଆର୍ଶିବାଦରେ ଜନୈକ ଠିକାଦାର ରହି ଏଭଳି ବେଆଇନ କାର୍ଯ୍ୟ କରୁଛନ୍ତି । ମାତ୍ର ଡ୍ରେନ୍ ନିର୍ମାଣ ସମ୍ପର୍କରେ ପୌରପରିଷଦ କି ପୂର୍ତ ବିଭାଗ କାହା ପାଖେ ନାହିଁ ସନ୍ତୋଷ ଜନକ ଉତର । ସେହିଭଳି ସହରର ବିଭିନ୍ନ ସ୍ଥାନରେ ଘର ନିର୍ମାଣ କାର୍ଯ୍ୟରେ ଶ୍ରମିକ ନିୟୋଜିତ ହୋଇ ଦିନ ୧୦ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ କାମ କରୁଛନ୍ତି । ଏକ ଘଂଟାର ବିଶ୍ରାମ ପରେ ପୁଣି ଅପରାହ୍ନ ୩ ଟାରୁ କାମ କରୁଥିବା ଶ୍ରମିକମାନେ ମତ ରଖିଛନ୍ତି । ଯାହାକୁ ନେଇ ଜିଲ୍ଲା ଶ୍ରମ ବିଭାଗର ତଦାରଖ ଉପରେ ଅଙ୍ଗୁଳି ଉଠୁଛି । ଅନ୍ୟପକ୍ଷରେ ସରକାରୀ ନିର୍ମାଣ ଓ ଉନ୍ନୟନ କାର୍ଯ୍ୟରେ ଠିକାଦାରଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀ, ନିର୍ବାହୀ, ସହକାରୀ ଓ କନିଷ୍ଠ ଯନ୍ତ୍ରୀଙ୍କ ସିଧାସଳଖ ସମ୍ପର୍କ ରହୁଛି । ଜିଲାପାଳଙ୍କ ଅଧକ୍ଷତାରେ ହୋଇଥିବା ବୈଠକ ଓ ସରକାରୀ ନିର୍ଦ୍ଦେଶାନୁଯାୟୀ ସମସ୍ତ ବିଭାଗକୁ ମଧ ଅବଗତ କରାଯାଇଛି । ତଥାପି ସରକାରଙ୍କ ନିର୍ଦ୍ଧାରିତ ସମୟକୁ ଖିଲାପ କରି ଗ୍ରୀଷ୍ମ ପ୍ରବାହ ସମୟରେ ଯଦି ସରକାରୀ ଓ ବେସରକାରୀ କାର୍ଯ୍ୟ ହେଉଥିବ ତେବେ ତାହା ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରଶାସନକୁ ରିପୋର୍ଟ ପ୍ରଦାନ କରାଯିବ ବୋଲି ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ।

## କ୍ରିକେଟ୍ ଖେଳକୁ ନେଇ ଗଣ୍ଡଗୋଳ, ୨ ଗିରଫ

ଚୌଦ୍ୱାର,(ସବ୍ୟୁ): ଟାଙ୍ଗୀ–ଚୌଦ୍ୱାର ବ୍ଲକ୍ ଅନ୍ତର୍ଗତ ସଫା ଗ୍ରାମ ନିକଟରେ ଥିବା ଖେଳ ପଡ଼ିଆରେ କ୍ରିକେଟ୍ ଖେଳ ଚାଲିଥିବା ବେଳେ କୌଣସି କଥାକୁ ନେଇ ପିଲାମାନଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା । ଏହି ଗଣ୍ଡଗୋଳରେ ପିଲାମାନଙ୍କର ଅଭିଭାବକମାନେ ସାମିଲ ହେବା ଯୋଗୁଁ ଏହା ଉଗ୍ରରୂପ ନେବା ସହ ରମେଶ ସେଠୀ ନାମକ ଜଣେ ବ୍ୟକ୍ତିଙ୍କର ମୁଣ୍ଡ ଫାଟି ଯାଇଥିଲା । ଏହାପରେ ଦୁଇପକ୍ଷ ଥାନାରେ ପରସ୍ପର ବିରୁଦ୍ଧରେ ଏକ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଆଧାର କରି ଟାଙ୍ଗୀ ପୁଲିସ୍ ସଫା ଅଞ୍ଚଳର ଗଦାଧର ସାହୁ (୪୦) ଓ କାହ୍ନୁ ସେଠୀ (୨୭)ଙ୍କୁ ଗିରଫ୍ କରି କୋର୍ଟଚାଲାଣ କରିଥିବା ଜଣା ପଡ଼ିଛି ।

## ମହିଧରପଡ଼ା ହନୁମାନ ମହାରାଜାଙ୍କ ଜନ୍ମ ଉତ୍ସବ

ଫୁଲନଖରା,(ସବ୍ୟୁ) :ବାରଂଗ ବ୍ଲକ ଅନ୍ତର୍ଗତ ନଗରୀ ପଞ୍ଚାୟତ ମହିଧରପଡ଼ା ଗ୍ରାମଠାରେ ଶ୍ରୀ ଶ୍ରୀ ହନୁମାନ ମହାରାଜାଙ୍କର ୨୩ ତମ ଜନ୍ମ ବାର୍ଷିକୀ ଉତ୍ସବ ଶୁକ୍ରବାର ଦିନ ପାଳିତ ହୋଇଯାଇଛି । ସକାଳ ୮ ଟାରୁ ହନୁମାନ ଚାଳିଶା ପାଠ ହୋମାଦି ପୂଜା କର୍ମ ଯଥା ବିଧିରେ ଅନୁଷ୍ଠିତ ହୋଇ ସନ୍ଧ୍ୟାରେ ୭ମଣ୍ଡଳ ଓଡ଼ିଶୀ ସଙ୍କୀର୍ତ୍ତନ ପରିବେଷଣ କରାଯାଇଥିଲା । ଶହ ଶହ ଲୋକ ପ୍ରସାଦ ସେବନରେ ଭାଗ ନେଇଥିଲେ ।ଏହି କାର୍ଯ୍ୟକ୍ରମକୁ ଶ୍ରୀ ଶ୍ରୀ ହନୁମାନ ପୂଜା କମିଟିର ସମସ୍ତ ସଦସ୍ୟଙ୍କ ନେତୃତ୍ୱରେ ପରିଚାଳନା କରାଯାଇଥିଲା ।

## ରଜରେ ବଦଳିବ ପାଗ, ବର୍ଷିବ
# ଘୂର୍ଣ୍ଣିବଳୟ ପ୍ରଭାବରେ ୨୪ ଘଣ୍ଟା ବର୍ଷା

ଭୁବନେଶ୍ୱର(ସବ୍ୟୁ): ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଓ ଏହାର ସଂଲଗ୍ନ ଉତ୍ତର ଉପକୂଳ ଓଡ଼ିଶାରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି । ଏହା ପ୍ରଭାବରେ ରାଜ୍ୟରେ ବିଭିନ୍ନ ଅଞ୍ଚଳରେ ବର୍ଷା ହୋଇଛି । ବର୍ଷା ହେବା ପରେ ତାତିରୁ ଆଶ୍ୱସ୍ତି ମିଳିଛି । ଆସନ୍ତା ୧୨ ତାରିଖ ବେଳକୁ ଦକ୍ଷିଣ ଭାରତରେ ମୌସୁମୀ ସକ୍ରିୟ ହେବ । ଏହାପରେ ଅର୍ଥାତ ୧୫–୧୮ ତାରିଖ ସୁଦ୍ଧା ଓଡ଼ିଶାରେ ମୌସୁମୀ ଅଗ୍ରସର ହେବ । ଫଳରେ ରଜରେ ଥଣ୍ଡା ପାଗ ରହିବାର ସମ୍ଭାବନା ରହିଛି । ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାଶ ଏକ୍ସରେ ଉଲ୍ଲେଖ କରିଛନ୍ତି, ଉପକୂଳ ଓଡ଼ିଶାର ଅଧିକାଂଶ ସ୍ଥାନରେ ତାପମାତ୍ରା ୩୪ରୁ ୩୬ ଡ଼ିଗ୍ରୀ ମଧ୍ୟରେ ସୀମିତ ଥିଲେ ମଧ ଆଦ୍ରତା ୬୪%ରୁ ଅଧିକ ହେତୁ ଅସହ୍ୟ ଗୁଳୁଗୁଳି ନାକେଦମ କରୁଛି । ଏହି ସମୟରେ ପ୍ରକୃତ ତାପମାତ୍ରା ଠାରୁ ୧୦ ଡିଗ୍ରୀ ଅର୍ଥାତ ୪୪ରୁ ୫୦ ଡିଗ୍ରୀ ତାପମାତ୍ରା ଅନୁଭୂତ ହେଉଛି । ତେବେ ରାଜ୍ୟରେ ତାତି ଆଉ ବଢ଼ିବନି । ଆସନ୍ତା ୧୨ରୁ ୧୫ ତାରିଖ ସୁଦ୍ଧା ଦକ୍ଷିଣ ଭାରତରେ ଦକ୍ଷିଣ–ପଶ୍ଚିମ ମୌସୁମୀ ସକ୍ରିୟ ହେବାର ସମ୍ଭାବନା । ତେବେ ଓଡ଼ିଶାରେ ପୁଣି ଅଗ୍ରସର ହେବ ମୌସୁମୀ । ରାଜ୍ୟରେ ୧୫ରୁ ୧୮ ତାରିଖ ଭିତରେ ମୌସୁମୀ ଅଗ୍ରସର ହୋଇ ବାକି ଜିଲ୍ଲାଗୁଡ଼ିକୁ ସ୍ୱର୍ଶ କରିବ । ସୋମବାର ସକାଳ ସାଢ଼େ ୮ଟାରୁ ସନ୍ଧ୍ୟା ସାଢ଼େ ୫ଟା ସୁଦ୍ଧା ଜଗତସିଂହପୁରରେ ସର୍ବାଧିକ ୪୧.୪ ମିମି ବର୍ଷା ହୋଇଥିବା ବେଳେ ଅନୁଗୁଳରେ ୩୫ ମିମି, ଖୋର୍ଦ୍ଧାରେ ୩୩ ମିମି, ଭଦ୍ରକରେ ୨୨ମିମି, ଯାଜପୁରରେ ୨୦ ମିମି, କେନ୍ଦୁଝରରେ ୧୬.୮ ମିମି, ପାରାଦୀପରେ ୪.୫ ମିମି ବର୍ଷା ରେକର୍ଡ ହୋଇଛି । ଆସନ୍ତକାଲି (ମଙ୍ଗଳବାର) ବି ରାଜ୍ୟରେ ଘୂର୍ଣ୍ଣିବଳୟ ପ୍ରଭାବରେ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ ।


Government of India

ରାଷ୍ଟ୍ର ପ୍ରଥମ
ନିର୍ଣ୍ଣାୟକ, ନିର୍ଭୀକ, ଦାୟିତ୍ୱବାନ ଭାରତ






ବିଶ୍ୱସ୍ତରୀୟ ହେଲା ବ୍ରହ୍ମୋସ୍ କ୍ଷେପଣାସ୍ତ୍ର : ଫିଲିପାଇନ୍ସକୁ ରପ୍ତାନି

ଭାରତର ପ୍ରତିରକ୍ଷା–ରପ୍ତାନୀରେ ୩୩ ଗୁଣ ବୃଦ୍ଧି ।

ପ୍ରତିରକ୍ଷା ପୁଞ୍ଜି ଅଧିଗ୍ରହଣ ବଜେଟର ୭୫ ପ୍ରତିଶତ ଘରୋଇ ଉତ୍ପାଦନ ପାଇଁ ରଖାଯାଇଛି ।

ପ୍ରତିରକ୍ଷା ସ୍ୱଦେଶୀକରଣ ତାଲିକାରେ ୫୦୦୦ରୁ ଅଧିକ ସାମଗ୍ରୀ ଯୋଡ଼ି ହୋଇଛି ।

ଆଇଡିଇଏକ୍ସ ଷ୍ଟାର୍ଟଅପ୍ ଏବଂ ଏମ୍ଏସ୍ଏମ୍ଇ ଗୁଡିକରୁ ୨୪୦୦ + କୋଟି ଟଙ୍କା ମୂଲ୍ୟର ୪୩ଟି ସାମଗ୍ରୀ କିଣାଯାଇଛି ।

ସ୍ୱଦେଶୀ ନିର୍ମିତ ବିମାନ ବାହକ ଆଇ.ଏନ୍.ଏସ୍. ବିକ୍ରାନ୍ତ

ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ ପଦବୀ ସୃଷ୍ଟି : ଉଚ୍ଚ ପ୍ରତିରକ୍ଷା ସଂଗଠନରେ ଏକ ଐତିହାସିକ ସଂସ୍କାର


ଏକ ପାହ୍ୟା ଏକ ପେନସନ, ସଶସ୍ତ୍ର ବାହିନୀର ଦୀର୍ଘ ଦିନର ଦାବି–ପୂରଣ ହେଲା ।



ଭାରତୀୟ ବାୟୁସେନାରେ ସାମିଲ ହେଲା ସ୍ୱଦେଶୀ ହାଲୁକା ଲଢୁଆ ହେଲିକପ୍ଟର ପ୍ରଚଣ୍ଡ, ଯାହା ବିଶ୍ୱର ଏକମାତ୍ର ଆକ୍ରମଣକାରୀ ହେବ, ଯାହା ଅଧିକ ଭାର ସହିତ ୫୦୦୦ ମିଟର ଉଚ୍ଚତାରେ ଅବତରଣ ଏବଂ ଉଡ଼ାଣ କରିବାରେ ସକ୍ଷମ ।

ସ୍ୱାୟତ୍ତତା, ଦକ୍ଷତା ଏବଂ ଅଭିବୃଦ୍ଧିକୁ ପ୍ରୋତ୍ସାହନ ଦେବା ପାଇଁ ଗୋଳାବାରୁଦ କାରଖାନା ବୋର୍ଡକୁ ୭ଟି ପ୍ରତିରକ୍ଷା ରାଷ୍ଟ୍ରାୟତ୍ତ ଉଦ୍ୟୋଗରେ ପରିଣତ କରାଯାଇଛି ।

CBC 44101/13/0007/2526



ଅପରେସନ ସିନ୍ଦୁର
ଆମ ସଶସ୍ତ୍ର ବାହିନୀର ଉଲ୍ଲେଖନୀୟ ବୀରତ୍ୱ ପ୍ରଦର୍ଶନ କରିଥିଲେ :
ଶତ୍ରୁ ଦେଶରେ ଥିବା ୯ଟି ଆତଙ୍କବାଦୀ ବେସ୍ ମାତ୍ର ୨୨ ମିନିଟରେ ଧ୍ୱଂସ ।

ବିକଶିତ ଭାରତର ଅମୃତ କାଳ
ସେବା, ସୁଶାସନ, ଗରିବ କଲ୍ୟାଣର ୧୧ ବର୍ଷ
11 SAAL



## ୧କୋଟି ୮ଲକ୍ଷ ଠକେଇ

# ଅବସରପ୍ରାପ୍ତ ଏସ୍‌ପିଙ୍କ ପୁଅ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ୧କୋଟି ୮ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ଅବସରପ୍ରାପ୍ତ ଏସ୍‌ପି ବିଦ୍ୟୁତ ପଣ୍ଡାଙ୍କ ପୁଅ ସମ୍ବିତ ପଣ୍ଡାଙ୍କୁ ଇନ୍‌ଫୋସିଟି ଥାନା ପୋଲିସ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି । ଅଡି ସୋରୁମ୍‌ର ପୂର୍ବତନ ପରିଚାଳକ ଭାବେ ପରିଚୟ ଦେଇ ସମ୍ବିତ ଠକେଇ କରିଥିବା ପୋଲିସ କହିଛି ।



ଏତଲାକାରୀ ରୋହିତ ରୋଶନ ମହାନ୍ତିଙ୍କ ଅଭିଯୋଗ ଆଧାରରେ ଜେଏମ୍‌ଏଫ୍‌ସି, ସିଓଜି-।। ଭୁବନେଶ୍ୱର କୋର୍ଟ ଏକ ମାମଲା ରୁଜୁ କରି ତଦନ୍ତ କରିବାକୁ ଇନଫୋସିଟି ଥାନାକୁ ନିର୍ଦ୍ଦେଶ ଦେଇଥିଲେ । କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା । ଏତଲାକାରୀ ରୋହିତ ଜଣେ ବ୍ୟବସାୟୀ ହୋଇଥିବା ବେଳେ ସେ କାର୍‌ପ୍ରେମୀ ଥିଲେ । ବିଳାସପୂର୍ଣ୍ଣ କାର୍ ପ୍ରତି ତାଙ୍କ ଦୁର୍ବଳତା ଅଧିକ । ୨୦୨୩ ମସିହା ମାର୍ଚ୍ଚ ୧୯ ତାରିଖରେ ଅଭିଯୁକ୍ତ ସମ୍ବିତ ପଣ୍ଡା ସଂସ୍ପର୍ଶରେ ଆସିଥିଲେ ।

ସେ ନିଜକୁ ଜଣେ ଫ୍ରିଲାନ୍ସ କାର୍ ବ୍ରୋକର ଏବଂ ଭୁବନେଶ୍ୱର ଅଡିର ପୂର୍ବତନ ପରିଚାଳକ ଭାବେ ନିଜକୁ ପରିଚୟ ଦେଇଥିଲା । ଏକ ମାସ ମଧ୍ୟରେ ସେ ବିଳାସପୂର୍ଣ୍ଣ ଅଡି କାର୍ ଯୋଗାଇ ଦେବ ବୋଲି ଏତଲାକାରୀଙ୍କୁ ପ୍ରତିଶ୍ରୁତି ଦେବା ସହିତ ତାଙ୍କଠାରୁ ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ୧କୋଟି ୮ଲକ୍ଷ ୫୦ ହଜାର ଟଙ୍କା ନେଇଥିଲା । ସେ କାର୍ ସେବା ପରିବର୍ତ୍ତେ ଏତଲାକାରୀଙ୍କୁ ଧରାଛୁଆଁ ଦେଇନଥିଲା । ବାରମ୍ବାର ଫୋନ୍ କରିବାରୁ ଅଭିଯୁକ୍ତ ଏତଲାକାରୀ ରୋଶନଙ୍କୁ ଗାଳିଗୁଲଜ କରିଥିଲା । ଯାହା ଫଳରେ ସେ କୋର୍ଟରେ ପିଟିସନ କରିବାରୁ ପୋଲିସକୁ ମାମଲା ରୁଜୁ କରି ଗିରଫ କରିବାକୁ ନିର୍ଦ୍ଦେଶ ହୋଇଥିଲା । ଅଭିଯୁକ୍ତ ଏତଲାକାରୀଙ୍କୁ ଭ୍ରମିତ କରିବା ପାଇଁ ଜାଲ୍ କାଗଜପତ୍ର ବ୍ୟବହାର କରିଥିଲା । ସେ ପୂର୍ବରୁ ଏହିପରି କେତେକ ଲୋକଙ୍କୁ ଠକେଇ କରିଥିବା ପୋଲିସ ଜାଣିବାକୁ ପାଇଛି ।

କୋର୍ଟ ନିର୍ଦ୍ଦେଶ ଅନୁଯାୟୀ ପୋଲିସ ୩୧୬ (୨)/୩୨୪ (୫)/ ୩୧୮ (୪)/ ୩୩୮/ ୩୩୬ (୩)/ ୩୪୦ (୨)/ ୩୫୧ (୨) ଧାରାରେ ମାମଲା ରୁଜୁ କରି ଅଭିଯୁକ୍ତ ସମ୍ବିତ ପଣ୍ଡା (୩୨)କୁ ଗିରଫ କରି କୋର୍ଟଚାଲାଣ କରିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

## ଘରେ ବସି ମିଳିବ ରାଜସ୍ୱ ବିଭାଗର ପ୍ରମାଣପତ୍ର

# ମୋବାଇଲ୍ ଆପରେ ମିଳିବ ୧୮ ପ୍ରକାର ସେବା

ଭୁବନେଶ୍ୱର(ସବ୍ୟୁ): ରାଜସ୍ୱ ବିଭାଗର ଜରୁରୀ ସାର୍ଟିଫିକେଟ୍ ପାଇଁ ଆଉ ଅଫିସକୁ ବାରମ୍ବାର ଦୌଡ଼ିବାକୁ ପଡ଼ିବନି । ଘରେ ବସି, ମୋବାଇଲ୍ ଆପ୍ ସାହାର୍ଯ୍ୟରେ ଏହି ସେବା ପାଇପାରିବେ । ଏହି ବ୍ୟବସ୍ଥା ଖୁବ୍‌ଶୀଘ୍ର ଆରମ୍ଭ ହେବ । ଯେଉଁଥିରେ ଉପଲବ୍ଧ ହେବ ୧୮ ପ୍ରକାର ଗୁରୁତ୍ୱପୂର୍ଣ୍ଣ ପ୍ରମାଣପତ୍ର । ଆଉ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସେବା ଯୋଗାଇ ନଦେଲେ ସଂପୃକ୍ତ ଅଧିକାରୀଙ୍କୁ ଦେବାକୁ ପଡ଼ିବ ଜୋରିମାନା। ଏହି ସୂଚନା ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ।

ଏଣିକି ଛୋଟ ଛୋଟ କାମ ପାଇଁ ଆଉ ଦୌଡ଼ିବାକୁ ପଡ଼ିବନି ରାଜସ୍ୱ ଅଧିକାରୀଙ୍କ ପାଖକୁ । ରାଜସ୍ୱ ବିଭାଗର ସବୁ ସେବା ଘରେ ବସି ମୋବାଇଲ୍ ଆପରେ ପାଇପାରିବେ । ଏଥିପାଇଁ ଆପ୍ ପ୍ରସ୍ତୁତ ହୋଇସାରିଛି । ଖୁବ୍ ଶୀଘ୍ର ଏହାର ଲୋକାର୍ପଣ ହେବ । ପୂର୍ବ ସରକାର ସମୟରେ ଆବେଦନକାରୀଙ୍କ ସ୍ୱାର୍ଥକୁ ଆଖିରେ ରଖି ସବୁ ତହସିଲ ଭିତରେ ଖୋଲିଥିଲା ସିଙ୍ଗିଲ ୱିଣ୍ଡୋ ସିଷ୍ଟମ୍ । ହେଲେ ଏହାକୁ ଭୃକ୍ଷେପ କରୁନଥିଲେ ଅଧିକାରୀ । ଜାତିଗତ ପ୍ରମାଣପତ୍ର ହେଉ କିମ୍ବା ଇନକମ୍ ସାର୍ଟିଫିକେଟ୍, ଲିଗାଲ୍ ହେୟାର ହେଉ କି ସଲଭେନ୍ସି ସାର୍ଟିଫିକେଟ୍ ସବୁ କାମ ପାଇଁ ତହସିଲ୍ ଅଫିସକୁ ଦୌଡ଼ି ଦୌଡ଼ି ନୟାନ୍ତ ହେବାକୁ ପଡୁଥିଲା । କିନ୍ତୁ ନୂଆ ବ୍ୟବସ୍ଥା ଦ୍ୱାରା ସେ ସମସ୍ୟା ଆଉ ଭୋଗିବାକୁ ପଡ଼ିବନି ।

ରାଜସ୍ୱ ବିଭାଗର ୧୮ଟି ସେବା ହାତପାଆନ୍ତାରେ ପାଇପାରିବେ ଆବେଦନକାରୀ । ତା'ପୁଣି ନିର୍ଦ୍ଦିଷ୍ଟ ସମୟ ସୀମା ଭିତରେ । ଯଦି ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସେବା ଯୋଗାଇ ନପାରିଲେ, ତେବେ ଅଧିକାରୀଙ୍କ ବିରୁଦ୍ଧରେ ହେବ କାର୍ଯ୍ୟାନୁଷ୍ଠାନ । ଏପରିକି ସଂପୃକ୍ତ ଅଧିକାରୀଙ୍କ ଦରମାରୁ ଜୋରିମାନା ଟଙ୍କା କଟିବ । ରାଜସ୍ୱ ବିଭାଗର ଏହି ଆପ୍ କେତେଦିନ ଭିତରେ ଆସିବ ସେନେଇ ନିର୍ଦ୍ଦିଷ୍ଟ ଭାବେ କିଛି କହିନାହାନ୍ତି ବିଭାଗୀୟ ମନ୍ତ୍ରୀ । କିନ୍ତୁ ଆପ୍ ଆସିଲେ ବାରମ୍ବାର ଅଫିସକୁ ଦୌଡିବା ଭଳି ସମସ୍ୟା ଆଉ ଭୋଗିବାକୁ ପଡିବନି ବୋଲି ଆଶା ରଖିଛନ୍ତି ଲୋକେ । ସେପଟେ ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସକ କହିବା କଥା, ଅନଲାଇନ୍ ହେଉକି ଅଫଲାଇନ୍ ସବୁ ଜଣେ ଜଣେ ଅଧିକାରୀଙ୍କ ଦ୍ୱାରା ପରିଚାଳିତ । ତେଣୁ ବିଭିନ୍ନ କାରଣ ଦେଖାଇ ସେମାନେ ଅଣଦେଖା କରିପାରନ୍ତି । ଦେଖିବାର କଥା ରାଜସ୍ୱ ବିଭାଗର ଏହି ଆପ୍ କେତ ଶୀଘ୍ର ଆସୁଛି ଓ ଲୋକେ ବାସ୍ତବରେ ଏହାଦ୍ୱାରା କେତେ ଦୂର ଉପକୃତ ହୋଇପାରୁଛନ୍ତି ।

# ନନ୍ଦିନୀ ଶତପଥୀଙ୍କୁ ପିସିସି ପକ୍ଷରୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,(ସବ୍ୟୁ): ଓଡ଼ିଶାର ପୂର୍ବତନ ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ତଥା ଓଡ଼ିଶା ପ୍ରଦେଶ କଂଗ୍ରେସ ପୂର୍ବତନ ସଭାପତି ସ୍ୱର୍ଗତା ନନ୍ଦିନୀ ଶତପଥିଙ୍କ ୯୪ ତମ ଜୟନ୍ତୀ ଅବସରରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଓ ଅନ୍ୟ ବରିଷ୍ଠ କଂଗ୍ରେସ ନେତୃବର୍ଗ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏହି ଅବସରରେ ପିସିସି ସଭାପତି ଶ୍ରୀ ଦାସ ବରିଷ୍ଠ କଂଗ୍ରେସ ନେତୃବୃନ୍ଦ ଓ କର୍ମୀଙ୍କ ସହ ଭୁବନେଶ୍ୱରରେ ଥିବା ନନ୍ଦିନୀ ଶତପଥିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣକରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଶ୍ରୀ ଦାସ ନନ୍ଦିନୀ ଶତପଥିଙ୍କ ସ୍ମୃତି ଚାରଣ କରି କହିଥିଲେ ଯେ କଂଗ୍ରେସ ଦଳ ବିଶେଷକରି ଓଡ଼ିଶା ପାଇଁ ନନ୍ଦିନୀ ଶତପଥି ବହୁ ଜନମଙ୍ଗଳ କାର୍ଯ୍ୟ କରିଯାଇଛନ୍ତି। ମୁଁ କେନ୍ଦ୍ର ମନ୍ତ୍ରୀ ଥିଲାବେଳେ ତାଙ୍କୁ ଅନେକଥର ସାକ୍ଷାତ କରି ବହୁ ପ୍ରସଙ୍ଗରେ ଆଲୋଚନା କରିଛି। ନନ୍ଦିନୀ ଶତପଥିଙ୍କୁ ଓଡ଼ିଶାରେ ବହ୍ନି କନ୍ୟା ବା ଲୌହମାନବୀ ଭାବରେ ଜାଣନ୍ତି। ଓଡ଼ିଶାକୁ ଆଜି ନନ୍ଦିନୀ ଶତପଥିଙ୍କ ଭଳି ନାରୀନେତ୍ରୀ ଆବଶ୍ୟକତା ରହିଛି ବୋଲି ଶ୍ରୀ ଦାସ କହିଛନ୍ତି। କାର୍ଯ୍ୟକ୍ରମରେ ସୁରେଶ କୁମାର ରାଉତରାୟ, ଶିବାନନ୍ଦ ରାୟ, ସମୀର କୁମାର ରାଉତରାୟ, ଲଲାଟେନ୍ଦୁ ମହାପାତ୍ର, ଚିନ୍ମୟ ପ୍ରସାଦ ବେଉରା, ଜ୍ୟୋତିଷ ସାହୁ, ଉଷାରାଣୀ ବେହେରା, ଦୀପକ କୁମାର ସାହୁ, ମନୋରଞ୍ଜନ ରାଉତରାୟ, ଦୀପକ କୁମାର ମହାପାତ୍ର, ମିହିର ଆଚାର୍ଯ୍ୟ, ଖଗେଶ୍ୱର ମଲ୍ଲିକ, ସୁଭାଷ ପ୍ରଧାନ, ଏମଡି ସାହାଦୁଲ୍ଲା ପ୍ରମୁଖ ଉପସ୍ଥିତ ଥିଲେ।



# ମହାନ ସ୍ୱାଧୀନ ସଂଗ୍ରାମୀ ବିର୍ଷା ମୁଣ୍ଡାଙ୍କ ଶ୍ରାଦ୍ଧ ବାର୍ଷିକ ପାଳିତ

ଭୁବନେଶ୍ୱର,(ସବ୍ୟୁ): ଭାରତ ସ୍ୱାଧୀନତା ପାଇଁ ବଳିଦାନ ଦେଇଥିବା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଆଦିବାସୀ ନେତା ବିର୍ଷା ମୁଣ୍ଡାଙ୍କ ପୂଣ୍ୟ ତିଥିରେ ପିସିସି ସଭାପତି ଭକ୍ତ ଚରଣ ଦାସ ବିଧାନସଭା ସମ୍ମୁଖରେ ଥିବା ଏବଂ ସାଲିଆ ସାହିରେ ଥିବା ବିର୍ଷା ମୁଣ୍ଡାଙ୍କ ପ୍ରତିର୍ମୂରେ ପୁଷ୍ପମାଲ୍ୟ ଅର୍ପଣ କରି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି ଅବସରରେ ସେ କହିଛନ୍ତି ଯେ ଦେଶର ମୁକ୍ତି ସଂଗ୍ରାମ, ବନ୍ଧୁଆ ମଜଦୁରୀ, ଆଦିବାସୀଙ୍କ ଜମି ହଡ଼ପ ଏବଂ ସୁଧଖୋର ଜମିଦାରଙ୍କ ବିରୋଧରେ ସେ ଜୀବନ ବ୍ୟାପୀ ଅବିରତ ସଂଗ୍ରାମ କରିଥିଲେ। କାର୍ଯ୍ୟକ୍ରମରେ ବିଭୂତି ମିଶ୍ର, ଉଦିତ ପ୍ରଧାନ, ସୁଭାଷ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଯୌତୁକ ପାଇଁ ବଧୂହତ୍ୟା ମାମଲା: ସ୍ୱାମୀ ଗିରଫ

କଟକ,(ସବ୍ୟୁ): ପୁରୀଘାଟ ଥାନା ପୁଲିସ ଯୌତୁକ ପାଇଁ ପତ୍ନୀଙ୍କୁ ହତ୍ୟା କରିଥିବା ଅଭିଯୋଗରେ ଅଭିଯୁକ୍ତ ସ୍ୱାମୀକୁ ଗିରଫ କରିଛି । ସେ ହେଉଛି ଝୋଲା ସାହିରେ ଭଡା ରହୁଥିବା ପ୍ରକାଶ ସାହୁ । ସୋମବାର ତାକୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଜାମିନ ନାମଞ୍ଜୁର ହେବାରୁ ଚୌଦ୍ୱାର ଜେଲକୁ ପଠାଇ ଦିଆଯାଇଛି । ପୁଲିସ ସୂଚନା ଅନୁସାରେ, କେନ୍ଦ୍ରାପଡା ରାଜକନିକା ଥାନା ଅନ୍ତର୍ଗତ ଛଦେଶ ଗାଁର ହୃଷିକେଶ ସାହୁଙ୍କ ଝିଅ ବିଦ୍ୟୁତଲତାଙ୍କର ଗତ ୨୦୧୯ ମସିହାରେ ଝୋଲାସାହିରେ ଭଡା ରହୁଥିବା କାଠିଆ ସାହୁଙ୍କ ପୁଅ ପ୍ରକାଶ ସହିତ ହୋଇଥିଲା । ଏହି ସମୟରେ ନଗଦ ୧ଲକ୍ଷ ୨୦ ହଜାର ଟଙ୍କା ଓ ପ୍ରାୟ ୩ ଲକ୍ଷ ମୂଲ୍ୟର ସୁନା ଗହଣା, ଆସବାବପତ୍ର ଦିଆଯାଇଥିଲା । ହେଲେ ଝିଅ ତାର ଶାଶୁଘରେ ପାଦ ରଖିବା ଦିନରୁ ସବୁବେଳେ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଇଥିଲା । ଏପରିକି ଏକ ପିଲା ହେବା ପରେ ମଧ୍ୟ ଅଧିକ ଯୌତୁକ ଦାବି କରି ନିର୍ଯାତନା ଜାରି ରହିଥିଲା । ଏହା ମଧ୍ୟରେ ଗତ ମାସ ୨୨ ତାରିଖ ଦିନ ଝିଅର ଶାଶୁ ବାସନ୍ତୀ ସାହୁ ହଠାତ ଫୋନ କରି ଜଣାଇଲେକି, ତୁମ ଝିଅର ଅବସ୍ଥା ଗୁରୁତର ରହିଛି । ସେ ଏବେ ଏକ ହସ୍ପିଟାଲରେ ଭର୍ତ୍ତି ହୋଇଛି । ମାତ୍ର ଘରୁ ଆସି ଦେଖିଲା ବେଳକୁ ଝିଅର ମୃତ୍ୟୁ ହୋଇଯାଇଛି । ତେବେ ଝିଅର ଶାଶୁ, ଶ୍ୱଶୁର ଓ ସ୍ୱମୀ ମିଶି ଝିଅକୁ ହତ୍ୟା କରି ହସ୍ପିଟାଲରେ ଭର୍ତ୍ତି କରିଥିବା ନେଇ ହୃଷିକେଶ ସାହୁ ପୁରୀଘାଟ ଥାନାରେ ଏତଲା ଦେଇଥିଲେ । ଏହା ଜାଣିବା ପରେ ଶାଶୁ-ଶ୍ୱଶୁର ସହିତ ସ୍ୱାମୀ ପ୍ରକାଶ ସାହୁ ଫେରାର ହୋଇଯାଇଥିଲେ । ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା । ଆଜି ପ୍ରକାଶକୁ କଟକ ବାହାରୁ ଗିରଫ କରାଯାଇଥିବା ଥାନା ଅଧିକାରୀ ବିଶ୍ୱରଞ୍ଜନ ନାୟକ ସୂଚନା ଦେଇଛନ୍ତି ।

# ଶ୍ରାଦ୍ଧ ଦିବସ ଅବସରରେ ଶହୀଦ ବିର୍ସା ମୁଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,(ସବ୍ୟୁ): ଊନବିଂଶ ଶତାବ୍ଦୀର ଶେଷଭାଗରେ ଭାରତର ପୂର୍ବାଞ୍ଚଳ ଘଞ୍ଚ ଜଙ୍ଗଲ ମଧ୍ୟରେ ଯେଉଁ ବିପ୍ଳବର ସ୍ୱର ଝଙ୍କୃତ ହୋଇଥିଲା ତାହା ହିଁ ଥିଲା ବ୍ରିଟିଶ ରାଜ ପ୍ରତିଷ୍ଠା ବିରୁଦ୍ଧରେ ପ୍ରତିବାଦର ସ୍ୱର । ବ୍ରିଟିଶ ଶାସନର ଦାସତ୍ୱରୁ ମୁକ୍ତି ପାଇବା ନିମନ୍ତେ ବିପ୍ଳବୀ ବିର୍ସା ମୁଣ୍ଡାମାନଙ୍କୁ ସଂଗଠିତ କରିବା ନିମନ୍ତେ କାର୍ଯ୍ୟ ଆରମ୍ଭ କଲେ । ସେତେବେଳେ ଜାଗିରିଦାର, ଜମିଦାର ଓ ଠିକାଦାରମାନେ ମୁଣ୍ଡା ତଥା ଆଦିବାସୀମାନଙ୍କ ଉପରେ ଅତ୍ୟାଚାର କରିବା ସହିତ ବିଭିନ୍ନ ଭାବରେ ଶୋଷଣ କରୁଥିଲେ । ବିର୍ସା ମୁଣ୍ଡା ସମ୍ପ୍ରଦାୟର ନେତୃତ୍ୱ ନେବା ସଙ୍ଗେ ସଙ୍ଗେ ବ୍ରିଟିଶ ଶାସନର ଅନ୍ୟାୟ ଅତ୍ୟାଚାର ବିରୁଦ୍ଧରେ ସଂଗ୍ରାମ କରିବାକୁ ସେମାନଙ୍କୁ ପ୍ରବର୍ତ୍ତାଇ ଥିଲେ ।


ବିର୍ସା ମୁଣ୍ଡା ମାତ୍ର ୨୫ ବର୍ଷ ବୟସରେ ଶହୀଦ ହୋଇଥିଲେ । ବିର୍ସାଙ୍କ ସହ ହାତ ମିଳାଇ ଦେଶ ପାଇଁ ହଜାର ହଜାର ସଂଖ୍ୟକ ସଂଗ୍ରାମୀ ମୃତ୍ୟୁବରଣ କରିଥିଲେ । ଆଜି ବିର୍ସାଙ୍କୁ ସମ୍ମାନ କରାଯାଉଛି ଏବଂ ସେ 'ବିର୍ସା ଭଗବାନ' ଭାବେ ଓଡ଼ିଶା ଏବଂ ବିଭିନ୍ନ ରାଜ୍ୟରେ ଆଦିବାସୀ ସମ୍ପ୍ରଦାୟଙ୍କ ମଧ୍ୟରେ ପୂଜା ପାଉଛନ୍ତି ।



ସୋମବାର ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ସହିଦ ବିର୍ସା ମୁଣ୍ଡାଙ୍କ ଶ୍ରାଦ୍ଧଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଓଡ଼ିଶା ବିଧାନସୌଧ ସମ୍ମୁଖରେ ଥିବା ସହିଦଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ସୁରମା ପାଢ଼ୀ, ଉପବାଚସ୍ପତି ଭବାନୀଶଙ୍କର ଭୋଇ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ, ବିଧାୟକ ବାବୁ ସିଂ, ଦୁଷ୍ମନ୍ତ ସ୍ୱାଇଁ, ସରୋଜ ପାଢ଼ୀ, ଦୁର୍ଗା ଚରଣ ତନ୍ତୀ, ରୁପୁ ଭତ୍ରା, ସୂଚନା ଓ ଲୋକସମ୍ପର୍କ ବିଭାଗର ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂହ, ବିଧାସଭାର ସଚିବ ସତ୍ୟବ୍ରତ ରାଉତ, ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ, ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା ଓ ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ପ୍ରମୁଖ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

## ସାର୍ବଜନୀନ ଦୁର୍ଗାପୂଜା ସମିତି ରୁଚିକା ମାର୍କେଟର ନୂତନ କର୍ମକର୍ତ୍ତା

ଭୁବନେଶ୍ୱର,(ସବ୍ୟୁ): ସାର୍ବଜନୀନ ଦୁର୍ଗା ପୂଜା ସମିତି ରୁଚିକା ମାର୍କେଟ ବରମୁଣ୍ଡା କଲୋନୀର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ଆଗାମୀ ୩ ବର୍ଷ ଅବଧି ପାଇଁ ହୋଇଥିବା ଏହି ନିର୍ବାଚନରେ ସମିତିର ସଭାପତି ଭାବେ ସୁବୋଧ ଚନ୍ଦ୍ର ମହାପାତ୍ର ସଭାପତି, ଅଜୟ କୁମାର ପଣ୍ଡା (ଉପସଭାପତି), ଶଙ୍କର ଆଚାରୀ (ଉପସଭାପତି), ବୀରେନ ସାହୁ (ସମ୍ପାଦକ), ରଞ୍ଜିତ କୁମାର ମଲ୍ଲ (ସହସମ୍ପାଦକ), ଆଲୋକ ଦାସ (ସଂଯୋଜକ ସମ୍ପାଦକ), ଦିଲ୍ଲୀପ କୁମାର ଭୂୟାଁ (କୋଷାଧ୍ୟକ୍ଷ) ଓ ଆଶିଷ ପତି (ସହକୋଷାଧ୍ୟକ୍ଷ) ଭାବେ ନିର୍ବାଚିତ ହୋଇଛନ୍ତି । ଏମାନଙ୍କ ବ୍ୟତୀତ ରବି ନାରାୟଣ ମିଶ୍ର, ବସନ୍ତ କୁମାର ମହାନ୍ତି, ଡ. ପ୍ରମୋଦ ପରିଡା, ସୁକାନ୍ତ ପ୍ରଧାନ ଓ ପୂର୍ଣ୍ଣିମା ଦାଶ ଉପଦେଷ୍ଟା ମଣ୍ଡଳୀରେ ସ୍ଥାନ ପାଇଛନ୍ତି ।



## ପ୍ଲାଷ୍ଟିକ୍ ପ୍ରଦୂଷଣର ବିଲୋପ ପାଇଁ

# ଏଏମ୍ /ଏନ୍‌ଏସ୍ ଇଣ୍ଡିଆର ସପ୍ତାହ ବ୍ୟାପୀ କାର୍ଯ୍ୟକ୍ରମ

ଭୁବନେଶ୍ୱର,(ସବ୍ୟୁ): ଆର୍ସେଲରମିତ୍ତଲ ନିପ୍ପନ ଷ୍ଟିଲ୍ ଇଣ୍ଡିଆ (ଏଏମ୍ /ଏନ୍‌ଏସ୍ ଇଣ୍ଡିଆ) ପକ୍ଷରୁ ଓଡିଶାରର ଏହାର କାର୍ଯ୍ୟକ୍ଷେତ୍ରଗୁଡକରେ ୨୯ ମଇ ରୁଚ୍ ଜୁନ୍ ୨୦୨୫ ପର୍ଯ୍ୟନ୍ତ ପ୍ଲାଷ୍ଟିକ୍ ପ୍ରଦୂଷଣର ବିଲୋପ ପାଇଁ ଉଦ୍ୟମ ବିଷୟବସ୍ତୁକୁ ନେଇ ସପ୍ତାହେ ବ୍ୟାପୀ ବିଭିନ୍ନ ପ୍ରଭାବଶାଳୀ କାର୍ଯ୍ୟକ୍ରମ ସହିତ ଦୀର୍ଘସ୍ଥାୟୀତ୍ୱ ସପ୍ତାହ ପାଳିତ ହୋଇଯାଇଛି । ପାରାଦୀପର, ସପ୍ତାହବ୍ୟାପୀ କାର୍ଯ୍ୟକଳାପ ଗୁଡିକରେ ହାଉସ୍‌କିପିଂ ଅଡିଟ୍ ଏବଂ ପ୍ଲାଣ୍ଟ ପରିସରରେ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ସଂଗ୍ରହ ଅଭିଯାନ, କର୍ମଚାରୀ, ସହଯୋଗୀ ଏବଂ ଠିକା କର୍ମଚାରୀଙ୍କ ଅଂଶଗ୍ରହଣ ସହିତ

### ସମୁଦ୍ର ବେଳାଭୂମିରେ, ସାମୁହିକ ଚାରା ରୋପଣ

କୁଇଜ୍ ଏବଂ ପୋଷ୍ଟର ପ୍ରତିଯୋଗିତା ଅନ୍ତର୍ଭୁକ୍ତ । ଜୁନ୍ ୦୪ ତାରିଖ ରର, ଏଏମ୍ /ଏନ୍‌ଏସ୍ ଇଣ୍ଡିଆ ଦ୍ୱାରା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ପାରାଦୀପ ପୌରପାଳିକା ସହଭାଗିତାରେ ସ୍ଥାନୀୟ ବିକ୍ରେତା ଏବଂ କମ୍ପାନୀ କର୍ମଚାରୀଙ୍କ ଅଂଶଗ୍ରହଣ ସହିତ ପାରାଦୀପ ସମୁଦ୍ର ବେଳାଭୂମି ଅଞ୍ଚଳରର ଏକ ବ୍ୟପକ ବେଳାଭୂମି ସଫେଇ ଅଭିଯାନ କରାଯାଇଥିଲା । ୫ ତାରିଖ ଦିନ ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ପାରାଦ୍ୱୀପର ଆଞ୍ଚଳିକ କାର୍ଯ୍ୟାଳୟ ଦ୍ୱାରା ତାଳଦଣ୍ଡା ନାଳ ପାଖରେ ଏକ ସଚେତନତା ରାଲି ଆୟୋଜନ କରାଯାଇଥିଲା । ଏହା ପରେ ଏଏମ୍/ଏନଏସ୍ ଇଣ୍ଡିଆ ପ୍ଲାଣ୍ଟ ମୁଖ୍ୟ ଫାଟକ ନିକଟରେ ଏକ ବୈଠକ ହୋଇଥିଲା । ଏଥିରେ ପୌରପାଳିକା ଅଧକ୍ଷ ବସନ୍ତ ବିଶ୍ୱାଳ, ପୌରପାଳିକର କାର୍ଯ୍ୟନିର୍ବାହ ଅଧିକାରୀ ଅଭିଶେଖ ପଣ୍ଡା, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପାରାଦ୍ୱୀପର ଆଞ୍ଚଳିକ ଅଧିକାରୀ ପୁଷ୍କର ଚନ୍ଦ୍ର ବେହେରା, ଏଏମ୍/ଏନ୍‌ଏସ୍ ଓଡ଼ିଶା ଆସେଟର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ସୁରେଶ ଆଜି, ପେଲେଣ୍ଟ ପ୍ଲାଣ୍ଟ ମୁଖ୍ୟ ୟୁଏସ୍‌ଆର୍ ରାଜୁଙ୍କ ସହିତ ପିପିଏଲ, ଆଇଓସିଏଲ୍ ଏବଂ ଜେଏସ୍‌ଡବ୍ଲ୍ୟୁ ଆଜି ବିଭିନ୍ନ ଶିଳ୍ପ ସଂସ୍ଥାର ପ୍ରତିନିଧିମାନେ ଉପସ୍ଥିତ ରହି ଲୋକଙ୍କୁ ଫଳ ଗଛ ଚାରା ବଣ୍ଟନ କରିଥିଲେ ।




# ଚାନ୍ଦି ଭଣ୍ଡାର ପକ୍ଷରୁ ରଜସଜ

ଭୁବନେଶ୍ୱର,(ସବ୍ୟୁ): ପବିତ୍ର ରଜ ଉତ୍ସବରେ ପୋଷାକ ପରିଚ୍ଛେଦର ଯଥେଷ୍ଟ ଗୁରୁତ୍ୱ ଥାଏ । ଏହା ଷ୍ଟାଇଲ ଏବଂ ଆତ୍ମଭାବ ପ୍ରକାଶର ଏକ ସେଲିବ୍ରେସନ । ଗତବର୍ଷ ଚାନ୍ଦିଭଣ୍ଡାରର ରଜସଜ ଷ୍ଟାଇଲିଂ ଜବରଦସ୍ତ ରେସପନ୍ସ ସହ ଏକ ଶକ୍ତିଶାଳୀ ସ୍ପନ୍ଦନ ସୃଷ୍ଟି କରିଥିଲା । ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ହଜାର ହଜାର ପଞ୍ଜିକରଣ ଏବଂ ଅତିରିକ୍ତ ଭଲ ପାଇବା ହାସଲ କରିବା ପରେ ଏବେ ଚାନ୍ଦିଭଣ୍ଡାର ଆଣିଛି ରଜସଜର ଦ୍ୱିତୀୟ ସଂସ୍କରଣ । ପୂର୍ବ ତୁଳନାରେ ଏହି ସଂସ୍କରଣ ଅଧିକ ବିଶାଳ ଓ ସୁନ୍ଦର ରହିଛି । ଚାନ୍ଦିଭଣ୍ଡାରର ରଜସଜ କେବଳ ଏକ କାର୍ଯ୍ୟକ୍ରମ ନୁହେଁ, ଏହା ଆତ୍ମଭାବ ପ୍ରକାଶର ଏକ ସେଲିବ୍ରେସନ୍ । ରଜସଜ କ୍ୟାମ୍ପେନ ତାର ଗ୍ରାହକ ପ୍ରଥମ ଫୋକସ ପାଇଁ ଅଧିକ ସ୍ୱତନ୍ତ୍ର । ଓଡ଼ିଶାର ବିଭିନ୍ନ ସ୍ଥାନରୁ ୪୦୦୦ରୁ ଊର୍ଦ୍ଧ୍ୱ ପଞ୍ଜିକରଣ ସହିତ ପ୍ରକୃତ ଲୋକଙ୍କୁ ଏହାର ହୃଦୟରେ ରହିବାକୁ କାର୍ଯ୍ୟକ୍ରମକୁ ଆମନ୍ତ୍ରଣ କରିଥିଲା । ଅଡିସନ୍ ପରେ ୫୦୦ରୁ ଊର୍ଦ୍ଧ୍ୱ ପ୍ରାର୍ଥୀଙ୍କ ମଧ୍ୟରୁ ୧୧ ଜଣ ପ୍ରେରଣଦାୟୀ ଫାଇନାଲିଷ୍ଟ (ଉଭୟ ପୁରୁଷ ଏବଂ ମହିଳା) ଚାନ୍ଦିଭଣ୍ଡାରର ଫେସ୍ ଭାବେ ର୍‌ୟାମ୍ପ ୱାକ କରିବା ପାଇଁ ଚୟନ ହୋଇଥିଲେ । ର୍‌ୟାମ୍ପ ସହିତ ଚାନ୍ଦିଭଣ୍ଡାର ଏହାର ସମ୍ପୂର୍ଣ୍ଣ ଲାଇଫ୍ ଷ୍ଟାଇଲ ଅନୁଭୂତି ସହିତ ଲକ୍‌ଜୁରୀକୁ ପୁନର୍ଭାସିତ କରୁଛି । ମହିଳାମାନଙ୍କ ପାଇଁ ଅକ୍ସିଡାଇଜ୍ ଗହଣ ରେଞ୍ଜ ସହିତ ଜିରକନ୍ ଖଚିତ ନେକଲେସ, ଚୁଡି, ମୁଦି, କାନଫୁଲ, ବ୍ରେସଲେଟ୍, ଆଣ୍ଟଲେଟ୍‌ର ଭଳି କି ଭଳି ସମ୍ଭାର ଏଠାରେ ଅଛି । ପୁରୁଷଙ୍କ ପାଇଁ ଅମୋଭ କଲେକ୍ସନ୍ ଷ୍ଟୋରରେ ଉପଲବ୍ଧ । ଏଥିରେ ବ୍ରେସଲେଟ୍, ମୁଦି, କପ୍‌ଲିଙ୍ଗ ଏବଂ ଚେନ ଆଦି ରହିଛି । ଏଠାରେ କିଡ୍ସ ଲେକ୍ ମଧ୍ୟ ଏଠାରେ ଉପଲବ୍ଧ । ଚାନ୍ଦି ଭଣ୍ଡାର ମଧ ପରିବର୍ଦ୍ଧିତ ବର୍ଗର ଶୁଭାରମ୍ଭ କରିଛି । ବର୍ତ୍ତମାନ ସମଗ୍ର ରାଜ୍ୟରେ ଏହାର ଷ୍ଟୋର ସଂଖ୍ୟା ୨୩ରେ ପହଞ୍ଚିଛି । ଭୁବନେଶ୍ୱରର ରଘୁନାଥପୁର, ସହିଦନଗର, ପଟିଆ, ରସୁଲଗଡ଼, ଜନପଥ, ସୌଭାଗ୍ୟନଗର, ନୟାପଲ୍ଲୀ ଏବଂ ଲୁଇସ୍‌ରୋଡରେ ଏହା ଶାଖା ରହିଛି ।




## ଉଚ୍ଚଶିକ୍ଷା ବିଭାଗ ଓ ଇନ୍ଦିରା ଗାନ୍ଧୀ

# ଜାତୀୟ ମୁକ୍ତ ବିଶ୍ୱ ବିଦ୍ୟାଳୟ ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର,(ସବ୍ୟୁ): ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଓ ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱ ବିଦ୍ୟାଳୟ, ନୂଆଦିଲ୍ଲୀ ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଯାଇଛି । ଏହି ବୁଝାମଣା ପତ୍ର ଅନୁଯାୟୀ ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱ ବିଦ୍ୟାଳୟର ସ୍ନାତକ, ସ୍ନାତକୋତ୍ତର ପାଠ୍ୟକ୍ରମ ସହିତ ସ୍ନାତକୋତ୍ତର ଡିପ୍ଲୋମା, ଡିପ୍ଲୋମା ଓ ସାର୍ଟିଫିକେଟ ପାଠ୍ୟକ୍ରମ, ସ୍ନାତକ (ଭୋକେସ୍ନାଲ୍ ଷ୍ଟଡ଼ିଜ), ଟ୍ରାଭେଲ ଓ ଟୁରିଜିମ୍ ମ୍ୟାନେଜମେଣ୍ଟ, ବିବିଏ, ଏମବିଏ ଆଦି ବିଭିନ୍ନ ପାଠ୍ୟକ୍ରମକୁ ଓଡ଼ିଆ ଭାଷାରେ ପ୍ରଦାନ କରାଯିବ । ଏହି ବୁଝାମଣା ପତ୍ର ସ୍ୱାକ୍ଷର ସମାରୋହରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ସେ କହିଥିଲେ ଯେ, ଏହି ବୁଝାମଣା ପତ୍ର ସ୍ୱାକ୍ଷର ମାଧ୍ୟମରେ ଆମ ଛାତ୍ରଛାତ୍ରୀମାନେ ଓଡ଼ିଆ ଭାଷାରେ ଉଚ୍ଚଶିକ୍ଷା ଲାଭ କରିପାରିବେ । ଏହା ଏକ ଐତିହାସିକ ପଦକ୍ଷେପ । ଉଚ୍ଚଶିକ୍ଷା ଲାଭ କରିବାରେ ପାଠ୍ୟକ୍ରମର ଭାଷା ବା ମାଧ୍ୟମ ଆଉ ବାଧକ ସାଜିବ ନାହିଁ । ସମସ୍ତଙ୍କ ପାଇଁ ଶିକ୍ଷା ଓ ସମସ୍ତଙ୍କ ପାଇଁ ଉଚ୍ଚଶିକ୍ଷା ଏହାକୁ ସୁନିଶ୍ଚିତ କରାଯାଇପାରିବ । ଏଥିସହିତ ଜାତୀୟ ଶିକ୍ଷା ନୀତି-୨୦୨୦ ଅନୁଯାୟୀ ଶିକ୍ଷାଦାନର ମାଧ୍ୟମ ଓ ପାଠ୍ୟକ୍ରମକୁ ମାତୃଭାଷାରେ ପ୍ରଦାନ କରିବା ନିମନ୍ତେ ପ୍ରାଧାନ୍ୟ ଦିଆଯାଇଛି । ଏହି ବୁଝାମଣା ପତ୍ର ସ୍ୱାକ୍ଷର ହେବା ଦ୍ୱାରା ଉଚ୍ଚଶିକ୍ଷାର ପାଠ୍ୟକ୍ରମକୁ ମାତୃଭାଷାରେ ପ୍ରଦାନ କରାଯିବାର ଲକ୍ଷ୍ୟକୁ ପୂରଣ କରାଯାଇପାରିଛି । ମାତୃଭାଷାରେ ଉଚ୍ଚଶିକ୍ଷା ଲାଭ କଲେ ଛାତ୍ରଛାତ୍ରୀମାନଙ୍କର ସୃଜନଶୀଳତାର ବିକାଶ ହୋଇପାରିବ । ଏହିସହିତ ଏହା ଉଚ୍ଚଶିକ୍ଷା କ୍ଷେତ୍ରରେ ଡ୍ରପ୍ ଆଉଟ୍ ସଂଖ୍ୟାକୁ କମାଇବା ସହ ସାମଗ୍ରିକ ନାମଲେଖା ଅନୁପାତକୁ ବୃଦ୍ଧି କରିବାରେ ନିଶ୍ଚିତ ରୂପେ ସହାୟକ ହେବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ମତପ୍ରକାଶ କରିଛନ୍ତି ।



ଏହି କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ, ସ୍ୱତନ୍ତ୍ର ଶାସନ ସଚିବ ରମାକାନ୍ତ ନାୟକ, ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ଉମା କାଞ୍ଜିଲାଲ, ରେଜିଷ୍ଟ୍ରାର ଡ଼.ଆଲୋକ ଚୌବେ ପ୍ରମୁଖ ଉପସ୍ଥିତ ଥିଲେ ।

# ବିବେକାନନ୍ଦ କେନ୍ଦ୍ର ଓଡିଶା ପ୍ରାନ୍ତ କାର୍ଯ୍ୟକର୍ତ୍ତା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ବାରିପଦା, (ସବ୍ୟୁ) : ବାରିପଦା ଉଚ୍ଚ ମାଧ୍ୟମିକ ଓ ସ୍ନାତକ ମହାବିଦ୍ୟାଳୟ ପ୍ରାଙ୍ଗଣରେ ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ, ଓଡିଶା ପ୍ରାନ୍ତ ଆନୁକୂଲ୍ୟରେ ଜୁନ ୨ତାରିଖରୁ ଏକ ସପ୍ତାହ ବ୍ୟାପୀ ଅନୁଷ୍ଠିତ ପ୍ରାନ୍ତୀୟ କାର୍ଯ୍ୟକର୍ତ୍ତା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଓଡ଼ିଶାର ବିଭିନ୍ନ ନଗର ସ୍ଥାନରେ ପୂର୍ବରୁ ଅନୁଷ୍ଠିତ ହୋଇଥିବା ସ୍ଥାନୀୟ କାର୍ଯ୍ୟକର୍ତ୍ତା ପ୍ରଶିକ୍ଷଣ ଶିବିରରେ ଯୋଗଦାନ କରିଥିବା ୨୫ଜଣ ଶିବିରାର୍ଥୀ ଉଚ୍ଚତର ପ୍ରଶିକ୍ଷଣ ପାଇଁ ଉକ୍ତ ପ୍ରାନ୍ତୀୟ ଶିବିରରେ ଅଂଶଗ୍ରହଣ କରିଥିଲେ। ୨ତରିଖରେ ଓଡିଶା ପ୍ରାନ୍ତ ସହ-ସଂଚାଳକ ମାନନୀୟ ସଚ୍ଚିଦାନନ୍ଦ ପଣ୍ଡା, ପ୍ରାନ୍ତ ପ୍ରମୁଖ ମାନନୀୟ ଅନୀଲ କୁମାର କର, ଶିବିର ପ୍ରମୁଖ ପ୍ରଫେସର ଗୋପାଳକୃଷ୍ଣ ପାଣିଗ୍ରାହୀ ଓ ବାରିପଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ଡଃ ରାଜେଶ କୁମାର ଷଡ଼ଙ୍ଗୀ ଉକ୍ତ ଶିବିରକୁ ଉଦଘାଟନ କରିବା ପରେ ଶିବିରାର୍ଥୀ ମାନଙ୍କର ପ୍ରଶିକ୍ଷଣ ଆରମ୍ଭ ହୋଇଥିଲା। ଆଜି ଅନ୍ତିମ ଦିନରେ ଭାରତ ମାତା ପୂଜନ ପରେ ଓଡିଶା ପ୍ରାନ୍ତ ସଂଗଠକ ମାନନୀୟ ରବି ନାଇଡୁ ଓ ବାରିପଦା ସ୍ନାତକ ମହାବିଦ୍ୟାଳୟର ଅଧକ୍ଷ ଡଃ ପ୍ରବୋଧ କୁମାର ଦେ ଶିବିରାର୍ଥୀ ମାନଙ୍କୁ ମାର୍ଗଦର୍ଶନ କରିଥିଲେ ଓ ସର୍ବଶେଷରେ ଆହୁତି ସତ୍ର ଅନୁଷ୍ଠିତ ହୋଇଥିଲା। ବିବେକାନନ୍ଦ କେନ୍ଦ୍ରର ମନୁଷ୍ୟ ନିର୍ମାଣ, ରାଷ୍ଟ୍ରର ପୁନରୁତ୍ଥାନ ଏବଂ ଏକାତ୍ମତା ଉପରେ ପର୍ଯ୍ୟବେସିତ ଆଦର୍ଶ ସମାଜ ଗଠନର ବିଚାରଧାରାକୁ ଆଧାର କରି ସମସ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯୋଗାସନର ତତ୍ତ୍ୱ ଓ ଅଭ୍ୟାସ, ଶ୍ରମ ସଂସ୍କାର, ସ୍ୱଚ୍ଛତା, ଅନୁଶାସନ, ବୌଦ୍ଧିକ ସତ୍ର, ନୈପୁଣ୍ୟ, ମନ୍ଥନ, ପ୍ରେରଣା ସେ ପୁନରୁତ୍ଥାନ, ଭଜନ ସନ୍ଧ୍ୟା, ଦେଶାତ୍ମବୋଧ ସଙ୍ଗୀତ ଅଭ୍ୟାସ ଓ ଶାରୀରିକ ଦକ୍ଷତା ବୃଦ୍ଧି ପ୍ରଭୃତିର କୌଶଳ ସମ୍ବନ୍ଧୀୟ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ବୌଦ୍ଧିକ ପ୍ରମୁଖ ପ୍ରଫେସର ବାସୁଦେବ ଛାଟୋଇ ଓ ସନ୍ଦୀପ କୁମାର ଚାନ୍ଦ ବୌଦ୍ଧିକ ସତ୍ର, ଏବଂ ଶାରୀରିକ କାର୍ଯ୍ୟକ୍ରମ ପ୍ରମୁଖ ରେଣୁକା ଦିଦି ଓ ଶିବଶଙ୍କର ଗିରି ଶାରୀରିକ କୌଶଳ ଓ ଦକ୍ଷତା କାର୍ଯ୍ୟକ୍ରମ ଗୁଡିକୁ ପରିଚାଳନା କରିଥିଲେ। ପ୍ରାନ୍ତ ସହ ସଂଗଠିକା କାଞ୍ଚନ ଅଗ୍ରୱାଲ, ନୀଳାକ୍ଷୀ ଦିଦି ଓ ପ୍ରତାପ କୁମାର ଜେନା ପ୍ରଭୃତି ଅନ୍ୟାନ୍ୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବ୍ୟବସ୍ଥା ପ୍ରମୁଖ ସତ୍ୟବ୍ରତ ମହାନ୍ତି ଓ ରବୀନ୍ଦ୍ର କୁମାର ମହାପାତ୍ର ଶିବିରର ସମସ୍ତ ବ୍ୟବସ୍ଥା କରିଥିଲେ। ପ୍ରଫେସର ସିଦ୍ଧେଶ୍ୱର ପଣ୍ଡା, ସ୍ୱର୍ଣ୍ଣପ୍ରଭା ପଟ୍ଟନାୟକ, କ୍ଷଣପ୍ରଭା ପଟ୍ଟନାୟକ, ଅଞ୍ଜଳି ପଣ୍ଡା, ସଂଯୁକ୍ତା ଚାନ୍ଦ, ରାଜେନ୍ଦ୍ର ନାଥ, ସୁଭଦ୍ରା ନାଥ, କରମଚାନ୍ଦ ବୈଠା, ଦୀପକ କୁମାର ଦାଶ, ମାନସ ଭାଇ, ଅନୁକୂଳ ପଟ୍ଟନାୟକ ଓ ରମାକାନ୍ତ ମହାନ୍ତ ପ୍ରଭୃତି ବରିଷ୍ଠ କାର୍ଯ୍ୟକର୍ତ୍ତା ମାନେ ସମସ୍ତ କାର୍ଯ୍ୟରେ ସହାୟତା କରିଥିଲେ।

# ରଷିକୂଲ୍ୟା ନଦୀ ସୁରକ୍ଷା ଓ ଗୋଳାବାରୁଦ କାରଖାନା ବିରୋଧରେ ଗଣବିକ୍ଷୋଭ




ଭଞ୍ଜନଗର, (ସବ୍ୟୁ): ଅଲ ଇଣ୍ଡିଆ କ୍ଷେତ ମଜଦୁର କିଷାନ ସଭା ଗଞ୍ଜାମ ଜିଲ୍ଲା ଆବାହକ ନିରାକାର ନାୟକଙ୍କ ଆହ୍ୱାନରେ ଶହୀଦ ବିର୍ସା ମୁଣ୍ଡାଙ୍କ ବଳିଦାନ ଦିବସରେ ଭଞ୍ଜନଗର ଠାରେ ଏକ ଗଣ ବିକ୍ଷୋଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଯାଇଛି । ଲୋକଙ୍କ ଜୀବନ ଜୀବିକାକୁ ମାରି ତଥା ପ୍ରକୃତି ପରିବେଶକୁ ଧ୍ୱଂସ କରି ପ୍ରସ୍ତାବିତ ଜନ ବିରୋଧୀ ନିଷ୍ପତ୍ତି ଗୁଡିକୁ ବାତିଲ କରିବା, ଭୂମିହୀନ ଦଳିତ ଓ ଆଦିବାସୀଙ୍କୁ ଭୂମି ଓ ଜଙ୍ଗଲ ଅଧିକାର ଦେବା, ଆମ ରାଜ୍ୟ ଓଡିଶାରେ ଯେଉଁ ମାତ୍ରାରେ ଜମି, ଜଳ, ଜଙ୍ଗଲ, ଖଣି ତଥା ସମସ୍ତ ପ୍ରାକୃତିକ ସମ୍ପଦର ବିକ୍ରି ତଥା ଘରୋଇକରଣ ଚାଲିଛି ଆଉ ଅଳ୍ପ କିଛି ବର୍ଷରେ ଓଡିଶା ଶ୍ରୀହୀନ ହୋଇପଡିବ । ସରକାର ଏକ ପାଖିଆ ଭାବେ ଜନଗଣଙ୍କ ନିଷ୍ପତ୍ତି ବିନା ଏହି ପ୍ରାକୃତିକ ସମ୍ପଦକୁ କର୍ପୋରେଟ କମ୍ପାନୀ ହାତକୁ ହସ୍ତାନ୍ତର କରିଚାଲିଛନ୍ତି । ଟାଟା, ଅଦାନୀ ଭଳି କମ୍ପାନୀ ମାନଙ୍କୁ ରଷିକୂଲ୍ୟା ନଦୀର ପାଣି ଦେବା ଉଦ୍ଦେଶ୍ୟରେ ସୋରଡ଼ାର ପିପଳପଙ୍କା ଠାରେ ଯେଉଁ ଡ୍ୟାମ କରିବା ପ୍ରସ୍ତୁତି ଚାଲିଛି ତାଦ୍ୱାରା ସୋରଡ଼ା, ଆସିକା, ହିଞ୍ଜିଳି, ବ୍ରହ୍ମପୁର, ଛତ୍ରପୁର, ଗୋପାଳପୁର, ଗୋଳାବନ୍ଧ, ଭଞ୍ଜବିହାର, ଛତ୍ରପୁର, ଗଞ୍ଜା, ହୁମ୍ମା ଆଦି ବୃହତ ଅଂଚଳରେ ଲୋକଙ୍କ ଚାଷ ବାସ, ଗୃହପାଳିତ ପଶୁ ପାଳନ, ପାନୀୟ ଜଳ ପାଇବା ଆଦି ପ୍ରଭାବିତ ହେବା ସହ ଜଙ୍ଗଲ, ବଣ୍ୟ ଜନ୍ତୁ ତଥା ଜଙ୍ଗଲରେ ବାସ କରୁଥିବା ଆଦିବାସୀଙ୍କ ଜୀବନ ଦୁର୍ବିସହ ହୋଇପଡିବ। ଏଣୁ ଏହି ଜନବିରୋଧୀ ଡ୍ୟାମକୁ ବାତିଲ କରିବା ସହ ଗଞ୍ଜାମ ଜିଲ୍ଲାର ଜଗନ୍ନାଥ ପ୍ରସାଦ ବ୍ଲକରେ ଗୋଳା ବାରୁଦ କାରଖାନା ନିର୍ମାଣ ପାଇଁ ପ୍ରସ୍ତାବ ନିଶ୍ଚିତ ଭାବେ ଲୋକଙ୍କ ଜମି, ଜଳ, ଜଙ୍ଗଲକୁ ଲୁଟ କରି ତାଙ୍କୁ ଏକ ବିଷାକ୍ତ ପରିବେଶ ମଧ୍ୟକୁ ଠେଲି ଦିଆଯିବ । ଏହି ଜନବିରୋଧୀ ପ୍ରସ୍ତାବକୁ ତୁରନ୍ତ ପ୍ରତ୍ୟାହାର କରାଯାଉ ବୋଲି ବରିଷ୍ଠ ଆଇନଜୀବୀ ସୋମନାଥ ନାୟକ, ମାନବାଧିକାର ସୁରକ୍ଷା ମଞ୍ଚର ଆବାହକ ତଥା ଆଇନଜୀବୀ ଅବନୀ କୁମାର ଗୟା, ସଭାପତି ଗଗନ ଚନ୍ଦ୍ର ମଲ୍ଲିକ, ସମାଜସେବୀ ପିତାମ୍ବର ପରିଡ଼ା, ଏଆଇକେଏମକେଏସର ସଂଜୟ ନାୟକ, ନିରଞ୍ଜନ ପ୍ରଧାନ, ମିନାକ୍ଷୀ ମାଳି, ଶିବରାମ ନାଇକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ବିକ୍ଷୋଭରେ ଶହ ଶହ ସଂଖ୍ୟାରେ ସଂଗ୍ରାମୀ ସାଥି ମାନେ ଯୋଗଦେଇ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

# ଆଇନଜୀବୀଙ୍କ ବିୟୋଗରେ ଘଣ୍ଟାଏ କୋର୍ଟ ବନ୍ଦ



ବ୍ରହ୍ମପୁର, (ସବ୍ୟୁ): ଗଞ୍ଜାମ ଓକିଲ ସଂଘର ବରିଷ୍ଠ ଆଇନଜୀବୀ ପ୍ରଭାତ କୁମାର ପାଢୀ (୭୬)ଙ୍କ ବିୟୋଗ ହୋଇଛି। ସୋମବାର ଓକିଲ ସଂଘର ଅସ୍ଥାୟୀ ସେଡ଼ରେ ଏନେଇ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ସେ ଗଞ୍ଜାମ ଓକିଲ ସଂଘର ଜଣେ ବରିଷ୍ଠ ସଦସ୍ୟ ଥିଲେ। ଗତକାଲି ତାଙ୍କର ମୃତ୍ୟୁ ଘଟିଥିଲା। ୧୯୭୪ ମସିହାରୁ ଓକିଲାତି ଆରମ୍ଭ କରିଥିଲେ । ତାଙ୍କର ଦେହାନ୍ତ ଖବର ଶୁଣି ଗଞ୍ଜାମ ଓକିଲ ସଙ୍ଘର ସଭାପତି ମନୋଜ ପଟ୍ଟନାୟକଙ୍କ ଅଧ୍ୟକ୍ଷତା ଅସ୍ଥାୟୀ ସମ୍ମିଳନୀ କକ୍ଷରେ ମୃତ ଆଇନଜୀବୀଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ୨ ମିନଟ ନୀରବ ପ୍ରାର୍ଥନା କରାଯାଇଥିଲା । ସେହିପର ଶୋକସନ୍ତପ୍ତ ପରିବାରବର୍ଗଙ୍କ ପାଇଁ ସମବେଦନା ମଧ୍ୟ ଜ୍ଞାପନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଟି. ଭେଙ୍କେଟ ରାଓ ସହ ସମ୍ପାଦକ ଅସିତ ସାବତ ସହ ଅନ୍ୟାନ୍ୟ ଆଇନଜୀବୀ ମାନେ ଉପସ୍ଥିତ ଥିଲେ।

# ଯୁବକଙ୍କ ବାଇକ୍ ପୋଡି

ବ୍ରହ୍ମପୁର, (ସବ୍ୟୁ): ନିମଖଣ୍ଡି ନାରାୟଣ ନଗରରେ ଥିବା ଏକ ପଲସର ବାଇକକୁ କୌଣସି ଦୁର୍ବୃତ୍ତ ନିଆ ଲଗାଇ ପୋଡି ଦେଇଛନ୍ତି । ଏନେଇ ନିମଖଣ୍ଡି ଥାନାରେ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ସୂଚନାପ୍ରକାରେ ଭାବିନିପୁର ଦାନୁଆ ସାହିର ରାଜା ସାହୁ ନାମଖଣ୍ଡି ନାରାୟଣ ନଗରରକୁ କୌଣସି କାମରେ ଯାଇଥିବା ବେଳେ ସେଠାରେ ନିଜ ପଲସର ବାଇକକୁ ରଖିଥିଲେ । ତେବେ କିଛି ସମୟ ପରେ ଜଣେ ଅଜଣା ବ୍ୟକ୍ତି ସେଠାରେ ପହଞ୍ଚି ସେହି ପଲସର ବାଇକରେ ପୋଟ୍ରାଲ ଢାଳି ନିଆଁ ଲଗାଇବା ପରେ ଫରାର ହୋଇ ଯାଇଥିଲା । ତେବେ ବାଇକଟି ଅଧା ଜଳି ଯିବା ପରେ ରାଜା ଜାଣିପାରି ସେଠାରେ ପହଞ୍ଚି ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ । ତେବେ ସେହି ଅଞ୍ଚଳରେ ଲାଗିଥିବା ସିସିଟିଭିରେ ନିଆଁ ଲାଗିବାର ଦୃଶ୍ୟ କଏଦ ହୋଇଛି । ପୁଲିସ ବିଭିନ୍ନ ଦିଗରୁ ତଦନ୍ତ ଜାରି ରଖିଛି ।

# ହାଇୱା ଧକ୍କାରେ ଷଣ୍ଢର ମୃତ୍ୟୁ

ବୁଗୁଡ଼ା, (ସବ୍ୟୁ): ବୁଗୁଡ଼ା-ବାଲିପଦର ମୁଖ୍ୟରାସ୍ତାର ଝୋଲୋରୀ ଗାଁଠାରେ ହାଇୱା ଧକ୍କାରେ ଗୋଟିଏ ଷଣ୍ଢର ମୃତ୍ୟୁ ଘଟିଥିବା ଜଣାଯାଇଛି । ମିଲ ଛକରେ ଷଣ୍ଢଟି ରାସ୍ତା ପାର ହେଉଥିବା ବେଳେ ବୁଗୁଡ଼ାରୁ ବାଲିପଦର ଅଭିମୁଖେ ଯାଉଥିବା ଏକ ବାଲି ବୋଝେଇ ହାଇୱା ଧକ୍କା ଦେଇ ପଳାଇଥିଲା । ଷଣ୍ଢର ବିକଟାଳ ରଡି ଶୁଣି ଆଖପାଖରେ ଥିବା ଲୋକେ ପହଞ୍ଚି ଜୀବନ ବଞ୍ଚାଇବାକୁ ଚେଷ୍ଟା କରିଥିଲେ ହେଁ ଷଣ୍ଢଟି ଶେଷରେ ଆଖି ବୁଜି ଦେଇଥିଲା । ଗ୍ରାମବାସୀ ପୂଜା ପାଠ କରି ଶିବ ମନ୍ଦିର ନିକଟରେ ଷଣ୍ଢର ଅନ୍ତେଷ୍ଟିକ୍ରିୟା ସମ୍ପନ୍ନ କରିଥିଲେ।

# ଛତ୍ରପୁର ଠାରେ ରେଳ ଡ଼ବା କାରଖାନା କେବେ

ବ୍ରହ୍ମପୁର, (ସବ୍ୟୁ): ରାଜ୍ୟରେ ଓ ଦେଶରେ ଡବଲ ଇଞ୍ଜିନ ସରକାର। ଗଞ୍ଜାମ ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା ଓ ବିକାଶ ନିମନ୍ତେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତ କିଛି ଦିନ ତଳେ ୨୮ ହଜାର କୋଟି ଟଙ୍କା ବିନିଯୋଗ ହେବ ୧୫ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଭିତ୍ତିପ୍ରସ୍ତର ସ୍ଥାପନା କରିଥିଲେ । ଯାହା ସ୍ୱାଗତଯୋଗ୍ୟ ପଦକ୍ଷେପ। ଗଞ୍ଜାମ ଜିଲ୍ଲାରେ ପ୍ରସ୍ତାବିତ ରେଳଡବା କାରଖାନା ନିର୍ମାଣ ନିମନ୍ତେ କେନ୍ଦ୍ରରେ ୟୁପିଏ ସରକାର ଅମଳରେ ଗଞ୍ଜାମ ଜିଲ୍ଲାର ଛତ୍ରପୁର ନିକଟରେ ରେଳଡ଼ବା କାରଖାନା ନିର୍ମାଣରେ ଭିତ୍ତିଭୂମି ପ୍ରସ୍ତୁତି ପାଇଁ ତତକାଳୀନ ସରକାରଙ୍କ ତରଫରୁ କୋଟିକୋଟି ଟଙ୍କା ବିନିଯୋଗ କରାଯାଇଥିଲା । ସରକାର ବଦଳିବା ପରେ ପ୍ରସ୍ତାବିତ ରେଳଡବା କାରଖାନା ଯୋଜନା ଉଦ୍ଦେଶ୍ୟ ମୂଳକ ଜାଣିବା ଲାଗି କାଳକ୍ଷେପଣ ନୀତି ଅନୁସରଣ କରି ବନ୍ଦ କରିଛନ୍ତି। ରେଳ ବଜେଟରେ ପ୍ରସ୍ତାବିତ ଜାତୀୟ ରେଳଡବା କାରଖାନା ନିର୍ମାଣରେ ତୁରନ୍ତ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି କଂଗ୍ରେସ ନେତା ତଥା ପୂର୍ବତନ ଅଧକ୍ଷ ଏନ, ଭୀମ ରାଜୁ ରେଡ୍ଡୀ ପ୍ରକାଶ କରିଛନ୍ତି।

# ସ୍ତ୍ରୀକୁ ପଥରରେ ଛେଚି ହତ୍ୟା

ପାରଳାଖେମୁଣ୍ଡି, (ସବ୍ୟୁ): ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ସେରଙ୍ଗ ଥାନା ଅନ୍ତର୍ଗତ ଗାଇବା ଗ୍ରାମ ପଞ୍ଚାୟତର ସଦର ମହକୁମା ଗାଇବା ଓଡ଼ିଆ ସାହିରେ ଏକଅଭାବନୀୟ ଘଟଣା ଘଟିଛି । ସ୍ତ୍ରୀ ଚରିତ୍ର ଉପରେ ସନ୍ଦେହ କରି ସ୍ୱାମୀ ରାତିରେ ସ୍ତ୍ରୀର ମୁଣ୍ଡରେ ପଥର ଛେଚି ହତ୍ୟାକରି ଫେରାର ହୋଇଯାଇଛି । ଘଟଣା ସ୍ଥଳରେ ସେରଙ୍ଗ ଥାନା ଅଧିକାରୀ ପ୍ରମଦ ଖଣ୍ଡୁଆଳ ଓ ଗାଇବା ଫାଣ୍ଡି ଅଧିକାରୀ ରାମ କୃଷ୍ଣ ଦାସ, ଗୁମ୍ମା ଫାଣ୍ଡି ଏସଆଇ କେଦାର ପଣ୍ଡା ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ସୂଚନା ଅନୁଯାୟୀ ଜି. ମଣିକ (୨୬) ୨୦୧୯ ମସିହାରେ ନରେନ୍ଦ୍ର ପାଇକଙ୍କୁ ପ୍ରେମ ବିବାହ କରିଥିଲେ । ଝିଅ ଘର ପରିବାର ତେଲୁଗୁ, ପୁଅ ଘର ଓଡ଼ିଆ, ଉଭୟ ପରିବାରର ସହମତରେ ବାହାଘର ହୋଇଥିଲା । ଗାଇବା ଗ୍ରାମରେ ଉଭୟେ ଶଶୁର ଘରେ ରହୁଥିଲେ । ତାଙ୍କର ଏକ କୁନି ଝିଅ ଟିଏ ରହିଛି । କିଛି ବର୍ଷ ପରେ ନରେନ୍ଦ୍ର ପାଇକ ହାଇଦ୍ରାବାଦ କମ୍ପାନୀରେ କାମ କରିବା ପାଇଁ ମନସ୍ଥିର କଲା। ହାଇଦ୍ରାବାଦ ଗଲା । ବର୍ଷ ଦୁଇ ବର୍ଷ ଭିତରେ ସେ ଯିବା ଆସିବା କରୁଥିଲା । କିନ୍ତୁ ଆକସ୍ମିକ ତା ମନରେ ସ୍ତ୍ରୀ ଉପରେ ସନ୍ଦେହ ଜାତ ହେଲା । ସେହି ସନ୍ଦେହ ଜୋର ଧରିଲା । ଉଭୟ ପରିବାର ମଧ୍ୟରେ ଟିକେ ବାଦନୁବାଦ ଲାଗି ରହିଥିଲା । କିନ୍ତୁ ସ୍ୱାମୀ ନରେନ୍ଦ୍ର ପାଇକ ନିଜ ସ୍ତ୍ରୀ ମୋନିକା ପାଇକଙ୍କୁ ନିଜ ଗ୍ରାମ କେରେଡାଙ୍ଗ ଠାକୁରାଣୀ ପର୍ବ ପାଇଁ ନେଇ ତିନି ଚାରି ଦିନ ପରେ ପୁଣି ଗାଇବା ଗ୍ରାମକୁ ଫେରି ଆସିଲେ । ନରେନ୍ଦ୍ର ପାଇକଙ୍କ ମନରେ ସନ୍ଦେହ ଦିନକୁ ଦିନ ବୃଦ୍ଧି ପାଇଥିଲା । ନିଜ ସ୍ତ୍ରୀକୁ ମାରିବା ପାଇଁ ସୁଯୋଗକୁ ଅପେକ୍ଷା କରି ରହିଥିଲା। ଶାଶୁମା ନାଳକୁ ଯିବାର ଦେଖି ମୋନିକା ମୁଣ୍ଡରେ ବିରି ଚୁରିବା ପଥରରେ ଛେଚି ରାତିରେ ହତ୍ୟା କଲା। ଦୁଇ ତୁଳାର ସୁନା ନେଇ ଦୌଡ଼ି ଦୌଡ଼ି ଯିବା ସମୟରେ ଶାଶୁମା ଗ୍ରାମ ନିକଟରେ ଥିବା ନାଳରୁ ସ୍ନାନ କରି ଫେରିବା ସମୟରେ ନରେନ୍ଦ୍ର ପାଇକ ଦୌଡ଼ି ଦୌଡ଼ି ଯିବାର ଦେଖି ସେ ଆଶ୍ଚର୍ଯ୍ୟ ହେଇ ଜି. ସରଜିନି ଘରେ ପହଞ୍ଚି ଦେଖିବା ମାତ୍ରେ ଝିଅ ରକ୍ତାକ୍ତ ହୋଇ ପଡ଼ିଛି । ମା ପାଟିକରି ସାହି ପଡିଶାଙ୍କୁ ଡାକ ପକାଇ ଆସି ଦେଖିବା ବେଳେ ଝିଅ ମୋନିକା ଜୀବନ ଚାଲିଯାଇଛି । ଘଟଣା ସମ୍ପର୍କରେ ସାଇଣ୍ଟିଫିକ ଟିମ ପହଁଚି ତଦନ୍ତ ଜାରି ରଖିଛନ୍ତି । ସେରଙ୍ଗ ଆଇଆଇସି ପ୍ରମୋଦ ଖଣ୍ଡୁଆଳ ୩୮/୨୫ ମାମଲା ରୁଜୁ କରି ମୃତ୍ୟୁ ଶରୀରକୁ ବ୍ୟବଚ୍ଛେଦ ପାଇଁ ପାରଳାଖେମୁଣ୍ଡି ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତ। ଏହି ଘଟଣାକୁ ନେଇ ଅଂଚଳରେ ଶୋକର ଛାୟା ଖେଳିଯାଇଛି ।


# ମୋଦିଙ୍କ ୧୧ବର୍ଷ ଓ ମୋହନ ସରକାରଙ୍କ ୧ ବର୍ଷ ପୂର୍ତ୍ତିରେ ବିଜେପିର ପ୍ରସ୍ତୁତି ବୈଠକ

ବାରିପଦା, (ସବ୍ୟୁ) : ଷ୍ଟାଡିୟମ ସମ୍ମିଳନୀ କକ୍ଷ୍ୟରେ କେନ୍ଦ୍ରରେ ମୋଦୀଜୀଙ୍କ ୧୧ବର୍ଷ ଓ ଓଡ଼ିଶାରେ ମୋହନ ସରକାରଙ୍କ ୧ବର୍ଷ ପୂର୍ତ୍ତି ଉପଲକ୍ଷେ ବାରିପଦା ଉଭୟ ୨ନଗର ମଣ୍ଡଳ (ଉତ୍ତର ଓ ଦକ୍ଷିଣ) ପକ୍ଷରୁ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଉଛି । ଏଥିରେ ମୁଖ୍ୟଅତିଥି ରୂପେ କବିବିଷ୍ଣୁ ଶତପଥି ଯୋଗଦେଇଥିବା ବେଳେ ଦକ୍ଷିଣ ମଣ୍ଡଳର ମୁଖ୍ୟବକ୍ତା ନରୋତ୍ତମ ପାଣିଗ୍ରାହୀ ଓ ଉତ୍ତର ମଣ୍ଡଳର ମୁଖ୍ୟବକ୍ତା ଭାବେ ପୂର୍ବତନ ଜିଲ୍ଲା ପରିଷଦ ଅଧକ୍ଷା ସୁଜାତା ମୁର୍ମୁ ଏବଂ ଦୁଇ ମଣ୍ଡଳର ସଭାପତି ସୁବ୍ରତ ମୁଖୀ, ଶ୍ରଦ୍ଧାଞ୍ଜଳି ପଣ୍ଡା, ଲକ୍ଷ୍ମୀଧର ହାବୁଡା, ଶୋବାବତୀ ଓତା, ସୁମନ ସିଂ, ପାୟଲ ରାୟ ଓ କୁମାର ମଙ୍ଗଳମ ପ୍ରମୁଖ ଉପସ୍ଥିତି ରହି ଆଗାମୀ ଦୁଇସପ୍ତାହ ମଧ୍ୟରେ ସରକାରଙ୍କ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବହୁ ଲୋକାଭିମୁଖୀ ଯୋଜନା ଗୁଡିକ ନିର୍ବାଚନ ପୂର୍ବରୁ ଦେଇଥିବା ପ୍ରତିଶୃତିକୁ ପୂରଣ କରିପାରିଛି, ତାହା ପ୍ରତି ବୁଥ୍ ସ୍ତରର ଲୋକଙ୍କ ପାଖକୁ କିପରି ପହଞ୍ଚାଇ ପାରିବ ତାହା ଭାରତୀୟ ଜନତା ପାର୍ଟିର ଜିଲ୍ଲା ବରିଷ୍ଠ ପଦାଧିକାରୀ ଓ ନଗରର ସମସ୍ତ କାର୍ଯ୍ୟକର୍ତ୍ତଙ୍କ ସହ ବିସ୍ତୃତ ଆଲୋଚନା ହୋଇଯାଇଛି।

# ଏନ୍‌ସିସି ବାର୍ଷିକ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ସ୍ଥିତ ୧ (ଓଡିଶା) ନାଭାଲ ୟୁନିଟ୍ ଏନ୍‌ସିସି ଓ ୩ (ଓଡିଶା) ମେଡିକାଲ କମ୍ପାନୀ ଏନ୍‌ସିସି ପକ୍ଷରୁ ବାର୍ଷିକ ପ୍ରଶିକ୍ଷଣ ଉଦଘାଟିତ ହୋଇଯାଇଛି । ପାରଳା ମହାରାଜା ଇଂଜିନିୟରିଂ କଲେଜ, ସିତଲାପଲ୍ଲି ଠାରେ ଏହି ସିଏଟିସି କ୍ୟାମ୍ପ ଆରମ୍ଭ ହୋଇଥିବାବେଳେ ଏହା ଆଗାମି ୧୦ ଦିନ ଧରି ଜାରି ରହିବ । ଏଥିରେ ୧୪ଟି ବିଦ୍ୟାଳୟ ଓ ୭ ଟି ମହାବିଦ୍ୟାଳୟର ପାଖାପାଖି ୬୦୦ କ୍ୟାଡେଟ୍ ଯୋଗ ଦେଇଛନ୍ତି । ଏହି ବାର୍ଷିକ ପ୍ରଶିକ୍ଷଣ ଶିବିରରେ ଉଭୟ ବାଳକ ଓ ବାଳିକା ବର୍ଗରେ ଟ୍ରେନିଂ ଦିଆଯିବ । ଏହି କାର୍ଯ୍ୟକ୍ରମରେ ୧(ଓଡିଶା) ନାଭାଲ ୟୁନିଟ୍ ଏନ୍.ସି.ସି ଅଧିନରେ ଥିବା ଖଲ୍ଲିକୋଟ୍ ଏକକ ବିଶ୍ୱବିଦ୍ୟାଳୟ, ଛତ୍ରପୁର ସାଇନ୍ସ କଲେଜ, ଗଞ୍ଜାମ ମହାବିଦ୍ୟାଳୟ ଓ ଭଜ୍‌ନଗର ମହାବିଦ୍ୟାଳୟ ଏବଂ ୩ (ଓଡିଶା) ମେଡିକାଲ କମ୍ପାନୀ ଏନ୍.ସି.ସି ଅଧିନରେ ଥିବା ପାରଳା ମହାରାଜା ଇଂଜିନିୟରିଂ କଲେଜ, ସିତଲାପଲ୍ଲି ଓ ସିଟି କଲେଜ, ବ୍ରହ୍ମପୁର ସମେତ ୫ଟି ଜିଲ୍ଲାର ନାଭାଲ ଓ ଆର୍ମି ଏନ୍.ସି.ସି କ୍ୟାଡେଟମାନେ ଯୋଗଦେଇଛନ୍ତି। ଏହି ବାର୍ଷିକ ପ୍ରଶିକ୍ଷଣ ଶିବିରଟି ୧(ଓଡିଶା) ନାଭାଲ ୟୁନିଟ୍ ଏନ୍.ସି.ସିର କମାଣ୍ଡିଙ୍ଗ୍ ଅଫିସର କମାଣ୍ଡର ଏନ୍.ଭି.ପି ସ୍ୱାମୀଙ୍କ ତତ୍ତ୍ୱାବଧାନରେ ଆରମ୍ଭ ହୋଇଥିବା ବେଳେ ଏ.ଏନ.ଓ., ପି.ଆଇ. ଷ୍ଟାଫ୍ ଙ୍କ ଦ୍ୱାରା ଭାରତୀୟ ନୌସେନା ଓ ଭାରତୀୟ ସ୍ଥଳସେନା ବିଷୟରେ ବିଭିନ୍ନ ବିଭାଗର ପ୍ରଶିକ୍ଷଣ ନେବେ । ଏହି ବାର୍ଷିକ ପ୍ରଶିକ୍ଷଣ ଶିବିରରେ ଡ୍ରିଲ ରାଇଫଲ ଡ୍ରିଲ, ଫାଇରିଂ, ସିପ୍ ମୋଡଲିଂ, ସିମାଫୋର, ବୋଟ୍ ପୁଲିଂ, ବୋଟ୍ ସେଲିଂ, ବୋଟ୍ ପୁଲିଂ, ବେଷ୍ଟ କ୍ୟାଡେଟ୍, ନେଭିଗେସନ୍, ବୋଟ୍ ରିଗିଂ, ସି ମେନ୍‌ସିପ୍, ଅବଷଟାକଲ, ମେପ୍ ରିଡିଙ୍ଗ ଭଳି ଟ୍ରେନିଂ ଦିଆଯାଉଛି । ଏହି ବାର୍ଷିକ ପ୍ରଶିକ୍ଷଣ ଶିବିରରୁ ଆଗାମୀ ଜାତୀୟ କ୍ୟାମ୍ପ ପାଇଁ କ୍ୟାଡେଟ୍ ମାନଙ୍କୁ ଚୟନ କରାଯିବ।

# ରାଜରାସ୍ତାରେ ଗାଈଗୋରୁ : ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ



ବୁଗୁଡ଼ା, (ସବ୍ୟୁ): ସଂପ୍ରତି ବୁଗୁଡ଼ା ସହରର ରାଜରାସ୍ତା ସମେତ ବିଭିନ୍ନ ଛକ ଜାଗାରେ ମାଳ ମାଳ ଗାଈଗୋରୁଙ୍କ ଭିଡ ସାଙ୍ଗକୁ ସେମାନଙ୍କ ଉପଦ୍ରବ ଏବେ ସାଧାରଣ ଘଟଣା ପାଲଟିଛି। ଦିନ ରାତି ଚବିଶି ଘଣ୍ଟା ରାସ୍ତା ଉପରେ ଏହି ଗୋରୁ ପଲ ରହୁଥିବାରୁ ଲୋକଙ୍କ ଯାତାୟାତରେ ଘୋର ଅସୁବିଧା ସୃଷ୍ଟି ହେବା ସହ ଗୁରୁତର ଟ୍ରାଫିକ ସମସ୍ୟା ଉପୁଜୁଛି । ସହରର ବ୍ଲକ ଛକ, ମେଡିକାଲ ଛକ, ମଦନ ମୋହନ ଛକ, ପୁରୁଣା ବସଷ୍ଟାଣ୍ଡ, ନୂଆ ବସଷ୍ଟାଣ୍ଡ ଛକ, ହାଇସ୍କୁଲ ଛକ ଓ ବଡ଼ଦାଣ୍ଡ ସାହିରେ ପଲପଲ ଗାଈଗୋରୁ ଭିଡ଼ ଜମାଉ ଥିବାରୁ ଯାତାୟାତ ବେଳେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ରାସ୍ତା ଉପରେ ଗାଈ ଓ ଷଣ୍ଢ ମାନଙ୍କ ଉତ୍ପାତ ଯୋଗୁଁ ଅନେକ ସମୟରେ ଲୋକେ ଦୁର୍ଘଟଣାର ଶିକାର ହେଉଛନ୍ତି । ବିଭିନ୍ନ ସମୟରେ ଗାଡି ମଟର ଧକ୍କାରେ ଗାଈଗୋରୁ ମଧ ଆହତ ହେଉଥିବା ଦେଖିବାକୁ ମିଳୁଛି । ସାଇକେଲ ଓ ବାଇକ୍‌ରେ ଲାଗିଥିବା ପରିବା ବ୍ୟାଗ୍ ଛିଣ୍ଡାଇ ଗାଈଗୋରୁ ଖାଇ ଯାଉଥିବା ବେଳେ ରାସ୍ତା ଉପରେ ଷଣ୍ଢ ଲଢେଇ ଯୋଗୁଁ ଗାଡି ମଟର କ୍ଷତିଗ୍ରସ୍ତ ଭାଙ୍ଗିବା ସହିତ ଲୋକଙ୍କ ଜୀବନ ମଧ୍ୟ ଜୀବାର ସମ୍ଭାବନା ରହୁଛି । ଏଣୁ ଏନ୍‌ଏସି ପ୍ରଶାସନ ପକ୍ଷରୁ ଏହାର ସ୍ଥାୟୀ ପ୍ରତିକାର ବ୍ୟବସ୍ଥା କରିବା ପାଇଁ ସାଧାରଣରେ ଦୃଢ ଦାବି ହେଉଛି ।

# ଦୁଇ ମହିଳାଙ୍କୁ ଲିଫ୍ଟରୁ ଉଦ୍ଧାର କଲେ ଅଗ୍ନିଶମ କର୍ମଚାରୀ



ବ୍ରହ୍ମପୁର, (ସବ୍ୟୁ): ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଗିରି ରୋଡ ମୁଖ୍ୟ ରାସ୍ତା କଡରେ ଥିବା କେ.ଭି. ଆର ପ୍ଲାଜା ଲିଫ୍ଟ ଭିତରେ ଦୁଇ ଘଣ୍ଟା ଧରି ଫସି ରହିଲେ ଦୁଇ ମହିଳା । ସେଠାରୁ ଦୁଇ ମହିଳାଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କଲେ ଅଗ୍ନିଶମ ଅଧିକାରୀ । ସେମାନେ ହେଲେ ବ୍ରଜନଗର ଦ୍ୱିତୀୟ ଲାଇନରେ ରହୁଥିବା ସୌଦାମିନୀ ମେହେର (୪୨), ସରିତା ମେହେର (୪୦)। ସେମାନେ ଦୁଇ ଭଉଣୀ ଅଟନ୍ତି। ଉଦ୍ଧାର ବେଳେ ସେମାନେ ଭୟଭୀତ ଥିବା ବେଳେ ସାମାନ୍ୟ ଅଣନିଶ୍ୱାସୀ ହୋଇପଡିଥିଲେ ବୋଲି ଅଗ୍ନିଶମ ବିଭାଗର ହାଭିଲଦାର ଶତ୍ରୁଘନ ଦାଶ ସୂଚନା ଦେଇଛନ୍ତି। ସେମାନଙ୍କୁ କିଛି ସମୟ ଏକ ଏସି ରୁମରେ ବିଶ୍ରାମ ନେବାକୁ ପରାମର୍ଶ ଦିଆଯାଇଥିଲା। ସେମାନେ ସାମାନ୍ୟ ସୁସ୍ଥ ହେବା ପରେ ନିଜର ସ୍କୁଟି ଗାଡ଼ିରେ ଘରକୁ ଯାଇଥିଲେ ବୋଲି ସେ କହିଛନ୍ତି। ଘଟଣାରୁ ପ୍ରକାଶ ଯେ, ଉକ୍ତ ପ୍ଲାଜର ୪ର୍ଥ ମହଲାରେ କର୍ପୋରେଶନ ବ୍ୟାଙ୍କ ଥିବା ଜାଣି ସେଠାକୁ ଯାଇଥିଲେ। ଗଲା ବେଳେ ଶିଡୀରେ ଚଢି କରି ଯାଇଥିଲେ। ସେଠାରେ ଥିବା ଉକ୍ତ ବ୍ୟାଙ୍କ ଅନ୍ୟତ୍ର ଘୁଞ୍ଚି ଯାଇଥିବା ଜାଣିବା ପରେ ତଳକୁ ଆସିବା ପାଇଁ ସେମାନେ ଲିଫ୍ଟ ଭିତରକୁ ଯାଇଥିଲେ। ଉକ୍ତ ଲିଫ୍ଟଟି ୪ ଓ ୩ ମହଲା ମଧ୍ୟରେ ଅଟକି ରହିଯାଇଥିଲା। ଉଭୟ ସରିତା ଓ ସୌଦାମିନୀ ଲିଫ୍ଟ ରହିଥିବା ଏମାର୍ଜେନ୍ସି ସୁଇଚ୍ ଚିପିବା ପରେ ମଧ ତାହା କାମ ଦେଇନଥିଲା। ଏହାଛଡ଼ା ଲିଫ୍ଟରେ କୌଣସି ସହାୟତା ନମ୍ବର ମଧ ଉପଲବ୍ଧ ନଥିଲା । କୌଣସି ଉପାୟ ନପାଇ ଦୁଇ ମହିଳା ପାଟି କରିବା ସହିତ ଲିଫ୍ଟର କବାଟକୁ ମଧ ବାଡ଼େଇଥିଲେ। ବହୁ ସମୟ ଧରି ସେମାନେ ଚେଷ୍ଟା କରି ବିଫଳ ହେବା ପରେ ୧୧୨ କୁ ଫୋନ କରି ଘଟଣା ସମ୍ପର୍କରେ ଜଣାଇଥିଲେ। ଅଗ୍ନିଶମ ବିଭାଗ ଖବର ପାଇ ନିଜର ବିଭିନ୍ନ ଯନ୍ତ୍ରାଂଶ ଦ୍ୱାରା ପ୍ରଥମେ ଲିଫ୍ଟକୁ ତଳକୁ ଆଣିବା ପରେ ଲିଫ୍ଟର କବାଟକୁ ମଧ ବାହାର କରି ଦୁଇ ମହିଳାଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ଦୁଇ ମହିଳା ଅଗ୍ନିଶମ ବିଭାଗର ହାବିଲଦାର ଶତୃଘ୍ନ ଦାସ, କର୍ମଚାରୀ-ସୁଶାନ୍ତ ବେହେରାଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି ।

# ଚତୁର୍ଦ୍ଧା ବିଗ୍ରହଙ୍କ ଚତୁର୍ଥ ବାର୍ଷିକ ପ୍ରତିଷ୍ଠା ଉତ୍ସବରେ ଯୋଗଦେଲେ ଡ୍ରିମ୍‌ସ ଅଧକ୍ଷ



କଟକ, (ସ୍ୱପ୍ର): ଟାଙ୍ଗୀର ଆରାଧ ଶ୍ରୀଶ୍ରୀ ମଦନମୋହନ ଜୀଉଙ୍କ ପୀଠରେ ଚତୁର୍ଦ୍ଧା ବିଗ୍ରହଙ୍କର ୪ର୍ଥ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଓ ବିଶ୍ୱ କଲ୍ୟାଣ ମହାଯଜ୍ଞ ଶୁଭାରମ୍ଭ ହୋଇଛି । ଏହି ଉପଲକ୍ଷେ ପ୍ରଥମ ଦିବସରେ ଯଜ୍ଞ ମଣ୍ଡପ ପ୍ରତିଷ୍ଠା, ମଣ୍ଡଳାଧିବାସ, ଅଙ୍କୁରାରୋପଣ ଅନୁଷ୍ଠିତ ହୋଇଥିଲା । ଦ୍ୱିତୀୟ ଦିବସରେ କଳସ ଯାତ୍ରା, ବେଦପାଠ, ସୂର୍ଯ୍ୟପୂଜା, ଗୋ-ପୂଜା, ଶାଳା ପ୍ରବେଶ ହବନାଦି କାର୍ଯ୍ୟପରେ ସନ୍ଧ୍ୟାରେ ସାଧୁସନ୍ଥ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ସିଦ୍ଧଗିରି ପୀଠର ବାବାଜୀ ବିଶ୍ୱନାଥ ଦାସଙ୍କ ପୌରହିତ୍ୟରେ ଆୟୋଜିତ ସମ୍ମିଳନୀରେ ରାଜ୍ୟର ବିଭିନ୍ନ ପ୍ରାନ୍ତରରୁ ଓ ବିଭିନ୍ନ ସଂପ୍ରଦୟର ସାଧୁସନ୍ଥ ଯୋଗଦେଇ ସନାତନ ଧର୍ମ ଓ ଜଗନ୍ନାଥ ସଂସ୍କୃତିର ମହାତ୍ମ୍ୟ ଉପରେ ଆଲୋଚନା କରିଥିଲେ । ଏଥିରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ନିମନ୍ତ୍ରିତ ଅତିଥି ଭାବରେ ଯୋଗଦେଇ ମହାପ୍ରଭୁଙ୍କ ଦର୍ଶନ ସହ ଯୁଗେଯୁଗେ ସାଧୁସନ୍ଥମାନଙ୍କର ବାଣୀ ଓ ଉପଦେଶ ସମାଜର କଲ୍ୟାଣ ଏବଂ ମାନବ ସମାଜକୁ ଦିଗଦର୍ଶନ ଦେଇଆସିଛି ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଭାରତୀୟ ବନସେବାର ଅବସରପ୍ରାପ୍ତ ଅଧିକାରୀ ପ୍ରଫୁଲ୍ଲ କୁମାର ଷଡଙ୍ଗୀ, ଶିଳ୍ପଦ୍ୟୋଗୀ ପ୍ରଦୀପ୍ତ ଚନ୍ଦ୍ର ରଥ, ଜ୍ଞାନେନ୍ଦ୍ର ବେହେରା, ଦୁଃଖେନ୍ଦ୍ର ସାହୁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ । ଏହି ଅବସରରେ କଳାକାରଙ୍କ ଦ୍ୱାରା ଭଜନ ସମାରୋହ ଓ ଓଡିଶୀ ନୃତ୍ୟ ପରିବେଷଣ ହୋଇଥିଲା । ମଦନମୋହନ ମନ୍ଦିର ପରିଚାଳନା କମିଟି ଓ ଗ୍ରାମବାସୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଆସନ୍ତା ମଙ୍ଗଳବାର ପୂର୍ଣ୍ଣାହୂତି ସହ ଉତ୍ସବ ସମାହିତ ହେବବୋଲି ଜଣାଯାଇଛି ।

# ବିଧାୟକଙ୍କ କାର୍ଯ୍ୟାଳୟରେ ବିର୍ସା ମୁଣ୍ଡାଙ୍କ ପୁଣ୍ୟତିଥି ପାଳନ




ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ବିଜେପି ପକ୍ଷରୁ ବିଧାୟକ କାର୍ଯ୍ୟାଳୟରେ ଭାଜପାର ଗଞ୍ଜାମ ଜିଲ୍ଲା ସଭାପତି ସରୋଜ କୁମାର ସାବତଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିଲା ବିର୍ସା ମୁଣ୍ଡା ସ୍ମୃତି ଚାରଣ କାର୍ଯ୍ୟକ୍ରମ। ଏଥିରେ ମୁଖ୍ୟଅତିଥି ବ୍ରହ୍ମପୁର ବିଧାୟକ କେ ଅନିଲ କୁମାର, ମୁଖ୍ୟବକ୍ତା ଡ଼.ସାଗର ରଞ୍ଜନ ତ୍ରିପାଠୀ ବିର୍ସା ମୁଣ୍ଡାଙ୍କ ଜୀବନୀ ଉପରେ ଆଲୋଚନା କରି ଶ୍ରୀ ତ୍ରିପାଠୀ କହିଥିଲେ ଯେ ବିର୍ସା ମୁଣ୍ଡାଙ୍କ ବଳିଦାନ ତ୍ୟାଗ ଓ ସଙ୍ଘର୍ଷ ପୂର୍ଣ୍ଣ ଜୀବନ ଦେଶ ସ୍ୱାର୍ଥ ପାଇଁ ରହିଥିଲା । ଖୁବ୍ କମ୍ ବୟସର ବାଳକ ଇଂରାଜୀ ଶାସନ ବିରୋଧରେ ସଂଗ୍ରାମ ଜାରି ରଖିଥିଲେ। ଆଦିବାସୀଙ୍କ ସ୍ୱାର୍ଥ ପାଇଁ ସ୍ୱର ଉତ୍ତୋଳନ କରିବା ସହିତ ଭରତୀୟ ସଂସ୍କାର ଓ ସଂସ୍କୃତିକୁ ଭଲ ପାଇବା ଏବଂ ଦେଶର ଭଲ ପାଇଁ ଜୀବନ ଉତ୍ସର୍ଗ କରି ଯାଇଥିଲେ। ବ୍ରିଟିଶ ଶାସନକୁ ବିରୋଧ କରିବା ଏବଂ ଆଦିବାସୀଙ୍କ ସ୍ୱାର୍ଥ ସାଧନ ଲାଗି ଆଦିବାସୀଙ୍କୁ ଏକତ୍ର କରି ସାମୂହିକଭାବେ ଉଦ୍ୟମ ଜାରି ରଖି ଜନଜାତିଙ୍କ ମନରେ ସେ ଥିଲେ ଭଗବାନ ସଦୃଶ। ସେଥିଲେ ବୈଷ୍ଣବୀ ଧର୍ମର ଉପାସକ। ପିଲାଟି ଦିନରୁ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଏବଂ ଚିକିତ୍ସା ବିଜ୍ଞାନ ଶାସ୍ତ୍ରରେ ପ୍ରବୀଣ ସହ ବିଭିନ୍ନ ଆଧାତ୍ମିକ ଗ୍ରନ୍ଥ ସହ ପରିଚିତ ଥିଲେ। ମଦ ବିରୋଧରେ ପଶୁପକ୍ଷୀ ବଳି ପ୍ରଥା ବିରୋଧରେ ସ୍ୱର ଉତ୍ତୋଳନ କରିଥିବା ଏହି ବୀର ଯୁବକ ଇଂରାଜି ସରକାରଙ୍କ ନୀତି ନିୟମ ଓ କଠୋର ଅନୁଶାସନ ବିରୋଧରେ ସଂଗ୍ରାମ ଜାରି ରଖି ଆଦିବାସୀଙ୍କୁ ଏକତ୍ରିତ କରିଥିଲେ ବୀର ବିର୍ସା ମୁଣ୍ଡା । ଖୁବ୍ କମ୍ ଦିନ ପରମାୟୁର ଜୀବନ ଅବଧିରେ ରଚିଗଲେ ଏକ ଇତିହାସ ବୋଲି କହି ମହାନ୍ ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳୀ ଜଣାଇଛନ୍ତି। ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପରି ଜଣେ ରାଷ୍ଟ୍ର ଭକ୍ତ ଦେଶ ମାତୃକା ସେବାରେ ପ୍ରାଣ ହରାଇବଥିବା ଏବଂ ଦେଶର ସ୍ୱାଭିମାନ ଏବଂ ଅସ୍ମିତା ସୁରକ୍ଷା ପାଇଁ ଦେଶର ଜଣେ ଜଣେ ଜାତୀୟତାବାଦୀ ବିଭୂତିଙ୍କୁ ତାଙ୍କ ଶ୍ରାଦ୍ଧ ଦିବସରେ ପୁଣ୍ୟ ତିଥିରେ ସ୍ମରଣ କରିବା ପାଇଁ ଆହ୍ୱାନ ଜଣାଇଛନ୍ତି । ଏହା ହିଁ ଜଣେ ସ୍ୱାଭିମାନୀ ରାଷ୍ଟ୍ର ଭକ୍ତର ଆମ ମାଟିର ବରପୁତ୍ରଙ୍କ ପାଇଁ ବଡ ଶ୍ରଦ୍ଧାଞ୍ଜଳି ଏବଂ ସମ୍ମାନ ବୋଲି ମୁଖ୍ୟବକ୍ତା ପ୍ରକାଶ କରିଥିଲେ । ଏକବିଂଶ ଶତାବ୍ଦୀରେ ଦ୍ରୁତ ଗତିରେ ଦେଶ ବିକାଶ କରିବା ସହ ଜଣେ ଜଣେ ଆଦର୍ଶ ଚରିତ୍ରଙ୍କ ଜୀବନ ଦର୍ଶନରୁ ଅନେକ ଶିକ୍ଷା ଲାଭ କରିବା ପାଇଁ ବିଜେପି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମ ଅଭିନନ୍ଦନୀୟ ବୋଲି ଶ୍ରୀ ତ୍ରିପାଠୀ ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ବିଜେପି ବରିଷ୍ଠ ନେତ୍ରୀ ବବିତା ପାତ୍ର, ଭାଜପାର ବରିଷ୍ଠ ନେତା ରବୀନ୍ଦ୍ର ସାହୁ ପ୍ରମୁଖ ବିର୍ସା ମୁଣ୍ଡାଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ । ଏହି ମହାନ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ବିଧାୟକଙ୍କ ପ୍ରତିନିଧି ପ୍ରଦୀପ କୁମାର ନାୟକ, ବନମାଳୀ ସେଠି, ବାଳକୃଷ୍ଣ ସାମନ୍ତରାୟ, ବର୍ଷା ବିଦୁସ୍ମିତା, ରତ୍ନ ଗର୍ଭା ସରସ୍ୱତୀ ଦେବୀ, ଉଷା ମହାପାତ୍ର, ସିଦ୍ଧାନ୍ତ ଗଙ୍ଗଦେବ, ବିପିନି ବିହାର ଦାଶ ପ୍ରଭାତ ଷଡ଼ଙ୍ଗୀ, ପ୍ରଣୟ ମହାପାତ୍ର, ଗୋପାଳ ରଥ, ଶ୍ରୀକାନ୍ତ ସାହୁ, ଶଙ୍କର ରାଓ,ରାମକୃଷ୍ଣ ପଟ୍ଟନାୟକଙ୍କ ସହିତ ବହୁ ଭାଜପା ସଦସ୍ୟ/ସଦସ୍ୟା କର୍ମକର୍ତ୍ତା ଉପସ୍ଥିତ ରହି ବିର୍ସା ମୁଣ୍ଡାଙ୍କ ସ୍ମୃତି ଚାରଣ କରି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।

# ଖଣି କର୍ମଚାରୀଙ୍କୁ କଟୁରୀରେ ହାଣି ଲହୁଲୁହାଣ କଲେ



ତାଳଚେର,(ସବ୍ୟୁ) : ତାଳଚେର ବ୍ଲକ ହିଙ୍ଗୁଳା ଥାନା ଅନ୍ତର୍ଗତ ନାତିଡ଼ି ଗ୍ରାମର ମିନକେତନ ଗଡ଼ନାୟକ ହିଙ୍ଗୁଳା ଖଣିରେ ନିଜର ଡ୍ୟୁଟି ସାରି ଘରକୁ ଫେରୁଥିବା ବେଳେ ଏକ ନିକାଟଂନ ଜଙ୍ଗଲିଆ ରାସ୍ତାରେ ଜଣେ ଦୁର୍ବୃତ୍ତ ତାଙ୍କୁ କଟୁରୀରେ ଆକ୍ରମଣ କରିବା ଦ୍ୱାରା ସେ ସେଠାରେ ଖସି ପଡ଼ିବା ପରେ ଦୁର୍ବୃତ୍ତ ବାରମ୍ବାର ଆକ୍ରମଣ କରିଥିଲା ଓ ଆତ୍ମରକ୍ଷା କରିବା ନିମନ୍ତେ କଳେବଳେ କୌଶଳେ ଶ୍ରୀ ଗଡ଼ନାୟକ ସେଠାରୁ ଦୌଡ଼ି ପଳାଇ ଯାଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ସ୍ଥାନୀୟ ଚିକିତ୍ସାଳୟକୁ ନିଆଯାଇଥିଲା ଓ ଅବସ୍ଥା ଗୁରୁତର ହେବାରୁ ଭୁବନେଶ୍ୱର ସ୍ଥାନାନ୍ତରିତ କରାଯାଇଥିଲା ବୋଲି ଗ୍ରାମାବାସୀଙ୍କ ସୂତ୍ରରୁ ଜଣାପଡ଼ିଛି। ସେହି ଗ୍ରାମର ଦିନବନ୍ଧୁ ନାଏକ କୌଣସି ଘଟଣାକୁ ନେଇ ସନ୍ଦେହକରି ଏପରି କାଣ୍ଡ ଭିଆଇଛନ୍ତି ବୋଲି ମିନକେତନ ଏହା ଅଭିଯୋଗ କରିଛନ୍ତି। ତେବେ ବର୍ତ୍ତମାନ ଅବସ୍ଥା ସ୍ଥିର ରହିଥିବା କୁହାଯାଉଛି।

## ବଣିଆପଡା ବାଲିଘାଟକୁ ନେଇ ବଢ଼ିଲା ବିବାଦ

# ଗାଁ ଲୋକଙ୍କ ସହଯୋଗୀର କାର୍‌କୁ ବୋମାମାଡ

ଢେଙ୍କାନାଳ,(ସବ୍ୟୁ) :ଢେଙ୍କାନାଳ ଜିଲ୍ଲା ଓଡାପଡା ତହସିଲ ଅନ୍ତର୍ଗତ ବଣିଆପଡା ବାଲି ଘାଟକୁ ନେଇ ବିବାଦ ତିବ୍ର ହୋଇଛି। ଗ୍ରାମବାସୀମାନେ ବାଲିଘାଟ ବନ୍ଦ କରିବାକୁ ଅଭିଯୋଗ କରିବା ପରେ କେହି ଦୁର୍ବୃତ୍ତଗାଁ ଲୋକଙ୍କୁ ସହଯୋଗ କରିଥିବା ବ୍ୟକ୍ତିଙ୍କ କାର ଉପରକୁ ରବିବାର ବିଳମ୍ବିତ ରାତିରେ ବୋମା ମାଡ କରିଥିବାର ମୋଟଙ୍ଗା ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁସାରେ ଗତ ୨ ତାରିଖ ଦିନ ବଣିଆପଡା ଗ୍ରାମବାସୀ ମାନେ ଏକତ୍ରିତ ହୋଇ ଓଡ଼ାପଡ଼ା ତହସିଲଦାର ଓ ବିଡ଼ିଓଙ୍କ କାର୍ଯ୍ୟାଳୟକୁ ଆସି ବ୍ରାହ୍ମଣୀ ନଦୀରେ ହୋଇଥିବା ବାଲିଘାଟ ଯୋଗୁଁ ହାଇଓ୍ବା ଚଳାଚଳ ହୋଇ ଗାଁ ରାସ୍ତା ସମ୍ପୂର୍ଣ୍ଣ ରୂପେ ନଷ୍ଟ ହେବାର ଲିଖିତ ଅଭିଯୋଗ ସହ ଘାଟ ବନ୍ଦ କରିବାପାଇଁ ଦାବିପତ୍ର ପ୍ରଦାନ କରିଥିଲେ। ଏହି ବାଲିଘାଟ ଯୋଗୁ ୫୫ ନଂ ଜାତୀୟ ରାଜପଥରୁ ବଣିଆପଡା ଗ୍ରାମକୁ ଯାଇଥିବା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ରାସ୍ତାରେ ପ୍ରତ୍ୟେକ ଦିନ ଶହ ଶହ ଭାରିଯାନ ହାଇଓ୍ବା ଟ୍ରକ ବ୍ରାହ୍ମଣୀ ନଦୀରୁ ବାଲି ବୋଝେଇ କରି ସେହି ରାସ୍ତାରେ ଯାତାୟାତ କରିବା ଫଳରେ ଗ୍ରାମ ରାସ୍ତାଟି ନଷ୍ଟ ହୋଇ ଯାଇଛି। ରାସ୍ତା ସାରା ଖାଲଖମଣ ହୋଇ ସାମାନ୍ୟ ବର୍ଷା ହେଲେ ସେଥିରେ ପାଣି ଜମି ଆଣ୍ଠୁଏ କାଦୁଅରେ ଜନସାଧାରଣ ଯିବାଆସିବା କରୁଛନ୍ତି। ରାସ୍ତା ଏତେ ଖରାପ ହୋଇ ପଡିଛି ଯେ ଗ୍ରାମକୁ ଆମ୍ବୁଲାନ୍ସ ଗାଡି ଆସି ପାରୁନାହିଁ।ଛୋଟ ଛୋଟ ପିଲାମାନେ ପଢ଼ିବା ପାଇଁ ବିଦ୍ୟାଳୟକୁ ଯାଇ ପାରୁନାହାନ୍ତି।ଏ ସମ୍ପର୍କରେ ଓଡ଼ାପଡ଼ା ବ୍ଲକ ପ୍ରଶାସନ ଅଧିକାରୀଙ୍କୁ ଅବଗତ କରାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନଥିବାରୁ



ଗ୍ରାମବାସୀ ଏକତ୍ରିତ ହୋଇ ରବିବାର ଦିନ ସେହି ରାସ୍ତା ଅବରୋଧ କରିଥିଲେ। ପୋଲିସ ଓ ତହସିଲ ଅଧିକାରୀଙ୍କୁ ବାଲି ମାଫିଆ ମାନେ ହାତକରି ନିର୍ଭୟରେ ବାଲି ଚୋରା ଚାଲାଣ କରୁଥିବା ଅଭିଯୋଗ ହେଉଛି। ଫଳରେ ସରକାରଙ୍କର ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ବାଲି ମାଫିଆ ଓ ପ୍ରଶାସନ ଅଧିକାରୀଙ୍କ ପକେଟକୁ ଯାଉଛି । ବାଲିଘାଟ ବନ୍ଦ କରାନଗଲେ ଗ୍ରାମବାସୀ ରାଜ ରାସ୍ତାକୁ ଓହ୍ଲାଇବେ ବୋଲି ଗତ କିଛିଦିନ ତଳେ ଗ୍ରାମର ଶତାଧିକ ପୁରୁଷ ଓ ମହିଳା ଜିଲ୍ଲା କାର୍ଯ୍ୟାଳୟକୁ ଆସି ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ ଦେଇଥିଲେ । ଉକ୍ତ ଗାଁ ଲୋକଙ୍କୁ ଜିଲ୍ଲା କାର୍ଯ୍ୟାଳୟକୁ ଆସିବାପାଇଁ ସହଯୋଗ କରିଥିବା ବ୍ୟକ୍ତିଙ୍କ ଗାଡି ନଂ ଓଆର୦୨ବିଇ୫୬୪୦କୁ ରବିବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ବୋମାମାଡ କରିଥିଲେ । ବୋମା ମାଡରେ କାରଟି କ୍ଷତିଗ୍ରସ୍ତ ହୋଇଥିବା ବେଳେ ଏ ସଂକ୍ରାନ୍ତରେ ସେ ମୋଟଙ୍ଗା ଥାନାରେ ଅଭିଯୋଗ କରିଛନ୍ତି।ଏହି ବିବାଦର ତଦନ୍ତ ଚାଲିଥିବା ବେଳେ ଏପରି ବୋମା ମାଡକୁ ନେଇ ଗ୍ରାମରେ ଅସନ୍ତୋଷ ଦେଖାଦେଇଛି। ଓଡାପଡା ତହସିଲ ଠାରୁ କମ ଦୂରରେ ଏହି ବାଲି ଘାଟ ଖୁଲମ ଖୁଲା ଭାବରେ ଚାଲୁଥିବା ବେଳେ ପ୍ରଶାସନ କିପରି ଜାଣିନଥିଲା ତାକୁନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବୋମା ମାଡ ପରେ ପୋଲିସ ଗ୍ରାମରେ ପହଞ୍ଚି ତଦନ୍ତ ଚଳାଇଛି। ଏଥିସହ ଜିଲ୍ଲା ଖଣି ବିଭାଗ ଏବଂ ପୁଲିସ ବିଭାଗର ବରିଷ୍ଠ ଅଧିକାରୀମାନେ ଗ୍ରାମରେ ବୈଠକ ଡାକି ତୁରନ୍ତ ଆଲୋଚନା କରି ସମାଧାନ କରିବା ପାଇଁ ପ୍ରୟାସ ଜାରି ରଖିଛନ୍ତି ।

## ପିଲାଙ୍କୁ ମିଳୁନି ରନ୍ଧାଖାଦ୍ୟ

# କିଶୋରୀ ଯୋଜନାରେ ପାତରଅନ୍ତର

ରେଙ୍ଗାଲି,(ସବ୍ୟୁ) : କଣିହାଁ ବ୍ଲକ୍ ରେଙ୍ଗାଲି ଥାନା ସୁଶୁବା ପଞ୍ଚାୟତ ପୋଡାଗଡ ୨ ଅଙ୍ଗନୱାଡ଼ି କେନ୍ଦ୍ରରେ ଦେଖାଦେଇଛି ଘୋର ଅବ୍ୟବସ୍ଥା । ଏହି କେନ୍ଦ୍ରଟି ମୋଟ ୨୮ ଜଣ ଆଦିବାସୀ ସଂପ୍ରଦାୟର ପିଲାଙ୍କୁ ନେଇ ଚାଲୁଥିବା ବେଳେ ପିଲାଙ୍କୁ କେନ୍ଦ୍ରକୁ ଆସିବାକୁ କହୁନାହାନ୍ତି ଉଭୟ ଅଙ୍ଗନୱାଡ଼ି କର୍ମଚାରୀ । ଅଭିଭାବକମାନେ ସାଧାରଣତଃ ଦୈନିକ ମଜୁରିଆ ହୋଇଥିବାରୁ ସେମାନେ ପିଲାଙ୍କୁ କେନ୍ଦ୍ରକୁ ନେବା ଆଣିବା କରିପାରନ୍ତି ନାହିଁ । କିଛିଦିନ ହେବ କେନ୍ଦ୍ରରେ ଅବ୍ୟବସ୍ଥା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଥିଲା । ଘଟଣାର ସତ୍ୟାସତ୍ୟ ଜାଣିବା ପାଇଁ ଯିବାବେଳେ ସାଢ଼େ ଆଠଟା ବେଳେ ମଧ୍ୟ କେନ୍ଦ୍ର ବନ୍ଦ ଥିଲା । ପରେ ଖବର ପାଇ ଅଙ୍ଗନୱାଡି କର୍ମୀ ମମତା ବେହେରା ଓ ସହାୟିକା କେନ୍ଦ୍ରରେ ପହଞ୍ଚିଥିଲେ । ଦିଦି ଙ୍କ କହିବା ଅନୁସାରେ ଆଜି ପିଲାଙ୍କୁ ଖାଇବାକୁ ଦିଆହେଇନଥିବା ବେଳେ ସହାୟିକା କହୁଛନ୍ତି ଆଠଜଣ ଙ୍କୁ ରନ୍ଧା ଖାଦ୍ୟ ଦିଆ ହୋଇଛି । ସେମାନେ କହୁଥିବା ପିଲା ଓ ଅଭିଭାବକ କହୁଛନ୍ତି ମୂଳରୁ ପିଲା କେନ୍ଦ୍ରକୁ ଯାଇନଥିବା ବେଳେ ପିଲାଙ୍କୁ ଖାଇବାକୁ ଦେଲା କିଏ ବୋଲି ପ୍ରଶ୍ନ କରିଛନ୍ତି । କିଶୋରୀ ବାଳିକା ଯୋଜନାରେ ମଧ୍ୟ ଅବ୍ୟବ୍ୟସ୍ଥା ଦେଖାଦେଇଛି । ପୋଡ଼ଗଡ଼ ଗାଁର ତିନିଜଣ କିଶୋରୀ ହଷ୍ଟେଲରେ ରହି ପାଠ ପଢୁଥିବା ବେଳେ କେବଳ ଅଙ୍ଗନୱାଡି କର୍ମୀ ଙ୍କ ଝିଅ ଏ ଯୋଜନାରେ ସାମିଲ ହେବାନେଇ ଗ୍ରାମର କିଛି କିଶୋରୀ ପରିବାର ଅଭିଯୋଗ କରିଛନ୍ତି । ଅଣ୍ଡା ଯୋଗାଣରେ ଦୁଇଟି କମ ଅଣ୍ଡା ଦେଇ ନେବାକୁ ବାଧ୍ୟ କରୁଛନ୍ତି ଦିଦି ଜଣକ । ଏହି କେନ୍ଦ୍ରରେ ସରକାରଙ୍କ ସମସ୍ତ ଯୋଜନାର ବାଟମାରଣା ଓ ଜାଲିଆତି ନେଇ ଅଭିଯୋଗ ହୋଇଆସୁଛି । ଣିହାଁ ବିଡ଼ିଓ ଙ୍କୁ ଏବିଷୟରେ ପଚାରିବାରୁ ସେ ବିଭାଗୀୟ ଅଧିକାରୀଙ୍କ ସାଙ୍ଗେ କଥା ହୋଇ କାର୍ଯାନୁଷ୍ଠାନ ନିଆଯିବ ବୋଲି କହିଥିଲେ ।

## ଧରତୀଆବା ଜନଜାତୀୟ ଗ୍ରାମ୍ୟ ଉତ୍କର୍ଷ ଅଭିଯାନ

# ୧୨୭ ଗ୍ରାମର ହେବ ବିକାଶ

ଢେଙ୍କାନାଳ,(ସବ୍ୟୁ) :ଧରତୀ ଆବା ଜନଜାତୀୟ ଗ୍ରାମ୍ୟ ଉତ୍କର୍ଷ ଅଭିଯାନ କାର୍ଯ୍ୟକ୍ରମ ଅନୁସୂଚିତ ଜନଜାତି ବହୁଳ ଗ୍ରାମ ଗୁଡିକରେ ଜନଜାତିମାନଙ୍କର ସର୍ବାଙ୍ଗୀନ ବିକାଶର ଲକ୍ଷ୍ୟ ରହିଛି । ଭାରତ ସରକାରଙ୍କ ୧୭ଟି ବିଭାଗର ୨୫ଟି କାର୍ଯ୍ୟକ୍ରମ ମାଧ୍ୟମରେ ସମସ୍ତ ମୌଳିକ ଆବଶ୍ୟକତା ପୂରଣ କରିବା ସହିତ ଜନଜାତି ସମ୍ପ୍ରଦାୟର ସାମାଜିକ ଓ ଅର୍ଥନୈତିକ ସ୍ଥିତିରେ ପରିବର୍ତ୍ତନ ଆଣିବା ପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯାଇଛି। ଗୃହ ନିର୍ମାଣ, ଗମନାଗମନ, ପାନୀୟ ଜଳ ଯୋଗାଣ, ଗ୍ୟାସ ସିଲିଣ୍ଡର ଯୋଗାଣ, ଆଦିବାସୀ ଛାତ୍ରଛାତ୍ରୀମାନଙ୍କ ପାଇଁ ହଷ୍ଟେଲ ଓ ଆଶ୍ରମ ବିଦ୍ୟାଳୟ ସ୍ଥାପନ, ଗ୍ରାମ୍ୟ ବିଦ୍ୟୁତକରଣ, ଅଫ ଗ୍ରୀଡରେ ସୌର ସଂଯୋଗ, ମହିଳାମାନଙ୍କ ଆର୍ଥିକ ସଶକ୍ତିକରଣ, ଜଙ୍ଗଲ ଅଧିକାର ଆଇନ ଇତ୍ୟାଦି ଯୋଜନା ମାଧ୍ୟମରେ ସେମାନଙ୍କ ବିକାଶ ସାଧାନ ପାଇଁ ଜୁନ୍ ୧୫ ତାରିଖରୁ ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ ସୂଚନା–ଶିକ୍ଷା–ଯୋଗାଯୋଗ କାର୍ଯ୍ୟକ୍ରମ ଢେଙ୍କାନାଳ ଜିଲ୍ଲାର ୬ଟି ବ୍ଲକ (ହିନ୍ଦୋଳ ଓ ଭୁବନ ବ୍ୟତୀତ) ୧୨୭ ଗ୍ରାମରେ ଅନୁଷ୍ଠିତ ହେବ । ଗ୍ରାମସ୍ତରରେ ସ୍ୱତନ୍ତ୍ର କ୍ୟାମ୍ପ ଆୟୋଜନ କରାଯାଇ ଆଧାରକାର୍ଡ, ଆୟୁଷ୍ମାନ ଭାରତ କାର୍ଡ, ଜାତିଗତ ପ୍ରମାଣପତ୍ର, କିଷାନ କ୍ରେଡିଟ୍ କାର୍ଡ ଇତ୍ୟାଦି ସୁବିଧା ଉପଲବ୍ଧ କରାଯିବ । ଏଥିନିମନ୍ତେ ଜିଲ୍ଲା ସ୍ତରରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଓ ବ୍ଲକ ସ୍ତରରେ ବିଡିଓଙ୍କ ଅଧ୍ୟକ୍ଷତାରେ କମିଟି ଗଠନ କରାଯାଇଛି ।

# ଓଡିଶାବାସୀଙ୍କ ପାଇଁ ନନ୍ଦିନୀଙ୍କ ଦିଗ୍‌ଦର୍ଶନ ଅବିସ୍ମରଣୀୟ



ଢେଙ୍କାନାଳ: ନନ୍ଦିନୀ ଦେବୀଙ୍କ ନେତୃତ୍ୱ ଏବଂ କାର୍ଯ୍ୟଶୈଳୀ ଆଜି ବି ଲୋକମୁଖରେ ଚର୍ଚ୍ଚିତ । ଓଡ଼ିଶାବାସୀଙ୍କ ପାଇଁ ତାଙ୍କର ଦିଗ୍ଦର୍ଶନ ଅବିସ୍ମରଣୀୟ । ମୁଖ୍ୟ ଅତିଥି ଭାବେ ଯୋଗଦେଇ ଢେଙ୍କାନାଳ ବନଖଣ୍ଡ ଅଧିକାରୀ ସୁମିତ୍ କୁମାର କର ଉପରୋକ୍ତ ମନ୍ତବ୍ୟ ଦେଇଥିଲେ । ''ନନ୍ଦିନୀ ଦେବୀ ଦୃଷ୍ଟିହୀନ ଓ ବଧିର ବିଦ୍ୟାଳୟ''ର ସଭାଗୃହରେ 'ସ୍ମୃତିରେ ନନ୍ଦିନୀ' ଶୀର୍ଷକ ଆଲୋଚନାଚକ୍ର ସୋମବାର ମଧ୍ୟାହ୍ନରେ ଆୟୋଜିତ ହୋଇଥିଲା । ଏହି ଅବସରରେ ନନ୍ଦିନୀ ଦେବୀଙ୍କ ନୂତନ ପ୍ରତିକୃତିରେ 'ଅକ୍ଷମ କଲ୍ୟାଣ ସମିତି'ର ସଭାପତି ପ୍ରଦ୍ୟୁମ୍ନ ରଥ ମାଲ୍ୟାର୍ପଣ କରିଥିଲେ । ଡଃ ଧିରେନ୍ଦ୍ର କୁମାର ଷଡଙ୍ଗୀଙ୍କ ରଚିତ 'ତ୍ରିଭାଷୀ ବ୍ରେଲି ବର୍ଣ୍ଣବୋଧ' (ଓଡିଆ, ହିନ୍ଦୀ ଓ ଇଂରାଜୀ) ପୁସ୍ତକ ଏବଂ 'ଦୃଷ୍ଟିହୀନ ଶିଶୁଙ୍କ ଲାଳନପାଳନ ଓ ବୌଦ୍ଧିକ ବିକାଶ' ଶୀର୍ଷକ ଦୁଇଟି ପୁସ୍ତକକୁ ମୁଖ୍ୟ ଅତିଥି ଡିଏଫ୍‌ଓ ଶ୍ରୀ କର ଲୋକାର୍ପଣ କରିଥିଲେ । ସଭାରେ ଅଧ୍ୟକ୍ଷତା କରି ଅକ୍ଷମ କଲ୍ୟାଣ ସମିତିର ସଭାପତି ପ୍ରଦ୍ୟୁମ୍ନ ରଥ ଢେଙ୍କାନାଳର ଶିକ୍ଷା, ଶିଳ୍ପ ଓ କୃଷି କ୍ଷେତ୍ରରେ ନନ୍ଦିନୀ ଦେବୀଙ୍କ ଅବଦାନ ସ୍ମରଣ କରିଥିଲେ । ଢେଙ୍କାନାଳରେ ମହିଳା ମହାବିଦ୍ୟାଳୟ, ଷ୍ଟାଡିୟମ୍, ଉପଗ୍ରହ ପ୍ରଶାରିତ ଶିକ୍ଷା କାର୍ଯ୍ୟକ୍ରମ, ଗୋବିନ୍ଦପୁର ସୂତାକଳ, ସିମିନଇ କଳତନ୍ତ ଓ ଉତ୍କଳ ଆଜବେଷ୍ଟସ୍ ଆଦି ପ୍ରତିଷ୍ଠାରେ ନନ୍ଦିନୀ ଦେବୀ ଅଗ୍ରଦୂତ ଥିଲେ । ଆଲୋଚନା ଚକ୍ରରେ ଢେଙ୍କାନାଳ ବାର୍ ଆସୋସିଏସନ୍‌ର ଉପସଭାପତି ଟଙ୍କଧର ବେହେରା, ଢେଙ୍କାନାଳ ସାନ୍ଧ୍ୟ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ. ସମୀର ସାହୁ, ସମାଜବାଦୀ ନେତା ସରୋଜ ଶତପଥୀ, କବୟିତ୍ରୀ ନିର୍ମଳା ମହାପାତ୍ର, ରାଜକୁମାର ରାଜୀବ ଲୋଚନ ସିଂହଦେଓ, ଆଇନ୍‌ଜୀବୀ କୃଷ୍ଣଚନ୍ଦ୍ର ଦ୍ୱିବେଦୀ, ପଦ୍ମଲୋଚନ ମହାପାତ୍ର, ପୂର୍ବତନ ପ୍ରଧାନଶିକ୍ଷକ ଦିବାକର ସାହୁ, ପ୍ରଧାନଶିକ୍ଷକ ମନୋଜ ପାଣିଗ୍ରାହୀ ଓ ଅକ୍ଷମ କଲ୍ୟାଣ ସମିତିର କୋଷାଧ୍ୟକ୍ଷ ମଳୟ ପାଣିଗ୍ରାହୀ ପ୍ରମୁଖ ଭାଗନେଇ ନନ୍ଦିନୀ ଦେବୀଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ପରିଚାଳନା କମିଟି ସଭ୍ୟ ଶରତ ସାହୁ ସଭା ସଂଯୋଜନା କରିଥିଲେ । ଦୃଷ୍ଟିହୀନ ବିଭାଗର ପ୍ରଧାନଶିକ୍ଷକ ମନୋଜ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଖଳବନ୍ଧ ରାଜସ୍ୱ ମୌଜା ସୀମା ନିର୍ଦ୍ଧାରଣକୁ ନେଇ ବିବାଦ

ଢେଙ୍କାନାଳ,(ସବ୍ୟୁ) ::ଢେଙ୍କାନାଳ ଜିଲ୍ଲା ସଦର ବ୍ଲକ ତରଭା ଗ୍ରାମରୁ ବାଦ ଦେଇ ଖଳିବନ୍ଧ ମୌଜାକୁ ରାଜସ୍ୱ ମୌଜାର ମାନ୍ୟତା ଦେବାକୁ ପ୍ରଶାସନ ତରଫରୁ ଉଦ୍ୟମ ହେଉଥିବା ବେଳେ ସୀମା ନିର୍ଦ୍ଧାରଣକୁ ନେଇ ତରଭା ଗ୍ରାମବାସୀ ମାନେ ଜିଲ୍ଲାପାଳଙ୍କୁ ଲିଖିତ ଭାବରେ ଅଭିଯୋଗ କରିଥିବାର ଜଣାପଡିଛି। ତରଭା ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ୧୯୯୬ ମସିହା ଠାରୁ ନୂତନ ରାଜସ୍ୱ ମୌଜା ଖଳିବନ୍ଧ ମୌଜାର ସୀମାନିର୍ଦ୍ଧାଣକୁ ନେଇ ବାରମ୍ବାର ଅଭିଯୋଗ ହୋଇ ଆସୁଛି। ଅଭିଯୋଗ ପରେ ସୀମା ନିର୍ଦ୍ଧାରଣ ସ୍ଥଗିତ ରହିଥିବା ବେଳେ ପୁଣି ଥରେ ଏହାର କାର୍ଯ୍ୟ ଆରମ୍ଭ ହୋଇଛି। ଗ୍ରାମବାସୀଙ୍କ ଅଗୋଚରରେ ତହସିଲ ତରଫରୁ ଖଳି ବନ୍ଧ କ୍ଷୁଦ୍ର ଜଳସଚେତନ ପ୍ରକଳ୍ପ,ଶିବ ମନ୍ଦିର,ତରଭା ରାମଚଣ୍ଡି ମନ୍ଦିର,ସତ୍ୟ ନାରାୟଣ ମନ୍ଦିର ଜମି ଗୁଡିକ ପ୍ରସ୍ତାବିତ ନକ୍ସାରେ ସ୍ଥାନିତ କରିବାକୁ ନେଇ ଅଭିଯୋଗ କରାଯାଇଥିଲା। କିନ୍ତୁ ଏହାକୁ ଅଗ୍ରାହ୍ୟ କରାଯାଇ ପୁଣି ଥରେ ନକ୍ସା ପ୍ରସ୍ତୁତ କରାଯାଉଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ତିବ୍ର ଅସନ୍ତୋଷ ଦେଖା ଦେବାସହିତ ଉଭୟ ଗ୍ରାମର ସହମତିରେ ସୀମା ନିର୍ଦ୍ଧାରଣ କରିବାକୁ ତରଭା ଗ୍ରାମବାସୀ ମାନେ ଜିଲ୍ଲାପାଳଙ୍କୁ ଲିଖିତ ଭାବରେ ଅଭିଯୋଗ କରିଛନ୍ତି।

## ଏନଟିପିସି, ଟିଟିପିଏସ୍ ପ୍ଲାଣ୍ଟରେ ଠିକା ନିଯୁକ୍ତି ପାଇଁ ଗଣଧାରଣା

ତାଳଚେର,(ସବ୍ୟୁ) : ତାଳଚେର ବ୍ଲକ ଅନ୍ତର୍ଗତ ସନ୍ଥପଡ଼ା ଗ୍ରାମର ଶତାଧିକ ପୁରୁଷ ଓ ମହିଳା ଆଜି ଟିଟିପିଏସରେ ନିଯୁକ୍ତି ଦାବିକରି ୩ନମ୍ବର ଫାଟକରେ ସମ୍ମୁଖରେ ଗଣଧାରଣାରେ ବସିଥିଲେ। ଘଟଣାରୁ ପ୍ରକାଶ, ଉକ୍ତ ଗ୍ରାମର ଜମିବାଡ଼ି ଟିଟିପିଏସ ଦ୍ୱାରା ଅଧିଗ୍ରହଣ କରାଯାଇଥିଲେ ମଧ୍ୟ ଦୀର୍ଘବର୍ଷରୁ ସେମାନେ ଠିକା ନିଯୁକ୍ତି ଦାବିକରି ଆନ୍ଦୋଳନ, ଦାବିପତ୍ର ଇତ୍ୟାଦି ପ୍ରଦାନ କରି ଆସୁଥିଲେ ହେଁ ଏହାକୁ କେହି ହେଲେ କର୍ଣ୍ଣପାତ କରୁନଥିବାରୁ ଆଜି ସେମାନେ ବାଧ୍ୟହୋଇ ଗେଟ ସମ୍ମୁଖରେ ଗଣଧାରଣା ଦେଇଥିଲେ। ଠିକା ନିଯୁକ୍ତି ନମିଳିବା ପର୍ଯ୍ୟନ୍ତ ସେମାନେ ପ୍ଲାଂଟ ମଧ୍ୟକୁ କୌଣସି କର୍ମଚାରୀଙ୍କୁ ଛାଡ଼ି ନଥିଲେ। ଘଟଣା ସ୍ଥଳରେ କୋଲିୟରୀ ପୋଲିସ୍ ପଂହଚି କ୍ଷତିଗ୍ରସ୍ତ ପ୍ରଜାଙ୍କୁ ବୁଝାସୁଝା କରିଥିଲା। ଖବର ଲେଖାହେଲା ବେଳକୁ କୌଣସି ନିସର୍ଷ ବାହାରି ପାରିନାହିଁ ବୋଲି କ୍ଷତିଗ୍ରସ୍ତ ପ୍ରଜାସଂଘର ସମ୍ପାଦକଙ୍କ ନିକଟରୁ ଜଣାପଡ଼ିଛି।

## ଡ଼ଃ ସୁନିତୀ ମିଶ୍ର ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ

ତାଳଚେର,(ସବ୍ୟୁ) : ତାଳଚେର ଅଗ୍ରଣୀ ସାମାଜିକ ସାଂସ୍କୃତିକ ଅନୁଷ୍ଠାନ ଡ଼ଃ ସୁନିତ ମିଶ୍ର ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ବିଶ୍ୱପରିବେଶ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ତାଳଚେର ସିଂହସାହି ଠାରେ ଥିବା ପବ୍ଲିକ ସ୍କୁଲ ପକ୍ଷରୁ ପରିବେଶ ଦିବସ ଅବସରରେ ବୃକ୍ଷରୋପଣ କରାଯାଇଥିଲା। ସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ବବିତା ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଟ୍ରଷ୍ଟର ସଭାପତି ସିଦ୍ଧେଶ୍ୱର ମିଶ୍ର, ମୁଖ୍ୟଅତିଥି ଓ ମୁଖ୍ୟବକ୍ତା ଭାବେ ମ୍ୟାନେଜିଙ୍ଗ ଟ୍ରଷ୍ଟି କିର୍ତୀମୋତି ମିଶ୍ର ଯୋଗଦେଇ ପରିବେଶ ଦିବସ ପାଳନ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହିତ ସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗୀତା ହୋଇଥିଲା ଓ କୃତୀଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରାଯିବା ସହ ନିଜ ପରିବେଶକୁ ତଥା ଆମ ପରିବେଶକୁ ସୁନ୍ଦର ଓ ସରସ କରାଯିବା ନେଇ ମିଳିତ ସଂକଳ୍ପ ନିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍କୁଲର ସମସ୍ତ ଛାତ୍ରଛାତ୍ରୀ ଓ ଶିକ୍ଷକ, ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ।

## ଅଙ୍ଗପଡାରେ ଜନଶୁଣାଣି

ଠାକୁରଗଡ ,(ସବ୍ୟୁ) : କିଶୋରନଗର ବ୍ଲକ ଅଙ୍ଗପଡା ପଞ୍ଚାୟତ ସଭାଗୃହ ପରିସରରେ ସୋମବାର ଦିନ ଜନ ଶୁଣାଣି କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ କିଶୋରନଗର ବିଡିଓ ସୁବ୍ରତ କୁମାର ବେହେରା ଯୋଗଦେଇ ସମସ୍ତ ଅଭିଯୋଗ ଗୁଡିକକୁ ବିଚାର କରି କିଭଳି ଶୀଘ୍ର ସମାଧାନ ହେବ ସେ ନେଇ ସମସ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦେଶ ଦେଇଥିଲେ ।ଏଥିରେ ବିଭିନ୍ନ ଗ୍ରାମ ରୁ ଲୋକେ ଯୋଗ ଦେଇ ଅଭିଯୋଗ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କିଶୋରନଗର ସିଡିପିଓ ଆରତି ସିଂ , ଅଙ୍ଗପଡା ସରପଞ୍ଚ ଜିତେନ୍ଦ୍ରେ ସାହୁ , ସମିତିସଭ୍ୟା ଶୈଳଭାମା ପ୍ରଧାନ , ସୁଜିତ କୁମାର ପ୍ରଧାନଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

## ଅଭିଯୋଗ ଶିବିର : ତତ୍‌କ୍ଷଣାତ ୧୩ ଅଭିଯୋଗର ଶୁଣାଣି

ପାଲଲହଡା,(ସବ୍ୟୁ) : ଆଜି ସ୍ଥାନୀୟ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅବସ୍ଥିତ ସମ୍ମିଳନୀ କକ୍ଷଠାରେ ଅନୁଗୁଳ ଜିଲ୍ଲାପାଳଙ୍କ ଏକ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଗୁଳ ଜିଲ୍ଲାପାଳ ଅବଦୁଲ ଏମ. ଅଖତାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା ।ଏଥିରେ ୭୧ଗୋଟି ବ୍ୟକ୍ତିଗତ ଏବଂ ୨୩ଗୋଟି ସାମୁହିକ ଅଭିଯୋଗ ଏଇଭଳି ମୋଟ ୯୪ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା । ସେଥିମଧ୍ୟରୁ ୧୩ଗୋଟି ଅଭିଯୋଗର ଶୁଣାଣି ତତକ୍ଷଣାତ କରାଯାଇଥିଲା।କରଡ଼ାପାଳ ପଂଚାୟତ ଅନ୍ତର୍ଗତ ବନ୍ଧକାନୀ ଗାଁ ର ରଶ୍ମିତା ପ୍ରଧାନଙ୍କୁ ପାଞ୍ଚ ହଜାର ଟଙ୍କା ଏବଂ ନିଜିଗଡ଼ ପଂଚାୟତ ଅନ୍ତର୍ଗତ କାଇସିରିପାଲି ଗାଁର ଶୈଳବାଳା ଜେନାଙ୍କୁ ୧ ହଜାର ଟଙ୍କା ରେଡ଼କ୍ରସ ପାଣ୍ଠିରୁ ଚିକିତ୍ସା ପାଇଁ ପ୍ରଦାନ କରାଯାଇଥିଲା । ଆଜିର ଏହି ଅଭିଯୋଗ ଶୁଣାଣି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଅନୁଗୁଳ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ରାହୁଲ ଜୈନ,ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର,ମୁଖ୍ୟ ଗଞ୍ଝଞ୍ଜଞ୍ଜ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବଦତ୍ତ ମହାନ୍ତ, ପ୍ରବେଶନରୀ ଆଇ ଏ ଏସ କସ୍ତୁରୀ ସା,ପାଲଲହଡା ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲ, ଉପଖଣ୍ଡ ଆରକ୍ଷୀ ଅଧିକାରୀ କୈଳାଶ ଚନ୍ଦ୍ର ସେଠି, ସ୍ଥାନୀୟ ତହସିଲଦାର ସୁଶ୍ରୀ ଆକାଂକ୍ଷା ମହାପାତ୍ର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ନିଶାନ ମିଶ୍ର, ପଂଚାୟତ ସମିତି ଅଧ୍ୟକ୍ଷା ରୀନାରାଣୀ ନାଏକ ତଥା ଜିଲ୍ଲାସ୍ତରୀୟ ଓ ଉପଖଣ୍ଡସ୍ତରୀୟ ସମସ୍ତ ଉଚ୍ଚ ପଦସ୍ଥ ଅଧିକାରୀ ଯୋଗ ଦେଇଥିଲେ ।

## ଭୂ–ଅର୍ଜନ ଅଧିକାରୀ ଓ ଜମିହରାଙ୍କ ମିଳିତ ଅଭିଯୋଗ ଶୁଣାଣି

ତାଳଚେର,(ସବ୍ୟୁ) :ମହାନଦୀ କୋଲଫିଲଡ଼ସ୍ ଲିମିଟେଡ଼ର ସ୍ୱତନ୍ତ୍ର ଭୂଅର୍ଜନ କାର୍ଯ୍ୟାଳୟ ପକ୍ଷରୁ ୪ର୍ଥ ପାଇଁ ମିଳିତ ଜମିହରା ପ୍ରଜାଙ୍କ ତାଳଚେର ଉପଜିଲ୍ଲାପାଳଙ୍କ ସଭାଗୃହ ଠାରେ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ଶିବିର ଅନୁଷ୍ଠିତ ହୋଇଛି। ଏହି ଶିବିରକୁ ଉପଜିଲ୍ଲାପାଳ ସମୀର ଜେନା ଅଧ୍ୟକ୍ଷତା କରିଥିଲେ। ଶିବିରରେ ମହାନଦୀ କୋଲଫିଲଡ଼ସ୍ ଲିମିଟେଡ଼ର ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ପ୍ରତାପ ହରି ପ୍ରଧାନ ସମସ୍ତ କ୍ଷେତ୍ରର ଅଧିକାରୀ ପୁନଃ ସ୍ଥାପନ ଏବଂ ପୁନଃ ଥଇଥାନ ଅଭିଯୋଗ ସମାଧାନ କାର୍ଯ୍ୟାଳୟର ଅଧିକାରୀ ପ୍ରେମାନନ୍ଦ ପ୍ରଧାନଙ୍କ ସହ ବିଭିନ୍ନ ଗ୍ରାମର ଜମିହରା ପ୍ରଜାମାନେ ସେମାନଙ୍କ ଅଭିଯୋଗ ଦାଖଲ କରିଥିଲେ। ଶିବିରରେ ସମୁଦାୟ ୧୬ଟି ଅଭିଯୋଗ ଗ୍ରହଣ କରାଯାଇ ଶୁଣାଣୀ ହୋଇଥିଲା। ଏହି ୧୬ଟି ଅଭିଯୋଗ ମଧ୍ୟରୁ ୧୧ଟି ଅଭିଯୋଗର ତୁରନ୍ତ ନିଷ୍ପତି ଗ୍ରହଣ କରାଯାଇଥିଲା ବୋଲି ପୁନଃ ସ୍ଥାପନ ଏବଂ ପୁନଃ ଥଇଥାନ ଅଭିଯୋଗ ସମାଧାନ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି।

## କନିଷ୍ଠ ଯନ୍ତ୍ରୀଙ୍କ ଅନୁପସ୍ଥିତରେ ଚାଲିଛି ପ୍ରକଳ୍ପ କାର୍ଯ୍ୟ

ଆଠମଲ୍ଲିକ,(ସବ୍ୟୁ) :ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ କିଆ କଟା ଗ୍ରାମପଞ୍ଚାୟତ ନାଏକ ପଡ଼ା ଗ୍ରାମୀଣ ହାଟ ନିର୍ମାଣ ଚାଲୁଥିବା ବେଳେ ବିଭାଗୀୟ ଅଧିକାରୀ କେହି ରହୁ ନଥିବା ଅଭିଯୋଗ କରି ମହାତ୍ମାଗାନ୍ଧୀ ସାପ୍ତାହିକ ଗ୍ରାମୀଣ ବଜାର କମିଟି ବୃନ୍ଦ ଙ୍କ ତରଫରୁ ବିଡ଼ିଓ ଟିଟସ ମହାନନ୍ଦିଆଙ୍କୁ ଦାବିପତ୍ର ଦେଇଥିବାର ଜଣାପଡିଛି। ତତସହିତ ସୂଚନା ଫଳକ ଲଗା ଯିବାକୁ ଦାବୀ କରାଯାଇଛି । ଦାବିପତ୍ର ଦେବା ସମୟରେ ରାଜ କୁମାର ସାହୁ, ନିରଞ୍ଜନ ସାହୁ, ଦେବ ରଞ୍ଜନ ପ୍ରଧାନ, ଧନଞ୍ଜୟ କର୍ମୀଙ୍କ ସମେତ ସଦସ୍ୟ ଯୋଗ ଦେଇଥିଲେ। ଦାବିପତ୍ର ଏକକିତା ନକଲ ମୁଖ୍ୟମନ୍ତ୍ରୀ, ପଞ୍ଚାୟତ ରାଜ ମନ୍ତ୍ରୀ ଓ ବିଧାୟକଙ୍କୁ ପ୍ରେରଣ କରାଯାଇଥିବା ଲିଖିତ ଭାବେ ଜଣା ଯାଇଛି । ଏ ବାବଦ ରେ ବିଡ଼ିଓ ଟିଟସ ମହା ନନ୍ଦିଆ ଙ୍କୁ ଯୋଗାଯୋଗ କରାଯିବାରୁ ଏହାର ସମାଧାନ କରାଯିବ ବୋଲି କହିଥିଲେ।

## ପୋଖରୀ ୱାଲ ନିର୍ମାଣ ପାଇଁ ସମୀକ୍ଷା

ଠାକୁରଗଡ ,(ସବ୍ୟୁ) : ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ନୁନୁକାପଶି ପଞ୍ଚାୟତର ୫୫ ନମ୍ବର ଜାତୀୟ ରାଜପଥ କଡରେ ଥିବା ଚନ୍ଦନ ପୋଖରୀରେ ୱାଲ ନିର୍ମାଣ ହେଉନି । ଫଳରେ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି । ବାରମ୍ବାର ଜାତୀୟ ରାଜପଥ ବିଭାଗ ଠାରେ ୱାଲ ନିର୍ମାଣ ପାଇଁ ଅଭିଯୋଗ କଲେ ମଧ୍ୟ ଶୁଣୁନଥିବା ଯୋଗୁଁ ଅଞ୍ଚଳବାସୀ ବଇଣ୍ଡା ଠାରେ ନିର୍ମାଣ ହେଉଥିବା ରାସ୍ତା କାମ କୁ ବିରୋଧ କରି ଆନ୍ଦୋଳନ କରିବା ପରେ ସୋମବାର ଦିନ ଜାତୀୟ ରାଜପଥ ବିଭାଗ ପକ୍ଷରୁ ଏକ ଟିମ ଆସି ସମୀକ୍ଷା କରିଛନ୍ତି । ଜାତୀୟ ରାଜପଥ ବିଭାଗ ର ପିଏମ ପ୍ରେମ ସାହୁ ଙ୍କ ସହ ଏକ ୩ ଜଣିଆ ଅଧିକାରୀ ଆସି ପୋଖରୀ ରେ କିପରି ୱାଲ ନିର୍ମାଣ ହେବ ସେ ନେଇ ସମୀକ୍ଷା କରିଛନ୍ତି । ବିଶେଷ କରି ଅଞ୍ଚଳବାସୀ ଙ୍କର ବହୁ ଦିନ ହେବ ଏହି ୱାଲ ର୍ନିମାଣ ପାଇଁ ଦାବି ହୋଇ ଆସୁଥିଲେ ମଧ୍ୟ ଜାତୀୟ ରାଜପଥ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନଥିବା ଅଞ୍ଚଳବାସୀ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ । ୨ୟ ୱାଲ ନିର୍ମାଣ କରା ନଗଲେ ଆଗାମୀ ଦିନରେ ପୋଖରୀ ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବା ଆଶଙ୍କା ଦେଖା ଦେଇଛି । ଗ୍ରାମବାସୀଙ୍କର ଦାବିକୁ ଅଧିକାରୀମାନେ ଆଲୋଚନା କରିବା ସହ କିଭଳି ୱାଲ ନିର୍ମାଣ କରାଯିବ ସେ ନେଇ ସମୀକ୍ଷା କରାଯିବ ବୋଲି ପ୍ରତିଶୃତି ଦେଇଥିଲେ । ଏଥିରେ ଗ୍ରାମ ଉପ ସଭାପତି ଅରବିନ୍ଦ ସାହୁ , ସହ ସମ୍ପାଦକ ପରୀକ୍ଷିତ ସାହୁ , ରାଜେସ ପ୍ରଧାନ , ସନ୍ତୋଷ ପ୍ରଧାନଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ ।

# ସାରସ୍ୱତ ସାଧକଙ୍କ ସ୍ମୃତିରେ ରକ୍ତଦାନ ଶିବିର



ବଅଁରପାଳ,(ସବ୍ୟୁ) :ଅନୁଗୋଳ ଜିଲ୍ଲା ନାଲକୋନଗର ସ୍ଥିତ ସେବା ଓ ସାଂସ୍କୃତିକ ର ଅଗ୍ରଣୀ ଅନୁଷ୍ଠାନ ସାରେଗାମା ପ୍ରଯୋଜିତ ବିଶିଷ୍ଟ ସାରସ୍ୱତ ସାଧକ ସ୍ୱର୍ଗତ ନିତ୍ୟାନନ୍ଦ ନାୟକଙ୍କ ସ୍ମୃତି ଉଦେଶ୍ୟରେ ସାରେଗାମା ଭବନରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲି । ଉକ୍ତ କାର୍ଯ୍ୟକ୍ରମି ସାରେଗାମା, ସ୍ୱେଚ୍ଛାସେବୀ ସଂଗଠନ ସ୍ପନ୍ଦନ ଓ ଜିଲ୍ଲା ରେଡ଼କ୍ରସ ସଂସ୍ଥାଙ୍କ ମିଳିତ ସହଯୋଗ ରେ ଅନୁଷ୍ଠିତ ହୋଇଥିଲା । ଶିବିର କାର୍ଯ୍ୟକ୍ରର୍ମ କୁ ମୁଖ୍ୟ ଅତିଥି ନାଲକୋ ର ନିର୍ବାହୀ ନିର୍ଦେଶକ ନରେଲା ସୁବ୍ରମଣ୍ୟମ, ସମ୍ମାନୀତ ଅତିଥି ଭାବେ ସମୂହ ମହାପ୍ରବନ୍ଧକ ( ସି ପି ପି ) ତଥା ସାରେଗାମାର ମୁଖ୍ୟ ପରାମର୍ଶଦାତା ସତ୍ୟବାଦୀ ମିଶ୍ର ଓ ଅନ୍ୟତମ ଅତିଥି ଭାବେ ସମୂହ ମହାପ୍ରବନ୍ଧକ (ମାନବ ସମ୍ବଳ ) ତଥା ସାରେଗାମା ର ସଭାପତି ଶୁଭେନ୍ଦୁ କୁମାର ନାୟକ ଙ୍କ ଦ୍ୱାରା ଉଦଘାଟିତ କରା ଯାଇଥିଲା । ପ୍ରାରମ୍ଭ ରେ ସମସ୍ତ ଅତିଥି ବୃନ୍ଦ ସ୍ୱର୍ଗତ ନିତ୍ୟାନନ୍ଦ ନାୟକ ଙ୍କ ଫଟୋଚିତ୍ର ରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ସ୍ୱର୍ଗତ ନାୟକଙ୍କ ଅମର ଆତ୍ମାର ସଦଗତି କାମନା କରି ୨ ମିନିଟ ର ନିରବ ପ୍ରାର୍ଥନା କରାଯାଇଥିଲା । ଶିବିର ରେ ରକ୍ତ ଦାନ ପାଇଁ ବହୁଳ ସ୍ୱେଛାକୃତ ଯୋଗଦାନ ପରିଲକ୍ଷିତ ହୋଇଥିଲା । ରକ୍ତଦାନ ଏକ ମହାପୁଣ୍ୟ ତଥା ଶିବିର ରେ ନାଲକୋ କର୍ମଚାରୀ, ପରିବାର ବର୍ଗ, ସି, ଆଇ ,ଏସଏଫ ଯବାନ, ନାଲକୋରେ କାର୍ଯ୍ୟ କରୁଥିବା ଘରୋଇ ସୁରକ୍ଷା କର୍ମଚାରୀ ତଥା ପାରିପାର୍ଶ୍ୱିକ ଅଞ୍ଚଳବାସି ସମୂହ ଯୋଗଦାନ କରି ରେକର୍ଡ ସଂଖ୍ୟକ ୬୨ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା । ଶିବିର ପରିଚାଳନା କରିଥିଲେ କିଶୋର କୁମାର ବେହେରା,ରଞ୍ଜନ ,ସ୍ୱାଇଁ, ରଶ୍ମିତା ଜେନା, ଦେବୀ ପ୍ରସାଦ ମହାପାତ୍ର, ଅଜୟ ମହାରଣା, ପ୍ରଦୀପ୍ତ ସାହୁ, ରମେଶ ସାହୁ ।

# ଜିଲ୍ଲା କଂଗ୍ରେସ ପକ୍ଷରୁ ନନ୍ଦିନୀ ଶତପଥୀଙ୍କ ଜୟନ୍ତୀ ପାଳିତ



ଢେଙ୍କାନାଳ,(ସବ୍ୟୁ) :ଜିଲ୍ଲା କଂଗ୍ରେସ ସଭାପତି ସୁନୀଲ ଦାଶଙ୍କ ନେତୃତ୍ୱରେ ଦଳର ନେତୃବୃନ୍ଦ ଏବଂ କର୍ମକର୍ତାମାନଙ୍କୁ ନେଇ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ନନ୍ଦିନୀ ଶତପଥୀଙ୍କ ୯୪ତମ ଜନ୍ମ ବାର୍ଷିକୀ ପାଳିତ ହୋଇ ଯାଇଛି । ସହରର ମୁଖ୍ୟ ଷ୍ଟାଡିୟମ ନିକଟରେ ଥିବା ନନ୍ଦିନୀ ଦେବୀଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ପୂର୍ବତନ ନେତ୍ରୀଙ୍କୁ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରାଯାଇଥିଲା । ନନ୍ଦିନୀ ଦେବୀଙ୍କର ଶୈଶବ ଅବସ୍ଥାରୁ ମାତ୍ର ୮ ବର୍ଷ ବୟସରେ ବ୍ରିଟିଶ ଶାସନ ବିରୁଦ୍ଧରେ ସ୍ୱର ଉତୋଳନ କରି ଜେଲ୍ ଯିବା ଠାରୁ ରାଜନୈତିକ ଜୀବନରେ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ଶାସନରେ ସୂଚନା ପ୍ରସାରଣ ବିଭାଗର ମନ୍ତ୍ରୀ ଦାୟିତ୍ୱରେ ଥିବା ସମୟରେ ବଙ୍ଗଳାଦେଶ ମୁକ୍ତି ସଂଗ୍ରାମରେ ଭାରତର ସହଯୋଗ ଏବଂ ପାକିସ୍ତାନ ସହିତ ଲଢ଼େଇ ସମୟରେ ଅଲ୍ ଇଣ୍ଡିଆ ରେଡିଓରେ ଶତୃପକ୍ଷକୁ ଠିକଣା ଜବାବ ଦେବା କାର୍ଯ୍ୟକୁ ସୁଚାରୁ ରୂପେ ପରିଚାଳନା କରି ପ୍ରଶଂସିତ ହେବା ଆଲୋଚିତ ହୋଇଥିଲା । ଓଡିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ (୧୯୭୨–୧୯୭୬) ଜଣେ ନେତା ଏବଂ ପ୍ରଶାସକ ଭାବରେ ଏକ ଗୁରୁତ୍ୱପୂର୍ଣ୍ଣ ଐତିହ୍ୟ ଛାଡିଯାଇଛନ୍ତି, ଯାହା ସାହସିକ, ପ୍ରଶାସନିକ, ସଂସ୍କାର ବିଶେଷ କରି ସାମନ୍ତବାଦୀ ଜମିଦାରୀ ପ୍ରଥାକୁ ବିଲୋପ କରି, ଭୂମିହୀନ ଆଦିବାସୀ ଓ ଦଳିତ ବର୍ଗର ବ୍ୟକ୍ତି ବିଶେଷଙ୍କୁ ଜମି ପଟ୍ଟା ପ୍ରଦାନ କରିବା, ମହିଳା ସଶକ୍ତିକରଣ, ଦୁର୍ନୀତି ବିରୁଦ୍ଧରେ କଠୋର କାର୍ଯ୍ୟକ୍ରମ ପାଇଁ ନନ୍ଦିନୀ ଦେବୀ ପ୍ରସିଦ୍ଧି ଲାଭ କରିଛନ୍ତି । ନନ୍ଦିନୀ ଶତପଥୀ ଢେଙ୍କାନାଳ ଏବଂ ଗନ୍ଦିଆ ନିର୍ବାଚନ ମଣ୍ଡଳୀରୁ ୭ଥର ବିଧାୟକ ଭାବରେ ନିର୍ବାଚିତ ହୋଇଥିଲେ । ଢେଙ୍କାନାଳ ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା ଠାରୁ ଆରମ୍ଭ କରି, ମହିଳା କଲେଜ, ଷ୍ଟାଡିୟମ ଆଦି ନିର୍ମାଣ କରି ନନ୍ଦିନୀ ଦେବୀ ଜିଲ୍ଲା ବାସୀଙ୍କର ସ୍ମୃତିରେ ସାଇତା ହୋଇ ରହିବା ସହ ୧୯୯୮ରେ ସାହିତ୍ୟ ଭାରତୀ ସମ୍ମାନ ପାଇଥିଲେ। ଏହି କାର୍ଯ୍ୟକ୍ରମରେ ପିସିସି ସମ୍ପାଦିକା ଶିଳ୍ପୀଶ୍ରୀ ହରିଚନ୍ଦନ, ଡାକ୍ତର ତୁଷାର କାନ୍ତି ନାୟକ, ବିନୟ ସାହୁ, ନିଶାକର ସାହୁ, ଜିତେନ୍ଦ୍ର ସାହୁ, ଜବୀର ବକ୍ସ, ସରୋଜ ସତପଥି , ପ୍ରିୟ ବ୍ରତ ଶାସମଲ, ବିଶ୍ୱଭୂଷଣ ନାୟକ, ଶକ୍ତି ପ୍ରସାଦ ବେହେରା ଓ ହାପି ସାହୁ ପ୍ରମୁଖ ଯୋଗଦାନ କରି ନନ୍ଦିନୀ ଶତପଥୀଙ୍କ ଜୀବନୀ ସମ୍ପର୍କରେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ୪ବାଲି ଗାଡି ଧରିଲେ ଏସ୍‌ଡିପିଓ

ଠାକୁରମୁଣ୍ଡା,(ସବ୍ୟୁ) : ଚୋରାରେ ଯାଉଥିବା ୪ ବାଲି ବୋଝେଇ ଚୋରା ଗାଡି ଉପଖଣ୍ଡ ପୋଲିସ ଅଧିକାରୀ ଜବତ କରି ଥାନା ଜିମା ଦେଇଛନ୍ତି । ଘଟଣାରୁ ପ୍ରକାଶଯେ, ସୋମବା ଭୋର ବେଳେ ଆନନ୍ଦପୁର ପଟରୁ ଚୋରା ବାଲି ନେଇ ୪ ହାଇଓ୍ୱା କରଞ୍ଜିଆ ଅଭିମୁଖେ ଯାଉଥିଲେ। ମହୁଲଡିହା ଏବଂ ଠାକୁରମୁଣ୍ଡା ଥାନା ଅତିକ୍ରମ କରିଯିବା ପରେ ପାଟବିଲରୁ ୨ ଟି, କେନ୍ଦୁମୁଣ୍ଡିରୁ ଗୋଟିଏ ଏବଂ ଠାକୁରମୁଣ୍ଡା ନିକଟବର୍ତ୍ତୀ ଚାଇଁବାଇଁଶୀ ପେଟ୍ରୋଲ ପମ୍ପ ନିକଟରୁ ଗୋଟିଏ ହାଇଓ୍ୱା ଜବତ କରି ୩ ଟି କରଞ୍ଜିଆ ଏବଂ ଗୋଟିଏ ଠାକୁରମୁଣ୍ଡା ଥାନା ଜିମା ଦେଇଥିଲେ।ରାତି ଏବଂ ଭୋରରେ ଚୋରା ବାଲି ଗାଡି ଯାଉଥିବା ଖବର ବିଶ୍ୱସ୍ତ ସୂତ୍ରରୁ ପାଇ ଉପଖଣ୍ଡ ପୋଲିସ ଅଧିକାରୀ ନବକୃଷ୍ଣ ନାଏକ ଯାଞ୍ଚ ଲକ୍ଷ୍ୟରେ ଆସି ୪ ଟି ହାଇଓ୍ୱା ଜବତ କରିବା ବେଶ ଚର୍ଚ୍ଚାର ଖୋରାକ ଯୋଗାଇଛି।

# ଅତିରିକ୍ତ ତହସିଲଦାରଙ୍କୁ ବାଲି ମାଫିଆଙ୍କ ସଂଘବଦ୍ଧ ଆକ୍ରମଣ : ୯ ଗିରଫ

ବାଲେଶ୍ୱର,(ସବ୍ୟୁ) :ମୟୁରଭଞ୍ଜ ଜିଲ୍ଲା ର କପ୍ତିପଦା ଥାନା ସମ୍ମୁଖରେ ଚଳିତ ମାସ ୨ ତାରିଖ ରେ ଅତିରିକ୍ତ ତହସିଲଦାର ଶ୍ରୀ କାନ୍ତ ମାଝିଙ୍କ କାର ଉପରେ ୨୦ ଜଣ ବାଲି ମାଫିଆ ଆକ୍ରମଣ କରି ତାଙ୍କୁ ରକ୍ତାକ୍ତ କରିଥିଲେ। ଏପରିକି ତାଙ୍କ କାର କୁ ଭାଙ୍ଗି ନଷ୍ଟ କରିଦେଇଥିଲେ। ପୂର୍ବାଞ୍ଚଳ ଡି ଆଇ ଜି ଡ଼. ସତ୍ୟଜିତ ନାୟକ ଙ୍କ ନିର୍ଦ୍ଦେଶ କ୍ରମେ ଚାରୋଟି ସ୍ୱତନ୍ତ୍ର ପୋଲିସ ଟିମ ଗଠନ କରାଯାଇ ଅପରାଧୀ ତଥା ବାଲି ମାଫିଆ ମାନଙ୍କୁ ଗିରଫ କରାଯିବା ପାଇଁ ଉଦ୍ୟମ କରାଯାଇଥିଲା। ଇତି ମଧ୍ୟରେ ଆଜି ସକାଳ ସୁଦ୍ଧା ମୋଟ ୯ ଜଣ ଆକ୍ରମଣକାରୀ ଙ୍କୁ ମୟୁରଭଞ୍ଜ, ଝାରଖଣ୍ଡ ଓ ପୁରୀ ରୁ ଗିରଫ କରାଯାଇଛି।ଆଜି ଏକ ଖବରଦାତା ସମ୍ମିଳନୀ ରେ ପୂର୍ବାଞ୍ଚଳ ପୋଲିସ ରେଞ୍ଜ ଡି ଆଇ ଜି ଡ଼.ସତ୍ୟଜିତ ନାୟକ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ପୋଲିସ ମହାନିର୍ଦ୍ଦେଶକ ଏଭଳି ଆତଙ୍କରାଜ ଘଟଣା କୁ ଆଦୌ ବରଦାସ୍ତ କରାଯିବ ନାହିଁ ବୋଲି ନିର୍ଦ୍ଦେଶ ଦେବା ସହ ପୋଲିସ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରୁଛି। କର୍ତ୍ତବ୍ୟରତ ସରକାରୀ କର୍ମଚାରୀ ଙ୍କ ଉପରେ ମରଣାନ୍ତକ ଆକ୍ରମଣ ଅତିରିକ୍ତ ତହସିଲଦାରଙ୍କୁ ହତ୍ୟା ପାଇଁ ଉଦ୍ୟମ, ସରକାରୀ କାମ ରେ ବାଧା ସୃଷ୍ଟି, ଆଇନ ଶୃଙ୍ଖଳା ପରିସ୍ଥିତି କୁ ନଷ୍ଟ ଓ କ୍ଷୁର୍ଣ୍ଣ କରିବା ପାଇଁ ଉଦ୍ୟମ ଭଳି ସଂଗୀନ ଦଫା ଲଗାଯାଇଛି ବୋଲି ଡି ଆଇ ଜି ସୂଚନା ଦେଇଛନ୍ତି। ଜୁନ ୩ ତାରିଖ ରେ ପ୍ରଥମେ ୩ ଜଣ,୫ ତାରିଖ ରେ ୩ ଜଣ ଜୁନ ୮ରେ ଦୁଇ ଜଣ ଝାରଖଣ୍ଡ ରାଜ୍ୟ ରୁ ଓ ଆଜି ସକାଳୁ ଜଣେ ପୁରୀ ରୁ ଗିରଫ ହୋଇଛନ୍ତି। ଅବଶିଷ୍ଟ ଆସାମୀମାନଙ୍କୁ ଖୁବ ଶୀଘ୍ର ଗିରଫ କରାଯିବ ବୋଲି ଡି ଆଇ ଜି ଡ଼. ନାୟକ ସୂଚନା ଦେଇଛନ୍ତି।ଉଲ୍ଲେଖ ଯୋଗ୍ୟ ଯେ ପୂର୍ବାଞ୍ଚଳ ପୋଲିସ ରେଞ୍ଜ ଅନ୍ତର୍ଗତ ବାଲେଶ୍ୱର, ମୟୁରଭଞ୍ଜ ଓ ଭଦ୍ରକ ଜିଲ୍ଲା ରେ ବିଗତ ଏକ ବର୍ଷ ମଧ୍ୟରେ ବାଲି ଚୋରା ଚାଲାଣର ୧୫ ଶହ ମାମଲା ରୁଜୁ କରାଯାଇ ୯ଶହ ଆସାମୀଙ୍କୁ ଗିରଫ କରାଯାଇଛି ୧୨ଶହ ଭାରି ଯାନ, ଟ୍ରାକ୍ଟର ଓ ବାଇକ ଜବତ କରାଯାଇଛି। ପୋଲିସ ପ୍ରଶାସନ ର ଏ ଭଳି ଦୃଢ଼ ପଦକ୍ଷେପ ଅବ୍ୟାହତ ରହିଥିବାରୁ ଜନସାଧାରଣ ଖୁସି ବ୍ୟକ୍ତ କରିଛନ୍ତି ।

# ପ୍ରତିଭା ପ୍ରଣାମ ମଞ୍ଚର ରାଜ୍ୟସ୍ତରୀୟ ଉତ୍ସବ



ଆନନ୍ଦପୁର ,(ସବ୍ୟୁ) : ପ୍ରତିଭା ପ୍ରଣାମ ମଞ୍ଚ ଆନନ୍ଦପୁର ଓ ଓଡିଶା ସାହିତ୍ୟ ଏକାଡେମୀ ମିଳିତ ସହଯୋଗରେ ଏକ ରାଜ୍ୟସ୍ତରୀୟ ଉତ୍ସବ ଭୁବନେଶ୍ୱରସ୍ଥିତ ଯୁଦ୍ଧ ମନ୍ଦିର ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି।ଏହି ଉତ୍ସବର ପ୍ରଥମ ଅଧିବେଶନରେ ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ।ମୁଖ୍ୟ ଅତିଥି ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଶିଶୁ ସାହିତ୍ୟିକ ବୀରେନ୍ଦ୍ର ମହାନ୍ତି, ସାହିତ୍ୟ ଏକାଡେମୀ ର ସହ ସଚିବ ସଞ୍ଜୟ କୁମାର ରାଉତରାୟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସଭାକୁ ଉଦ୍‌ଘାଟନ କରିଥିଲେ।ଏ ଅଧିବେଶନରେ ରାଜ୍ୟର ଆଠ ଗୋଟି ଜିଲ୍ଲାର ୫୬ ଜଣ କବି ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଓ ଏକାଡେମୀର ସହ ସଚିବ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଅବସରପ୍ରାପ୍ତ ଆଇଏଏସ୍ ଗୋସ୍ୱାମୀ ଗୋଲାମ ଦେବତା ସଭାପତିତ୍ୱ କରିଥିଲାବେଳେ ବେଳେ ମୁଖ୍ୟ ଅତିଥି ଭାବେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ଡ଼. ପ୍ରସନ୍ନ କୁମାର ସ୍ୱାଇଁ, ମୁଖ୍ୟବକ୍ତା ଭାବେ ଡ଼. କବିତା ବାରିକ ଯୋଗଦେଇ ଗୋବର୍ଦ୍ଧନ ନାୟକଙ୍କ ଲୁକ୍ ଆଣ୍ଡ ଲର୍ଣ୍ଣ , ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ପାୟସ ପୟୋଧି, ଅମୂଲ୍ୟ କୁମାର ମିଶ୍ରଙ୍କ ଭଜନ ସୁଧା ଓ ବିଦ୍ୟୁତ ପ୍ରଭା ଦେଓଙ୍କ ଜୀବନ ଧାରା ପୁସ୍ତକକୁ ଉନ୍ମୋଚନ କରିବା ସହିତ ପାଞ୍ଚୋଟି ଜିଲ୍ଲାର ବିଭିନ୍ନ ପ୍ରତିଭା ଙ୍କୁ ମାନପତ୍ର ଓ ଉତ୍ତରୀୟ ଅର୍ପଣ କରି ସମ୍ମାନିତ କରିଥିଲେ। ପ୍ରତ୍ନତତ୍ତ୍ୱବିତ୍ ଭାବେ ଡ଼. ଭାଗବତ ତ୍ରିପାଠୀ, ଅନୁବାଦକ ଭାବେ ଗୋବର୍ଦ୍ଧନ ନାୟକ,କବି ଲେଖକ ଭାବେ ପ୍ରଫୁଲ୍ଲ କୁମାର ଚକ୍ର,ପ୍ରେମ ପ୍ରବଣ କବି ଭାବେ ଡ଼. ଅଶୋକ କୁମାର ପୁହାଣ, କଳାକାର ଭାବେ ପ୍ରଭାତ କୁମାର ପଣ୍ଡା,ଓ ଉମାମଣି ପାଢ଼ୀ, ଶିଶୁ ସାହିତ୍ୟିକ ଭାବେ ନୀଳମଣି ଚାନ୍ଦ,ଡ଼. ଲକ୍ଷ୍ମୀକାନ୍ତ ଖୁଣ୍ଟିଆ,ଓ ନରେନ୍ଦ୍ର ନାଥ ପଟ୍ଟନାୟକ,କବି ଚତୁର୍ଭୁଜ ଜେନା, ଶିକ୍ଷାବିତ୍ ଶତ୍ରୁଘ୍ନ ଦାସ ଓ ଉଦ୍ଭାବକ ଭାବେ ଶରତ କୁମାର ପାତ୍ରଙ୍କୁ ସମ୍ମାନିତ କରାଯିବା ପରେ ଅତିଥିମାନେ ପୁରସ୍କୃତ ସମ୍ପର୍କରେ ମୂଲ୍ୟବୋଧ ବକ୍ତବ୍ୟ ପ୍ରଦାନ କରିଥିଲେ। ମଞ୍ଚର ଆବାହକ ରତ୍ନାକର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ଉପଦେଷ୍ଟା କୀର୍ତ୍ତନ ସାହୁ ସମ୍ବର୍ଦ୍ଧନା ପର୍ବକୁ ସଞ୍ଚାଳନ କରିଥିବା ବେଳେ ଅନ୍ୟତମ ଉପଦେଷ୍ଟା ରମାକାନ୍ତ ନାୟକ ମଞ୍ଚର ଉଦ୍ଦେଶ୍ୟ ଆଭିମୁଖ୍ୟ ପ୍ରଦାନ କରିଥିଲେ।ଏ ଅବସରରେ ସମସ୍ତ କବିଙ୍କୁ ପ୍ରଶସ୍ତି ପତ୍ର ପ୍ରଦାନ କରାଯାଇଥିଲା।

# ବିର୍ସାମୁଣ୍ଡାଙ୍କ ସହିଦ ଦିବସ ପାଳିତ



ମୋରଡ଼ା,(ସବ୍ୟୁ) : ବିର୍ସାମୁଣ୍ଡାଙ୍କ ୧୨୫ତମ ସହିଦ ଦିବସ ସୋମବାର ଦିନ ମୋରଡ଼ା ବ୍ଲକ ଅନ୍ତର୍ଗତ ଘୋଳମୁହାଁ ଠାରେ ପାଳିତ ହୋଇଯାଇଛି।ଘୋଳମୁହାଁ ପୂର୍ବତନ ସରପଞ୍ଚ ଦେବେନ୍ଦ୍ର ନାଥ ସିଂ ଭଲ୍ଲ କାର୍ଯ୍ୟକ୍ରମକୁ ଆୟୋଜନ କରିଥିବା ବେଳେ ପୂର୍ବତନ ସାଂସଦଙ୍କ ପତ୍ନୀ ସୁମିତ୍ରା ଟୁଡୁ ଯୋଗଦେଇ ମୁଣ୍ଡାରୀ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇ ଘୋଳମୁହାଁ ଛକ ଠାରେ ସ୍ଥାପିତ ପ୍ରତିମୂର୍ତ୍ତି ରେ ପୁଷ୍ପମାଲ୍ୟ ପୂର୍ବକ ଅର୍ପଣ କରିଥିଲେ। ମୁଣ୍ଡାରୀ ଭାଷା ସମନ୍ୱୟ ସମିତି ମୋରଡ଼ା ବ୍ଲକ ସଂଯୋଜକ ଦେବେନ୍ଦ୍ର ନାଥ ସିଂ ବିର୍ସାମୁଣ୍ଡାଙ୍କ ଜୀବନୀ ସମ୍ପର୍କରେ ଅଭିଭାଷଣ ଦେବାସହିତ ମୁଣ୍ଡାରୀ ଭାଷାର ପ୍ରଚାର ପ୍ରସାର ସହିତ ଅଷ୍ଟମ ଅନୁଚ୍ଛେଦରେ ଯୋଡିବା ନିମନ୍ତେ ସରକାରଙ୍କ ବିରୁଦ୍ଧରେ ଲଢେଇ କରିବାକୁ ହେବ । ଏକତ୍ରିତ ହୋଇଥିବା ଲୋକମାନେ ଏହାକୁ ସହମତି ଦେଇଥିବା ଦେଖାଯାଇଥିଲା । ଜଗମୋହନ ସିଂ,ଈଶ୍ୱର ସିଂ,ଜଗା ସିଂ,ପାର୍ବତୀ ସିଂ,କବିତା ସିଂ ପ୍ରମୁଖ ଅନ୍ୟମାନେ କାର୍ଯ୍ୟକ୍ରମ ଆୟଜନରେ ସହଯୋଗ କରିଥିଲେ ।

# ମିଠା ଦୋକାନରୁ ଚୋରି : ନାବାଳକ ଅଟକ

ସୋର,(ସବ୍ୟୁ) :ସୋର କଚେରୀ ସମ୍ମୁଖରେ ଥିବା ଏକ ମିଠା ଦୋକାନରୁ ଗତ ୩୧ ତାରିଖ ରାତିରେ ଦୋକାନର ଚାବି ଖୋଲି ହୋଇଥିବା ଟଙ୍କା ଲୁଟ ଘଟଣାରେ ପୁଲିସ ଜଣେ ନାବାଳକକୁ ଥାନାରେ ଅଟକ ରଖି ଘଟଣାର ତଦନ୍ତ ଆରମ୍ଭ କରିଛି।ସୂଚନା ଅନୁସାରେ ଗତ ୩୧ ତାରିଖ ଶନିବାର ଦିନ ଛତ୍ରପୁର ଗ୍ରାମର ଗୋବିନ୍ଦ ଚନ୍ଦ୍ର ସାହୁଙ୍କ ମିଠା ଦୋକାନର ଚାବି ଖୋଲି କେହି ଦୁର୍ବୃତ୍ତ ୧ ଲକ୍ଷ ୭୦ ହଜାର ଟଙ୍କା ସମେତ ଦାମୀ ଚକୋଲେଟ ଚୋରି ହୋଇଥିବା ନେଇ ଶ୍ରୀ ସାହୁ ସୋର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ମୁତାବକ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ପୁଲିସ ସିସିଟିଭି ଫୁଟେଜ ଆଧାରରେ ଜଣେ ନାବାଳକକୁ ଥାନାକୁ ଉଠାଇ ଆଣି ଅଟକ ରଖି ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି।

# ଅଟୋ- ବାଇକ ମୁହାଁମୁହିଁ : ଦୁଇ ଗୁରୁତର

ନୀଳଗିରି,(ସବ୍ୟୁ) : ରବିବାର ବିଳମ୍ବିତ ରାତି ପ୍ରାୟ ୮ ଟାରେ ନୀଳଗିରି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଔପଦା ବ୍ଲକ ବାର୍ଙ୍କଶବର୍ଣ୍ଣା ଗ୍ରାମର ଶଙ୍କର୍ଷଣ ଦାସଙ୍କ ପୁଅ ବାସୁଦେବ ଦାସ (୨୮) ଏବଂ ପ୍ରଭାକର ସାହୁଙ୍କ ପୁଅ ବିଶ୍ୱଜିତ ସାହୁ(୩୩) ଶେରଗଡ଼ ଛକରୁ ମାଛ ନେଇ ନୀଳଗିରି ଅଭିମୁଖେ ଆସୁଥିବା ବେଳେ ସିମୁଳିଆ ଛକ ନିକଟରେ ବିପରୀତ ଦିଗରୁ ଶେରଗଡ଼ ଅଭିମୁଖେ ଯାଉଥିବା ଏକ ଅଟୋ ଟି ବାଇକକୁ ଧକ୍କା ଦେଇ ଫେରାର ହୋଇଯାଇଥିଲା । ବାଇକରେ ଥିବା ଆରୋହୀ ଓ ସହଯୋଗୀ ରାସ୍ତାରେ ପଡ଼ି ଥିବାବେଳେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ନୀଳଗିରି ଦମକଳ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ଉଭୟଙ୍କୁ ନୀଳଗିରି ମେଡିକାଲରେ ଭର୍ତ୍ତି କରିଥିଲେ । ଏଥିରେ ଉଭୟଙ୍କ ଗୋଡ଼ ଭାଙ୍ଗିଯିବା ସହିତ ମୁହଁ ଓ ମୁଣ୍ଡରେ ଗଭୀର ଆଘାତ ଲାଗିଛି । ଅବସ୍ଥା ଉଦ୍‌ବେଗଜନକ ଥିବାରୁ ବାଲେଶ୍ୱର ବଡ଼ ଡାକ୍ତର ଖାନାକୁ ସ୍ଥାନାନ୍ତରିତ କରାଯାଇଛି । ଅପରପକ୍ଷରେ ଦୁର୍ଘଟଣା ଘଟାଇ ଥିବା ଅଜଣା ଅଟୋ କୁ ପୋଲିସ ପରେ ଧରିବା ସହିତ ଡ୍ରାଇଭରକୁ ଅଟକ ରଖିଛି ।

# ପୂର୍ବଶତ୍ରୁତାରୁ ମରଣାନ୍ତକ ଆକ୍ରମଣ ଅଭିଯୁକ୍ତକୁ ଧରିବାରେ ବିଫଳ ପୋଲିସ

ତିହିଡି,(ସବ୍ୟୁ):ତିହିଡି ଥାନା ଅନ୍ତର୍ଗତ ମୁକୁନ୍ଦପୁର ପଞ୍ଚାୟତର କାଳିମେଘା ଗାଁରେ ପୂର୍ବ ଶତ୍ରୁତାରୁ କରାଯାଇଥିବା ମରଣାନ୍ତକ ଆକ୍ରମଣ ଘଟଣାକୁ ଇତି ମଧ୍ୟରେ ସପ୍ତାହେ ବିତିଗଲଣି ଅଥଚ ଅଭିଯୁକ୍ତକୁ ପୋଲିସ ଧରିବାରେ ବିଫଳ ହୋଇଛି । ଯାହାକୁ ନେଇ ପୋଲିସର କାର୍ଯ୍ୟଦକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଆକ୍ରମଣର ଶିକାର ସୌମିତ୍ରୀ ପ୍ରଧାନ ଏବେ ଗୁରୁତର ଅବସ୍ଥାରେ କଟକ ବଡ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବେଳେ ଅଭିଯୁକ୍ତ ଫେରାର ଥିବା ପୋଲିସ ପକ୍ଷରୁ ଦର୍ଶାଯାଉଛି। ପ୍ରକାଶ ଯେ, କଣ୍ଟାବଣିଆ ଛକ ଠାରେ ଏକ ମହାଦେବ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେଉଥିଲା । ଚଳିତ ମାସ ୨ ତାରିଖ ଦିନ ସକାଳେ ସୌମିତ୍ରୀ ଦୈନନ୍ଦିନ ଭଳି ସେଠାରେ ଉପସ୍ଥିତ ରହି ଉକ୍ତ କାର୍ଯ୍ୟରେ ସହଯୋଗ କରୁଥିଲେ । ତେବେ ଅଭିଯୁକ୍ତ ଧନେଶ୍ୱର ପୂର୍ବ ଯୋଜନା ମୁତାବକ ସେଠାରେ ପହଞ୍ଚି ସୌମିତ୍ରୀଙ୍କୁ ଏକ ଧାରୁଆ ଅସ୍ତ୍ରରେ ଅତର୍କିତ ଭାବେ ମରଣାନ୍ତକ ଆକ୍ରମଣ କରିଥିଲା । ଯନ୍ତ୍ରଣାରେ ଛଟପଟ ସୌମିତ୍ରୀଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ସେଠାରେ ପହଞ୍ଚି ଯିବାରୁ ଧନେଶ୍ୱର ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲା। ଯିବା ବେଳେ ଅଭିଯୁକ୍ତ ଜଣଙ୍କ ସୌମିତ୍ରୀଙ୍କ ପାଖରେ ଥିବା ନଗଦ ୩୦ ହଜାର ଟଙ୍କା ଓ ମୋବାଇଲଟିକୁ ସାଙ୍ଗରେ ନେଇ ଯାଇଥିଲା । ପରେ ସୌମିତ୍ରୀଙ୍କୁ ଚିକିତ୍ସା ଲାଗି ପ୍ରଥମେ ତିହିଡି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ଏହି ଘଟଣାକୁ ନେଇ ସେହିଦିନ ସୌମିତ୍ରୀଙ୍କ ଭାଇ ସୁଜିତ ତିହିଡି ଥାନରେ ଲିଖିତ ଅଭିଯୋଗ କରିଥିବା ବେଳେ ସ୍ଥାନୀୟ ଲୋକେ ଆକ୍ରମଣରେ ବ୍ୟବହୃତ ମାରଣାସ୍ତ୍ରଟିକୁ ପୋଲିସର ଜିମା ଦେଇଥିଲେ । ପୋଲିସ ବିଭିନ୍ନ ଦଫାରେ ଏକ ମାମଲା ନଂ-୨୦୦/୨୪ ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା । ତେବେ ଘଟଣାକୁ ଇତି ମଧ୍ୟରେ ୭ ଦିନ ବିତି ଯାଇଥିଲେ ମଧ୍ୟ ପୋଲିସ ଅଭିଯୁକ୍ତକୁ ଧରୁ ନଥିବା ନେଇ ସୌମିତ୍ରୀଙ୍କ ସାନ ଭାଇ ସୁଜିତ ତିବ୍ର ଅସନ୍ତୋଷ ବ୍ୟକ୍ତ କରିବା ସହିତ ଖୁବଶିଘ୍ର ସେ ଭଦ୍ରକର ନୂଆ ଏସପିଙ୍କୁ ଭେଟି ନ୍ୟାୟ ଭିକ୍ଷା କରିବେ ବୋଲି ସୂଚନା ଦେଇଛନ୍ତି।

# କଟା ଗୋରୁ ମୁଣ୍ଡ ଜବତକୁ ନେଇ ଚାପା ଉତ୍ତେଜନା, ମାମଲା ରୁଜୁ

ଧାମନଗର,(ସବ୍ୟୁ): ଧାମନଗର ଏନଏସି ଅନ୍ତର୍ଗତ କାଟଣାପାହି ମିନି ଷ୍ଟାଡିୟମ ନିକଟ ଏକ ଖୋଲା ସ୍ଥାନରେ କିଛି କଟା ଗୋରୁ ମୁଣ୍ଡ ଜବତକୁ ନେଇ ଚାପା ଉତ୍ତଜନା ଦେଖାଯାଇଛି।ଏହି ଘଟଣାରେ ପୋଲିସ ଏକ ମାମଲା ରୁଜୁ କରିଛି।ଦେଖିବାକୁ ମିଳିଥିଲା। ସୋମବାର ସକାଳୁ ସର୍ବସାଧାରଣ ସ୍ଥାନରେ କଟା ଗୋରୁ ମୁଣ୍ଡ ପଡିଥିବାର ଦେଖି ଲୋକେ ତୁରନ୍ତ ସ୍ଥାନୀୟ ପୋଲିସକୁ ଖବର ଦେଇଥିଲେ। ଖବର ପ୍ରସାରିତ ହେବା ପରେ ବହୁ ଲୋକ ଉକ୍ତ ସ୍ଥାନରେ ରୁଣ୍ଡ ହୋଇଥିବାବେଳେ ପୋଲିସ ତୁରନ୍ତ ସେଠାରେ ପହଂଚି ପରିସ୍ଥିତିକୁ ଆୟତ୍ତ କରିଥିଲା। କଟା ଗୋରୁ ମୁଣ୍ଡ ଗୁଡିକୁ ସେଠାରୁ ପୋଲିସ ଉଠାଇ ନେଇଥିବାବେଳେ ଲୋକଙ୍କୁ ବୁଝାସୁଝା କରି ପରିସ୍ଥିତିକୁ ସମ୍ପୂର୍ଣ୍ଣ ଆୟତ୍ତକୁ ନେଇଥିଲେ। ଏହାପରେ ଧାମନଗର ପୋଲିସ ନିଜ ଆଡୁ ଥାନା କେଶ ନମ୍ବର ୨୦୮/୨୫ ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା ଜଣାଯାଇଛି। ତେବେ ଅଶାନ୍ତ ବାତାବରଣ ସୃଷ୍ଟି କରିବା ପାଇଁ ଜାଣିଶୁଣି କେହି ଦୁର୍ବୃତ୍ତ ଏପରି ଘଟଣା ଘଟାଇଛି ବୋଲି କୁହାଯାଉଛି।

# ବଜ୍ରାଘାତରେ ଫାଟିଲା ଜଗନ୍ନାଥ ମନ୍ଦିର ଦଧିନଉତି

ଭଦ୍ରକ,(ସବ୍ୟୁ):ବଜ୍ରାଘାତରେ ଭଦ୍ରକ ବ୍ଲକ ହରିପୁର ପଂଚାୟତ ହରିପୁର ଗ୍ରାମରେ ସ୍ଥିତ ଜଗନ୍ନାଥ ଓ ଶିବ ମନ୍ଦିରରେ ବ୍ୟାପକ କ୍ଷୟକ୍ଷତି। ଜଗନ୍ନାଥ ମନ୍ଦିରର ଦଧି ନଉତିର ନିମ୍ନ ଭାଗ ଭାଙ୍ଗିବା ସହିତ ଶିବ ମନ୍ଦିର ଗର୍ଭଗୃହରେ ଶକ୍ତି ପରିସର ଭାଙ୍ଗି ଯାଇଛି। ମନ୍ଦିରର ସାଜସଜା ପାଇଁ ନିର୍ମିତ ନାଗ,ହାତୀ ଆଦି ମଧ୍ୟ ବଜ୍ରାଘାତରେ ଭାଙ୍ଗି ଯାଇଛି। ଆଜି କାଲ ବୈଶାଖୀ ପ୍ରଭାବରେ ଅପରାହ୍ନ ସମୟରେ ଘଡଘଡି ସହ ବର୍ଷା ହୋଇଥିଲା। ଏହି ସମୟରେ ହୋଇଥିବା ପ୍ରବଳ ବଜ୍ରାଘାତ ପାଇଁ ମନ୍ଦିରର ବିଭିନ୍ନ କ୍ଷୟକ୍ଷତି ଘଠାଇଛି। ଯାହାକୁ ନେଇ ସ୍ଥାନୀୟ ଭକ୍ତଙ୍କ ମଧ୍ୟରେ ଦୁଃଖର ଛାୟା ଖେଳିଯାଇଛି।

# ବିଜେପିରେ ମିଶିଲେ ଚକ ଜଗନ୍ନାଥପୁର ସରପଞ୍ଚ

ବାହାନଗା, (ସବ୍ୟୁ) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ନୀଳଗିରି ନିର୍ବାଚନ ମଣ୍ଡଳୀ ବାହାନଗା ବ୍ଲକ ଚିକଜଗନ୍ନାଥପୁର ପଞ୍ଚାୟତର ସରପଞ୍ଚ ଜୟଶ୍ରୀ ସେଠୀଙ୍କ ସମେତ ୱାର୍ଡ ସଭ୍ୟାସଭ୍ୟ ୧୨ ଭାରତୀ ବିନ୍ଧାଣି, ବାସନ୍ତୀ ସିଂ, କମଳାକାନ୍ତ ଜେନା, ବ୍ରଜ ମୋହନ ପାଢ଼ୀ ତଥା ବରିଷ୍ଠ କାର୍ଯ୍ୟକର୍ତ୍ତା କୃତିନାଥ ରାଉତ, ପ୍ରଭାକର ରାଉତ, ନିରଞ୍ଜନ ବେହେରା, ବିଜୟ କୁମାର ରାହୁଳ, ପ୍ରଶାନ୍ତ ମହାପାତ୍ର, ସ୍ମିତିରଞ୍ଜନ ଦାସ, ବିଶ୍ୱନାଥ ପଲେଇ, କରୁଣାକର ବିନ୍ଧାଣି, ବ୍ରଜ ସିଂ, ଦୁର୍ଗା ସିଂ ପ୍ରମୁଖ ବିଧିବଦ୍ଧ ଭାବେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆଙ୍କ ଫାର୍ମ ହାଉସରେ ବିଜେଡି ଛାଡ଼ି ବିଜେପିରେ ଯୋଗଦାନ କରିଛନ୍ତି । ବିଧାୟକ ଶ୍ରୀ ଖଟୁଆ ସେମାନଙ୍କୁ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ଉକ୍ତ ମିଶ୍ରଣ ପର୍ବ ଅବସରରେ ବାହାନଗା ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ମିଶ୍ର, ବିଧାୟକ ପ୍ରତିନିଧି ପ୍ରଫୁଲ୍ଲ ସାମନ୍ତରାୟ, ଲକ୍ଷ୍ମୀଧର ଜେନା, ନିରଂଜନ ମହାଲିକ, ମଧୁସୂଦନ ବାରିକ ଓ ମନୋଜ କୁମାର ପାଣ୍ଡିଆ ପ୍ରମୁଖ ଉପସ୍ଥିତ ଥିଲେ ।

# ଚିକିତ୍ସା ଅବହେଳାରୁ ଶିଶୁ ମୃତ୍ୟୁ ଅଭିଯୋଗ

ଭଦ୍ରକ,(ସବ୍ୟୁ):ଚିକିତ୍ସା ଅବହେଳାରୁ ଶିଶୁ ମୃତ୍ୟୁ ଅଭିଯୋଗ ଆସିଛି। ବାସୁଦେବପୁର ଥାନାଧିନ କରଞ୍ଜଆଡ଼ିଆ ଗ୍ରାମର ଜଗନ୍ନାଥ ସେଠିଙ୍କ ଭିନ୍ନକ୍ଷମ ଝିଅ ମାମୁନି ସେଠିଙ୍କୁ ଜ୍ୱର ହେବାରୁ ସେ ଗତ ୫ତାରିଖରେ ଏକ ଘରୋଇ କ୍ଲିନିକକୁ ଆଣି ଡାକ୍ତରଙ୍କୁ ଦେଖାଇଥିଲେ। ଡାକ୍ତର ମେଡିସିନ ଦେଲେ ୫ଦିନ ପରେ ପୁଣି ଥରେ ଆସିବାକୁ କହିଲେ।ହେଲେ ତିନିଦିନ ପରେ ସ୍ୱାସ୍ଥ୍ୟବସ୍ଥା ବିଗିଡ଼ିବାରୁ ସୋମବାର ସକାଳେ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ ପରିବାର ଲୋକେ। ତେବେ ପରିବାର ଲୋକେ ପୁରୁଣା ଡିଏଚଏଚକୁ ଆଣିଥିବାବେଳେ ଡାକ୍ତର ତାଙ୍କ ଶିଶୁ ମାତୃ ଚିକିତ୍ସାଳୟ ଗେଲପୁର ନେବାକୁ କହିଥିଲେ । କିନ୍ତୁ କୌଣସି ଚିକିତ୍ସା ଡାକ୍ତର ନକରିବାରୁ ଶିଶୁଟି ମୃତ୍ୟୁବରଣ କରିଥିବା ନେଇ ଅଭିଯୋଗ କରିଛନ୍ତି ପରିବାର ଲୋକେ। ଶିଶୁ କନ୍ୟାର ମା କହିଛନ୍ତି ଘରୋଇ କ୍ଲିନିକର ଜନୈକ ଡାକ୍ତର ଅଧିକ ଚିକସା ପାଇଁ ବଡ ଡାକ୍ତରଖାନାକୁ ରେଫର କରିନଥିଲେ ବରଂ ଝିଅ ଭଲ ହୋଇଯିବ କହି ଘରକୁ ନେଇଯାଅ କହିଥିଲେ ।ଯାହାଙ୍କ ପାଇଁ ମୋ ଝିଅ ଆଜି ମୃତ୍ୟୁବରଣ କରିଛି ବୋଲି କାନ୍ଦି କାନ୍ଦି କହି ଚେତାଶୂନ୍ୟ ହେଉଛି ମା। ସବୁଠାରୁ ବଡ କଥା ହେଉଛି ଭଦ୍ରକ ପୁରୁଣା ଡିଏଚଏଚଚିକିତ୍ସା ଅବହେଳାରୁ ଶିଶୁ ମୃତ୍ୟୁ ଅଭିଯୋଗ ସବୁଠାରୁ ବଡ କଥା ହେଉଛି ଭଦ୍ରକ ପୁରୁଣା ଡିଏଚଡିଏଚରେ କାହିଁକି ଶିଶୁଟିକୁ ପ୍ରାଥମିକ ଚିକିତ୍ସା କରାଗଲା ନାହିଁ। ଗେଲପୁରକୁ ନେବାକୁ କହି କାହିଁକି ଚିକିତ୍ସାରେ ଅବହେଳା କଲେ କି ଡାକ୍ତର? ପୁରୁଣା ନୂଆ ମେଡିକାଲ ଆଳରେ ଚାଲି ଗଲାକି ଜଣେ ଭିନ୍ନକ୍ଷମ ଝିଅର ନୀରିହ ଜୀବନ? ଯାହା ଏବେ ସବୁଠୁ ବଡ ପ୍ରଶ୍ନ ସୃଷ୍ଟି କରିଛି। ତେବେ ଭୁଲ କାହାର ଘରୋଇ କ୍ଲିନିକର ଡାକ୍ତରଙ୍କର ନା ମୁଖ୍ୟଚିକିତ୍ସାଳୟର ଡାକ୍ତର ତାହା ତଦନ୍ତ ପରେ ସ୍ପଷ୍ଟ ହେବ। ତେବେ ଏ ନେଇ ପୋଲିସ ପାଖରେ ଅଭିଯୋଗ ହୋଇନଥିବା ଜଣାପଡିଛି।

# ଶୁଭମ ସଂଗଠନକୁ ପ୍ରକୃତିମିତ୍ର ପୁରସ୍କାର

ଭଦ୍ରକ,(ସବ୍ୟୁ):ରାଜ୍ୟସ୍ତରୀୟ ବିଶ୍ୱ ପରିବେଶ ଦିବସ ସମାରୋହରେ ଶୁଭମ ସ୍ୱେଚ୍ଛାସେବୀ ସଂଗଠକୁ ତୃତୀୟ ଥର ପାଇଁ ପ୍ରକୃତିମିତ୍ର ପୁରସ୍କାର ମିଳିଛି। ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଭୁବନେଶ୍ୱର ସ୍ଥିତି କୃଷି ଶିକ୍ଷା ଅଡ଼ିଟୋରିୟମ ଠାରେ ଏହି ସମାରୋହ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ,ସମ୍ମାନିତ ଅତିଥି ଭାବେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ,ମୁଖ୍ୟ ଶାସନ ସଚିବ ମନୋଜ ଆହୁଜ,ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ସହିତ ରାଜ୍ୟ ପ୍ରଦୂଷଣ ବୋର୍ଡର ନିର୍ଦ୍ଦେଶକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଚଳିତ ବର୍ଷ ଭଦ୍ରକ ବ୍ଲକ ଅଂଚଳରେ ପରିବେଶ ସୁରକ୍ଷା ଓ ସଚେତନତା କ୍ଷେତ୍ରରେ ଉଲ୍ଲେଖନିୟ କାର୍ଯ୍ୟ ପାଇଁ ଶୁଭମ ସ୍ୱେଚ୍ଛାସେବୀ ସଂଗଠନକୁ ରାଜ୍ୟସ୍ତରୀୟ ପ୍ରକୃତିମିତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। ଏହାକୁ ମାନ୍ୟବର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଏବଂ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦାନ କରିଥିଲେ। ଶୁଭମ ସଂଗଠନକୁ ଏହି ପୁରସ୍କାର ପ୍ରଦାନ ସହିତ କୋଡିଏ ହଜାର ଟଙ୍କାର ଆର୍ଥିକ ରାଶି ମଧ୍ୟ ପ୍ରଦାନ କରାଯାଇଥିଲା। ତେବେ ଏହି ସଂଗଠନ ପୂର୍ବରୁ ଦୁଇ ଥର ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପ୍ରକୃତି ମିତ୍ର ପୁରସ୍କାର ପାଇ ଥିବାବେଳେ ଚଳିତ ବର୍ଷ ତୃତୀୟ ଥର ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ତେଣୁ ସଂଗଠନ ସବୁ କର୍ମକର୍ତାଙ୍କ ମଧ୍ୟରେ ଆନନ୍ଦ ଦେଖାଯାଇଛି। ତେଣୁ ସଂଗଠନ ପକ୍ଷରୁ ଏଥିପାଇଁ ଜିଲ୍ଲା ପରିବେଶ ସମିତି ଓ ରାଜ୍ୟ ସରକାରଙ୍କୁ କୃତଜ୍ଞତା ସହିତ ଧନ୍ୟବାଦ ଜଣାଯାଇଛି।

# ଗଜାନନ କାଲେ ଟିପିଏନଓଡିଏଲର ନୂଆ ସିଇଓ 'ଡେଜିଗନେଟ୍'



ବାଲେଶ୍ୱର,(ସବ୍ୟୁ) :ଟାଟା ପାଓ୍ୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ନର୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏନଓଡିଏଲ)ର ନୂତନ କାର୍ଯ୍ୟ ନିର୍ବାହୀ ଅଧିକାରୀ(ସିଇଓ-ଡେଜିଗନେଟ୍) ଭାବେ ଗଜାନନ ଏସ କାଲେ ଦାୟିତ୍ୱ ଗ୍ରହଣ କରିଛନ୍ତି। ବିଦ୍ୟୁତ ବିତରଣ କ୍ଷେତ୍ରରେ ତିନି ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟର ଅଭିଜ୍ଞତା ରଖିଥିବା ଶ୍ରୀ କାଲେ ଦେଶର ବହୁ ନାମିଦାମୀ ବିଦ୍ୟୁତ ବିତରଣ କମ୍ପାନୀରେ ଗୁରୁ ଦାୟିତ୍ୱ ବହନ କରିଛନ୍ତି। ସେ ନାଗପୁର ସ୍ଥିତ ଏନଆଇଟିରୁ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂରେ ସ୍ନାତକୋତ୍ତର ହାସଲ କରିଥିବାବେଳେ ଆଇଆଇଏମ ଅହମ୍ମଦାବାଦରୁ ପରିଚାଳନା କ୍ଷେତ୍ରରେ ଡିଗ୍ରୀ ହାସଲ କରିଛନ୍ତି। ବିଦ୍ୟୁତ ବିତରଣ ଓ ପରିଚାଳନା କ୍ଷେତ୍ରରେ ତାଙ୍କର ଦୀର୍ଘ ୩୩ ବର୍ଷର ଅଭିଜ୍ଞତା ରହିଛି। ନିଜର ଅଭିମତ ରଖି ଶ୍ରୀ କାଲେ କହିଛନ୍ତି ଯେ, ଉପଭୋକ୍ତାଙ୍କୁ ଗୁଣାତ୍ମକ ଓ ନିର୍ଭରଯୋଗ୍ୟ ବିଜୁଳି ସେବା ଯୋଗାଇବା ପାଇଁ ଟିପିଏନଓଡିଏଲ ସର୍ବଦା ପ୍ରତିଶ୍ରୁତିବଦ୍ଧ। ଅତ୍ୟାଧୁନିକ ଜ୍ଞାନକୌଶଳ ଓ ଅଭିନବ ପରିଚାଳନା ପଦ୍ଧତି ଦ୍ୱାରା ଉପଭୋକ୍ତାଙ୍କୁ ଗୁଣାତ୍ମକ ବିଜୁଳି ସେବା ଯୋଗାଇବା ଆମର ସର୍ବଦା ଲକ୍ଷ୍ୟ। ଟିପିଏନଓଡିଏଲର ସିଇଓ(ଡେଜିଗନେଟ୍) ଭାବେ ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ ଶ୍ରୀ କାଲେ ଦିଲ୍ଲୀ ବିଦ୍ୟୁତ୍ ବିତରଣ ନିଗମ ତଥା ଟିପିଡିଡିଏଲର ସିଇଓ ଭାବେ ଦାୟିତ୍ୱ ନିର୍ବାହ କରୁଥିଲେ। ଏହା ପୂର୍ବରୁ ସେ ଓଡିଶାର ଟିପିଡବ୍ଲ୍ୟୁଡିଏଲ, ଆଜମେରର ଟିପିଏଡିଏଲ ରେ ମଧ୍ୟ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବେ ଦାୟିତ୍ୱ ନିର୍ବାହ କରିଛନ୍ତି। ତେବେ ଟିପିଡିଡିଏଲର ନୂତନ କାର୍ଯ୍ୟ ନିର୍ବାହୀ ଅଧିକାରୀ(ସିଇଓ) ଭାବେ ଟିପିଏନଓଡିଏଲ ପୂର୍ବତନ ସିଇଓ ଦ୍ୱିଜଦାସ ବସାକଙ୍କ ବଦଳି ହୋଇଛି। ସୂଚନାଥାଉକି ଟିପିଏନଓଡିଏଲ ପ୍ରାୟ ୯୭ଲକ୍ଷ ଲୋକଙ୍କୁ ବିଜୁଳି ସେବା ଯୋଗାଉ ଥିବାବେଳେ ୨୦ ଲକ୍ଷରୁ ଅଧିକ ପଞ୍ଜୀକୃତ ଉପଭୋକ୍ତା ଅଛନ୍ତି। ବାଲେଶ୍ୱର, ଭଦ୍ରକ, ମୟୁରଭଞ୍ଜ, କେନ୍ଦୁଝର ଓ ଯାଜପୁର ଜିଲ୍ଲାର ୨୭ହଜାର ୯୨୦ ବର୍ଗ କିଲୋମିଟର ଅଞ୍ଚଳକୁ ଟିପିଏନଓଡିଏଲ ବିଦ୍ୟୁତ ବିତରଣ କରୁଛି।


# ଖଇରା କଲେଜ ୧୯୯୮ ବ୍ୟାଚ ଗ୍ରାଜୁଏଟଙ୍କ ବନ୍ଧୁମିଳନ




ଖଇରା,(ସବ୍ୟୁ) :ବାଲେଶ୍ୱର ଜିଲ୍ଲା ର ଅନ୍ୟତମ ଖ୍ୟାତି ସମ୍ପର୍ଣ୍ଣ ଖଇରା କଲେଜ ୧୯୯୮ ବ୍ୟାଚ ଗ୍ରାଜୁଏଟଙ୍କର ଏକ ବନ୍ଧୁମିଳନ ଉତ୍ସବ ରବିବାର ଦିନ ଖଇରା ଇଣ୍ଡେନ ଗ୍ୟାସ କାର୍ଯ୍ୟାଳୟ ପରିସରରେ ଅବିନାଶ ମହାନ୍ତି ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇ ଯାଇଛି । ପବିତ୍ର ଖିଲାରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଖଇରା କଲେଜର ପ୍ରାକ୍ତନ ଓଡିଆ ପ୍ରଧ୍ୟାପକ ଲକ୍ଷ୍ମଣ ଶତପଥୀ,ଇଂରାଜୀ ଅଧ୍ୟାପକ ବନମାଳୀ ବାରିକ,ରାଜନୀତି ବିଜ୍ଞାନ ଅଧ୍ୟାପକ ଆର୍ତ୍ତବନ୍ଧୁ ନାୟକ,ଅର୍ଥନିତୀ ବିଜ୍ଞାନ ପ୍ରାଧ୍ୟାପକ ଡ. ଗୋପବନ୍ଧୁ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ପୁରାତନ ଛାତ୍ରୀଛାତ୍ର ମାନେ କଲେଜର ଉନ୍ନତି ପାଇଁ ଆର୍ଥିକ ଓ ମାନସିକ ସ୍ତରରେ ସହଯୋଗ କରିବାକୁ ପରାମର୍ଶ ଦେଇଥିଲେ । ରଞ୍ଜନ କୁମାର ମହଲା ମଞ୍ଚ ପରିଚାଳନା କରିଥିଲେ। ଯୋଗ ଦେଇଥିବା ପୁରାତନ ଛାତ୍ରଛାତ୍ରୀ ମାନେ ୨୭ବର୍ଷ ପୂର୍ବର ପୁରୁଣା ସ୍ମୃତିକୁ ନେଇ ପରସ୍ପର ମଧ୍ୟରେ ଭାବ ବିନିମୟ କରିଥିଲେ ।

## ଜିନ୍ଦଲ ଷ୍ଟିଲର କାଶିଆ ମାଇନ୍ସରେ ଫ୍ଲାଗ ଫାଉଣ୍ଡେସନ୍ ଅଫ୍ ଇଣ୍ଡିଆର ସ୍ମାରକୀ ଜାତୀୟ ପତାକା ସ୍ତମ୍ଭ ସ୍ଥାପନ

# ଜାତୀୟ ପତାକା ସମସ୍ତ ଭାରତୀୟଙ୍କ ପାଇଁ ଗୌରବର ଉତ୍ସ : ନବୀନ ଜିନ୍ଦଲ





କେନ୍ଦୁଝର (ସ୍ୱପ୍ର) :ଜାତୀୟ ପତାକା ଏକତା, ସ୍ୱାଭିମାନ ଓ ଆମ ସାମଗ୍ରିକ ଆକାଂକ୍ଷାର ପ୍ରତୀକ। ଏହା ସମସ୍ତ ଭାରତୀୟଙ୍କ ପାଇଁ ପ୍ରେରଣାର ଉତ୍ସ। କୁରୁକ୍ଷେତ୍ର ସାଂସଦ, ଫ୍ଲାଗ ଫାଉଣ୍ଡେସନ ଅଫ୍ ଇଣ୍ଡିଆ ସଭାପତି ତଥା ଜିନ୍ଦଲ ଷ୍ଟିଲ ଆଣ୍ଡ ପାଓ୍ୱାର (ଜେଏସପି) ଅଧ୍ୟକ୍ଷ, ନବୀନ ଜିନ୍ଦଲ କେନ୍ଦୁଝର ଜିଲ୍ଲା କାଶିଆ ଆଇରନ ଆଣ୍ଡ ଡୋଲୋମାଇଟ ମାଇନ୍ସ ପରିସରରେ ୭୨ଫୁଟ ଉଚ୍ଚ ସ୍ମାରକୀ ଜାତୀୟ ପତାକା ସ୍ତମ୍ଭକୁ ଲୋକାର୍ପିତ କରିବା ଅବସରରେ ଏହା କହିଛନ୍ତି।ଏହି ଗଗନଚୁମ୍ବୀ ସ୍ମାରକୀ ସ୍ତମ୍ଭରେ ୧୬ ଗୁଣନ ୨୪ ଫୁଟ ବିଶାଳ ତ୍ରିରଙ୍ଗାର ଉତ୍ତୋଳନ ଜାତୀୟ ଗୌରବ ତଥା ଆଞ୍ଚଳିକ ପରିଚୟର ପ୍ରତୀକ।କେନ୍ଦୁଝର ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମାଆ ତାରିଣୀ ଓ ମହାପ୍ରଭୁ ବଳଦେବ ଜୀଉଙ୍କ ନିକଟରେ ସ୍ଥାନୀୟ ଅଧିବାସୀଙ୍କ ମଙ୍ଗଳ କାମନା କରିବା ସହ ଦେଶର ସ୍ୱାଧୀନତାରେ ଧରଣୀଧର ଭୂୟାଁ, ଧରଣୀଧର ନାୟକ, ରତ୍ନା ନାୟକ ଓ ମଦନ ପଟ୍ଟନାୟକ ଏବଂ ଜିଲ୍ଲାର ଅନ୍ୟ ସ୍ୱାଧୀନତା ସଂଗ୍ରାମୀଙ୍କ ବଳିଦାନକୁ ଶ୍ରୀ ଜିନ୍ଦଲ ସ୍ମରଣ କରିଥିଲେ।ଏହା ସହିତ ସେ କହିଥିଲେ ଯେ କେନ୍ଦୁଝର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଜନ୍ମଭୂମି ଓ କର୍ମଭୂମି ହୋଇଥିବାରୁ ସମସ୍ତେ ଅତ୍ୟନ୍ତ ଗର୍ବିତ।ନବୀନ ଜିନ୍ଦଲ ତାଙ୍କ ଅଭିଭାଷଣରେ କହିଥିଲେ, ଓଡ଼ିଶା ମୋର ମଧ୍ୟ କର୍ମଭୂମି ଏବଂ ଆମ ପରିବାର ଏହାର କଳା, ସଂସ୍କୃତି ଓ ଐତିହ୍ୟର ମୁଗ୍ଧ ପ୍ରଶଂସକ। ଜିନ୍ଦଲ ଷ୍ଟିଲ ଏହାର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନ ଜରିଆରେ ଏହି ଅଞ୍ଚଳର ଲୋକଙ୍କ ଜୀବନମାନରେ ରୂପାନ୍ତରଣ ପାଇଁ ଉତ୍ତମ ସ୍ୱାସ୍ଥ୍ୟ, ଶିକ୍ଷା, ପୋଷଣ, ପରିମଳ, ପାନୀୟ ଜଳ ଯୋଗାଣ ସହ ଓ ଅଣୁ ଶିଳ୍ପର ପ୍ରସାର ଦ୍ୱାରା ନିରନ୍ତର ବିକାଶ ପାଇଁ ବଦ୍ଧପରିକର। ଏହା ସହିତ ଉଚ୍ଚଶିକ୍ଷା ପାଇଁ ଜିନ୍ଦଲ ଫାଉଣ୍ଡେସନର ଲୋକପ୍ରିୟ 'ଯଶସ୍ୱୀ' କାର୍ଯ୍ୟକ୍ରମର ସୁବିଧା ହାସଲ କରିବା ପାଇଁ ଗରିବ ଛାତ୍ରୀମାନଙ୍କୁ ସେ ଆହ୍ୱାନ ଦେଇଥିଲେ।ବିଶିଷ୍ଟ ସମାଜସେବୀ ତଥା ପୂର୍ବତନ ସରପଞ୍ଚ କୁଞ୍ଜ ବିହାରୀ ପଲାଇ ଉପସ୍ଥିତ ଜନସାଧାରଣଙ୍କୁ ସମ୍ବୋଧିତ କରିବା ଅବସରରେ କାଶିଆ ସମେତ କେନ୍ଦୁଝର ଜିଲ୍ଲାର ଓ ରାଜ୍ୟର ବିକାଶରେ ଜେଏସପିର ନିରନ୍ତର ଉଦ୍ୟମକୁ ପ୍ରଶଂସା କରିଥିଲେ।ଏଠାରେ ସୂଚନା ଯୋଗ୍ୟ ନବୀନ ଜିନ୍ଦଲଙ୍କ ଦୂରଦର୍ଶୀ ନେତୃତ୍ୱରେ ଫ୍ଲାଗ ଫାଉଣ୍ଡେସନ ଅଫ ଇଣ୍ଡିଆ ୨୦୦୯ ମସିହାରେ ସମଗ୍ର ଭାରତରେ ସ୍ମାରକୀ ଜାତୀୟ ପତାକା ସ୍ତମ୍ଭ ସ୍ଥାପନ କରିବା କାର୍ଯ୍ୟ ଆରମ୍ଭ କରିଥିଲା । ସେବେ ଠାରୁ ଏହି ସଂଗଠନ ଓଡ଼ିଶାର ୯ଟି ସମେତ ଦେଶବ୍ୟାପୀ ୧୭୫ଟି ସ୍ମାରକୀ ଜାତୀୟ ପତାକା ସ୍ତମ୍ଭ ପ୍ରତିଷ୍ଠା କରିସାରିଛି।ଶ୍ରୀ ଜିନ୍ଦଲଙ୍କ ଦଶନ୍ଧି ବ୍ୟାପୀ ଏହି ନ୍ୟାୟିକ ସଂଘର୍ଷ ପରେ ୨୦୦୪ରେ ସୁପ୍ରିମକୋର୍ଟ ଏକ ଐତିହାସିକ ରାୟ ପ୍ରଦାନ କରିଥିଲେ।ଏହି ନ୍ୟାୟିକ ବିଜୟ ଆଧୁନିକ ସ୍ୱାଧୀନତା ସଂଗ୍ରାମ ବୋଲି ପରିଗଣିତ ହୁଏ, ଯାହା ଭାରତୀୟଙ୍କୁ ସେମାନଙ୍କ ଦେଶପ୍ରେମ ପ୍ରଦର୍ଶନ କରିବାର ମୌଳିକ ଅଧିକାରକୁ ପୁନଃସ୍ଥାପିତ କରିଥିଲା।ଜେଏସପିର ସଭାପତି ତଥା ଗ୍ରୁପ ମୁଖ୍ୟ ସିଏସଆର ଏଣ୍ଡ ଏଜୁକେସନ ପ୍ରଶାନ୍ତ ହୋତା, କର୍ପୋରେଟ ଯୋଗାଯୋଗ ବିଭାଗ, ସିଏସଆର ଓ ଫ୍ଲାଗ ଫାଉଣ୍ଡେସନ ଅଫ୍ ଇଣ୍ଡିଆର ସଦସ୍ୟଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।କାଶିଆ ୟୁନିଟ ହେଡ୍ ପ୍ରମୋଦ କୁମାର ପାତ୍ର ତାଙ୍କ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସଫଳ କରାଇଥିବାରୁ ସେ ଉପସ୍ଥିତ ସମସ୍ତ ଅତିଥି, ହିତଧାରୀ, ଜେଏସପି କର୍ମଚାରୀ ଓ ସେମାନଙ୍କ ପରିବାର ସଦସ୍ୟଙ୍କୁ କୃତଜ୍ଞତା ଜଣାଇଥିଲେ।ଏହି କାର୍ଯ୍ୟକ୍ରମରେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ସ୍ଥାନୀୟ ଅଞ୍ଚଳର ବିଶିଷ୍ଟ ନାଗରିକ ଗୌତମ ମାଲହୋତ୍ରା, ରାଜେଶ ନାୟାର, ଅଶୋକ ମାହୁନ୍ତ ଓ ଆଶିଷ ପାଣ୍ଡେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ।

# ରାଜ୍ୟସ୍ତରୀୟ ଶିଶୁଗଳ୍ପ କର୍ମଶାଳାରେ ଲେଖିବାର କଳା କୌଶଳ ଶିକ୍ଷା



କରଞ୍ଜିଆ, (ସବ୍ୟୁ) : ।ମୟୂରଭଞ୍ଜ ଜିଲ୍ଲା ବଡ଼ ସାହି ବ୍ଲକ ଅନ୍ତର୍ଗତ ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ଅନୁଷ୍ଠିତ ଏହି ଦୁଇ ଦିନିଆ ଶିଶୁ ଗଳ୍ପ କର୍ମଶାଳ। ଅନୁଷ୍ଠିତ ହୋଇଯାଇଛି।ଶନି ଓ ରବିବାର ଦିନ ଅନୁଷ୍ଠିତ ସମାବେଶରେ ଓଡିଶାର ଅନେକ ଜିଲ୍ଲାରୁ ଶିଶୁ ସାହିତ୍ୟିକ ଓ ଶିଶୁ କିଶୋର ଲେଖକ ଯୋଗ ଦାନ କରିଥିଲେ। ରାଷ୍ଟ୍ର ଭାଷା ସାହିତ୍ୟ ସଂସ୍କୃତି ଏକାଡେମୀ ଓଡ଼ିଶା ଓ ଆମ ସୁନା ଚାନ୍ଦ ଜାତୀୟ ଶିଶୁ ସାହିତ୍ୟ ସଂସ୍ଥାନ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ୧୬୦ ଜଣ ଶିଶୁ କିଶୋର ଯୋଗ ଦାନ କରି ଓଡିଆ ଶିଶୁ ସାହିତ୍ୟ ଗପ ଲେଖିବାର କଳା କୈଶଳ ଶିକ୍ଷା ଲାଭ କରିଥିଲେ । ରାଜ୍ୟସ୍ତରୀୟ ଶିଶୁଗଳ୍ପ କର୍ମଶାଳାରେ କାଦଡିହା ରଘୁନାଥ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଭାଗବତ ଲେଙ୍କା ଯୋଗଦାନ କରି ଶିଶୁ ଗଳ୍ପ କର୍ମ ଶାଳାରେ ଶିଶୁ ସାହିତ୍ୟ ଲେଖକ ଓ ଶିଶୁ କିଶୋର ମାନଙ୍କୁ ଲେଖିବାର କଳା କୈଶଳ ଶିକ୍ଷା ଦେଇଥିଲେ।ଏହି ମାର୍ଗ ଦର୍ଶକ ଡକ୍ଟର ଭାଗବତ ଲେଙ୍କା ଦର୍ଶାଇ ଥିଲେ ଯେ ଶିଶୁ ସାହିତ୍ୟ ଦୁର୍ବଳ ହୋଇଗଲେ ସମାଜ ଦିଗ ହରା ହୋଇ ଯିବ । ତେଣୁ ପ୍ରତ୍ୟେକ ଲେଖକଙ୍କ ଜୀବନର ପ୍ରଥମ ସୋପାନ ହେଉଛି ଶିଶୁ ସାହିତ୍ୟ ସୃଷ୍ଟିରୁ ।ଶିଶୁ ସାହିତ୍ୟ ସୃଷ୍ଟି କଲା ବେଳେ ସଂକ୍ଷିପ୍ତ କଳେବର , ମଧୁର ସରଳ ଭାଷାର ପ୍ରୟୋଗ , ବିଷୟ ବସ୍ତୁର ନୂତନ ତା , ଶୃଙ୍ଖଳା ରକ୍ଷା ଭାନା , ସାମାଜିକ ଦାୟିତ୍ୱବୋଧ ଓ ଲେଖକ କୀୟ ବାର୍ତ୍ତା ନିହାତି ଆବଶ୍ୟକ ବୋଲି ଡ଼ଃ ଭାଗବତ ଲେଙ୍କା ଦର୍ଶାଇ ଥିଲେ। ଗଳ୍ପ , ପ୍ରବନ୍ଧ, ଉପନ୍ୟାସ ମନୋରଞ୍ଜନ ପାଇଁ ନୁହେଁ ଛ ଏହା ସମ୍ପୂର୍ଣ୍ଣ ଭାବେ ପିଲାଙ୍କୁ ନୈତିକ ଶିକ୍ଷା , ସାମାଜିକ ଦାୟିତ୍ୱବୋଧ ପାଇଁ ପ୍ରେରଣା ପ୍ରଦାନ , ଇତିହାସ ଓ ପୁରାଣ ଚରିତ୍ର ରେ ଅନୁପ୍ରାଣିତ ହୋଇ ଶିକ୍ଷା ଲାଭ କରିବା ହେଉଛି ମୂଳ ଲକ୍ଷ୍ୟ ।ମାର୍ଗ ଦର୍ଶକ ଡକ୍ଟର ଭାଗବତ ଲେଙ୍କା ପିଲାଙ୍କୁ ନଚିକେତାର ଶ୍ରଦ୍ଧା , ପ୍ରହ୍ଲାଦ ର ଭକ୍ତି ,ଭରତର ସାହସ , ଏକଲବ୍ୟର ଗୁରୁ ଭକ୍ତି , ସିଦ୍ଧାର୍ଥର ଦୟା ଭାବ ଓ ଧର୍ମପଦର ସ୍ୱଜାତି ପ୍ରୀତିକୁ ନେଇ ଶିଶୁ ସାହିତ୍ୟ କେମିତି ଆଦର୍ଶ ଗଳ୍ପ ଲେଖା ଯାଇ ପାରିବ ତାହା ଦର୍ଶାଇ ଥିଲେ ।ପରେ ଅନୁଷ୍ଠାନ ପକ୍ଷରୁ ଡକ୍ଟର ଭାଗବତ ଲେଙ୍କାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସମାବେଶରେରେ ବେତନଟୀ କଲେଜ୍‌ର ପୂର୍ବତନ ଅଧ୍ୟକ୍ଷ ଡକ୍ଟର ରମାକାନ୍ତ ସିଂ ,ଭୁବନ ମୋହନ ମହାନ୍ତି , ବିରଜା ଦେବୀ , ଡକ୍ଟର ସୁରେନ୍ଦ୍ର ନାଥ ତ୍ରିପାଠୀ , ଉଦଳା ବିଜ୍ଞାନ ପିଠ ଅଞ୍ଚଳ ପରିଷଦର ଅଧ୍ୟକ୍ଷା ପ୍ରମିଳା ପଣ୍ଡା , ଡକ୍ଟର କୁମାର ବାବୁଲି , ପୁହାଣ ସୂର୍ଯ୍ୟକାନ୍ତି ରାଉତ ପ୍ରମୁଖ ଉପସ୍ଥିତ ରହିଥିଲେ।

(ଶ୍ରୀମଦ୍‌ଭଗବଦ୍ ଗୀତା ୧୬/୧୨)
–ଦୈବାସୁରସମ୍ପଦ୍‌ବିଭାଗ–
(ଶ୍ରୀଭଗବାନୁବାଚ )

**ଆଶାପାଶଶତୈର୍ବଦ୍ଧାଃ କାମକ୍ରୋଧପରାୟଣାଃ ।**
**ଈହନ୍ତେ କାମଭୋଗାର୍ଥମନ୍ୟାୟେନାର୍ଥସଞ୍ଚୟାନ୍ ।।୧୨।।**

ସେମାନେ ମରଣକାଳ ପର୍ଯ୍ୟନ୍ତ ଅପରିମିତ ବିଷୟ ଚିନ୍ତା କରି କାମୋପଭୋଗକୁ ପରମପୁରୁଷାର୍ଥ ବୋଲି ମନେକରନ୍ତି ତଥା ଏତିକିମାତ୍ର ସେମାନଙ୍କର ପ୍ରୟୋଜନ ବୋଲି ନିଶ୍ଚୟ କରନ୍ତି ଏବଂ ଶତ ଶତ ଆଶାପାଶରେ ଇତସ୍ତତଃ ଆକୃଷ୍ଟ ହୋଇ ଓ କାମକ୍ରୋଧରେ ବଶୀଭୂତ ହୋଇ କାମଭୋଗ ନିମିତ୍ତ ଅନ୍ୟାୟପୂର୍ବକ ଅର୍ଥସଞ୍ଚୟ କରିବାକୁ ଇଚ୍ଛା କରନ୍ତି ।

# ବିଶ୍ୱ ଉତ୍ତପ୍ତୀକରଣର ପରିଣତି

**ସମ୍ପାଦକୀୟ**

ବିଶ୍ୱ ଉତ୍ତପ୍ତୀକରଣ ଏକ ଅସ୍ୱାଭାବିକ ପ୍ରକ୍ରିୟା ବୋଲି ମନେହେଲେ ମଧ୍ୟ ସମଗ୍ର ବିଶ୍ୱ ପାଇଁ ଏହା ଏକ ଗତାନୁଗତିକ ପ୍ରକ୍ରିୟା । ବିଶ୍ୱ, ପ୍ରକୃତି ଦ୍ୱାରା ପରିଚାଳିତ । ବିଜ୍ଞାନର ନୂତନ ନୂତନ ଉଦ୍‌ଭାବନ ଓ ଆବିଷ୍କାର ମନୁଷ୍ୟ ସମାଜକୁ ନୂତନ ଦିଗ୍‌ଦର୍ଶନ ଦେଇ ଆସିଛି ଓ ମନୁଷ୍ୟକୁ ନିରାପଦ ଓ ଶାନ୍ତିରେ ରହିବା ପାଇଁ ଶିକ୍ଷାଦାନ କରିଛି । କିନ୍ତୁ ଅହଂକାରୀ ମନୁଷ୍ୟ କ୍ଷଣିକ ସୁଖଶାନ୍ତିରେ ରହିବା ପାଇଁ ନିଜର ପ୍ରକୃତିକୁ ଭୁଲିଯାଉଛି ଓ ଉଚିତ ମାର୍ଗରେ ନ ଯାଇ ବିପଦକୁ ମୁଣ୍ଡାଇବାକୁ ବାଧ୍ୟ ହେଉଛି । ଏପରିକି ନିଜର ଦୋଷତ୍ରୁଟି ପ୍ରତି ସଚେତନ ହୋଇ ନିଜେ ମଧ୍ୟ ସେ ଅନୁତାପ କରି ପାରୁ ନାହିଁ । ଏହା ହିଁ ପ୍ରକୃତରେ ଦୁଃଖ । ପ୍ରକୃତିକୁ ବୁଦ୍ଧିମାନ ମନୁଷ୍ୟ ପରିବର୍ତ୍ତନ କରିବା ପାଇଁ ଯେତେଥର ଉଦ୍ୟମ କରି ଆସିଛି, ସେତେଥର ବିଫଳ ହୋଇଛି ।

ଗବେଷଣାର ଏକ ଅନୁଧ୍ୟାନରୁ ଜଣାଯାଇଛି ଯେ ବିଶ୍ୱ ଉତ୍ତପ୍ତୀକରଣ ପ୍ରକ୍ରିୟା ଏକ ନିତ୍ୟ ନୈମିତ୍ତିକ ପ୍ରକ୍ରିୟା । ୨୦୨୪ ବର୍ଷଟି ସର୍ବାଧିକ ଉତ୍ତପ୍ତ ବର୍ଷ ଥିଲା ବୋଲି କୁହାଯାଇଛି । ପ୍ରାକ୍ ଶିଳ୍ପାୟନର ହାରାହାରି ହିସାବ ବିଚାରକୁ ନିଆଗଲେ ୧.୫ ଡିଗ୍ରୀ ସେଣ୍ଟିଗ୍ରେଟ ଉପରେ ଗତ ୨୦୨୪ ବର୍ଷଟି ରହିଥିଲା ବୋଲି ଆକଳନ କରାଯାଇଛି । ଏପରିକି ବିଗତ ଦଶନ୍ଧି ଅର୍ଥାତ୍ ୨୦୧୫ରୁ ୨୦୨୪ ପର୍ଯ୍ୟନ୍ତ ସବୁଠାରୁ ଉତ୍ତପ୍ତ ସମୟ ବୋଲି ରେକର୍ଡ କରାଯାଇଛି । ୧୯୮୨ ମସିହାରୁ ଏହି ଉତ୍ତପ୍ତୀକରଣ ପ୍ରକ୍ରିୟା ଦ୍ରୁତଗତିରେ ଅଗ୍ରଗମନ କରି ଆସିଥିବା ଜଣାଯାଇଛି । ଅତିଷ୍ଠ ପାଣିପାଗର ପ୍ରଭାବରୁ ଆମେମାନେ ଦୁର୍ଦ୍ଦଶା ଭୋଗିବାକୁ ବାଧ୍ୟ । ବରଫ ନଦୀଗୁଡିକ ଏହାର ପ୍ରଭାବରେ ତରଳି ଯାଉଛି ଏବଂ ସମୁଦ୍ରର ଜଳସ୍ତର ସ୍ଫୀତ ହୋଇ ଆସୁଥିବା କୁହାଯାଉଛି । ଧରାପୃଷ୍ଠରେ ଆମେ ଯେଉଁଠି ବସବାସ କରୁଛୁ, ସେଠାରେ ଅଧିକ ତାପମାତ୍ରା ଅନୁଭବ କରୁଛୁ ଏବଂ ୨୦୨୪ ବର୍ଷଟି ସର୍ବାପେକ୍ଷା ଉତ୍ତପ୍ତ ବର୍ଷ ବୋଲି ଏହି ଅନୁଧ୍ୟାନରୁ ଜଣାଯାଇଛି । ଏପରି ଅତିଷ୍ଠ ପାଣିପାଗଜନିତ ପରିସ୍ଥିତି ଯୋଗୁଁ ବିଭିନ୍ନ ସ୍ଥାନରେ ପବନରେ ଉତ୍ତପ୍ତ ଲହରୀ ଅନୁଭୂତ ହେବା ସହିତ କେଉଁଠି କେଉଁଠି ଅତ୍ୟଧିକ ବୃଷ୍ଟିପାତ ତଥା ମରୁଡ଼ି ପରିସ୍ଥିତି ମଧ୍ୟ ଦେଖାଯିବ ବୋଲି ବୈଜ୍ଞାନିକମାନେ ମତବ୍ୟକ୍ତ କରିଛନ୍ତି । ସମୁଦ୍ରର ଜଳସ୍ତର, ବରଫ ତରଳିବା ସହିତ ପାଣି ଉତ୍ତପ୍ତ ହେବା କାରଣରୁ ବୃଦ୍ଧି ପାଇବା କଥା ମଧ୍ୟ କୁହାଯାଇଛି । ଏହା ବ୍ୟତୀତ ମହାସାଗର ବା ସାଗରର ଅମ୍ଳୀକରଣ ( Ocean acidification ) ମଧ୍ୟ ଜଳସ୍ତର ସ୍ଫୀତ ହେବାର ଅନ୍ୟତମ କାରଣ ବୋଲି ବୈଜ୍ଞାନିକମାନେ ମତ ବ୍ୟକ୍ତ କରିଛନ୍ତି । ୨୦୨୫ରେ ମଧ୍ୟ ୨୦୨୪ ପରି ସର୍ବାଧିକ ଉତ୍ତାପ ଅମାମାନେ ଅନୁଭବ କରୁଛୁ ।

'ନେଚର କ୍ଲାଇମେଟ୍ ଚେଞ୍ଜ' ନାମକ ଏକ ଗବେଷଣାମୂଳକ ପତ୍ରିକାରେ ପ୍ରକାଶ ପାଇଥିବା ଏକ ଲେଖାରେ ଉଲ୍ଲେଖ କରାଯାଇଛି ଯେ ଅସ୍ୱାଭାବିକ ଭାବେ ସମୁଦ୍ରର ଜଳସ୍ତର ବୃଦ୍ଧି ପାଉଥିବା କାରଣରୁ ଏସିଆ ମହାଦେଶର ବଡ଼ ବଡ଼ ସହରଗୁଡ଼ିକ ଉପରେ ଏହାର ପ୍ରଭାବ ପଡ଼ିବ । ସେହି ସହରଗୁଡ଼ିକ ହେଉଛି – ଚେନ୍ନାଇ, କୋଲକାତା, ୟାଙ୍ଗୋନ, ବେଙ୍କକକ୍, ହୋଚିମି ସିଟି ଓ ମାନିଲା । ପଶ୍ଚିମ ଦିଗରେ ଥିବା ଉଷ୍ମମଣ୍ଡଳୀୟ ଦ୍ୱୀପପୁଞ୍ଜ ତଥା ପଶ୍ଚିମ ଭାରତୀୟ ମହାସାଗର ଅନ୍ତର୍ଗତ ଚାଇନା, ଯୁକ୍ତରାଷ୍ଟ୍ର ଆମେରିକା ଓ ଭାରତ ପ୍ରଭୃତି ରାଷ୍ଟ୍ରଗୁଡ଼ିକ ଏହି ଜଳବାୟୁ ପରିବର୍ତ୍ତନର ଶରବ୍ୟ ହୋଇଥିବା ଏହି ଅନୁଧ୍ୟାନରେ କୁହାଯାଇଛି ।

ଏହି ଗବେଷଣାପ୍ରସୂତ ଅନୁଧ୍ୟାନରୁ ଆହୁରି ମଧ୍ୟ ଜଣାଯାଇଛି ଯେ ଜଳବାୟୁର ଏହି ଆଭ୍ୟନ୍ତରୀଣ ପରିବର୍ତ୍ତନ ଯୋଗୁଁ ଆମମାନଙ୍କୁ ସତର୍କ କରି ଦିଆ ଯାଇଛି ଯେ ଯଦି ମନୁଷ୍ୟ ଗ୍ରୀନ ହାଉସ୍ ଗ୍ୟାସ (ସବୁଜ ଗୃହ ଗ୍ୟାସ) ବାତାବରଣ ଆଡ଼କୁ ଅବିରତ ଭାବେ ନିର୍ଗତ କରିଚାଲେ ତେବେ ୨୧୦୦ ମସିହା ସୁଦ୍ଧା ସାମୁଦ୍ରିକ ଜଳର ଉଚ୍ଚତା ୨୦ରୁ ୩୦ ଡିଗ୍ରୀ ଅବଧି ବୃଦ୍ଧି ପାଇବାର ସମ୍ଭାବନା ରହିଛି ।

ଉଲ୍ଲେଖନୀୟ ଯେ ସମୁଦ୍ର ଉତ୍ତପ୍ତ ଜଳର ଉଚ୍ଚତା ବୃଦ୍ଧି ପାଇଲେ ଆଗାମୀ ୨୮ ବର୍ଷ ମଧ୍ୟରେ ସମୁଦ୍ର ତଟବର୍ତ୍ତୀ ସହରମାନଙ୍କୁ ସମୁଦ୍ର ଜଳ ମାଡ଼ିଯିବ । ଏପରିକି ଭାରତର ମୁମ୍ବାଇ, କୋଚି, ମାଙ୍ଗାଲୋର, ଚେନ୍ନାଇ, ବିଶାଖାପାଟଣା, ଚେନ୍ନାଇ ଓ ଥେରୁଭେନ୍ତାପୁରମ୍ ପ୍ରଭୃତି ସହରଗୁଡ଼ିକ ୨୦୫୦ ମସିହା ସୁଦ୍ଧା ଜଳମଗ୍ନ ହୋଇଯିବ । ୨୦୫୦ରେ ବିକଶିତ ଭାରତ ପାଇଁ ଉଦ୍ୟମ କରୁଥିବା ଭାରତୀୟମାନେ ଭବିଷ୍ୟତ ପାଇଁ ସତର୍କ ରହିବା ଆବଶ୍ୟକ ।

## ସଙ୍କଳ୍ପ

**ମିଶୁ ମୋର ଦେହ ଏ ଦେଶ ମାଟିରେ,**
**ଦେଶବାସୀ ଚାଲିଯାଆନ୍ତୁ ପିଠିରେ ।**
**ଦେଶର ସ୍ୱରାଜ୍ୟ ପଥେ ଯେତେ ଗାଡ଼,**
**ପୂରୁ ତହିଁ ପଡ଼ି ,ମୋର ମାଂସ ହାଡ଼ ।**

**ଗୋପବନ୍ଧୁ ଦାସ**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ପରିବେଶର ସୁରକ୍ଷା ଆମ ହାତରେ

**ବୈଷ୍ଣବ ଚରଣ ଦାଶ**

ପରିବେଶ ଶବ୍ଦର ତର୍ଜମା କଲେ ଜଣାଯାଏ ବେଶ ଶବ୍ଦ ସହ ପରି ଉପସର୍ଗ ସଂଯୁକ୍ତ ହୋଇଛି । ଆମକୁ ଘେରି ରହିଥିବା ଜଳ ,ସ୍ଥଳ,ବାୟୁ,ଉଦ୍ଭିଦ ଓ ପ୍ରାଣୀ ଜଗତ ଏହାର ଅଂଶ ବିଶେଷ । ଏଗୁଡିକ ପ୍ରକୃତିର ଉପାଦାନ ହେତୁ ଏମାନଙ୍କୁ ପ୍ରାକୃତିକ ପରିବେଶ କୁହାଯାଏ । ଏହି ପ୍ରାକୃତିକ ପରିବେଶ ମାନବ ସମାଜକୁ ତିଷ୍ଠି ରହିବା ପାଇଁ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବରେ ସହଯୋଗ କରିଥାନ୍ତି ।

ପରିବେଶର ବିନା ସାହାଯ୍ୟରେ ମାନବ ସମାଜ ପୃଥିବୀରେ କେବେ ସମ୍ଭବ ହେଇ ପାରିବ ନାହିଁ । କିନ୍ତୁ ମନୁଷ୍ୟ ଆଜିର ଏକବିଂଶ ଶତାବ୍ଦୀରେ ପାଦ ଥାପିଲା ପରେ, ନିଜର ଅତ୍ୟାଚାର, ଅପରିଣାମଦର୍ଶିତା, ମୂର୍ଖତା ଯୋଗୁଁ ଶାନ୍ତ ପ୍ରକୃତିକୁ ଅଶାନ୍ତ ଓ ଭୟଙ୍କର କରିଦେଇଛି । ଯାହାର ପରିଣତି ତାକୁ ହିଁ ଭୋଗିବାକୁ ପଡୁଛି । ଧୂମ ଚାଳିତ ଯାନ, କଳକାରଖାନାରୁ ନିର୍ଗତ ଗ୍ୟାସ୍ ଦ୍ୱାରା ବାୟୁ ପ୍ରଦୂଷଣ ହେଉଛି । ଫଳରେ ଅମ୍ଳଜାନ କମୁଛି ଓ ଅଙ୍ଗାରକାମ୍ଳ ବଢୁଛି । ଭୋପାଳ ଗ୍ୟାସ୍ ଟ୍ରାଜେଡି ଏହାର ଜ୍ୱଳନ୍ତ ଉଦାହରଣ । ବିବିଧ ଜମିରେ ରାସାୟନିକ ସାରର ବହୁଳ ବ୍ୟବହାର ଫଳରେ ମୃତ୍ତିକା ପ୍ରଦୂଷିତ ହେବା ସହ ମାଟିର ଗୁଣବତ୍ତା ନଷ୍ଟ ହେଉଛି ।

ବିବିଧ ଆବର୍ଜନା ଦ୍ୱାରା ଜଳ ଉତ୍ସଗୁଡ଼ିକ ପ୍ରଦୂଷିତ ହେବା ସହ ଭୂ–ସ୍ତରରୁ ପାନୀୟ ଜଳର ମାତ୍ରା କମିକମି ଯାଉଛି । ଅତ୍ୟଧିକ ଏସି, ରେଫ୍ରିଜେରେଟରର ବ୍ୟବହାର ଫଳରେ ତହିଁରୁ ନିର୍ଗତ କ୍ଲୋରୋଫ୍ଲୋର କାର୍ବନ ଗ୍ୟାସ୍ ଜୀବଜଗତର ସୁରକ୍ଷା କବଚ ଓଜନ ସ୍ତରକୁ ଛିଦ୍ର କରି ଦେଲାଣି ଯାହା ଫଳରେ ସୂର୍ଯ୍ୟଙ୍କ ଠାରୁ ଆସୁଥିବା ଅତି ବାଇଗଣୀ ରଶ୍ମି ଓ ଅତି ଲୋହିତ ରଶ୍ମି ସିଧା ସଳଖ ଜୀବ ଜଗତ ଉପରେ ପଡି ଅନେକ କ୍ଷତି ସାଧନ କରୁଛି ।

ଜୀବଜଗତ ଓ ପ୍ରକୃତି ପରସ୍ପର ନିର୍ଭରଶୀଳ । ପ୍ରକୃତି ବିନା ଜୀବନ ସମ୍ଭବ ନୁହେଁ । ମଣିଷ ଏବଂ ପରିବେଶ ମଧ୍ୟରେ ଗଭୀର ସମ୍ପର୍କ ରହିଛି । ପରିବେଶ କ୍ରମାଗତ ଭାବରେ ଦୂଷିତ ହେବା ଦ୍ୱାରା ଆମ ଜୀବନରେ ଏହାର କୁପ୍ରଭାବ ପଡୁଛି । ମିଳିତ ଜାତିସଂଘ ୧୯୭୨ମସିହା ଜୁନ ୫ ତାରିଖରେ ପରିବେଶ ସୁରକ୍ଷା ନିମିତ୍ତ ଏକ ବୈଠକ ଆହୂତ କରି ଏହି ଦିବସ ସ୍ଥିରୀକୃତ କରିଥିଲା । ମଣିଷ ସମାଜରେ ପଶୁପକ୍ଷୀଙ୍କର ମଧ୍ୟ ସମାନ ଅଧିକାର ରହିଛି । ଜୀବଜଗତର ସ୍ଥିତି ତଥା ପରିବେଶ ପାଇଁ ଜୈବ ବିବିଧତାର ସଂରକ୍ଷଣ ଏକାନ୍ତ ଆବଶ୍ୟକ । ନିଜର ସୁଖ ସ୍ୱାଛନ୍ଦ୍ୟ ପାଇଁ ପ୍ରାକୃତିକ ସମ୍ପଦର ବହୁଳ ବ୍ୟବହାର,୫gର ମାତ୍ରାଧିକ ପ୍ରୟୋଗ ହେତୁ ଆଜି ଅନେକ ପଶୁ ପକ୍ଷୀ ବିଲୁପ୍ତ ପ୍ରାୟ ।

ମଣିଷ ଏବଂ ପରିବେଶ ମଧ୍ୟରେ ବହୁତ ଗଭୀର ସମ୍ପର୍କ ରହିଛି । ପ୍ରକୃତି ବିନା ଜୀବନ ସମ୍ଭବ ନୁହେଁ । ପରିବେଶ କ୍ରମାଗତ ଭାବରେ ଦୂଷିତ ହେଉଛି, ଯାହା ଆମ ଜୀବନରେ ଗଭୀର ପ୍ରଭାବ ପକାଉଛି । ପରିବେଶର ଯତ୍ନ ନେବାକୁ ଏହି ଦିବସ ସମସ୍ତଙ୍କୁ ବାର୍ତ୍ତା ଦେଇଥାଏ ।

ପରିବେଶ ସୁରକ୍ଷା ପାଇଁ ଆମକୁ ଆଗଭର ହେବାକୁ ପଡିବ । ଯାହାର ପ୍ରଥମ ସୋପାନ ହେଉଛି ବୃକ୍ଷ ରୋପଣ । ପୂର୍ବ ସୂରିମାନେ ବୋଧହୁଏ ଏହାକୁ ହୃଦୟଙ୍ଗମ କରି ଅନେକ ବୃକ୍ଷ ରୋପଣ କରୁଥିଲେ । ସେ ଯୁଗରେ ଲୋକମାନେ ଆନନ୍ଦରେ କାଳାତିପାତ କରୁଥିଲେ । ଜଳ ଉତ୍ସଗୁଡ଼ିକୁ ବରୁଣ ଦେବଙ୍କ ବାସସ୍ଥାନ ଭାବରେ ବିଶ୍ୱାସ ରଖି ଆବର୍ଜନା ମୁକ୍ତ ରଖୁଥିଲେ । ଆମକୁ ଆଜି ଶପଥ ନେବାକୁ ହେବ ନିଜେ ପରିବେଶ ସୁରକ୍ଷା କରିବା ସହ ଅନ୍ୟ ଲୋକମାନଙ୍କୁ ବୁଝାଇବାକୁ ହେବ ।

> **ପ୍ରତ୍ୟେକ ବ୍ୟକ୍ତିଙ୍କୁ ବୁଝିବାକୁ ପଡ଼ିବ ଯେ ପରିବେଶ ସୁସ୍ଥ ରହିଲେ ମଣିଷ ସୁସ୍ଥ ରହିବ । ପୃଥିବୀରେ ଅବକ୍ଷୟ ଧାରା ଅବିଶ୍ରାନ୍ତ ଭାବରେ ଚାଲୁ ରହିଲେ, ଏ ଗ୍ରହଟି ଅଧିକ ଦିନ ତିଷ୍ଠି ରହିପାରିବ ନାହିଁ । ଭବିଷ୍ୟତ ପିଢ଼ିର ଅଧିକାରକୁ ଦୃଷ୍ଟିରେ ରଖି ଆମକୁ ଦୀର୍ଘସ୍ଥାୟୀ ଜୀବନଯାପନ ଶୈଳୀ ଆପଣେଇବାକୁ ପଡ଼ିବ । ଆଜି ଠାରୁ ସମସ୍ତେ ପରିବେଶ ସୁରକ୍ଷା ଓ ପ୍ରକୃତିର ସଂରକ୍ଷଣ ଦିଗରେ ପ୍ରତିଶ୍ରୁତିବଦ୍ଧତାକୁ ସହୃଦୟତାର ସହିତ କାର୍ଯ୍ୟ କରିବା ଲାଗି ନିଷ୍ପତ୍ତି ନେବା ଦରକାର ।**

ବର୍ତ୍ତମାନ ସରକାରଙ୍କ ପକ୍ଷରୁ ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ବିଭିନ୍ନ ପତ୍ରପତ୍ରିକା, ସଭା ସମିତି, ଆଲୋଚନା ଚକ୍ର, ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଉଛି । ବିଭିନ୍ନ ଲୋକନୃତ୍ୟ ପରିବେଷଣ କରି ପରିବେଶ ସୁରକ୍ଷା ସମ୍ପର୍କିତ ତଥ୍ୟ ପ୍ରଦାନ କରାଯାଉଛି । ତେବେ ଆମ ପରିବେଶ ସେତେବେଳେ ସୁସ୍ଥ ହେବ, ଯେତେବେଳେ ସମସ୍ତେ ପରିବେଶର ଯତ୍ନ ନେବେ । ପ୍ରତ୍ୟେକ ବ୍ୟକ୍ତିଙ୍କୁ ବୁଝିବାକୁ ପଡ଼ିବ ଯେ ପରିବେଶ ସୁସ୍ଥ ରହିଲେ ମଣିଷ ସୁସ୍ଥ ରହିବ । ପୃଥିବୀରେ ଅବକ୍ଷୟ ଧାରା ଅବିଶ୍ରାନ୍ତ ଭାବରେ ଚାଲୁ ରହିଲେ, ଏ ଗ୍ରହଟି ଅଧିକ ଦିନ ତିଷ୍ଠି ରହିପାରିବ ନାହିଁ । ଭବିଷ୍ୟତ ପିଢ଼ିର ଅଧିକାରକୁ ଦୃଷ୍ଟିରେ ରଖି ଆମକୁ ଦୀର୍ଘସ୍ଥାୟୀ ଜୀବନଯାପନ ଶୈଳୀ ଆପଣେଇବାକୁ ପଡ଼ିବ । ଆଜି ଠାରୁ ସମସ୍ତେ ପରିବେଶ ସୁରକ୍ଷା ଓ ପ୍ରକୃତିର ସଂରକ୍ଷଣ ଦିଗରେ ପ୍ରତିଶ୍ରୁତିବଦ୍ଧତାକୁ ସହୃଦୟତାର ସହିତ କାର୍ଯ୍ୟ କରିବା ଲାଗି ନିଷ୍ପତ୍ତି ନେବା ଦରକାର ।

**ବୀର ଧନଞ୍ଜୟପୁର,ବୁଗୁଡ଼ା,ଗଞ୍ଜାମ**
**ମୋ–୯୭୭୬୫୩୪୯୩୦**

# ଜଣା ପଡ଼େ ନାହିଁ ଟାଣେ ପଇସା



**ପ୍ରଫେସର ଡାଃ ଉମେଶ ଚନ୍ଦ୍ର ପାତ୍ର**

ନିଶା ସେବନ ଯେ ଶରୀର ପାଇଁ ଅତ୍ୟନ୍ତ ଭୟଙ୍କର ଓ କ୍ଷତିକାରକ ଏହା ସମସ୍ତେ ଜାଣନ୍ତି । ତଥାପି ଏହି ଦିଗଟିକୁ ନିଶାଗ୍ରସ୍ତମାନେ ସାମାନ୍ୟତମ ଭାବେ ଖାତିର କରିନଥାନ୍ତି ଯେପରି । ତମାଖୁ ରାକ୍ଷାସ ନିଶାଖୋରଟିକୁ ଅନେକ ସମୟରେ ପଙ୍ଗୁ ତଥା ବିକଳାଙ୍ଗ କରିଦେବା ସହ ତା'ର ସବୁକିଛି ଜାଳି ପୋଡ଼ି ଭିତରେ ଛାରଖାର କରିଦେଇଥାଏ । ବିଶ୍ୱ ତମାଖୁ ନିରୋଧ ଦିବସରେ ମଧ୍ୟ ସମଗ୍ର ବିଶ୍ୱରେ ତମାଖୁ ସେବନର ଅପକାରିତା ସ୍ୱାସ୍ଥ୍ୟଗତ ଭୟାବହତା ଉପରେ ଅଙ୍କୁଶ ଲଗାଇବା ସହ ଲୋକମାନଙ୍କୁ ସ୍ୱାସ୍ଥ୍ୟ ସଚେତନ କରାଇବା ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ଉଦ୍ୟମ ଜାରି ରହିଛି ।

ସମଗ୍ର ବିଶ୍ୱରେ ଚିନ୍ତାର କାରଣ ସାଜିଥିବା ପ୍ରମୁଖ ସମସ୍ୟା ଭିତରେ ତମାଖୁ ସେବନ ଅନ୍ୟତମ । ପ୍ରତିବର୍ଷ ପୃଥିବୀର ଜନସଂଖ୍ୟାର ହାରାହାରି ୬ ପ୍ରତିଶତ ଲୋକ ତମାଖୁ ସେବନ ଯୋଗୁଁ ଅକାଳରେ ମୃତ୍ୟୁ ମୁଖରେ ପଡ଼ିଥାନ୍ତି । ଶରୀରରେ ଏଭଳି କେତେକ ନିର୍ଦ୍ଦିଷ୍ଟ ଜିନ୍ ରହିଥାଏ ଯାହା ତମାଖୁ ସେବନ ପ୍ରତି ଜଣକୁ ପ୍ରୋତ୍ସାହିତ କରିଥାଏ । ସମ୍ପ୍ରତି ଯୁବପିଢ଼ିର ଅନେକେ ତମାଖୁ ସେବନ ପ୍ରତି ଆକର୍ଷିତ ହୋଇ ନିଜ ଜୀବନକୁ ବିପନ୍ନ କରୁଛନ୍ତି ।

ତମାଖୁରେ ଥିବା 'ନିକୋଟିନ୍' ନାମକ ବିଷାକ୍ତ ତତ୍ତ୍ୱ ରକ୍ତରେ ପ୍ରବାହିତ ହୋଇ କ୍ଷଣିକ ପ୍ରଫୁଲ୍ଲତା ଓ ପରବର୍ତ୍ତୀ ସମୟରେ ସୁସ୍ଥସବଳ ଦେହଟିକୁ ନଷ୍ଟ ବିନଷ୍ଟ କରିଥାଏ । **ତମାଖୁ ସେବନ ଏକ ଭୟଙ୍କର ମାଦକ ଦ୍ରବ୍ୟ । ଯେଉଁଥିରେ ଏକରୁ ଆଠ ପ୍ରତିଶତ ନିକୋଟିନ୍ ନାମକ କ୍ଷାରୀୟ ପଦାର୍ଥ ରହିଥାଏ । ଏହାକୁ ନିୟମିତ ସେବନ କଲେ ମାନସିକ ଅବସାଦ, ଶ୍ୱାସ, ଶାରୀରିକ ଦୁର୍ବଳତା, ରକ୍ତହୀନତା, ଯକୃତ ବିକାର, ଦୃଷ୍ଟିଶକ୍ତି ନାଶ, ମାନସିକ ଅବସାଦ ତଥା ମୁଖର ବିଭିନ୍ନ ରୋଗ ଉତ୍ପନ୍ନ ହୋଇଥାଏ । ଧୂମପାନ କରୁଥିବା ବ୍ୟକ୍ତିଙ୍କର ପ୍ରାୟତଃ ନିୟମିତ ବ୍ୟବଧାନରେ ପେଟ ଯନ୍ତ୍ରଣା ହୁଏ ଓ ଏହା ବିଶେଷକରି ଲିଭର ଓ ବୃକକ୍ ଉପରେ ଗୁରୁତର ପ୍ରଭାବ ପକାଇଥାଏ, ଯାହାକି ପରବର୍ତ୍ତୀ ସମୟରେ ପେଟ ସମ୍ବନ୍ଧୀୟ ବିଭିନ୍ନ ଭୟାନକ ରୋଗର କାରଣ ପାଲଟିଥାଏ ।**

କେତେକ କ୍ଷେତ୍ରରେ ଉଭୟ ଲିଭର ଓ କିଡ଼ନୀ ନଷ୍ଟ ହୋଇଯାଇଥାଏ। ଆଉ କେତେକ ରୋଗୀ ଯୁବାବସ୍ଥାରୁ ଏହାର ଶିକାର ହୋଇ ମୃତ୍ୟୁ ପର୍ଯ୍ୟନ୍ତ ବା ଏକ ପ୍ରକାରର ବିକଳାଙ୍ଗ ଜୀବନ ନିର୍ବାହ କରିଥାନ୍ତି। ପ୍ରତିବର୍ଷ ଏହି ତମାଖୁ ରାକ୍ଷାସର କବଳରେ ଛଅ ମିଲିଅନ୍‌ର ଲୋକ ଶିକାର ହୋଇଥାନ୍ତି । ଆମ ରାଜ୍ୟରେ ବର୍ଷକୁ କର୍କଟ ଆକ୍ରାନ୍ତ ହେଉଥିବା ପ୍ରାୟ ୫୦,୦୦୦ ଲୋକଙ୍କୁ ମଧ୍ୟରୁ ଅର୍ଦ୍ଧେକ ଗୁଟ୍‌ଖା, ତମାଖୁ, ଧୂମପାନଜନିତ ରୋଗରେ ଆକ୍ରାନ୍ତ ହେଉଛନ୍ତି ଏବଂ ମୃତ୍ୟୁବରଣ କରୁଥିବା ପ୍ରାୟ ୩୦୦୦ ରୋଗୀଙ୍କ ମଧ୍ୟରୁ ୧୨୦୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଏହି କାରଣରୁ ଘଟୁଥିବା ସୂଚନା ମିଳିଛି । ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ରିପୋର୍ଟ ଅନୁସାରେ ସାରା ବିଶ୍ୱରେ ଯେତେ ଲୋକ କର୍କଟରେ ଆକ୍ରାନ୍ତ ହେଉଛନ୍ତି ସେମାନଙ୍କ ମଧ୍ୟରୁ ଅର୍ଦ୍ଧାଧିକ ହେଉଛନ୍ତି ଦକ୍ଷିଣ ଏସୀୟ ଦେଶ ସମୂହର ।

ସିଗାରେଟ କିମ୍ବା ବିଡ଼ି ଧୂଆଁରେ ଚାରି ହଜାରରୁ ଅଧିକ କ୍ଷତିକାରକ ରାସାୟନିକ ପଦାର୍ଥ ରହୁଥିବାରୁ ଏହା ଶରୀର ଭିତରେ ଫୁସ୍‌ଫୁସ୍ କ୍ୟାନସର, ବ୍ରୋଙ୍କାଇଟିସ୍, ହୃଦ୍‌ଘାତ ଏବଂ ମସ୍ତିଷ୍କରେ ଷ୍ଟ୍ରୋକ ଭଳି ମାରାତ୍ମକ ରୋଗ ସୃଷ୍ଟି କରିଥାଏ । ଏହା ମୂତ୍ରାଶୟ, ଖାଦ୍ୟନଳୀ, ବୃକକ୍, ପାକସ୍ଥଳୀ ଓ ଜରାୟୁ କର୍କଟରୋଗର କାରଣ ସାଜିଥାଏ । ସ୍ତ୍ରୀଲୋକମାନେ ଧୂମପାନ କରୁଥିଲେ ଜନ୍ମିତ ଶିଶୁଟି କମ୍ ଓଜନର ହେବା ସହିତ ଶିଶୁଟି ଫୁସ୍‌ଫୁସ୍ ଜନିତ ରୋଗରେ ପୀଡ଼ିତ ହେବାର ଯଥେଷ୍ଟ ଆଂଶକା ରହିଥାଏ ।

ବର୍ତ୍ତମାନର ଯୁବପିଢ଼ି ଧୂମପାନ ବ୍ୟତୀତ ତମାଖୁ ଓ ଗୁଟକାକୁ ବହୁଳ ବ୍ୟବହାର କରୁଥିବାରୁ ମୁଖ୍ୟ ଗହ୍ୱର ଓ ଦାନ୍ତ ମାଢ଼ିରେ ବହୁଳ ଭାବରେ କ୍ଷତ ଦେଖାଯାଇଥାଏ । ସବୁଠାରୁ ଉଦ୍‌ବେଗଜନକ ପ୍ରସଙ୍ଗ ହେଉଛି ସେମାନଙ୍କ ଭିତରୁ ୬ ଲକ୍ଷ ଲୋକ ଧୂମପାନ ବା ନିଶା ସେବନ କରିନଥାନ୍ତି କିନ୍ତୁ ତାଙ୍କ ପାଖରେ ଏହି ନିଶାଖୋରଙ୍କ ସଂସ୍ପର୍ଶ ରହୁଥିବାରୁ ପାରିପାର୍ଶ୍ୱିକ ପ୍ରଭାବ ସେମାନଙ୍କୁ ମୃତ୍ୟୁମୁଖକୁ ଟାଣି ନେଇଥାଏ ।

ତମାଖୁ ରାକ୍ଷାସ କବଳରୁ ଜଣେ ଯେ ମୁକ୍ତି ପାଇ ପାରିବ ନାହିଁ ତାହାନୁହେଁ । ଧୂମପାନରେ ୫୦ ପ୍ରକାରର ଉପାଦାନ ଅଛି ଯାହା କ୍ୟାନସର ସୃଷ୍ଟିର କାରଣ । ଏହାଭିତରୁ ନାଇଟ୍ରୋସାମିନ୍ ଓ ପଲିସାଇକ୍ଲିକ୍ ଏରୋମାଟିକ୍ ହାଇଡ୍ରୋକାର୍ବନ ମୁଖ୍ୟ । କଳକାରଖାନାମାନଙ୍କରେ କାମ କରୁଥିବା ସହସ୍ରାଧିକ ବ୍ୟକ୍ତି କ୍ୟାନସର ରୋଗରେ ଆକ୍ରାନ୍ତ ହୁଅନ୍ତି(୨–୨୦%)। ପ୍ରତିବର୍ଷ ଦୁଇଲକ୍ଷ ବ୍ୟକ୍ତି କଳାକାରଖାନା ପ୍ରଦୂଷଣ ଯୋଗୁଁ କର୍ମସ୍ଥଳୀରେ କ୍ୟାନସର ରୋଗରେ ଆକ୍ରାନ୍ତ ହୁଅନ୍ତି । ଏଜ୍‌ବେଷ୍ଟସ୍ ତନ୍ତୁ ବା ଧୂମ ସେବନ ଦ୍ୱାରା ଫୁସ୍‌ଫୁସ୍ କ୍ୟାନସର ହୁଏ । ତେବେ ଶରୀରରୁ ନିକୋଟିନ୍ ଏବଂ ଅନ୍ୟାନ୍ୟ କାର୍ସିନୋଜେନ୍ କାଢ଼ିବା ପାଇଁ ପ୍ରତିଦିନ ତାଜା ଫଳ ସହ ସବୁଜ ପନିପରିବାକୁ ଗୁରୁତ୍ୱ ଦିଅନ୍ତୁ । ପ୍ରଚୁର ପରିମାଣରେ ସବୁଜ ପନିପରିବା ଖାଆନ୍ତୁ ଏବଂ ଆଣ୍ଟିଅକ୍ସିଡେଣ୍ଟ ଏବଂ ଅଧିକ ପୃଷ୍ଟିସାର ଥିବା ଖାଦ୍ୟ ଖାଆନ୍ତୁ । ଶରୀରରୁ ବିଷାକ୍ତ ଅଂଶ କାଢ଼ିଦେବା ପାଇଁ ପ୍ରଚୁର ପରିମାଣରେ ପାଣି ପିଅନ୍ତୁ ।

ତମାଖୁ ସେବନର ଭୟାବହତା ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଓ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଗୁରୁତର ସହ ବିଚାର କରି ବ୍ୟାପକ ସଚେତନତା ସୃଷ୍ଟି କରୁଛନ୍ତି । ଦିବ୍ୟମୟ ସ୍ୱାସ୍ଥ୍ୟପାଇଁ ନିଶା ଦ୍ରବ୍ୟ ସେବନ ଓ ତମାଖୁ ଠାରୁ ଦୂରେଇ ରହିବା ପାଇଁ ସମ୍ପ୍ରତି ବିଭିନ୍ନ କ୍ଷେତ୍ରରେ ବ୍ୟାପକ ଜନସଚେତନତା ସୃଷ୍ଟି ହେଉଛି ।

ତମାଖୁକୁ ପରିତ୍ୟାଗ କରି ମାନସିକସ୍ତରରେ ପ୍ରସ୍ତୁତ ହେଲେ ଜଣେ ଦିବ୍ୟ ଶରୀର ଓ ଦିବ୍ୟ ଚିନ୍ତନର ବ୍ୟକ୍ତିତ୍ୱର ଅଧିକାରୀ ହୋଇପାରିବ । ତେଣୁ ତମାଖୁ ଓ ତମାଖୁ ସେବନ କରୁଥିବା ଲୋକମାନଙ୍କ ପ୍ରତି ଘୃଣା ଭାବ ସୃଷ୍ଟି ନକରି ସେମାନଙ୍କୁ ସଚେତନ କରି ସ୍ନେହ ଓ ଭଲପାଇବା ଦ୍ୱାରା ସେମାନଙ୍କ ଜୀବନର ଭୟଙ୍କର କୁ–ଅଭ୍ୟାସକୁ ଦୂରେଇ ପାରିଲେ ଆପଣ ଜଣେ ଯଥାର୍ଥ ସେବକ ଭାବରେ ନିଜ ଦାୟିତ୍ୱ ତୁଲାଇ ପାରିବେ ।

**ପ୍ରଫେସର, ହେପାଟୋଲୋଜି ବିଭାଗ,**
**ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ,**
**କଟକ, ମୋ– ୯୪୩୭୦୫୧୯୫୭**

# କିମ୍ପା ଏତେ ବୃଥା ଆଡମ୍ବର?

**କିଶୋର କୁମାର ଜେନା**

ରାସ୍ତା କଡ଼ ବେଞ୍ଚରେ ବସିଥିଲେ ଜଣେ ବୟସ୍କା ମହିଳା । ଆଖି ଥିଲା ରାସ୍ତା ଉପରେ । ସାଇକେଲରୁ ଖସିପଡ଼ି ବାଳକଟିଏ ଆହତ ହେବାର ଦୃଶ୍ୟ ତାଙ୍କୁ ଅସ୍ତବ୍ୟସ୍ତ କରୁଥିଲା । ପୁଣି ଜରାଜୀର୍ଣ୍ଣ ବୃଦ୍ଧଙ୍କ ଧୀର–ମନ୍ଥର ଚାଲି ତାଙ୍କ ହୃଦୟକୁ ଦୁଃଖାଭିଭୂତ କରିପକାଉଥିଲା। ବ୍ୟାୟାମ ସାରି ଫେରୁଥିବା ଯୁବକମାନଙ୍କୁ ସେ ଦେଖୁଥିଲେ । ହାତ ଧରାଧରି ହୋଇ ରାସ୍ତା କଡ଼ରେ ଚାଲୁଥିବା ନବଦମ୍ପତି ତାଙ୍କୁ ବେଶ୍ ଆମୋଦିତ କରୁଥିଲେ । ନିଜ ଜୀବନର ସ୍ମୃତି ସବୁ ତାଙ୍କ ମାନସ ପଟରେ ଉଙ୍କି ମାରିଲେ । ତିକ୍ତ ମଧୁର, ସ୍ମୃତି, ନିଃସଙ୍ଗତା ତାଙ୍କୁ ଆନମନା କରିପକାଇଲା । ସେ କେତେବେଳେ ହସୁଥିଲେ ତ କେତେବେଳେ ଅଜାଣତରେ ଆଖିରୁ ଲୁହ ବୋହିଯାଉଥିଲା । ତାଙ୍କର ଏ ଭଳି ହାବଭାବ ପ୍ରତି କାହାରି ନଜର ନଥିଲା ।

ହଠାତ୍ ପାଖରେ ଥିବା ଜଳାଶୟ ଲୋକାରଣ୍ୟ ହୋଇ ଉଠିଲା । ମହିଳା ବସିଥିବା ସ୍ଥାନରୁ ଉଠିଗଲେ । ଦେଖିଲେ ଛୋଟ ପିଲାଟିଏ ପାଣିରେ ବୁଡ଼ିଯାଉଛି । ହେଲେ କେହି ଉଦ୍ଧାର କରୁନାହାନ୍ତି । ମହିଳା ସଙ୍ଗେ ସଙ୍ଗେ ଜଳାଶୟ ଭିତରକୁ ପଶି ପିଲାଟିକୁ ନିଶ୍ଚିତ ମୃତ୍ୟୁମୁଖରୁ ରକ୍ଷା କଲେ । ତାଙ୍କର ହୃଦ୍‌ବୋଧ ହେଲା, ଏ ପୃଥିବୀରେ ଅନେକ ଦୁଃଖ ଭିତରେ ବଞ୍ଚିବାର ରାହା ଟିକିଏ କେଉଁଠି ନା କେଉଁଠି ଅଛି । ଅତୀତ କେବଳ ସ୍ମୃତି । ଅତୀତକୁ ନେଇ ଦୁଃଖୀ କିମ୍ବା ଆନନ୍ଦିତ ହେବାରେ କିଛି ଯଥାର୍ଥତା ନାହିଁ। ବରଂ ବର୍ତ୍ତମାନକୁ ନେଇ ବଞ୍ଚିବା ବୁଦ୍ଧିମାନର କାମ। ସେ ନିଜକୁ ଅଧିକ ଭଲ ପାଇଲେ ଏବଂ ଅନ୍ୟ ପ୍ରତି ତାଙ୍କର ଭଲ ପାଇବାର ପଥ ସେହି ଦିନ ଠାରୁ ଉନ୍ମୁକ୍ତ ହୋଇଗଲା । ନିଃସଙ୍ଗତା ହୁଏ ତ ଖୁବ୍ ଯନ୍ତ୍ରଣାଦାୟକ ହୋଇପାରେ । ମାତ୍ର ଅନ୍ୟର ଦୁଃଖ ଓ ସୁଖରେ ନିଜକୁ ସାମିଲ କରାଇଲେ ନିଃସଙ୍ଗତା ଦୂର ହୁଏ । ଅନ୍ୟକୁ ସୁଖ ଦେବା ଏବଂ ଅନ୍ୟର ଦୁଃଖ ନେବାରୁ ମିଳେ ଅସୀମ ଆନନ୍ଦ।

ଆମମାନଙ୍କ ଜୀବନ ଚେତନା ସମ୍ପର୍କରେ ଟିକିଏ ଉଲ୍ଲେଖ କରୁଛି । ଶିଶୁ କୁଆଁ କୁଆଁ ହୋଇ କାନ୍ଦେ । ଟିକିଏ ବଡ଼ ହେଲେ ଡିଏଁ, ନାଚେ , କଣ୍ଢେଇ ଧରି ଖେଳେ । ଆଉ ଟିକିଏ ବଡ଼ ହେଲେ ବହିଖାତା ଧରି ପାଠ ପଢ଼ିବାକୁ ଯାଏ । କ୍ରମେ ଆହୁରି ବଡ଼ ହୋଇ ପରୀକ୍ଷାରେ ପାଶ କରେ ଓ ଉପାଧି ପାଏ । ଯୁବା ଅବସ୍ଥା ପାଇଗଲେ,କଥା କଥାକେ କଳି କରିବାକୁ ଆଗଭର ହୁଏ । ଯଶ, ଗୌରବ ଓ ନାମ ପାଇଁ ଧାଁଧପଡ଼ କରେ ।

ଟଙ୍କା ପଇସା ସଞ୍ଚେ । ବିବାହ କରେ । ସନ୍ତାନସନ୍ତତି ଜନ୍ମ ହୁଅନ୍ତି । ସମୟ ଗଡ଼ିଚାଲେ । ସେ ବୟସ୍କ ହୋଇଯାଏ। ତା'ର ଦୃଷ୍ଟି ଶକ୍ତି କମିଆସେ । ଅତି ବୟସ୍କବେଳେ ବାଡ଼ି ଖଣ୍ଡିଏ ଧରି ଥରି ଥରିଚାଲେ । ତା'ର ପ୍ରାଣବାୟୁ ଉଡ଼ିଯାଏ। ଭଗବାନ ଶ୍ରୀ ସତ୍ୟସାଇ ତାଙ୍କ ଦିବ୍ୟସମ୍ଭାଷଣରେ ଆମମାନଙ୍କୁ ମାର୍ଗଦର୍ଶନ କରି କହିଛନ୍ତି 'ମନୁଷ୍ୟ ଏକ ଦେହଧାରୀ ଆତ୍ମା । ମୂଳତଃ ମନୁଷ୍ୟ ଏକ ଆଧ୍ୟାତ୍ମିକ ଜୀବ ।

ସେ ମୂଳତଃ ଏକ ଆଧ୍ୟାତ୍ମିକ ଶକ୍ତି ବା ଆତ୍ମା ହୋଇଥିବାରୁ ତାର ଜୀବନ ରହିଛି । ଆତ୍ମା ବା ଦିବ୍ୟଶକ୍ତି ହିଁ ତାର ଅନ୍ତରତମ ସାର । ମନୁଷ୍ୟର ପ୍ରକୃତି ସ୍ୱଭାବ ହେଉଛି ଐଶ୍ୱରିକତା। ତାର ସ୍ଥୂଳଶରୀର ଓ ବୁଦ୍ଧି ତାର ଅନ୍ତର୍ନିହିତ ଆତ୍ମା ଉପରେ ନିର୍ଭର କରେ । କିନ୍ତୁ ବଡ଼ ଦୁଃଖର ବିଷୟ ଯେ, ମନୁଷ୍ୟ ଆତ୍ମା ସମ୍ବନ୍ଧରେ ପ୍ରାୟ କିଛି ଜାଣେ ନାହିଁ । ଯେଉଁ ମନୁଷ୍ୟ ଆତ୍ମାର ସାକ୍ଷାତ ଲାଭ କରେ, ସେ ନିରାପତ୍ତା, ନିଶ୍ଚିତତା, ପୂର୍ଣ୍ଣତା, ସ୍ୱାଧୀନତା, ମୁକ୍ତି, ଅମରତ୍ୱ ତଥା ଶାଶ୍ୱତ ସୁଖ ଲାଭ କରେ ।'

ଏହି ସଂସାର, ଏହି ପ୍ରପଞ୍ଚ, ଏହି ପାର୍ଥିବ ଚେତନା ହିଁ ଆମର ସକଳ ଦୁଃଖଯନ୍ତ୍ରଣାର ହେତୁ ଏଥିରେ ଅନ୍ୟ କାହାର ହାତ ନାହିଁ । ବ୍ୟାଘ୍ରଭୟ, ସର୍ପଭୟ, ବିଛାଭୟ, ଜ୍ୱର, ଅମାଶୟ, ଯୁଦ୍ଧ ବିଗ୍ରହ, ମହାମାରୀ, ଭୂମିକମ୍ପ, ବାତ୍ୟା, ଦୁର୍ଭିକ୍ଷ, ଅଗ୍ନି ଉତ୍ପାତ – ଏସବୁ ହେଉଛି ଗୋଟିଏ ଗୋଟିଏ ନିମିତ୍ତ, ଗୋଟିଏ ଗୋଟିଏ ପ୍ରାକୃତିକ ଘଟଣା। ଏସବୁ ହେତୁ ଆମେ ଦୁଃଖଯନ୍ତ୍ରଣା ଭୋଗୁଛୁ ସତ, କିନ୍ତୁ ଏସବୁର ପରିହାର ପାଇଁ ଆମେ ବିଶେଷ କିଛି କରିପାରିବା ନାହିଁ । ଆମ ଚତୁର୍ଦ୍ଦିଗରେ ପରିବ୍ୟାପ୍ତ ହୋଇ ରହିଥିବା ପ୍ରକୃତିକୁ ବଦଳାଇ ଦେବା ପାଇଁ ପ୍ରକୃତିକୁ ସଂଯତ ନିୟନ୍ତ୍ରିତ କରିଦେବା ପାଇଁ ଆମ ହାତରେ ସେପରି କୌଣସି ଶକ୍ତି ନାହିଁ । ଯାହା ବା ଅଛି, ତାହା ଅତ୍ୟନ୍ତ ସୀମିତ, ସାମାନ୍ୟ । ପ୍ରକୃତି ଆମକୁ ପରାସ୍ତ କରିଦେଇ ନିଜ ବାଟରେ ଚାଲିବ ହିଁ ଚାଲିବ ।

ପରମେଶ୍ୱର ସହାୟ ହୁଅନ୍ତୁ । ଏହିପରି ନିଜେ ନିଜର ମଙ୍ଗଳ କରିବାରେ, ନିଜେ ନିଜ ପ୍ରତି ଦୟାଶୀଳ ହେବାରେ ଆପଣ ସଫଳ ହୁଅନ୍ତୁ । ଈଶ୍ୱର ମଙ୍ଗଳମୟ । ଭଲ ହେଉ କି ମନ୍ଦ ହେଉ, ଜଗତ ଯେପରି ସେପରି ହୋଇ ରହିବ ହିଁ ରହିବ । ଆପଣ ତାକୁ ବଦଳାଇବା ପାରିବେ ନାହିଁ । କିନ୍ତୁ ଆପଣ ବଦଳାଇ ଦେଇପାରିବେ ନିଜକୁ – ଯଦି ଅନ୍ତରର ସହିତ ଚାହିଁବେ, ତେବେ ନିଜକୁ ସୁନ୍ଦରଭାବରେ ଏକ ଭିନ୍ନ ମଣିଷ କରି ଗଢ଼ି ଦେଇ ପାରିବେ ।

ନିଜକୁ ଆକାଶର ଉଚ୍ଚ କରି ଗଢ଼ି ଦେଇପାରିବେ । ସେ ବିଷୟରେ ଅସୀମ ସମ୍ଭାବନା ରହିଛି – ସମ୍ଭାବନା ରହିଛି କେବଳ ପରିବର୍ତ୍ତନର ନୁହେଁ, ଆପଣ ଚାହିଁଲେ ନିଜକୁ ସମ୍ପୂର୍ଣ୍ଣ ରୂପାନ୍ତରିତ କରିଦେଇପାରିବେ, ଘଟାନ୍ତରିତ କରିଦେଇ ପାରିବେ । ପୂର୍ଣ୍ଣବିକଶିତ ମନୁଷ୍ୟ ହେଉଛନ୍ତି ଈଶ୍ୱର ।

ଏହି ଆଲେଖ୍ୟଟି ଉପସ୍ଥାପନ କଲାବେଳେ ମନେପଡୁଛି କବିବର ରାଧାନାଥ ରାୟଙ୍କର ସେହି କାଳଜୟୀ ଧାଡ଼ିଟି –

'ଏ ଭବ ସାଗରେ ସର୍ବଗ୍ରାସୀ କାଳ, ବାତ୍ୟା ବହେ ଅବିରତ । ଏହା ଜାଣି ଲୋକେ କେଉଁ ଲାଭ ଆଶେ, କଳହେ ହୁଅନ୍ତି ରତ? କେତେ ଦିନ ଲାଗି ମର୍ତ୍ତ୍ୟେ ଅବା ଘର, ଏଥିଲାଗି କିମ୍ପା ଏତେ ଆଡମ୍ବର? ମର୍ତ୍ତ୍ୟେ ପଡ଼ି କାନ୍ଦି ଲୋଡ଼ ଦୁଧ ଥୋଡ଼ା, ଯିବାବେଳେ ଛଅଖଣ୍ଡି କାଠ ଲୋଡ଼ା ।'

**ଆଇନଜୀବୀ, ବଙ୍ଗାଳିସାହି,**
**କଟକ, ମୋ– ୭୩୨୫୯୦୪୯୨୭**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଅପରେସନ୍...

୯୩ ନିୟୁତ ଚାଷୀଙ୍କୁ ପିଏମ୍ କିଷାନ ନିଧି ଯୋଜନାରେ ୨୦ ହଜାର କୋଟି ଟଙ୍କା ପ୍ରଦାନ କରାଯାଇଛି । ଇଣ୍ଡିଆ-ୟୁରୋପିଆନ୍ ଫ୍ରି ଟ୍ରେଡ୍ ଆସୋସିଏସନ୍ ସହ ମୁକ୍ତ ବାଣିଜ୍ୟ ଚୁକ୍ତି କରାଯାଇଛି । ଭାରତ ଓ ବ୍ରିଟେନ୍ ମଧ୍ୟରେ ମଧ୍ୟ ମୁକ୍ତ ବାଣିଜ୍ୟ ଚୁକ୍ତି କରାଯାଇ ୨୦୩୦ ସୁଦ୍ଧା ୧୨୦ ବିଲିୟନ୍ ଡଲାରର ଆର୍ଥିକ କାରବାର ଲକ୍ଷ୍ୟ ରଖାଯାଇଛି ।

ସେହିଭଳି ପୁରୁଣା ଅପରାଧିକ ଆଇନକୁ ପରିବର୍ତ୍ତନ କରାଯାଇ ତାରିଖ ପରେ ତାରିଖ ବ୍ୟବସ୍ଥାକୁ ହଟାଇ ଦିଆଯାଇଛି । ଏହା ବଦଳରେ ଭାରତୀୟ ନ୍ୟାୟ ସଂହିତା ଲାଗୁ କରାଯାଇଛି । ଚେନାବ ବ୍ରିଜ୍ ଉଦ୍‌ଘାଟନ ସହ ୨୭୨ କିମିର ଉଦାମପୁର-ଶ୍ରୀନଗର ଓ ବାରମୁଲା ରେଳ ସଂଯୋଗ କରାଯାଇ କାଶ୍ମୀର ଉପତ୍ୟକାକୁ ଦେଶ ସହ ଯୋଡାଯାଇଛି । ଭାରତକୁ ବିଶ୍ୱ ବଜାରରେ ପୁଣିଥରେ ବିକଶିତ କରାଯାଇଛି । ଜି-୭ ସମ୍ମିଟରେ ମୋଦିଙ୍କ ଇଟାଲୀ ଗସ୍ତ ମଧ୍ୟ ଏକ ମାଇଲଷ୍ଟୋନ୍ ହୋଇ ରହିଥିଲା । ଆମେରିକା ରାଷ୍ଟ୍ରପତି ଭାବେ ଡ୍ରୋନାଲ୍ଡ ଟ୍ରମ୍ପ କାର୍ଯ୍ୟଭାର ଗ୍ରହଣ କରିବା ପରେ ମୋଦି ପ୍ରଥମ ବିଶ୍ୱନେତା ଯେ ତାଙ୍କୁ ସାକ୍ଷାତ କରିଥିଲେ । ଏହି ସାକ୍ଷାତ ସମୟରେ ପ୍ରତିରକ୍ଷା ଚୁକ୍ତି ଅନୁଯାୟୀ ଏଫ୍-୩୫ ଜେଟ୍ ଭାରତକୁ ମିଳିବା ସହ ତୈଳ ଓ ଗ୍ୟାସ ରପ୍ତାନୀ ନେଇ ଚୁକ୍ତିନାମା କରାଯାଇଥିଲା ।

## ୨୪ ଘଣ୍ଟାରେ...

କେରଳରେ ୧୫, ଦିଲ୍ଲୀରେ ୭, କର୍ଣ୍ଣାଟକରେ ୯, ତାମିଲନାଡୁରେ ୬, ଉତ୍ତରପ୍ରଦେଶ, ପଞ୍ଜାବ, ମଧ୍ୟପ୍ରଦେଶ ଓ ଗୁଜରାଟରେ ଦୁଇ ଲେଖାଏଁ ଏବଂ ରାଜ୍ୟସ୍ଥାନ, ପଶ୍ଚିମବଙ୍ଗରେ ଜଣେ ଲେଖାଏଁ ମୃତ୍ୟୁବରଣ କରିଛନ୍ତି । ୨୪ ଘଣ୍ଟା ମଧ୍ୟରେ ୬୨୪ ଜଣ ସୁସ୍ଥ ହୋଇଛନ୍ତି । ତେବେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଜାତୀୟ ସ୍ତରରେ ହସ୍ପିଟାଲଗୁଡ଼ିକରେ ମଗଡ୍ରିଲ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବାବେଳେ ଅକ୍ସିଜେନ୍ ଯୋଗାଣ, ଭେଣ୍ଟିଲେଟର ଓ ଅତ୍ୟାବଶ୍ୟ ଔଷଧ ମହଜୁଦ ରଖିବାକୁ କୁହାଯାଇଛି । ତେବେ ଅଧିକାଂଶ ସଂକ୍ରମିତ ମାମଲାରେ ସାମାନ୍ୟ ଲକ୍ଷଣ ରହୁଥିବାରୁ ଘରେ ଚିକିତ୍ସା ହୋଇ ଏଥିରେ ସୁସ୍ଥ ହେଉଥିବା ନେଇ ସୂଚନା ଦିଆଯାଇଛି ।

## ବନ୍ୟଜନ୍ତୁ...

ଛେଳି ଗୁହାଳ କ୍ଷତିଗ୍ରସ୍ତ ହେଲେ ୩ ହଜାର ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବ ।

ସେହିଭଳି ପକ୍କା ପାଚେରୀ, କମ୍ପାଉଣ୍ଡ ୱାଲ୍ କ୍ଷତିଗ୍ରସ୍ତ ହେଲେ ପ୍ରତି ମିଟର ପିଛା ୫ ହଜାର ସର୍ବାଧିକ ୨୫ ହଜାର ଟଙ୍କା ପର୍ଯ୍ୟନ୍ତ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବ ।

## ଜନପ୍ରତିନିଧିଙ୍କ...

ଜିଲ୍ଲାପାଳ ଓ ସମ୍ପୃକ୍ତ ଅଧିକାରୀଙ୍କ ଠାରୁ ତଥ୍ୟ ନେବା ସହିତ କାର୍ଯ୍ୟର ଅଗ୍ରଗତି ସମ୍ବନ୍ଧରେ ପ୍ରଶ୍ନ କରିଥିଲେ ଏବଂ ଯେଉଁ କାର୍ଯ୍ୟ ଗୁଡ଼ିକ ମନ୍ଥର ଗତିରେ କାର୍ଯ୍ୟକାରୀ ହେଉଛନ୍ତି ତାହାର କାରଣ ବୁଝି ଏଥିପାଇଁ ଯାଥୋଚିତ ପଦକ୍ଷେପ ନେବାପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ ।

ବୈଠକରେ ମୁଖ୍ୟମନ୍ତ୍ରୀ, ଜଙ୍ଗଲ ସୁରକ୍ଷା, ପର୍ଯ୍ୟଟନ, ଗ୍ରାମ୍ୟ ଉନ୍ନୟନ, ସଡ଼କ, ପରିବହନ, ସ୍ୱାସ୍ଥ୍ୟ, ଶିକ୍ଷା, ଜଳସେଚନ, ମହିଳା ସଶକ୍ତିକରଣ, କୃଷି ସମେତ ଶିଳ୍ପ ସମ୍ବନ୍ଧ ରେ ବିଶଦ ଭାବେ ଜିଲ୍ଲାପାଳ ଓ ଅଧିକାରୀଙ୍କ ସହ କଥା ହୋଇଥିଲେ । କେନ୍ଦ୍ରାପଡ଼ା ଜିଲ୍ଲାରେ ଏହି ସବୁ କାର୍ଯ୍ୟର ଉପଯୁକ୍ତ କାର୍ଯ୍ୟାନ୍ୱୟନ ଏବଂ ଏହାର କାର୍ଯ୍ୟକାରୀ ହାର ଦେଖି ମୁଖ୍ୟମନ୍ତ୍ରୀ ପ୍ରଶଂସା କରିବା ସହିତ ଏହାର ଆହୁରି ପ୍ରଗତି ପାଇଁ ନିର୍ଦ୍ଦେଶ ଦେଇଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, କେନ୍ଦ୍ରାପଡ଼ା ଜିଲ୍ଲାରେ ଅନେକ ବିକାଶମୂଳକ ପ୍ରକଳ୍ପ ଯଥା କେନାଲ, ରାସ୍ତା ନିର୍ମାଣ, ପାନୀୟ ଜଳ ଯୋଗାଣ, ଶିକ୍ଷା ଓ ସ୍ୱାସ୍ଥ୍ୟ ଭିତ୍ତିଭୂମି ନିର୍ମାଣରେ ଉଲ୍ଲେଖନୀୟ ପ୍ରଗତି ହୋଇଛି । ଏହା ସହିତ ଜନ ଶୁଣାଣୀ, ଭତ୍ତା ବଣ୍ଟନ , ବରିଷ୍ଠ ଅଧିକାରୀ ଓ ମାନ୍ୟବର ମନ୍ତ୍ରୀ ଙ୍କ ପରିଦର୍ଶନ, ମଧ୍ୟାହ୍ନ ଭୋଜନ ଯୋଜନା, ମୁଖ୍ୟମନ୍ତ୍ରୀ ଅନ୍ତ୍ୟୋଦୟ ଯୋଜନା, ମିଶନ ଶକ୍ତି ଇତ୍ୟାଦି ରେ ଉଲ୍ଲେଖନିୟ ସଫଳତା ପାଇଁ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ମୁଁ ଅଭିନନ୍ଦନ ଜଣାଉଛି । ଏହି କାର୍ଯ୍ୟଗୁଡ଼ିକ ଜନସାଧାରଣଙ୍କ ଜୀବନଧାରାକୁ ଉନ୍ନତ କରୁଛି ।

ସୁଭଦ୍ରା ଯୋଜନାରେ ଓ ଲକ୍ଷପତି ଦିଦି ଯୋଜନାରେ କେନ୍ଦ୍ରାପଡ଼ା ଜିଲ୍ଲା ଓଡ଼ିଶାରେ ଦ୍ୱିତୀୟ ସ୍ଥାନରେ ରହି ବିଶେଷ ଅଗ୍ରଗତି କରୁଥିବାରୁ ମୁଖ୍ୟମନ୍ତ୍ରୀ ଜିଲ୍ଲା ପ୍ରଶାସନକୁ ସାଧୁବାଦ ଦେଇଛନ୍ତି । ଜିଲ୍ଲାରେ ବାଂଲାଦେଶୀ ଅନୁପ୍ରବେଶକାରୀ ମାନଙ୍କ ବିରୁଦ୍ଧରେ ଶକ୍ତ କାର୍ଯ୍ୟାନୁଷ୍ଠାନ ନେବାପାଇଁ ପୋଲିସ ପ୍ରଶାସନକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଏଥିସହିତ ଚୋରା ବାଲି ଚାଲାଣ, ଆଇନ ଶୃଙ୍ଖଳା ଓ ସରକାରୀ କର୍ମଚାରୀ ଅଭାବ ଭଳି ଚ୍ୟାଲେଞ୍ଜଗୁଡ଼ିକ ସମ୍ପର୍କରେ ତଥ୍ୟ ଗ୍ରହଣ କରି ଏଥି ନିମନ୍ତେ ମୁଖ୍ୟମନ୍ତ୍ରୀ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ । ସେ ପୁଣି କହିଥିଲେ ଯେ ଆଗାମୀ ଦିନରେ କେନ୍ଦ୍ରାପଡ଼ା ଜିଲ୍ଲାକୁ ଏକ ଆଦର୍ଶ ଜିଲ୍ଲା ଭାବେ ଗଢ଼ି ତୋଳିବା ଆମର ଲକ୍ଷ୍ୟ । ଏଥିପାଇଁ ନୂଆ ପ୍ରକଳ୍ପ ଯଥା ଶିଳ୍ପ ସ୍ଥାପନ, ପର୍ଯ୍ୟଟନ ବିକାଶ ଓ ନବୀକରଣୀୟ ଶକ୍ତି ଉପରେ ଧ୍ୟାନ ଦିଆଯାଉ । ଏହା ସମ୍ପର୍କରେ ଏକ ବିସ୍ତୃତ ଯୋଜନା ଆଗାମୀ ଏକ ମାସ ମଧ୍ୟରେ ପ୍ରସ୍ତୁତ କରନ୍ତୁ । ଯେଉଁ ସ୍ଥାନରେ ପାନୀୟଜଳର ଅସୁବିଧା ହେଉଛି ସେଠାରେ ଅଧିକାରୀ ମାନେ ଯଥାଶୀଘ୍ର ପଦକ୍ଷେପ ନେଇ କାର୍ଯ୍ୟ ସମାପ୍ତ କରନ୍ତୁ । ସ୍ୱାସ୍ଥ୍ୟ ସେବାରେ ଯେପରି କୌଣସି ଅସୁବିଧା ନହୁଏ ସେଥିପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ସମୀକ୍ଷା ବୈଠକ ପୂର୍ବରୁ ମୁଖ୍ୟମନ୍ତ୍ରୀ ମାଉସୀ ମାଆ ମନ୍ଦିର ଠାରୁ ଶ୍ରୀ ବଳଦେବଜୀଉ ମନ୍ଦିର ପର୍ଯ୍ୟନ୍ତ ଏକ ତ୍ରିରଙ୍ଗା ଶୋଭାଯାତ୍ରାରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପ୍ରତ୍ୟେକ ମାଆ ଓ ଭଉଣୀ ମାନଙ୍କର ସିନ୍ଦୁରର ସୁରକ୍ଷା ପାଇଁ ମାନନୀୟ ପ୍ରଧାନମନ୍ତ୍ରୀ ନେଇଥିବା ପ୍ରତିଜ୍ଞା ଆଜି ସାରା ବିଶ୍ୱରେ ଗୁଞ୍ଜରିତ ହେଉଛି । ଏହାପରେ ମୁଖ୍ୟମନ୍ତ୍ରୀ ଶ୍ରୀ ବଳଦେବଜୀଉ ମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିବା ପରେ ଜିଲ୍ଲା କୃଷି ରଥ ଓ ରାଜସ୍ୱ ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ ।

ଉକ୍ତ ସମୀକ୍ଷା ବୈଠକରେ, ଆଳି ବିଧାୟକ ପ୍ରତାପ କେଶରୀ ଦେବ, କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ମହାକାଳପଡ଼ା ବିଧାୟକ, ଡକ୍ଟର ଦୁର୍ଗା ପ୍ରସନ୍ନ ନାୟକ, ରାଜନଗର ବିଧାୟକ, ଧ୍ରୁବ ଚରଣ ସାହୁ ପାଟକୁରା ବିଧାୟକ, ଅରବିନ୍ଦ ମହାପାତ୍ର, ଜିଲ୍ଲାପରିଷଦ ସଭାପତି ସୁଶ୍ରୀ ଲିଲିତା ଦାସଙ୍କ ସମେତ ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନ, ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କଟାରିଆ ଓ ଜିଲ୍ଲାର ସମସ୍ତ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ୮୦ ଭାଗ...

ସହଯୋଗର ସହ ପ୍ରତ୍ୟେକ ବିଭାଗ ଉତ୍ତରଦାୟୀ ଏବଂ ସମର୍ପିତ ଭାବେ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ। ପୁରୀରେ ରଥଯାତ୍ରା ପାଇଁ ସ୍ୱାସ୍ଥ୍ୟ ବିଭାଗକୁ ଅଧିକ ସକ୍ରିୟ କରାଯାଉଛି ବୋଲି ମନ୍ତ୍ରୀ କହିଥିଲେ। କାର୍ଯ୍ୟକ୍ରମରେ ପୁରୀ ସାଂସଦ ଡକ୍ଟର ସମ୍ବିତ ପାତ୍ର କହି ଥିଲେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପୁରୀରେ ହୃଦ୍‌ରୋଗ ଚିକିତ୍ସା ପାଇଁ ଏକ ଅତ୍ୟାଧୁନିକ କାଥ ଲାବ ସ୍ଥାପନ ସହ ହୃଦ୍‌ରୋଗ ଇକୋ ଓ ଆଞ୍ଜିଓଗ୍ରାମ ପାଇ ଆବଶ୍ୟକୀୟ ମେସିନ ସ୍ଥାପନ କରା ଯାଉଛ ଏହି ପ୍ରସ୍ତାବକୁ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ଡା ମୁକେଶ ମହାଲିଙ୍ଗ ଗ୍ରହଣ କରିଥିଲେ। ସେହିପରି ରଥ ଯାତ୍ରା ସମୟରେ ପ୍ରବଳ ଭିଡ଼ ଓ ଅଂଶୁଘାତ ସମ୍ଭାବନା ଥିବାରୁ ୧୦୦ ବେଡ ସମ୍ପନ୍ନ ୱାର୍ଡ ଓ ୧୦୦ ବେଡ ସମ୍ପନ୍ନ ସ୍ୱତନ୍ତ୍ର ବର୍ଣ୍ଣୟୁନିଟ ସ୍ଥାପନ କରିବା ପାଇଁ ବୈଠକରେ ଦାବି ହୋଇ ଥିଲା। ଯାହା ଉପରେ ବିଚାର କରି ପଦକ୍ଷେପ ଗ୍ରହଣ କରାଯିବ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ କହି ଥିଲେ।

ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା କୃଷ୍ଣ ଚନ୍ଦ୍ର ମହାପାତ୍ର, ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୁତି ଭୂଷଣ ଜେନା, କ୍ରୀଡ଼ା ଓ ଯୁବ ସେବା ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟ ବଂଶୀ ସୂରଜ, ପୁରୀ ଲୋକସଭା ସାଂସଦ ଡା ସମ୍ବିତ ପାତ୍ର, ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ, କାକଟପୁର ବିଧାୟକ ତୁଷାର କାନ୍ତି ବେହେରା, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ପୁରୀ ବିଧାୟକ ସୁନିଲ କୁମାର ମହାନ୍ତି, ଜିଲ୍ଲା ପରିଷଦ ଅଧକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ ପ୍ରମୁଖ ଯୋଗ ଦେଇ ସମସ୍ତଙ୍କ ସହଯୋଗରେ ଚଳିତ ରଥଯାତ୍ରା ଶୃଙ୍ଖଳିତ ଭାବେ ପରିଚାଳିତ ହେବ ବୋଲି ଆଶା ବ୍ୟକ୍ତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ, ସୂଚନା ଓ ଲୋକ ସମ୍ପର୍କ ତଥା ପୂର୍ତ୍ତ ବିଭାଗ ପ୍ରମୁଖ ସଚିବ ସଞ୍ଜୟ କୁମାର ସିଂ, ଆଇନ ବିଭାଗ ପ୍ରମୁଖ ସଚିବ ମାନସ ରଞ୍ଜନ ବାରିକ, ଅତିରିକ୍ତ ଡିଜି ସଞ୍ଜୟ କୁମାର, ପରିବହନ କମିଶନର ଅମିତାଭ ଠାକୁର, ପର୍ଯ୍ୟଟନ ସଚିବ ବଲୱନ୍ତ ସିଂ, ସ୍ୱାସ୍ଥ୍ୟ ସଚିବ ଅଶ୍ୱସ୍ଥୀ ଏସ, ଆରଡିସି ବି ପରମେଶ୍ୱରନ, କେନ୍ଦ୍ରାଞ୍ଚଳ ଆଇଜି ପ୍ରବୀଣ କୁମାର, ଦେବୋତ୍ତର କମିଶନର ଶିଶିର କୁମାର ରଥ, ଏସପି ବିନୀତ ଅଗ୍ରୱାଲ ପ୍ରମୁଖ ଯୋଗ ଦେଇଥିଲେ। ରଥଯାତ୍ରା ନିମନ୍ତେ ରଥକାଠ ଯୋଗାଣ, ବିଭିନ୍ନ ସାମଗ୍ରୀ ସଂଗ୍ରହ ଓ ଯୋଗାଣ, ରଥକପଡା ସଂଗ୍ରହ, ନୀତି ସଂପାଦନ, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, ବିଦ୍ୟୁତ ଯୋଗାଣ, ପରିବହନ ବ୍ୟବସ୍ଥା, ରାସ୍ତା ଘାଟ ମରାମତି ଓ ଉନ୍ନତି କରଣ, ପାର୍କିଂ ସ୍ଥଳ, ଶାନ୍ତି ଶୃଙ୍ଖଳା ରକ୍ଷା, ଟ୍ରେନ ଚଳାଚଳ ବ୍ୟବସ୍ଥା, ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ, ପଲ୍ଲିଶ୍ରୀ ମେଳା ଓ ପ୍ରଦର୍ଶନୀ ଆୟୋଜନ, ସ୍ୱେଚ୍ଛାସେବୀ ନିୟୋଜନ ଇତ୍ୟାଦି ସମ୍ବନ୍ଧରେ ବିସ୍ତୃତ ଆଲୋଚନା ହେବା ସହ ସମ୍ପୃକ୍ତ ବିଭାଗ ମାନେ କାର୍ଯ୍ୟ ତ୍ୱରାନ୍ୱିତ କରିଛନ୍ତି ବୋଲି ସୂଚନା ଦେଇଥିଲେ। ପ୍ରାରମ୍ଭରେ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସମସ୍ତଙ୍କୁ ସ୍ୱାଗତ କରିବା ସହ ଆଗାମୀ ରଥଯାତ୍ରାକୁ ସମସ୍ତଙ୍କ ସହଯୋଗରେ ଶୃଙ୍ଖଳିତ ଭାବେ ସମାପନ କରିବାକୁ ଅନୁରୋଧ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସେବାୟତ, ବିଶିଷ୍ଟ ବ୍ୟକ୍ତି, ଗଣମାଧ୍ୟମ ପ୍ରତିନିଧିମାନେ, ବିଭିନ୍ନ ବିଭାଗର ଅଧିକାରୀ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଜୁଲାଇ...

୬୦ ବର୍ଷ ବୟସ ପରେ ସ୍ୱତନ୍ତ୍ର ଭତ୍ତା ପ୍ରଦାନ କରାଯାଉ । ପ୍ରତି ୧୦୦ କିଲୋମିଟର ଅନ୍ତରାଳରେ ଗାଡ଼ି ପାର୍କିଂ, ଡ୍ରାଇଭରମାନଙ୍କ ବିଶ୍ରାମ ନେବାପାଇଁ ବିଶ୍ରାମଗାର ଏବଂ ଶୌଚାଳୟ ବ୍ୟବସ୍ଥା । ଓଡ଼ିଶାରେ ଥିବା ପ୍ରତ୍ୟକ ଖଣି ଖାଦାନ ଏବଂ କାରଖାନା ଗୁଡ଼ିକରେ ଶତକଡ଼ା ୭୦% ଓଡ଼ିଶାର ଡ୍ରାଇଭରଙ୍କୁ କାମ ଦେବା । ସେହିଭଳି ସେପ୍ଟେମ୍ବର ୧ ତାରିଖକୁ ଜାତୀୟ ଡ୍ରାଇଭର ଦିବସ ରୁପେ ଘୋଷଣା କରାଯାଉ ବୋଲି ମହାମଞ୍ଚ ଦାବି କରିଛି ।

ସାମ୍ବାଦିକ ସମ୍ମିଳନୀରେ ସଂଘ ପକ୍ଷରୁ ଆହୁରି କୁହାଯାଇଛି ଯେ, ଲୋକଙ୍କ ସରକାର କହି ଡିଣ୍ଡିମ ପିଟୁଥିବାବେଳେ ଏବେ ଡ୍ରାଇଭର ସଂଘକୁ ସରକାର ଅଣଦେଖା କରୁଛନ୍ତି । ପୂର୍ବରୁ ବିଜେଡି ସରକାରରେ ମୃତ୍ୟୁକାଳୀନ ସହାୟତା ୨ ଲକ୍ଷ ଓ ଦୁର୍ଘଟଣାଜନିତ ମୃତ୍ୟୁ ପାଇଁ ୪ ଲକ୍ଷ ଘୋଷଣା କରିଥିଲେ । ଯାହା କିଛି ମାତ୍ରାରେ ସୁଫଳ ଦେଉଛି । ବିଜେପି ସରକାର ଡ୍ରାଇଭରମାନଙ୍କୁ ନେଇ ବିଭାଜନ କରିବାକୁ ଯୋଜନା କରୁଛନ୍ତି । ଅଟୋ ଡ୍ରାଇଭରମାନଙ୍କୁ ଡ୍ରାଇଭର ଭାବରେ ଗଣତି କରୁନାହାଁନ୍ତି ରାଜ୍ୟ ସରକାର । ତାଙ୍କୁ ଅଣସଂଗଠିତ ଶ୍ରମିକ ହିସାବରେ ନୂଆ ସରକାର ନେଇଛନ୍ତି । ଯଦି ଅଣସଂଗଠିତ ଶ୍ରମିକ ଭାବରେ ଗଣତି କରୁଛନ୍ତି, ତାହେଲେ ସେମାନଙ୍କୁ ଲେବର କାର୍ଡ ଦିଅନ୍ତୁ । ପୂର୍ବରୁ ମୋହନ ଚରଣ ମାଝୀ ବିରୋଧୀ ଦଳର ମୁଖ୍ୟ ସଚେତକ ଥିବା ବେଳେ ସଂଘ ସମସ୍ୟା ଆଲୋଚନା କରିବା ନେଇ ବିଧାନସଭାରେ ପ୍ରସଙ୍ଗ ଉଠାଇଥିଲେ । ଏବେ କ୍ଷମତାକୁ ଆସିଲା ପରେ ଦେଖା ଦେଉନାହାନ୍ତି ବୋଲି ସଂଘ କହିଛି ।

## ସରକାରଙ୍କୁ...

ସମୟରେ ମିଳିନଥିଲା। ରାଜ୍ୟ ସରକାରଙ୍କ ଏକ ସଂସ୍ଥା ଏହି କମ୍ପାନୀକୁ ସାହାଯ୍ୟ କରିବାପାଇଁ ଆଇନ୍ ବିଭାଗର ମତାମତ ନ ନେଇ ଜଣେ ଓକିଲଙ୍କ ଠାରୁ ମତ ନେଇ କାର୍ଯ୍ୟ କରିଥିଲେ। ଏ ସମ୍ପର୍କରେ ସବୁ ତଥ୍ୟ ନିଗମକୁ ଜଣାଯାଇଥିଲେ ମଧ୍ୟ ସେମାନେ କିଛି ଶୁଣିନଥିଲେ। ତେବେ ୫୦୦ ଏମ୍ଏ ଓ ୩୦୦ ଏମ୍ଏ ଏକ୍ସରେ ମେସିନ୍ ଟେଣ୍ଡରରେ ବୈଷୟିକ ବିଡରେ ଉକ୍ତ କମ୍ପାନୀ ଅଯୋଗ୍ୟ ହେବାପରେ ମଧ୍ୟ ଏବେ ଭିଜନ ମେଡିକାଲ ଇକ୍ୟୁଇପ୍‌ମେଣ୍ଟରେ ଏବେ ନିଗମ ଜାଣିଶୁଣି ଉକ୍ତ କମ୍ପାନୀକୁ ଦେବାଲାଗି ଚେଷ୍ଟା କରିଛି। ସମ୍ପୃକ୍ତ କମ୍ପାନୀକୁ ସୁହାଇଲା ଭଳି ଟେଣ୍ଡର ଆହ୍ୱାନ କରାଯାଇଛି। ତେବେ ଯନ୍ତ୍ରାଂଶ କିଣା ପଦବୀରେ ଯେଉଁମାନେ ଅଛନ୍ତି ସେମାନଙ୍କ କାର୍ଯ୍ୟଶୈଳୀକୁ ନେଇ ପ୍ରଶ୍ନ ଉଠିଛି। ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ ଜଣାଇ ଦିଆଯାଇଛି ଓ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହେଉଛି।

## ଲାଞ୍ଚ...

ଏ ସଂଖ୍ୟା ହଜାରେ ଉପରେ । ସମ୍ପୃକ୍ତ ଅଞ୍ଚଳର ଉପଜିଲ୍ଲାପାଳ ଏହା ଉପରେ ନଜର ରଖିବା କଥା । ହେଲେ କଳାହାଣ୍ଡି ଉପ ଜିଲ୍ଲାପାଳ କ୍ରସର ମାଲିକଙ୍କଠାରୁ ଲାଞ୍ଚ ନେଇ ବନ୍ଧା ହେବା ପରେ ଖୋଲୁଛି କ୍ୱାରି କେଳେଙ୍କାରୀର ଗୁମର ।

୨ ମାସ ହେଲା କେମିତି ଚାଲୁଛି ବେଆଇନ୍ କ୍ୱାରି । ଧର୍ମଶାଳାରେ କ୍ରସର ମାମଲାରେ ମୁଣ୍ଡ ଗଡ଼ାଇ ଦେଲେ, ତଦନ୍ତ ଶୂନ । ଧର୍ମଗଡ଼ରେ କ୍ରସର ମାଲିକଙ୍କୁ ଲାଞ୍ଚ ମାଗି ଉପଜିଲ୍ଲାପାଳ ବନ୍ଧା ହେଲେ । ଗୋଟିଏ କଥା ତ ସ୍ପଷ୍ଟ, ରାଜ୍ୟରେ ବେଆଇନ କ୍ରସର, କ୍ୱାରି ଖୁନ୍ଦି ହୋଇ ରହିଛି । ରାଜସ୍ୱ ଓ ଖଣି ବିଭାଗ କ୍ରସର ଓ କ୍ୱାରି ପରିଚାଳନା ନେଇ କାଦୁଅଫିଙ୍ଗା ଚଳାଇଛନ୍ତି । କୁହାଯାଉଛି, ଏହି ଆଳରେ ବେଆଇନ୍ କ୍ରସର, କ୍ୱାରି ମାଲିକଙ୍କୁ ଅଧିକାରୀମାନେ ଲାଞ୍ଚ ଚାପ ପକାଉଛନ୍ତି ।

## ଲ୍ୟାଣ୍ଡମାଇନ...

କରାଯାଉଛି । ତେଣୁ ସେମାନେ ଲ୍ୟାଣ୍ଡମାଇନ ଖଞ୍ଜିଥିଲେ । ଏଏସପି ପ୍ରକାଶ ରାଓ ସମେତ କୋଣ୍ଟା ଥାନା ଇନଚାର୍ଜ ଏବଂ ଏସଡିପିଓ ପ୍ରୋକଲିନ ନିକଟକୁ ଚାଲି ଚାଲି ଯିବା ବେଳେ ଲ୍ୟାଣ୍ଡମାଇନ ବିସ୍ଫୋରଣ ହୋଇଥିଲା । ଫଳରେ ଏଏସପି ପ୍ରକାଶ ରାଓ ଗୁରୁତର ଆହତ ହୋଇଥିବା ବେଳେ ଅନ୍ୟ ଦୁଇ ଅଧିକାରୀ ମଧ୍ୟ ଛିଟିକି ପଡିଥିଲେ । ତେବେ ତୁରନ୍ତ ସେମାନଙ୍କୁ ଚିକିତ୍ସା ଲାଗି କୋଣ୍ଟା ମେଡିକାଲରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ଡାକ୍ତର ଏଏସପି ପ୍ରକାଶ ରାଓଙ୍କୁ ମୃତ ଘୋଷଣା କରିଥିଲେ । ଅନ୍ୟ ଦୁଇ ଅଧିକାରୀଙ୍କୁ ପ୍ରାଥମିକ ଚିକିତ୍ସା ପରେ ରାୟପୁର ସ୍ଥାନାନ୍ତରିତ କରାଯାଇଥିବା ଜଣାପଡିଛି । ତେବେ ଏହି ଘଟଣା ପରେ ଉପମୁଖ୍ୟମନ୍ତ୍ରୀ ବିଜୟ ଶର୍ମା ଏବଂ ବସ୍ତର ଆଇଜି ସୁନ୍ଦରରାଜ ପି ଏହି ଘଟଣାକୁ ନିନ୍ଦା କରିବା ସହ ମାଓବାଦୀଙ୍କୁ ଆଉ ଛଡାଯିବ ନାହିଁ ବୋଲି ଚେତାବନୀ ଦେଇଛନ୍ତି । ଏବେ ମାଓମାଦୀ ନିଜର ବଡ଼ ବଡ଼ ନେତାଙ୍କୁ ହରାଇବା ପରେ ଏକତ୍ର ହୋଇପାରୁନାହାନ୍ତି । ଏଭଳି ଘଟଣା ଘଟାଉ ପୁଲିସ ଓ ସରକାରଙ୍କୁ କ'ଣ ଚେତାଇବାକୁ ଚାହୁଁଛନ୍ତି ବୋଲି ସରକାର ପ୍ରଶ୍ନ କରିଛନ୍ତି । ଏହାପରେ କୋଣ୍ଟା ଅଞ୍ଚଳରେ ଅପରେସନକୁ ଆହୁରି ଜୋରଦାର କରାଯାଇଛି ।

## ଜେଲ...

ହୋଇ କୋର୍ଟରେ ହାଜର ହୋଇଥିଲେ । ପରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲକୁ ପଠାଇ ଦିଆଯାଇଥିବା ସୂଚନା ମିଳିଛି ।

ଭିଜିଲାନ୍ସ ନିକଟରେ ହୋଇଥିବା ଅଭିଯୋଗ ଅନୁସାରେ କଳାହାଣ୍ଡି ଜିଲ୍ଲା ଜୟପାଟଣା ଅଞ୍ଚଳର ସମ୍ପୃକ୍ତ କ୍ରସର ମାଲିକଙ୍କୁ ଭୟଭୀତ କରାଇ ଉପଜିଲ୍ଲାପାଳ ଶ୍ରୀ ଚକମା ୨୦ ଲକ୍ଷ ଟଙ୍କା ଲଞ୍ଚ ମାଗି ଥିଲେ । ରବିବାର ଧର୍ମଗଡ଼ ସ୍ଥିତ ସରକାରୀ ବାସ ଭବନକୁ ଡାକି ୧୦ ଲକ୍ଷ ଟଙ୍କା ଲାଞ୍ଚ ଗ୍ରହଣ କରିଥିଲେ । ପରେ ଭିଜିଲାନ୍ସ ଚଢ଼ାଉ କରିଥିଲା । ଚଢ଼ାଉ ସମୟରେ ତାଙ୍କ ଦୁଇ ହାତରେ ବିଭିନ୍ନ ମୂଲ୍ୟର ୨୬ ନମ୍ବର ୧୦୦ ନୋଟ୍ ବଣ୍ଡଲ୍ ଏବଂ ତାଙ୍କ ବାସଭବନ ଅଫିସ ଟେବୁଲ ଡ୍ରୟର ଭିତରେ ମଧ୍ୟ ରଖିଥିଲେ । ରାସାୟନିକ ପ୍ରଲେପ ଦେଇ ହାତ ଧୋଇବା ଏବଂ ଟେବୁଲ ଡ୍ରୟର ଧୋଇବା ବେଳେ ଉଭୟ ସକାରାତ୍ମକ ରାସାୟନିକ ପ୍ରତିକ୍ରିୟା ଦେଖିବାକୁ ମିଳିଥିଲା । ଏ ସମ୍ପର୍କରେ, ଭିଜିଲାନ୍ସ ସେଲ୍ ପିଏସ୍ କେସ୍ ନମ୍ବର ୬/୨୦୨୫ ରେ ୭ ପି.ସି. ଆଇନ, ୧୯୮୮ ଅନୁଯାୟୀ ପି.ସି. (ସଂଶୋଧନ) ଆଇନ, ୨୦୧୮ ଦ୍ୱାରା ସଂଶୋଧିତ ପଞ୍ଜିକୃତ କରାଯାଇଛି ।

ପରେ, ତାଙ୍କ ସରକାରୀ ବାସଭବନରେ ତଲାସି ସମୟରେ ଆହୁରି ୪୭ ଲକ୍ଷ ଟଙ୍କା ନଗଦ ଜବତ ହୋଇଥିଲା । ଭିଜିଲାନ୍ସ ଉପଜିଲ୍ଲାପାଳ ଚକମାଙ୍କୁ ସାଙ୍ଗରେ ଭବାନୀପାଟଣା ନେଇଯାଇଥିଲେ । ସୂଚନା ଯୋଗ୍ୟ ଯେ ୨୦୨୧ ବ୍ୟାଚ ଆଇଏଏସ ଅଫିସର ଶ୍ରୀ ଚକମା ପୂର୍ବରୁ ଆଇଏଫଏସ ଅଧିକାରୀ ଭାବେ ବାରିପଦା ବନବିଭାଗର ବରିଷ୍ଠ ଅଧିକାରୀ ଭାବେ ଅବସ୍ଥାପିତ ଥଲେ ।

## ହୋମଗାର୍ଡ...

ଡିଗ୍ରୀଧାରୀ ନିଜକୁ ଦକ୍ଷ କରିବାରେ କାହିଁକି ବିଫଳ । ହୋମଗାର୍ଡ ଚାକିରି ପାଇଁ ୬୦ ବର୍ଷ ଯାଏଁ ଆବେଦନ କରିପାରିବେ ଆଶାୟୀ । ଅର୍ଥାତ ଅବସର ବୟସରେ ଆବେଦନ ପାଇଁ ସୁଯୋଗ ମିଳୁଛି । ଯାହା ଆଶାୟୀଙ୍କ ସଂଖ୍ୟା ବୃଦ୍ଧି ପଛର ବଡ କାରଣ ବୋଲି କୁହାଯାଉଛି ।

## ଜିଓ ୫-ଜି ନେଟଓ୍ୱାର୍କ ଦାବି

ଗଣିଆ (ସବ୍ୟୁ) : ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକ ଅନ୍ତର୍ଗତ ଛାମୁଣ୍ଡିଆ ଓ ଆଡକଟା ପଞ୍ଚାୟତରେ ଜିଓ ଟାଓ୍ୱାର ନିର୍ମାଣ କରାଯାଇଥିବା ବେଳେ ଉକ୍ତ ଟାଓ୍ୱାରର ନେଟ୍ ଓ୍ୱାର୍କ ୪ଜି ରହିଥିବାରୁ ଅନେକ ସମୟରେ ନେଟଓ୍ୱାର୍କ ରହୁନଥିବା ଅଭିଯୋଗ ହେଉଅଛି । ଜିଓର ୪ଜି ନେଟ ଓ୍ୱାର୍କ ଯୋଗୁଁ ଏଠାରେ ଅନେକ ସମୟରେ ଇଣ୍ଟରନେଟ ସେବା ବାଧାପ୍ରାପ୍ତ ହେଉଛି । ଏହି ୨ ପଞ୍ଚାୟତରେ ଉଚ୍ଚବିଦ୍ୟାଳୟ , ଓଡ଼ିଶା ଆଦର୍ଶ ବିଦ୍ୟାଳୟ , ବନମାଳୀ ବାରୀକୀ ମହାବିଦ୍ୟାଳୟ , ରେଞ୍ଜ ଅଫିସ , ରାଜସ୍ୱ ବିଭାଗ କାର୍ଯ୍ୟାଳୟ , ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ , ଓ ବ୍ୟାଙ୍କ ସେବା ଭଳି ଅନେକ ସରକାରୀ ଓ ବେସରକାରୀ ଅନୁଷ୍ଠାନ ରହିଥିବା ଯୋଗୁଁ ଇଣ୍ଟରନେଟ ସେବା ଉପରେ ସମସ୍ତେ ନିର୍ଭର କରି ଚଳିଥାଆନ୍ତି । ମାତ୍ର ଏଠାରେ ନିର୍ମାଣ କରାଯାଇଥିବା ଜିଓ ଟାଓ୍ୱାର ୪ଜି ହୋଇଥିବା ଯୋଗୁଁ ଇଣ୍ଟରନେଟ ସେବାରେ ବାଧା ସୃଷ୍ଟି ହେଉଥିବାରୁ ଛାତ୍ର ଛାତ୍ରୀମାନେ ଅନଲାଇନ୍ କାର୍ଯ୍ୟ ଓ ବିଭିନ୍ନ ସରକାରୀ ଯୋଜନାର ନେଟଓ୍ୱର୍କ ସେବା ସଫଳ ରୂପାୟନ ପାଇଁ ଜନସାଧାରଣଙ୍କ କାର୍ଯ୍ୟରେ ବାଧା ଉପୁଜୁଛି । ଇଣ୍ଟରନେଟ ସେବା ବର୍ତ୍ତମାନ ଏକ ଅତ୍ୟାଧୁନିକ ଦୁନିଆରେ ବହୁଳ ବ୍ୟବହାର ଯୋଗୁଁ ଏହାକୁ ୪ଜି ପରିବର୍ତ୍ତେ ୫ଜି ଇଣ୍ଟରନେଟ ସେବା ଯୋଗାଇଦେବା ନିମନ୍ତେ ଅଞ୍ଚଳବାସୀଙ୍କ ତରଫରୁ ଦାବି ହେଉଛି ।


**NAME CHANGE**

By virtue of an affidavit before Executive Magistrate, Bhubaneswar, on dated 02.05.25, I Prakash Chandra Sethy, changed my minor daughter's name S. Saisneha Sardha to **S Saisneha Sraddha** for all purpose.

**AFFIDAVIT**

By virtue of an affidavit sworn before Executive Magistrate, JAJPUR, Dated. 20.03.25 I, **Sarthi Boity**, Address **AT-DUDURANTA, PO : PARIPADA NIJAMPUR, PS : Mangalpur, DIST : JAJPUR, PIN-755011** declare that I have changed my name from **SARATHILATA BOITI** to **Sarthi Boity**. Henceforth, I shall be known as **Sarthi Boity** for all purposes.

**Sarthi Boity**

**AFFIDAVIT**

By virtue of an affidavit sworn before Executive Magistrate, Betnoti, dated 5th Jun 2025. I, Sibani Sing, Address : AT-Karanjia, Po-Dantiamuhan, Ps-Betnoti, DIST-Mayurbhanj, PIN-757029, Odisha declare that I have changed my son's name from "MANASA SING" to "MANAS SINGH". Henceforth, he shall be known as "MANAS SINGH" for all purposes.

**Sd/- (SIBANI SING)**

**AFFIDAVIT**

By virtue of an affidavit sworn before Executive Magistrate, Betnoti, dated 5th Jun 2025. I, Mangal Charan Sing, Address : AT-Karanjia, Po-Dantiamuhan, Ps- Betnoti, DIST-Mayurbhanj, PIN-757029, Odisha declare that I have changed my Date of Birth and name from "07/04/1978 to 07/04/1979 and MANGAL SING to "MANGAL CHARAN SING". Henceforth, I shall be known as "07/04/1979 and MANGAL CHARAN SING" for all purposes.

**Sd/- (MANGAL CHARAN SING)**

**(GOVERNMENT OF ODISHA) OFFICE OF THE SUPERINTENDING ENGINEER, BARGARH (R&B) DIVISION, BARGARH**
E-mail-eepwdbgh@gmail.com Phone/Fax- 06646-234819
**INVITATIONS FOR BIDS (I.F.B)**
**e-Procurement Notice**
B-183
**IDENTIFICATION NO. IFB-SE PWD BGH No. 04 OF 2025-26, No. 2734, Dated. 03.06.2025**

1) The Superintending Engineer, Bargarh (R&B) Division, Bargarh on behalf of Governor of Odisha invited **Percentage Rate** bid in Double Cover System in ONLINE MODE for the Civil works as detailed in the Detailed Tender Call Notice (D.T.C.N) from the eligible class of contractors.
2) No of Building work : 03 Nos.
3) Cost of Tender Paper : Rs. 10,000/-
4) Class of Contractor : "B" Class Contractor
5) Date & Time of available in website & receipt of Bids : 11.00 Hrs. of 16.06.2025 to 17.00 Hrs. of 25.06.2025
6) Date of opening of Technical Bid : 26.06.2025 at 11.30 Hrs.
7) The Bidders have to participate in ONLINE bidding only. Further details can be seen from the State Govt. Portal website **https://tendersodisha.gov.in**
8) Any corrigendum / Addendum will be displayed in the website **https://tendersodisha.gov.in** only.

**Sd/- Superintending Engineer, Bargarh (R&B) Division**
OIPR : 34039/11/0024/2526

**OFFICE OF THE NOTIFIED AREA COUNCIL, TARBHA**
**"e" Procurement Notice**
**BID Identification No: TRV-NAC-02/2025-26**
C-476
**TENDER ID: 2025_ORULB_**
**Tender Call Notice No. 926/ Date. 06.06.2025**

Bid Documents consisting of Work, Estimated Cost, Cost of Tender Paper, EMD, time of completion, class of contractors and the set of terms and conditions of contract & other necessary documents can be seen in Govt, website i.e. **www.tendersodisha.gov.in.**

1. Name of the Work : As per DTCN
2. No. of works : 23 No.
3. Amount put to Tender : As per DTCN
4. Period of Completion : As per DTCN
5. Starting Date & Time of Bidding : From Dt. 09.06.2025 from 11.00 A.M.
6. Last Date & Time of Receipt of tenders through online : On or before Dt. 20.06.2025 up to 05.00 PM
7. Bids received online shall be opened on : On Dt. 21.06.2025 at 11.45 AM
8. Name and address of the Officer inviting Bid : Executive Officer, Tarbha NAC

Further details can be seen from the procurement portal i.e. **www.tendersodisha.gov.in**

**Sd/- Executive Officer Tarbha NAC**
OIPR : 13199/11/ 0009/2526

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**M.I.DIVISION GANJAM NO-I,BERHAMPUR**
**E-PROCUREMENT NOTICE**
A-269
**Bid Identification No. : Online Tender/01/GMID-I/2025-26**

| | | |
|---|---|---|
| Name of Work | : | Civil Construction Works. |
| No of Work | : | 05 (Five) |
| Estimated Cost | : | Varies from Rs 3.95 lakh to Rs. 17.75 lakh |
| Period of Completion | : | Varies from 02 (Two) to 04 ( Four) Calendar Month |
| Availability of Bid-document for sale and receipt through online | : | From 12.06.2025 at 10.00 Hours to 18.06.2025 upto 17:00 Hours |
| Date & time of opening of bids | : | 19.06.2025 At 11.00 Hours |
| Name & Address of the Officer inviting Tender. | : | Superintending Engineer, M.I. Division Ganjam-I, Berhampur. |

Further Details can be seen from the website:**https://www.tendersodisha.gov.in**.Any Addendum / Corrigendum / Cancellation of can also be seen in the said website.

**Sd/- Superintending Engineer, M.I. Divn. Ganjam-I, Berhampur**
OIPR : 32104/11/0038/2526

**GOVERNMENT OF ORISSA : OFFICE OF THE SUPERINTENDING ENGINEER RURAL WORKS DIVISION, KARANJIA (MAYURBHANJ)**
E-mail ID : eerwkaranjia@yahoo.com
Letter No. 2697 / WE // Date : 03.06.2025
O-252
**"E" procurement Notice for Construction of RD Buildings (Res and Non Res) for year 2025-26**
**Bid Identification No - RWDKNJ - 01/2025-26**

1. Name of the Work : Building Works (As per Annexure)
2. Estimated Cost : Rs. 16.83 to Rs. 48.00 Lakhs Approximately (As per Annexure).
3. Class of Contractor : 'B' & 'C' (As per Annexure)
4. Period of Completion : As per Annexure
5. Tender Paper Cost : **As mentioned in Annexure of Building Works.**

Further details can be seen from the website **www.tendersodisha.gov.in**

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification | Date & Time of Opening of Tender in O/O S.E. R.W. Division, Karanjia Technical & Financial Bid |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Karanjia | Building RWDKNJ-01 of 2025-26. | Dt.20.06.25 at 11.00 A.M. | Dt.20.06.25 up to 5.00 P.M. | Dt.19.06.25 up to 1.00 P.M. | Dt.21.06.25 at 11.00 A.M. |

**Sd/- Superintending Engineer R.W. Division, Karanjia**
OIPR : 25086/11/0018/2526

**OFFICE OF THE MUNICIPAL COUNCIL : BALANGIR**
**Address : Office of the Balangir Municipal Council Balangir, Opp. Of Rajendra Park Balangir, Pin : 767001, Ph. No. :06652 232720, Email ID : bgrmc1972@gmail.com**
**Letter No. 2634 Date : 06.06.2025**
**REQUEST FOR PROPOSAL**

**C-475 :** Balangir Municipality invites Request for Proposal (RFP) in Double Cover from reputed NGOS/CBOs/Agencies/Company/Firm/Service providers etc. for Providing Sanitation Services in the Balangir Municipality.

The sealed RFP document supported by relevant details and proof of their eligibility is to be submitted in closed covers addressed to the Executive Officer, balangir Municipality, Dist.-Balangir (Odisha), PIN-767001 on or before 3.00 PM 21.06.2025 through Speed Post/Registered Post only. The complete RFP document can be downloaded from the Balangir District website **(https://balangir.odisha.gov.in/)** from 06.06.2025 onwards. All bidders are requested to go throuth the RFP before submission of proposal. Balangir Municipality reserves the right to reject any or all the RFP without assigning any reason thereof.

**Sd/- Executive Officer Balangir Municipality**
OIPR : 13169/11/0058/2526

**ଦ.ପୂ. ରେଳପଥ-ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ତରଫରୁ ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର ଇଲେକ୍ଟ୍ରିକ ଲୋକସେଡ୍ ରାଉରକେଲା, ଦ.ପୂ. ରେଳପଥ ନିମ୍ନ ସୂଚିତ କାର୍ଯ୍ୟପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । କ୍ର.ନଂ. ୧, ଆଇଆରଇପିଏସ ଟେଣ୍ଡର ନଂ. : ଡିଆରଏସ୍-ଆରଏଲ୍-୦୬-୨୦୨୫-୦୬, ବନ୍ଦ ତାରିଖ : ୦୭.୦୭.୨୦୨୫, କାର୍ଯ୍ୟର ବିବରଣୀ : ଇଏସ୍‌ଏସ/ଆରଓୟୁର ଡବ୍ଲ୍ୟୁଏଜି-୯ ଇଲେକ୍ଟ୍ରିକ ଲୋକୋମୋଟିଭସ୍‌ର ୦୧ ବର୍ଷ ଅବଧି ପାଇଁ ସ୍ୟାଣ୍ଡ ପାଇପ୍ ବ୍ୟବସ୍ଥାରେ ପରିବର୍ତ୍ତନ : କାର୍ଯ୍ୟର ଆନୁମାନିକ ମୂଲ୍ୟ : ଟ. ୨୩,୭୬,୬୯୬.୦୦, ଅମାନତ ଅର୍ଥ : ଟ. ୪୭,୫୦୦.୦୦ । ଇ-ଅପ୍‌ଟେଣ୍ଡର ବନ୍ଦ ତାରିଖ ଓ ସମୟ : ୦୭.୦୭.୨୦୨୫ ପୂର୍ବାହ୍ନ ୧୧.୦୦ ଘଟିକା । ୱେବସାଇଟ୍ ବିବରଣୀ ଓ ସବିଶେଷ ତଥ୍ୟ : https :// www.ireps.gov.in , ଇ-ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ ଉପର ସୂଚିତ ୱେବସାଇଟ୍‌ରେ ଉପଲବ୍ଧ । ଇ-ଟେଣ୍ଡର ଲାଗି ମାନୁଆଲ ଅଫରକୁ ଅନୁମତି ଦିଆଯାଇନାହିଁ ଏବଂ ଏଭଳି କୌଣସି ମାନୁଆଲ ଅଫର ଗ୍ରହଣ ହୋଇଥିଲେ ବିଚାରକୁ ନିଆଯିବ ନାହିଁ । (PR-242)

**VIKRAM DEV UNIVERSITY**
**JEYPORE, DIST: KORAPUT, ODISHA-764001**
**No. 1419/VDU/25 DATE : 21.05.2025**
**QUOTATION CALL NOTICE**

**CAD-720 :** Sealed quotations (containing for Technical Bid and Financial Bid in two separate covers) are invited from the registered firms/authorized Dealers with valid and updated GST certificate for supply and installation of Laboratory Equipments for Science Departments, Training Support Equipments/Items for NSS Wing, YRC Wing, NCC Wing, Self Defence Wing and Open Gym Equipments for Sports Council Office to be purchased out of the Government Grant, so as to reach in the office of the undersigned by 5.00 P.M. on or before 20.06.2025 by Registered Post/Speed Post only for consideration. Quotations received after the due date will not be entertained. The quotation will be opened in the office of the undersigned at 11.00 A.M. on 24.06.2025 and the technically eligible bidders shall demonstrate the product/items of their equipment before the purchase committee after the financial bids are opened. The firms/ authorized dealers should quote their Brand Name, Price etc. as per the Specifications clearly in their quotations. Further, they should enclose their GST/ IT clearance/ authorized dealership certificate with their quotation for consideration. The Registered Firms/Authorized Dealers should visit our University Website www.vikramdevuniversity.ac.in to see the detailed list of the Science Equipments/Training Support Items and Open Gym equipments respectively. The undersigned reserves the right to cancel any or all the quotations without assigning any reason thereof.

**Sd/- Registrar V.Dev University, Jeypore**
OIPR : 11133/11/0006/2526

**ପୌର ପରିଷଦ କାର୍ଯ୍ୟାଳୟ : ବ୍ରଜରାଜନଗର**
**OFFICE OF MUNICIPAL COUNCIL : BRAJRAJNAGAR**
**At/Po-Lamtibahal, Dist- Jharsuguda, Odisha, Phone No. 8457812260, Mail : eobrjnmp1@gmail.com**
**Letter No. 2418 / BM Dt. 06.06.2025**
C-479
**CORRIGENDUM - 1**

It is hereby informed to all the concerned that the partial modification to this office RFP call Notice No. 2309 dated 28.05.2025 has been made as per under :

| Ref | As per existing clause | | | Please be read as per corrigendum | | |
|---|---|---|---|---|---|---|
| Eligibility Criteria | The bidder must be a Company registered under companies Act, 2013/Organization registered under the societies registration Act 1860, A Limited Liability Partnership (LLP) registered under the LLP Act, 2008. Bidder must submit the copy Registration Certificate. | | | The bidder must be a Company registered under companies Act, 2013/Organization registered under the societies registration Act 1860, A Limited Liability Partnership (LLP) registered under the LLP Act, 2008, reputed proprietor/ firm/ contractor. Bidder must submit the copy Registration Certificate as applicable. | | |
| | IT returns for last 3 financial years i.e. (2022-23, 2023-24 & 2024-25). Audited Balance sheet last 3 financial years i.e. (2022-23, 2023-24 & 2024-25). | | | IT returns for last 3 financial years i.e. 2021 -22,2022-23 & 2023-24, (for 2024-25 Provisional will be allowed for evolution). Audited Balance sheet last 3 financial years i.e. 2021-22,2022-23 & 2023-24, (for 2024-25 Provisional will be allowed for evolution). | | |
| Technical Proposal | Current strength of the organization, (to be determined from payment confirmation slip of EPF for the month of December 2024). | 15 | • Upto 500 persons : 10 marks<br>• 500 to 750 persons : 10 mart"<br>• Above 750 : 15 marks | Current strength of the organization, (to be determined from payment confirmation slip of EPF for the month of December 2024). | 15 | • Upto 500 persons : 5 marks<br>• 500 to 750 persons : 10 marks<br>• Above 750 : 15 marks |
| | Annual Average Turnover for Last 3FY(2022-23, 2023-24& 2024-25) | 10 | • Less than 15 Crore: 5 marks<br>• More than 15 Crore : 10 marks | Annual Average Turnover for Last 3FY (2021-22,2022-23 & 2023-24, for 2024-25 Provisional will be allowed for evolution) | 10 | • Less than 15 Crore: 5 marks<br>• M ore than 15 Crore : 10 marks |
| | Experience in sanitation work in Railways | | | Experience in sanitation work in Railways colony / residential area | | |

All other terms & condition are remains unchanged.

**Sd/- Executive Officer Brajrajnagar Municipality**
OIPR : 13099/11/0056/2526

# ଓଡ଼ିଆ ଅଧ୍ୟାପକ, ଓଡିଶୀନୃତ୍ୟ ଶିଳ୍ପୀ ଡକ୍ଟର ଚିତ୍ତରଞ୍ଜନ ସାହାଣୀଙ୍କୁ କବି ନନ୍ଦକିଶୋର ସାମଲ ପ୍ରତିଭା ପୁରସ୍କାର

ଭୁବନେଶ୍ୱର,(ସବ୍ୟୁ): ନନ୍ଦକିଶୋର ସାମଲ ସ୍ମୃତି ସଂସଦ ତରଫରୁ ୨୦୨୫ ମସିହା ପାଇଁ ଓଡ଼ିଆ ଭାଷା ସାହିତ୍ୟ ବିଭାଗର ବରିଷ୍ଠ ଅଧ୍ୟାପକ ତଥା ଆନ୍ତରାଷ୍ଟ୍ରୀୟ ଓଡିଶୀ ନୃତ୍ୟଶିଳ୍ପୀ ଡକ୍ଟର ଚିତ୍ତରଞ୍ଜନ ସାହାଣୀ ଙ୍କୁ ପୁରସ୍କୃତ କରାଯାଇଛି । ସଂସଦ ଅଧକ୍ଷ ଅଧ୍ୟାପକ ଗଣେଶ୍ୱର ସ୍ୱାଇଁଙ୍କ ପୌରହିତ୍ୟରେ ବାଣୀପୀଠ ଶ୍ରୀରାମଚନ୍ଦ୍ର ଭବନ କଟକଠାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାରତୀୟ ପ୍ରଶାସନିକ ଅଧିକାରୀ ରତ୍ନାକର ରାଉତ, ମୁଖ୍ୟବକ୍ତା ସ୍ନାୟୁଶଲ୍ୟ ଚିକିତ୍ସକ ଡକ୍ଟର ରବିନାରାୟଣ ପଣ୍ଡା, ସମ୍ମାନିତ ବକ୍ତା ଡଃ ନୃସିଂହଚରଣ ବେହେରା, ଓଡ଼ିଆ ପ୍ରାଧ୍ୟାପକ ଡଃ ଅଜୟ କୁମାର ମିଶ୍ର କବି ବ୍ରହ୍ମାନନ୍ଦ ବିଶ୍ୱାଳ, କବି ରାଜୀବ ଷଡଙ୍ଗୀ ଯୋଗଦେଇ ଡକ୍ଟର ଚିତ୍ତରଞ୍ଜନଙ୍କୁ ଭୂୟସୀ ପ୍ରଶଂସା ସହ ଉତ୍ତରୀୟ, ପୁଷ୍ପଗୁଚ୍ଛ ,ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଛନ୍ତି । ଡକ୍ଟର ଚିତ୍ତରଞ୍ଜନ ମଧ୍ୟଯୁଗୀୟ ଓଡ଼ିଆ କାବ୍ୟ କବିତା ବିଶେଷକରି ରୀତି ଓ ଗୀତି ଯୁଗୀୟ କବି



ମାନଙ୍କର ଛାନ୍ଦ, ଚଉପଦୀ ସୃଜନିକାକୁ ଆଧାର କରି ଓଡିଶୀନୃତ୍ୟ ଶୈଳୀରେ ବିଶେଷନୃତ୍ୟ ପରିବେଷଣ କରି ଦେଶ ବିଦେଶର ବିଭିନ୍ନ ବିଦ୍ୟାଳୟ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଯୁବଗୋଷ୍ଠୀଙ୍କ ପାଖରେ ଓଡ଼ିଆ ସାହିତ୍ୟ କୁ ଶାସ୍ତ୍ରୀୟ ଓଡିଶୀ ନୃତ୍ୟ ମାଧ୍ୟମରେ ପ୍ରଚାର ପ୍ରସାର କରି ଯୁବବର୍ଗଙ୍କ ପ୍ରଥମ ପସନ୍ଦ ହେବାରେ ଲାଗିଛନ୍ତି ।

## ବ୍ରାଉନସୁଗର ଜବତ, ୨ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଜଟଣୀ ଥାନା ପୋଲିସ ବ୍ରାଉନସୁଗର କାରବାରରେ ସମ୍ପୃକ୍ତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ୧୨ ଗ୍ରାମ୍ ବ୍ରାଉନସୁଗର, ୧ ହଜାର ଟଙ୍କା ଓ ନିଶା କାରବାରରେ ବ୍ୟବହୃତ ବାଇକ୍‌କୁ ଜବତ କରିଛି ।

ଏକ ନିର୍ଦ୍ଦିଷ୍ଟ ସୂଚନା ଆଧାରରେ ଜଟଣୀ ଥାନା ପୋଲିସ ଖୁଦୁପୁର ନିକଟ ହୋଟେଲ ଲ୍ୟାଣ୍ଡମାର୍କ ନିକଟରେ ଚଢାଉ କରି ଦୁଇଜଣଙ୍କୁ ଗିରଫ କରିଥିଲା । ତଲାସୀ ସମୟରେ ତାଙ୍କ ନିକଟରୁ ୧୨ଗ୍ରାମ୍ ବ୍ରାଉନସୁଗର ମିଳିଲା । ସର୍ବସାଧାରଣରେ ବେଆଇନ ଭାବେ ବ୍ରାଉନସୁଗର ବିକ୍ରି କରିବା ଅଭିଯୋଗରେ ଦୁହିଁଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଥିଲା ।



ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ୯୪ତମ ଜୟନ୍ତୀ ଅବସରରେ ଭୁବନେଶ୍ୱର ସୂର୍ଯ୍ୟନଗରଠାରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି ବିଶିଷ୍ଟ ବ୍ୟକ୍ତି

## ଶତାୟୁ ମୁରବିଙ୍କ ପରଲୋକ

କଣ୍ଟାପଡ଼ା, (ସବ୍ୟୁ) : ବାଗଲପୁର ପଞ୍ଚାୟତ ଅନ୍ତର୍ଗତ ସୁନ୍ଦରଗ୍ରାମର ବୟୋଜେଷ୍ଠ ମୁରବି ତଥା ଭାରତୀୟ ଡାକ ବିଭାଗର ଅବସରପ୍ରାପ୍ତ ଅଧିକାରୀ ଶତାୟୁ ପୁରୁଷ ବିମଳଚନ୍ଦ୍ର ମହାନ୍ତି(୧୦୩)ଙ୍କ ପରଲୋକ ଘଟିଛି। ସେ ଜଣେ ମିଷ୍ଟଭାଷୀ ଓ ଧର୍ମପରାୟଣ ବକ୍ତିଭାବେ ଜଣାଶୁଣା ଥିଲେ। ଏହି ଖବର ପାଇ ଅଭୟ ଚରଣ ମହାନ୍ତି, ସ୍ନିଗ୍ଧା ମହାନ୍ତି ବାବନ ଚରଣ ମହାନ୍ତି, ଜିତେନ୍ଦ୍ର କୁମାର ମହାନ୍ତି, ଅମ୍ବିକା ଚରଣ ମହାନ୍ତି ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନକୁ ଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

# ୧୨ବର୍ଷ ହେବ ଲୁଚିଛି ନିଶା ମାଫିଆ ସମ୍ପତ୍ତି ବାଜ୍ୟାପ୍ତି ପାଇଁ ଲଟକାଜାରି

ଭୁବନେଶ୍ୱର, (ସବ୍ୟୁ) : ଦୀର୍ଘ ୧୨ବର୍ଷ ହେବ ଲୁଚି ଥିବା ନିଶା ମାଫିଆ ଲୋକନାଥ ସାମଲର ସମ୍ପତ୍ତି ବ୍ୟାଜ୍ୟାପ୍ତି ହେବ ପୋଲିସ ସୋମବାର ତାଙ୍କ ଘର ପାଖରେ ନୋଟିସ୍ ଲଗାଇବା ସହ ଡାକବାଜି ଯନ୍ତ୍ରରେ ପ୍ରଚାର କରିଛି ।

ପାରଳାଖେମୁଣ୍ଡି ଥାନାରେ ଓ ଅନ୍ୟାନ୍ୟ କେତେକ ମାମଲାରେ ଲୋକନାଥକୁ ନୋଟିସ୍ ହେବା ପରେ ସେ ହାଜର ହେଉନାହିଁ । ଏପରିକି କୋର୍ଟ ପକ୍ଷରୁ ଏନ୍‌ବିଡବ୍ଲ୍ୟୁ ଇସ୍ୟୁ ହୋଇଥିଲେ ମଧ୍ୟ ସେ କୋର୍ଟରେ ହାଜର ହେଉନାହିଁ । ତାଙ୍କ ମା'ଙ୍କ କହିବାନୁଯାୟୀ ସେ ୨୦୧୨ ମସିହାରୁ ଘରକୁ ଆସୁନାହିଁ । ତେଣୁ ଏହି ନୋଟିସ୍ ସମ୍ପର୍କରେ ତାକୁ ମୁଁ ବା ଖବର ଦେବି କେମିତି ।

ପୋଲିସ ପକ୍ଷରୁ ସମ୍ପତ୍ତି ବ୍ୟାଜ୍ୟାପ୍ତି ନୋଟିସ୍ ଘର ସାମ୍ନାରେ ଲଗାଯିବା ସହ ଡାକବାଜି ଯନ୍ତ୍ରରେ ପ୍ରଚାର କରାଯାଇଥିଲା । ଏହା ପରେ ପୋଲିସ ପକ୍ଷରୁ ଢେଙ୍ଗୁରା ମଧ୍ୟ ପିଟାଯାଇଛି । ନୋଟିସ୍ ଲାଗିବାର ମାସକ ମଧ୍ୟରେ ଲୋକନାଥ ହାଜର ନହେଲେ ସମ୍ପତ୍ତି ବ୍ୟାଜ୍ୟାପ୍ତ ହେବ ବୋଲି ସେଥିରେ ଲେଖା ରହିଛି । କେବଳ ପୋଲିସ ନୁହେଁ, କୋର୍ଟ ମଧ୍ୟ ଏହି ନିଶା ମାଫିଆ ଉପରେ କ୍ଷୁବ୍ଧ ହୋଇଛନ୍ତି । କାରଣ କୋର୍ଟଙ୍କ ଡାକରାରେ ମଧ୍ୟ ସେ ହାଜର ହୋଇନାହିଁ । ଏହାପରେ ଜାମିନ ବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ଇସ୍ୟୁ ହୋଇଥିଲେ ମଧ୍ୟ ପୋଲିସ ଲୋକନାଥ ସାମଲକୁ ଗିରଫ କରି କୋର୍ଟରେ ହାଜର କରାଇ ପାରିନାହିଁ । ଯାହା ଫଳରେ ସୋମବାର ଲିଙ୍ଗରାଜ ଥାନା ଅନ୍ତର୍ଗତ ଭୀମଟାଙ୍ଗିରେ ଥିବା ଲୋକନାଥର ଘର ସାମ୍ନାରେ ନୋଟିସ୍ ଲଗାଯାଇଛି । ମାସକ ଭିତରେ ହାଜର ନହେଲେ ସମ୍ପତ୍ତି ବ୍ୟାଜ୍ୟାପ୍ତ ପଦକ୍ଷେପ ନିଆଯିବ ବୋଲି ନୋଟିସ୍‌ରେ ଦର୍ଶାଯାଇଛି ।

# ବିବାହ ପାଇଁ ରାଜି ନହେବାରୁ ଏତଲା ବଏଫ୍ରେଣ୍ଡ୍ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ବିବାହ ପାଇଁ ରାଜି ନହେବାରୁ ମହିଳା ଥାନାରେ ଗାର୍ଲଫ୍ରେଣ୍ଡ୍ ଏତଲା କରିବା ପରେ ଅଭିଯୁକ୍ତ ବଏଫ୍ରେଣ୍ଡ୍‌କୁ ପୋଲିସ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି ।

ଫେସ୍‌ବୁକ୍ ମାଧ୍ୟମରେ ୪ବର୍ଷ ତଳୁ ଅଭିଯୁକ୍ତ ଶୁଭ୍ରଜିତ ଜେନା (୩୨)ଙ୍କ ସହ ଏତଲାକାରୀ ପୀଡିତାଙ୍କ ପରିଚୟ ହୋଇଥିଲା । ସମୟ କ୍ରମେ ଉଭୟଙ୍କ ସମ୍ପର୍କ ନିବିଡ ହେବାରୁ ବଏଫ୍ରେଣ୍ଡ୍ ପୀଡିତାଙ୍କୁ ବିବାହ କରିବାକୁ ପ୍ରତିଶ୍ରୁତି ଦେଇଥିଲା । ବିବାହ ପ୍ରତିଶ୍ରୁତି ପରେ ଉଭୟ ବାରମ୍ବାର ଶାରୀରିକ ସମ୍ପର୍କରେ ଯୋଡି ହୋଇଥିଲେ ।

ଗତ ଏପ୍ରିଲ୍ ୧୩ ତାରିଖରେ ବିବାହ ବାହାନାରେ ପୀଡିତାଙ୍କୁ ଅଭିଯୁକ୍ତ ଡାକି ପାହାଲ ନିକଟ ଏକ ଗେଷ୍ଟ ହାଉସ୍‌ରେ ରହିଥିଲେ । ସେ ସମୟରେ ଉଭୟଙ୍କ ମଧ୍ୟରେ ଶାରୀରିକ ସମ୍ପର୍କ ମଧ୍ୟ ହୋଇଥିଲା । ବଏଫ୍ରେଣ୍ଡ୍ ଶୁଭ୍ରଜିତ ଘର ସମ୍ବଲପୁର ଶାନ୍ତିନଗରରେ ହୋଇଥିବାରୁ ସେ ଭୁବନେଶ୍ୱର ଆସିଲେ ଗାର୍ଲଫ୍ରେଣ୍ଡ୍ ସହ ଶାରୀରିକ ସମ୍ପର୍କ ରଖେ । ପାହାଲରେ ଶାରୀରିକ ସମ୍ପର୍କ ରଖିବା ପରେ ବିବାହ ପାଇଁ ମନା କରିଥିଲା । ବାରମ୍ବାର ଗାର୍ଲଫ୍ରେଣ୍ଡ୍ ଚାପ ପକାଇବାରୁ ସେ ବିରକ୍ତ ହୋଇ ଜୀବନରୁ ମାରିଦେବା ପାଇଁ କହିବା ସହ ଶାରୀରିକ ସମ୍ପର୍କର ଫଟୋ ଓ ଭିଡିଓ ଭାଇରାଲ କରାଇ ଦେବାକୁ ଧମକ ଦେଲା ।

ଯାହା ଫଳରେ ପୀଡିତା ମହିଳା ଥାନାରେ ଅଭିଯୋଗ କଲେ । ଅଭିଯୋଗ ଆଧାରରେ ପୋଲିସ ତଦନ୍ତ କରି ରବିବାର ଦିନ ରାତି ସାଢେ ୧୦ଟା ବେଳେ ଅଭିଯୁକ୍ତ ଶୁଭ୍ରଜିତକୁ ଶାନ୍ତିନଗରସ୍ଥିତ ଘରୁ ଗିରଫ କରିବା ପରେ ସୋମବାର କୋର୍ଟଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

# ବେଆଇନ ଗର୍ଭପାତ ଔଷଧ ବିକ୍ରିକୁ ନେଇ ଡ୍ରଗ୍ସ କଣ୍ଟ୍ରୋଲ ଟିମ୍‌ର ଚଢାଉ

ଭୁବନେଶ୍ୱର, (ସବ୍ୟୁ) : ବେଆଇନ ଗର୍ଭପାତ ଔଷଧ ବିକ୍ରିକୁ ନେଇ ସୋମବାର ଡ୍ରଗ୍ସ କଣ୍ଟ୍ରୋଲ ଟିମ୍ ପକ୍ଷରୁ ନୂଆପଲ୍ଲୀ ଅଞ୍ଚଳରେ ଚଢାଉ କରାଯାଇଛି । ନିୟମ ବିରୋଧୀ ଔଷଧ ବିକ୍ରି ପ୍ରମାଣ ମିଳିଲେ ଔଷଧ ଦୋକାନ ଲାଇସେନ୍ସ ରଦ୍ଦ ହେବ ବୋଲି ଚଢାଉ କରୁଥିବା ଟିମ୍ ସୂତ୍ରରୁ ପ୍ରକାଶ । ଡାକ୍ତରୀ ଚିଠା ନଥାଇ ନୂଆପଲ୍ଲୀ ଅଞ୍ଚଳର କେତେକ ଔଷଧ ଦୋକାନ ଗର୍ଭପାତ ଔଷଧ ବିକ୍ରି କରୁଥିବା ଡ୍ରଗ୍ସ କଣ୍ଟ୍ରୋଲ ଖବର ପାଇବା ପରେ ତିନି ଜଣିଆ ଟିମ୍ ନୂଆପଲ୍ଲୀ ଅଞ୍ଚଳରେ ଚଢାଉ କରିଛନ୍ତି । ରୋଜ୍ ଡ୍ରଗ୍ସ ହାଉସ୍ ସମେତ ବିଭିନ୍ନ ଔଷଧ ଦୋକାନରେ ଚଢାଉ କରାଯାଇଥିବା ଅତିରିକ୍ତ ଡ୍ରଗ୍ସ କଣ୍ଟ୍ରୋଲର ପରଭେସ୍ ଲେଙ୍କା କହିଛନ୍ତି । ଦୋକାନ ଷ୍ଟକ୍ ରିପୋର୍ଟ, ବିଲ୍ ରେକର୍ଡ ଇତ୍ୟାଦି ଯାଞ୍ଚ କରାଯାଉଥିବା ଦେଖିବାକୁ ମିଳିଥିଲା । ବେଆଇନ ଭାବେ ବିକ୍ରି ହେଉଥିବା ଗର୍ଭପାତ ଔଷଧ ଖାଇଲେ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହେବା ସାଙ୍ଗକୁ ମୃତ୍ୟୁ ଆଶଙ୍କା ଥିବା କହିଛନ୍ତି ଅତିରିକ୍ତ ଡ୍ରଗ୍ସ କଣ୍ଟ୍ରୋଲର । ଯେଉଁ ଡାକ୍ତରଙ୍କ ନାଁରେ ଔଷଧ ଇସ୍ୟୁ ହେଉଛି ବୋଲି ଔଷଧ ଦୋକାନୀ କହିଥିଲେ, ସେହି ଡାକ୍ତରଙ୍କ ସହ ଟେଲିଫୋନ୍‌ରେ ଚଢାଉ କରୁଥିବା ଟିମ୍ ଯୋଗାଯୋଗ କରି ସତ୍ୟାସତ୍ୟ ବୁଝୁଛନ୍ତି । ବିବାହ ପୂର୍ବରୁ ଶାରୀରିକ ସମ୍ପର୍କ ଓ ଲିଭ୍ ଇନ୍‌ରେ ରହୁଥିବା ଯୁବତୀଙ୍କ ପାଇଁ ଏହି ଔଷଧର ଆବଶ୍ୟକତା ପଡୁଛି । ଯାହା ଫଳରେ ସେମାନେ ଡାକ୍ତରୀ ଚିଠା ନକରି ଔଷଧ ଦୋକାନରୁ ଗର୍ଭପାତ କିଟ୍ କିଣୁଛନ୍ତି । ଆଉ କେତେକ କ୍ଷେତ୍ରରେ ଗର୍ଭବତୀ ହେଉଥିବା ନାବାଳିକାମାନେ ମଧ୍ୟ ବେଆଇନ ଭାବେ ଔଷଧ ଦୋକାନରୁ ଏହି କିଟ୍ କିଣି ନେଉଥିବା ଜଣାପଡିଛି । ଡ୍ରଗ୍ସ ଆଣ୍ଡ୍ କସ୍‌ମେଟିକ୍ ଧାରା ଅନୁଯାୟୀ ବେଆଇନ ଭାବେ ଏହିସବୁ ଔଷଧ ବିକୁଥିବା ଔଷଧ ଦୋକାନୀଙ୍କ ଲାଇସେନ୍ସ ରଦ୍ଦ କରାଯିବ ବୋଲି ଚଢାଉ କରୁଥିବା ଟିମ୍ ଗଣମାଧ୍ୟମକୁ ସୂଚନା ଦେଇଛି ।

# ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା



ଭୁବନେଶ୍ୱର,(ସବ୍ୟୁ): ଭୁବନେଶ୍ୱର ବ୍ଲକ ଅନ୍ତର୍ଗତ ସହରାଞ୍ଚଳ ୩ ପ୍ରକଳ୍ପରେ ସୋମବାର ସକାଳେ ସୁଭଦ୍ରା ଶକ୍ତି ପାରମ୍ପାରିକ ଖାଦ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମ ପ୍ରକଳ୍ପ ଅନ୍ତର୍ଗତ ୨୨୫୩ ଟି ଏସ୍‌ଏଚ୍‌ଜି ମଧ୍ୟରୁ ୧୪ ଗୋଟି ଏସ୍‌ଏଚ୍‌ଜି ଆବେଦନ କରିଥିଲେ । ସେମାନଙ୍କ ମଧ୍ୟରୁ ୧୦ ଟି ଏସ୍‌ଏଚ୍‌ଜି ଗ୍ରୁପ ଅଂଶଗ୍ରହଣ କରିଥିଲେ । ପ୍ରତି ଏସ୍‌ଏଚ୍‌ଜି ଗ୍ରୁପର ତିନି ଜଣ ମହିଳା ପାରମ୍ପରିକ ଖାଦ୍ୟ ପ୍ରସ୍ତୁତ କରି ବିଚାରକ ମାନଙ୍କ ନିକଟରେ ଉପସ୍ଥାପନ କରିଥିଲେ । ବିଚାରକ ଭାବେ ଡେପୁଟି କମିଶନର ପ୍ରିୟଙ୍କା ମଲ୍ଲିକ, ସ୍ୱସ୍ତି ପ୍ରିମିୟମ ହୋଟେଲର ମୁଖ୍ୟ ଚେଫ ରାକେଶ ମିଶ୍ର, ସିଡିପିଓ ସଂଗୀତା ପାଢ଼ୀ ପ୍ରମୁଖ ଯୋଗଦେଇ ସେମାନଙ୍କର ପ୍ରସ୍ତୁତ ଖାଦ୍ୟ ସ୍ୱାଦକୁ ପରଖୀ ମୂଲ୍ୟାଙ୍କନ କରିଥିଲେ । ପ୍ରତିଯୋଗିତାରେ ଜିଲ୍ଲା ମିଶନ ଶକ୍ତି ପ୍ରକଳ୍ପ ସଂଯୋଜକ ନିରଞ୍ଜନ ମଲ୍ଲିକ,ୱାର୍ଡ–୧୨ ର କର୍ପୋରେଟର ଜୟନ୍ତୀ ସାହୁ ଏବଂ ୱାର୍ଡ–୩ ର କର୍ପୋରେଟର ଲକ୍ଷ୍ମୀପ୍ରିୟା ପରିଡ଼ା ଅତିଥି ଭାବେ ଯୋଗ ଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ । ପ୍ରଥମ ବିଜେତା ଭାବେ ୱାର୍ଡ–୧୮ ର ଛୋଟି ସି ଆଶା ଏସ୍‌ଏଚ୍‌ଜି ଓ ଦ୍ୱିତୀୟ ଭାବେ ୱାର୍ଡ–୧୨ ର ଶ୍ରୀ ଲକ୍ଷ୍ମୀ ଏସ୍‌ଏଚ୍‌ଜିକୁ ଚୟନ କରି ଆର୍ଥିକ ପୁରସ୍କାର ସହ ସମସ୍ତ ପ୍ରତିଯୋଗୀ ମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା ଏଥିରେ ବ୍ଲକ ମିଶନ ଶକ୍ତି ପ୍ରକଳ୍ପ ସଂଯୋଜକ ନାରାୟଣ ନନ୍ଦ, ଆକାଉଣ୍ଟାଣ୍ଟ ଚନ୍ଦନ କୁମାର ଖର୍ସେଲଙ୍କ ସମେତ ସ୍ୱଂୟ ସିଦ୍ଧ ବି.ଏଲ.ଏଫ, ସହରାଞ୍ଚଳ –୩ ର ସଭାପତି ଭାରତୀ ସିଂ ଓ ସମ୍ପାଦିକା ପଦ୍ମାଳୟା ମହାନ୍ତି ଓ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ ।

## କ୍ୱାଣ୍ଟମ ଏନର୍ଜି ହାଇଦ୍ରାବାଦରେ ବିନିର୍ମାଣ ସୁବିଧା ସମ୍ପ୍ରସାରଣ କରୁଛି

ଭୁବନେଶ୍ୱର,(ସବ୍ୟୁ): ହାଇଦ୍ରାବାଦର ଇଭି ଷ୍ଟାର୍ଟଅଫ କ୍ୱାଣ୍ଟମ୍ ଏନର୍ଜି ଲିମିଟେଡ ପ୍ରସ୍ତାବିତ ଫ୍ୟୁଚର ସିଟି, ହାଇଦ୍ରାବାଦ ନିକଟ ମହେଶ୍ୱରମ୍‌ଠାରେ ଏହାର ଅତ୍ୟାଧୁନିକ ବିନିର୍ମାଣ ସୁବିଧା ସମ୍ପର୍କରେ ଘୋଷଣା କରିଛି । ଏହି କାରଖାନା ଉକ୍ତ ଅଞ୍ଚଳରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ଏବଂ ସ୍ୱଚ୍ଛ ଭବିଷ୍ୟତ ପାଇଁ ପ୍ରସ୍ତୁତ ଶିଳ୍ପର ଏକ ପେଣ୍ଠସ୍ଥଳୀ ହେବ । ବାର୍ଷିକ ୨ ଲକ୍ଷ ୟୁନିଟ୍ ଉତ୍ପାଦନ କ୍ଷମତା ଏବଂ ୨.୪ ଲକ୍ଷ ବର୍ଗଫୁଟ ଅଞ୍ଚଳରେ ଏହି କାରଖାନା ପରିବ୍ୟାପ୍ତ ହେବା ସହ କାରଖାନାକୁ ଏକ ନେଟ୍ ଜୀରୋ ପରିସର ହେବା ନିମନ୍ତେ ଡିଜାଇନ୍ କରାଯାଇଛି । କ୍ୱାଣ୍ଟମ ଏନର୍ଜି ବିର ପ୍ରଚଳିତ ଲାଇନ୍ ମଡେଲ ପ୍ଲାଜମା, ନିଲାମ ଏବଂ ବିଜିନେସ୍ ଓ ଭାରତୀୟ ସଡ଼କ, ଜଳବାୟୁ ସ୍ଥିତି ନିମନ୍ତେ ସ୍ମାର୍ଟ ବୈଶିଷ୍ଟ ଗୁଡିକ ସହିତ ପ୍ରଦର୍ଶନକୁ ସମନ୍ୱିତ କରି ବଜାରକୁ ଆସିବାର ଥିବା ଏହାର ନୂତନ ଉତ୍ପାଦନ ଗୁଡିକ ନବୋନ୍ମେଷୀ ଇଲେକ୍ଟ୍ରି ଦୁଇ ଚକିଆ ଗାଡି ଗୁଡିକ ନିମନ୍ତେ ଚାହିଦା ବୃଦ୍ଧି ଲକ୍ଷ୍ୟ କରିବା ପରେ ଏହି ସମ୍ପ୍ରସାରଣ ହାତକୁ ନିଆଯାଇଛି ।

# ମସ୍କୋ ଉସୁ ଷ୍ଟାର ଅନ୍ତର୍ଜାତୀୟ ଚାମ୍ପିଅନସିପ ଭାରତ ପାଇଁ ସ୍ୱର୍ଣ୍ଣ ଆଣିଲେ ଜିନ୍ଦଲ ସ୍ପୋର୍ଟ ହଷ୍ଟେଲ କ୍ରୀଡ଼ାବିତ

ଭୁବନେଶ୍ୱର: ମସ୍କୋ ଉସୁ ଷ୍ଟାର ଅନ୍ତର୍ଜାତୀୟ ଚାମ୍ପିଅନସିପରେ ଦେଶ ପାଇଁ ଗୌରବ ଆଣିଛନ୍ତି ବଡବିଲସ୍ଥିତ ଜିନ୍ଦଲ ସ୍ପୋର୍ଟ୍ସ ହଷ୍ଟେଲର ଦୁଇ କ୍ରୀଡ଼ାବିତ ପ୍ରେମ ମୁଣ୍ଡା ଓ ରାଜକୁମାର ମୁଣ୍ଡା । ସିନିଅର ପୁରୁଷ ୪୮ କେଜି ଓ ୫୨ କେଜି ବର୍ଗରେ ପ୍ରେମ ଓ ରାଜକୁମାର ଅତି ଚମତ୍କାର କୌଶଳ ପ୍ରଦର୍ଶନ କରିବା ସହ ଆୟୋଜକ ରୁଷର ଶୀର୍ଷସ୍ତରୀୟ ପ୍ରତିଯୋଗୀଙ୍କୁ ହରାଇ ଏହି ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ସେମାନଙ୍କ ଏହି ବିଜୟ ଓଡ଼ିଶା ଓ ଭାରତୀୟ ଉସୁ କ୍ରୀଡ଼ା ପାଇଁ ବିଶ୍ୱସ୍ତରରେ ଏକ ମାଇଲଖୁଣ୍ଟ ପ୍ରତିଷ୍ଠା କରିଛି । ଶାଲୁ ଜିନ୍ଦଲଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ପରିଚାଳିତ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାରର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନ ପ୍ରୋତ୍ସାହନରେ ଏହି ହଷ୍ଟେଲ ପ୍ରତିଷ୍ଠିତ ହୋଇଛି । ଏହି



ସଫଳତାରେ କୁରୁକ୍ଷେତ୍ର ସାଂସଦ ତଥା ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାରର ଅଧ୍ୟକ୍ଷ ନବୀନ ଜିନ୍ଦଲ କହିଛନ୍ତି, ଏହା ଆମ ପାଇଁ ଅତ୍ୟନ୍ତ ଗୌରବର ମୁହୂର୍ତ୍ତ । ପ୍ରେମ ଓ ରାଜକୁମାରଙ୍କ ସଫଳତା କେବଳ ଭାରତୀୟ କ୍ରୀଡ଼ାର ଏକ ବିଜୟ ନୁହେଁ ବରଂ ସମସ୍ତଙ୍କୁ ସମାନ ସୁଯୋଗର ସାମର୍ଥ୍ୟ ଓ ଦୃଢ଼ ସଂକଳ୍ପର ସାର୍ଥକ ନିଦର୍ଶନ । ଜିନ୍ଦଲ ଫାଉଣ୍ଡେସନର ଅଧକ୍ଷା ଶାଲୁ ଜିନ୍ଦଲ କହିଛନ୍ତି, ଏକ ଗ୍ରାମୀଣ ଅଞ୍ଚଳରୁ ବିଶ୍ୱ ଦରବାର ଯାଏ ସେମାନଙ୍କ ଯାତ୍ରା ନିଶ୍ଚିତ ଭାବେ ପ୍ରେରଣାଦାୟୀ ।

୨୦୧୨ରେ କେନ୍ଦୁଝର ଜିଲ୍ଲା ଦେଓଝରରେ ଜିନ୍ଦଲ ଫାଉଣ୍ଡେସନ ସିଏସଆର କାର୍ଯ୍ୟକ୍ରମ ଆରମ୍ଭ କରିବା ପରଠାରୁ ସେମାନଙ୍କ ଯାତ୍ରା ଆରମ୍ଭ ହୋଇଥିଲା । ଜିନ୍ଦଲ ସ୍ପୋର୍ଟ ହଷ୍ଟେଲ ଜରିଆରେ ଓ କୋଚ୍ ପଙ୍କଜ ମହାନ୍ତଙ୍କ ନେତୃତ୍ୱରେ ସେମାନଙ୍କ ପୋଷଣ, ତାଲିମ ଓ ଶିକ୍ଷା ଆରମ୍ଭ ହୋଇଥିଲା । ଗତ ଡେରାଡୁନ ଅନ୍ତର୍ଜାତୀୟ କ୍ୟାମ୍ପରେ ଶ୍ରେଷ୍ଠ ପ୍ରଦର୍ଶନ ଦ୍ୱାରା ସେମାନେ ଅନ୍ତର୍ଜାତୀୟ ଚାମ୍ପିଅନସିପ୍ ପାଇଁ ମନୋନୀତ ହୋଇଥିଲେ ।

# ଏନ୍‌ଡ଼ିଆର୍‌ଏଫ୍ ଠାରେ ରୁଚିର ପ୍ରେରଣାଦାୟୀ କାର୍ଯ୍ୟକ୍ରମ

କଟକ, (ସ୍ୱପ୍ର): ଓଡ଼ିଶାର ସୁପରିଚିତ ରୁଚି ଉଦ୍ୟୋଗ ପକ୍ଷରୁ ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ମୁଣ୍ଡୁଳି ସ୍ଥିତ ଏନ୍‌ଡ଼ିଆରଏଫ୍ ପରିସରରେ ମହିଳା ଓ ପିଲାମାନଙ୍କ ପାଇଁ ବିଭିନ୍ନ ପ୍ରେରଣାଦାୟୀ ଓ ସାମାଜିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜାତୀୟ ବିପର୍ଯ୍ୟୟ ସମୟରେ ସେବା ଓ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଏହି ଅନୁଷ୍ଠାନର ଅଧିକାରୀମାନଙ୍କ ପାଇଁ ପ୍ରେରଣା ଯୋଗାଉଥିବା ଦୁଇଶହରୁ ଅଧିକ ମହିଳା ଏଥିରେ ଅଂଶଗ୍ରହଣ କରିଥିଲେ । ସେମାନଙ୍କ ଭିତରେ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯାଇ ଶ୍ରେଷ୍ଠ ମହିଳା ଓ ପିଲାମାନଙ୍କୁ ପୁରସ୍କୃତ କରାଯାଇଥିଲା । ଆୟୋଜିତ କାର୍ଯ୍ୟକ୍ରମରେ ରୁଚିର ନିର୍ଦ୍ଦେଶକ ଅରବିନ୍ଦ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ମହିଳାମାନଙ୍କୁ



ସଶକ୍ତିକରଣ ଏବଂ ପିଲାମାନଙ୍କର ଦକ୍ଷତା ବିକାଶ ବୃଦ୍ଧି ପାଇଁ ବିଭିନ୍ନ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ । ଏନ୍‌ଡ଼ିଆର୍‌ଏଫ୍‌ର ଡେପୁଟି କମାଣ୍ଡାଣ୍ଟ ପ୍ରବୀଣ ଚୌହ୍ୱାନ, ଶ୍ରୀମତୀ ସାଗର ଚୌହ୍ୱାନ ପ୍ରମୁଖ ଉତ୍ସବରେ ଯୋଗ ଦେଇଥିଲାବେଳେ ରୁଚି କର୍ପୋରେଟ ସେଲ୍ସ ବିଭାଗ ବିଶେଷଜ୍ଞ ସାଇ ସସ୍ମିତା ନାୟକ ଓ ବିଜିନେସ ଏକଜିକ୍ୟୁଟିଭ ସୋନାଲି ସାହୁ ଏହାକୁ ପରିଚାଳନା କରିଥିଲେ । ରୁଚିର ବିଭିନ୍ନ ନୂତନ ଉତ୍ପାଦ ସଂପର୍କରେ ସମସ୍ତଙ୍କୁ ଅବଗତ କରାଯାଇଥିଲା ।

# ଲାଞ୍ଜିଗଡ଼ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବା ସୁବିଧାକୁ ରୂପାନ୍ତରିତ କରିଛି ଏମଏସ୍‌ଜେକେ ହସ୍ପିଟାଲ

ଭୁବନେଶ୍ୱର,(ସବ୍ୟୁ): ଦାରିଦ୍ର୍ୟ ଏବଂ ଅପର୍ଯ୍ୟାପ୍ତ ସ୍ୱାସ୍ଥ୍ୟସେବା ସୁବିଧା ପାଇଁ ସଂଘର୍ଷ ପାଇଁ ଜଣାଶୁଣା କଳାହାଣ୍ଡି ସ୍ୱାସ୍ଥ୍ୟସେବା ସୁବିଧା କ୍ଷେତ୍ରରେ ଏକ ନୀରବ ବିପ୍ଳବ ଦେଖୁଛି। ଏହି ପରିବର୍ତ୍ତନର ପ୍ରମୁଖ ବାହକମାନଙ୍କ ମଧ୍ୟରେ ମା ସନ୍ତୋଷୀ ଜନକଲ୍ୟାଣ (ଏମଏସଯେକେ) ହସ୍ପିଟାଲ ରହିଛି, ଯାହାକି ଏକଦା ଗରିବ ଜିଲ୍ଲାର ହଜାର ହଜାର ଲୋକଙ୍କ ପାଇଁ ଆଶାର ଆଲୋକ ଅଟେ । ଦଶନ୍ଧି ଧରି, ଏହି ଦୂରବର୍ତ୍ତୀ ଅଂଚଳର ସମ୍ପ୍ରଦାୟଗୁଡ଼ିକ କୌଣସି ସ୍ୱାସ୍ଥ୍ୟସେବା ସୁବିଧା ନପାଇ ସ୍ୱାସ୍ଥ୍ୟ ସଙ୍କଟ ସହିତ ଲଢୁଥିଲେ ।ମୌଳିକ ସ୍ୱାସ୍ଥ୍ୟସେବା ସେବା ପ୍ରାୟତଃ ଅପହଞ୍ଚ ଥିଲା, ଯାହା ପରିବାରଗୁଡ଼ିକୁ ଚିକିତ୍ସା ପାଇଁ ଦୀର୍ଘ ଦୂରତା ଯାତ୍ରା କରିବାକୁ ବାଧ କରୁଥିଲା । ଏହି ଅଞ୍ଚଳରେ ସ୍ୱାସ୍ଥ୍ୟସେବାର ଦୃଶ୍ୟପଟ ବିକଶିତ ହୋଇଛି । କଳାହାଣ୍ଡିରେ ବେଦାନ୍ତର ଉପସ୍ଥିତି ଏହି ଯାତ୍ରାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ୨୦୦୦ ମସିହାରେ ପ୍ରତିଷ୍ଠିତ ଏମଏସଯେକେ ହସ୍ପିଟାଲକୁ ସମର୍ଥନ କରି ସଙ୍କଟ ଏବଂ ଯତ୍ନ ମଧ୍ୟରେ ଥିବା ବ୍ୟବଧାନକୁ ପୂରଣ କରୁଛି। ଏହି ହସ୍ପିଟାଲଟି ପ୍ରାରମ୍ଭରେ ଚାରୋଟି ଗ୍ରାମ ପଞ୍ଚାୟତର ୭୦ ଟି ଗ୍ରାମର ୮,୦୦୦ ଲୋକଙ୍କୁ ସେବା ଦେବା ପାଇଁ ନିର୍ମିତ ହୋଇଥିଲା, ଯାହାର ପ୍ରଭାବ କିଛି ଅଂଚଳରେ ସୀମିତ ଥିଲା ।୨୦୧୪ ମସିହାରେ ଯେତେବେଳେ ବେଦାନ୍ତ ଲାଞ୍ଜିଗଡ଼ରୁ ପ୍ରାୟ ୨୫ କିଲୋମିଟର ଦୂରରେ ଥିବା ଏମଏସଯେକେ ହସ୍ପିଟାଲ ସହିତ ସହଭାଗୀତା ଆରମ୍ଭ କଲା ସେତେବେଳେ ଏକ ବଡ ପରିବର୍ତ୍ତନ ହେଲା । ଯଦିଓ ଏହା ବେଦାନ୍ତର ବ୍ୟାପକ ସହାୟତା ସହିତ ବାଙ୍କାକୁଣ୍ଡୁ ଅଂଚଳର ଏକମାତ୍ର ସ୍ୱାସ୍ଥ୍ୟସେବା କେନ୍ଦ୍ର ହୋଇ ରହିଛି, ତଥାପି ଏହି ହସ୍ପିଟାଲ ଏବେ ୧୫ଟି ଗ୍ରାମ ପଞ୍ଚାୟତର ୩୦୦ଟି ଗ୍ରାମକୁ ସହାୟତା କରୁଛି, ଯାହା ବାର୍ଷିକ ୨୫,୦୦୦ ଲୋକଙ୍କୁ ଉପକୃତ କରେ। ହସ୍ପିଟାଲଟି ଆଶ୍ୱାସନାର ଏକ ସ୍ତମ୍ଭ ପାଲଟିଛି, ଯାହା ଓଡ଼ିଶାର ଏକ ଦୁର୍ଗମ ଅଞ୍ଚଳରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଏବଂ ଅତ୍ୟାବଶ୍ୟକ ଚିକିତ୍ସାକୁ ବାସ୍ତବତାରେ ପରିଣତ କରିଛି ।।

କିନ୍ତୁ ପରିସଂଖ୍ୟାନ ବ୍ୟତୀତ, ଯେଉଁମାନଙ୍କର ଜୀବନ ସ୍ପର୍ଶ କରିଛି ସେମାନଙ୍କ କାହାଣୀ ହିଁ ଏହି ପରିବର୍ତ୍ତନର ପ୍ରଭାବକୁ ପ୍ରକୃତରେ ପ୍ରତିଫଳିତ କରେ। ଉଚ୍ଚ ମାତୃ ମୃତ୍ୟୁହାର ଯୋଗୁଁ ଗର୍ଭଧାରଣକୁ ଭୟ କରୁଥିବା ମା'ମାନେ ଏବେ ସ୍ୱତନ୍ତ୍ର ଯତ୍ନରେ ସାନ୍ତ୍ୱନା ପାଆନ୍ତି। ପ୍ରତିରୋଧଯୋଗ୍ୟ ରୋଗରେ ପୀଡିତ ପିଲାମାନେ ଏବେ ନିୟମିତ ଟୀକାକରଣ ଏବଂ ସ୍ୱାସ୍ଥ୍ୟ ପରୀକ୍ଷା ପାଆନ୍ତି । ମ୍ୟାଲେରିଆ, ଡାଇରିଆ ଏବଂ ସିକଲ୍ ସେଲ୍ ଆନିମିଆ ଭଳି ପରିସ୍ଥିତି ସହିତ ଲଢୁଥିବା ବ୍ୟକ୍ତିମାନେ – ଏହି ଅଂଚଳରେ ପ୍ରଚଳିତ ରୋଗ – ହସ୍ପିଟାଲର ବ୍ୟାପକ ଚିକିତ୍ସା କାର୍ଯ୍ୟକ୍ରମ ଯୋଗୁଁ ଲଢ଼ିବାର ଅଧିକ ସମ୍ଭାବନା ଅଛି । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏଠାରେ ସ୍ୱାସ୍ଥ୍ୟସେବା ହସ୍ପିଟାଲ କାନ୍ଥ ମଧ୍ୟରେ ଆବଦ୍ଧ ନୁହେଁ। ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ୍ ଡାକ୍ତର ଏବଂ ନର୍ସମାନଙ୍କୁ ସିଧାସଳଖ ସେମାନଙ୍କ ପାଖରେ ପହଞ୍ଚାଏ ଯେଉଁମାନେ ସେମାନଙ୍କୁ ସବୁଠାରୁ ଅଧିକ ଆବଶ୍ୟକ କରନ୍ତି, ଛୋଟମୋଟ ରୋଗ ଜରୁରୀକାଳୀନ ପରିସ୍ଥିତିରେ ପରିଣତ ହେବା ପୂର୍ବରୁ ପ୍ରାରମ୍ଭିକ ହସ୍ତକ୍ଷେପ ସୁନିଶ୍ଚିତ କରେ। ଏହି ପଦକ୍ଷେପ

ଦ୍ୱାରା ଡାକ୍ତରଖାନାରେ ଭର୍ତିହେବା ବହୁତ ହ୍ରାସ ପାଇଛି, ପରିବାରଗୁଡ଼ିକୁ ଚିକିତ୍ସା ପାଇଁ କଷ୍ଟକର ଯାତ୍ରା କରିବା ପରିବର୍ତ୍ତେ

ସେମାନଙ୍କ ଗ୍ରାମ ମଧ୍ୟରେ ସମୟାନୁସାରେ ଚିକିତ୍ସା ପାଇପାରୁଛନ୍ତି।

ଜରୁରୀକାଳୀନ ପ୍ରତିକ୍ରିୟାରେ ମଧ୍ୟ ଏକ ଉଲ୍ଲେଖନୀୟ ଉନ୍ନତି ଦେଖାଯାଇଛି। ଆମ୍ବୁଲାନ୍ସ ହସ୍ତକ୍ଷେପ ସହିତ, ଏମଏସଯେକେ

ହସ୍ପିଟାଲ ଦ୍ରୁତ ଚିକିତ୍ସା ସହାୟତା ସୁନିଶ୍ଚିତ କରିଛି ଯାହା ଅନେକ କ୍ଷେତ୍ରରେ ଜୀବନ ଏବଂ ମୃତ୍ୟୁ ମଧ୍ୟରେ ପାର୍ଥକ୍ୟ ସୃଷ୍ଟି କରିଛି ।

# ୧୧ ବର୍ଷରେ ସକାରାତ୍ମକ ପରିବର୍ତ୍ତନ ଆସିଛି

ନୂଆଦିଲ୍ଲୀ, (ସବ୍ୟୁ) : ଏନଡିଏ ନେତୃତ୍ୱାଧୀନ ସରକାରରେ ଗତ ୧୧ ବର୍ଷ ଭିତରେ ଭାରତର ଉଲ୍ଲେଖନୀୟ ରୂପାନ୍ତରିକରଣକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଲ୍ଲେଖ କରିଛନ୍ତି । ବିଭିନ୍ନ କ୍ଷେତ୍ରରେ ହୋଇଥିବା ଦ୍ରୁତ ଅଭିବୃଦ୍ଧି ଲାଗି ୧୪୦ କୋଟି ଭାରତୀୟଙ୍କ ସାମୁହିକ ଚେଷ୍ଟା ନିହିତ ଓ ଏହା କେବଳ ସୁଶାସନ ଓ ରୂପାନ୍ତରିକରଣ ପାଇଁ ହୋଇପାରିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି । ସବକା ସାଥ, ସବକା ବିକାଶ, ସବକା ବିଶ୍ୱାସ, ସବକା ପ୍ରୟାସ ଭାବଧାରାରେ ଏନଡିଏ ସରକାର ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି । ଅର୍ଥନୈତିକ ଅଭିବୃଦ୍ଧିରୁ ଆରମ୍ଭ କରି ସାମାଜିକ ପରିବର୍ତ୍ତନ କ୍ଷେତ୍ରରେ ଲୋକମାନଙ୍କ ହିତ ଲାଗି ସରକାର ଅଧିକ ଗୁରୁତ୍ୱ ଦେଇଛନ୍ତି । ଭାରତ କେବଳ ଏକ ପ୍ରଗତିଶୀଳ ଅର୍ଥନୀତି ନୁହେଁ ବରଂ ଜଳବାୟୁ ପରିବର୍ତ୍ତନ ଓ ଡିଜିଟାଲ ଅଗ୍ରଗତି କ୍ଷେତ୍ରରେ



ସାରା ବିଶ୍ୱ ଲାଗି ଏକ ବୈଶ୍ୱିକ ମାଧମ ପାଲଟିଛି । ବିଶ୍ୱାସ, ଆତ୍ମବିଶ୍ୱାସ ଓ ପରିମାର୍ଜିତ ପ୍ରସ୍ତାବ ସହ ସାମୁହିକ ସଫଳତାରେ ଆମେ ଗର୍ବିତ ଛ ଗତ ୧୧ ବର୍ଷରେ ବ୍ୟାପକ ପରିବର୍ତ୍ତନ ହୋଇଛି ଓ ଜୀବନଧାରଣର ମାନକୁ ସରଳିକରଣ କରାଯାଇଛି । ନମୋ ଆପ ମାଧ୍ୟମରେ ଭାରତର ରୂପାନ୍ତରିତ ଯାତ୍ରା ସମ୍ପର୍କରେ ଲୋକେ ଆବିଷ୍କାର କରିପାରିବେ ବୋଲି ମୋଦୀ କହିଛନ୍ତି । ଗେମ, କୁଇଜ, ସର୍ଭେ ଓ ଅନ୍ୟାନ୍ୟ ଫର୍ମାଟରେ ଏହି ଆପ ମାଧ୍ୟମରେ ଲୋକେ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ଜାଣିପାରୁଥିବା ପ୍ରଧାନମନ୍ତ୍ରୀ କହିଛନ୍ତି । ନମୋ ଆପ ଓ ଅନ୍ୟାନ୍ୟ ୱେବସାଇଟରେ ଉପଲବ୍ଧ ବିଭିନ୍ନ ଭିଡିଓ, ଇନଫୋଗ୍ରାଫିକ୍ସ ଓ ପ୍ରବନ୍ଧ ମାଧ୍ୟମରେ ଭାରତର ବିକାଶ ଯାତ୍ରା ସମ୍ପର୍କରେ ଲୋକେ ଅବଗତ ହୋଇପାରିବେ ବୋଲି ମୋଦୀ କହିଛନ୍ତି । ଟୁଇଟର ହ୍ୟାଣ୍ଡେଲରେ ପୋଷ୍ଟ କରି ପ୍ରଧାନମନ୍ତ୍ରୀ ଏକଥା ଉଲ୍ଲେଖ କରିଛନ୍ତି

## ଆତଙ୍କୀ ରାଣାକୁ ମିଳିଲା ଫୋନ୍ ଅନୁମତି

ନୂଆଦିଲ୍ଲୀ: ଦିଲ୍ଲୀର ପଟିଆଲା ହାଉସ କୋର୍ଟ ୨୬/୧୧ ଆତଙ୍କବାଦୀ ଆକ୍ରମଣ ଅଭିଯୁକ୍ତ ତହବୁର ରାଣାକୁ ନିଜ ପରିବାର ସହିତ ଫୋନରେ କଥା ହେବାକୁ ଅନୁମତି ଦେଇଛନ୍ତି । ରାଣା ଏ ନେଇ ପଟିଆଲା ହାଉସ କୋର୍ଟରେ ଏକ ଆବେଦନ କରିଥିଲା । ଅନ୍ୟପକ୍ଷରେ କୋର୍ଟ ସୋମବାର ଠାରୁ ୧୦ ଦିନ ମଧ୍ୟରେ ରାଣାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଏକ ନୂତନ ରିପୋର୍ଟ ମଧ୍ୟ ମାଗିଛନ୍ତି ।ଦିଲ୍ଲୀର ପଟିଆଲା ହାଉସ କୋର୍ଟର ସ୍ୱତନ୍ତ୍ର ବିଚାରପତି ଚନ୍ଦର ଜିତ ସିଂହ ରାଣାଙ୍କୁ କେବଳ ଥରେ ଏହି ଅନୁମତି ଦେଇଛନ୍ତି । ବିଚାରପତି କହିଛନ୍ତି ଯେ ଏହି କଲ୍ ଜେଲ ମାନୁଆଲ୍ ଅନୁଯାୟୀ ହେବ ଏବଂ ତିହାର ଜେଲ କର୍ତ୍ତୃପକ୍ଷଙ୍କ ଦ୍ୱାରା ଏହା ଉପରେ ନଜର ରଖାଯିବ । କୋର୍ଟ ଜେଲ କର୍ତ୍ତୃପକ୍ଷଙ୍କୁ ରାଣାକୁ ନିୟମିତ ଫୋନ୍ କଲ୍ କରିବାକୁ ଅନୁମତି ଦିଆଯିବା ଉଚିତ କି ନାହିଁ ସେ ବିଷୟରେ ସେମାନଙ୍କର ମତ ସ୍ପଷ୍ଟ ଉଲ୍ଲେଖ ଥିବା ଏକ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।ଦାବି କରାଯାଉଛି ଯେ ତହୱୁର ରାଣା ନିଜ କନସଲଟାନ୍ସି ସଂସ୍ଥାରେ ଡେଭିଡ୍ ହେଡଲିକୁ ମଧ୍ୟ ନିଯୁକ୍ତି ଦେଇଥିଲା । ଡେଭିଡ୍ ହେଡଲି ଏହି ଫାର୍ମର ମୁମ୍ବାଇ ଶାଖାର କାମ ପାଇଁ ମୁମ୍ବାଇ ଆସିଥିଲା ଏବଂ ଲସ୍କର-ଏ-ତୈବାର ଆତଙ୍କବାଦୀ ଆକ୍ରମଣର ଯୋଜନା ପ୍ରସ୍ତୁତି କରିବା ପାଇଁ ମୁମ୍ବାଇର ତାଜମହଲ ହୋଟେଲ ଏବଂ ଛତ୍ରପତି ଶିବାଜୀ ଟର୍ମିନସ୍ ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକର ରେକି କରିଥିଲା ।

## ପଦାରେ ପଡିଲା ତୁର୍କିର ଭାରତ ବିରୋଧୀ ଷଡଯନ୍ତ୍ର

ନୂଆଦିଲ୍ଲୀ : ଅପରେସନ୍ ସିନ୍ଦୁର ସମୟରେ ତୁର୍କୀ ପାକିସ୍ତାନକୁ ସବୁ ପ୍ରକାରେ ସାହାଯ୍ୟ କରିଥିଲା । କିନ୍ତୁ ଏତିକିରେ ସୀମିତ ରହିନାହିଁ ତୁର୍କୀ, ଭାରତ ବିରୋଧରେ ଏକ ବଡ଼ ଷଡ଼ଯନ୍ତ୍ର କରୁଛି । ଉଦ୍ଦେଶ୍ୟ ଭାରତରେ ଆତଙ୍କବାଦୀ କାର୍ଯ୍ୟକଳାପ । ଏକ ଗୁଇନ୍ଦା ରିପୋର୍ଟରୁ ଜଣାପଡ଼ିଛି ଯେ ତୁର୍କୀ ବାଂଲାଦେଶର ଇସଲାମିକ୍ ମୌଳବାଦୀ ସଂଗଠନ ଜମାତ-ଏ-ଇସଲାମିକୁ ଟଙ୍କା ଦେଉଛି, ଏହାର ଆତଙ୍କବାଦୀମାନଙ୍କୁ ଅସ୍ତ୍ରଶସ୍ତ୍ର ଦେଉଛି ।ରାଜନୈତିକ ସାହାଯ୍ୟ ଦେଉଛି ଯାହା ଦ୍ୱାରା ଏହା ଭାରତର ଉତ୍ତର-ପୂର୍ବ ଅଞ୍ଚଳରେ ଆତଙ୍କବାଦ ଓ ବିଚ୍ଛିନ୍ନତାବାଦୀ କାର୍ଯ୍ୟକଳାପ ପ୍ରସାର କରାଯାଇପାରିବ । ରିପୋର୍ଟ ଅନୁଯାୟୀ, ତୁର୍କୀ ଗୁପ୍ତଚର



ସଂସ୍ଥା ଏବଂ ମୌଳବାଦୀ ସଂସ୍ଥା ଜମାତକୁ ଆର୍ଥିକ, ଆଦର୍ଶଗତ ଏବଂ ସାମରିକ ସମର୍ଥନ ଦେଉଛନ୍ତ । ଏହା କେବଳ ବାଂଲାଦେଶର ରାଜନୀତି ପର୍ଯ୍ୟନ୍ତ ସୀମିତ ନୁହେଁ, ବରଂ ଭାରତର ଉତ୍ତର-ପୂର୍ବ ରାଜ୍ୟ, ପଶ୍ଚିମବଙ୍ଗ, କେରଳ ଏବଂ କାଶ୍ମୀରକୁ ପ୍ରଭାବିତ କରୁଛି । ଏକ ଗୁଇନ୍ଦା ରିପୋର୍ଟରୁ ଜଣାପଡ଼ିଛି ଯେ ତୁର୍କୀ ବାଂଲାଦେଶର ଇସଲାମିକ୍ ମୌଳବାଦୀ ସଂଗଠନ ଜମାତ-ଏ-ଇସଲାମିକୁ ଟଙ୍କା ଦେଉଛି, ଏହାର ଆତଙ୍କବାଦୀମାନଙ୍କୁ ଅସ୍ତ୍ରଶସ୍ତ୍ର ଦେଉଛି । ରାଜନୈତିକ ସାହାଯ୍ୟ ଦେଉଛି ଯାହା ଦ୍ୱାରା ଏହା ଭାରତର ଉତ୍ତର-ପୂର୍ବ ଅଞ୍ଚଳରେ ଆତଙ୍କବାଦ ଓ ବିଚ୍ଛିନ୍ନତାବାଦୀ କାର୍ଯ୍ୟକଳାପ ପ୍ରସାର କରାଯାଇପାରିବ ।

ରିପୋର୍ଟରେ କୁହାଯାଇଛି ଯେ ତୁର୍କୀ ଗୁପ୍ତଚର ସଂସ୍ଥାଗୁଡ଼ିକ ଢାକାର ମୋଘବଜାରରେ ଅବସ୍ଥିତ ଜମାତ-ଏ-ଇସଲାମିର କାର୍ଯ୍ୟାଳୟର ପୁନଃନିର୍ମାଣ ପାଇଁ ଟଙ୍କା ପଠାଇଛି । ଏହି ପାଣ୍ଠି କେବଳ କୋଠା ପାଇଁ ନୁହେଁ, ବରଂ ସଂଗଠନ ଗଠନ ଏବଂ ପ୍ରଚାର ତନ୍ତ୍ରକୁ ମଜବୁତ କରିବା ପାଇଁ ବ୍ୟବହୃତ ହେଉଛି ।ଏହା ସହିତ, ଜମାତ ସହିତ ଜଡିତ ଛାତ୍ର ନେତା ସାଦିକ୍ କୟାମଙ୍କ ପରି କର୍ମୀମାନଙ୍କୁ ତୁର୍କୀର ଅସ୍ତ୍ରଶସ୍ତ୍ର କାରଖାନାକୁ ଗସ୍ତରେ ନିଆଯାଉଛି ।ଏହାର ସିଧାସଳଖ ଅର୍ଥ ହେଉଛି ସାମରିକ ପ୍ରଯୁକ୍ତିବିଦ୍ୟା ଏବଂ ନେଟୱାର୍କିଂ ବିଷୟରେ ସୂଚନା ଦିଆଯାଉଛି ।

## ୟୁକ୍ରେନ ଉପରେ ରୁଷର ପ୍ରଚଣ୍ଡ ଆକ୍ରମଣ

କିଭ୍: ୟୁକ୍ରେନ ଉପରେ ଗତ ରାତିରେ ରୁଷ ସବୁଠାରୁ ବଡ଼ ଡ୍ରୋନ୍ ଆକ୍ରମଣ କରିଛି ।ଏହି ଆକ୍ରମଣରେ ରୁଷ ବୋମାମାଡ଼ ପାଇଁ ୪୭୯ଟି ଡ୍ରୋନ୍ ବ୍ୟବହାର କରିଛି । ୟୁକ୍ରେନୀୟ ବାୟୁସେନା ଅନୁଯାୟୀ, ଡ୍ରୋନ୍ ବ୍ୟତୀତ, ୟୁକ୍ରେନର ବିଭିନ୍ନ ସ୍ଥାନରେ ୨୦ ପ୍ରକାରର କ୍ଷେପଣାସ୍ତ୍ର ମଧ୍ୟ ନିକ୍ଷେପ କରାଯାଇଛି ।

ୟୁକ୍ରେନୀୟ ବାୟୁସେନା କହିଛି ଯେ ଆକ୍ରମଣ ମୁଖ୍ୟତଃ ୟୁକ୍ରେନର କେନ୍ଦ୍ରୀୟ ଏବଂ ପଶ୍ଚିମ ଅଞ୍ଚଳକୁ ଟାର୍ଗେଟ କରିଥିଲା ।ବାୟୁସେନାର ଏକ ବିବୃତ୍ତିରେ କୁହାଯାଇଛି ଯେ ୟୁକ୍ରେନର ବାୟୁ ପ୍ରତିରକ୍ଷା ପ୍ରଣାଳୀ ଆକାଶ ମାର୍ଗରେ ୨୭୭ ଡ୍ରୋନ୍ ଏବଂ ୧୯ କ୍ଷେପଣାସ୍ତ୍ରକୁ ନଷ୍ଟ କରିଛି । ବିବୃତ୍ତିରେ ଦାବି କରାଯାଇଛି ଯେ କେବଳ ୧୦ ଡ୍ରୋନ୍ କିମ୍ବା କ୍ଷେପଣାସ୍ତ୍ର ସେମାନଙ୍କ ଲକ୍ଷ୍ୟସ୍ଥଳରେ ପହଞ୍ଚିପାରିଛି ।

## ମସ୍କଙ୍କ ହାତ ଛାଡ଼ିଲେ ଟ୍ରମ୍ପ

ୱାସିଂଟନ: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ଟେକ୍ ବିଲିୟନେୟାର ଏଲନ୍ ମସ୍କଙ୍କ ମଧ୍ୟରେ ସମ୍ପର୍କ ଅତି ତିକ୍ତ ହୋଇଉଠିଛି । ଟ୍ରମ୍ପ ଆଜି ଏକ ବଡ଼ ବୟାନ ଦେଇ ମସ୍କଙ୍କ ସହ ତାଙ୍କର ସଂପର୍କ ଶେଷ ହୋଇଯାଇଛି ବୋଲି କହିବା ସହ ତାଙ୍କୁ ଚେତାବନୀ ଦେଇଛନ୍ତି । ଟ୍ରମ୍ପ କହିଛନ୍ତି ଡେମୋକ୍ରାଟ୍ମାନେ ଏବେ ମସ୍କଙ୍କୁ ସମର୍ଥନ କରୁଛନ୍ତି ଏବଂ ମସ୍କ ସେମାନଙ୍କୁ ସହାୟତା କରୁଛନ୍ତି । ଏଭଳି ଧାରା ଜାରି ରଖିଲେ ମସ୍କଙ୍କ ପାଇଁ ଆଗକୁ ପରିଣାମ ଗମ୍ଭୀର ହେବ ବୋଲି ଟ୍ରମ୍ପ ଚେତାବନୀ ଦେଇଛନ୍ତି । ଟ୍ରମ୍ପ ଆହୁରି ମଧ୍ୟ କହିଛନ୍ତି ଯେ ମସ୍କ ଆମେରିକା ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟକୁ ଅପମାନିତ କରିଛନ୍ତି ଏବଂ ତାଙ୍କୁ ଦିଆଯାଇଥିବା ସୁଯୋଗର ସେ ଅପବ୍ୟବହାର କରିଛନ୍ତି । ଏକ



ସାକ୍ଷାତକାରରେ ଜଣେ ସାମ୍ବାଦିକ ଟ୍ରମ୍ପଙ୍କୁ ପଚାରିଥିଲେ, ଟେସ୍ଲା-ସ୍ପେସ୍ଏକ୍ସ ସିଇଓଙ୍କ ସହ ଆପଣଙ୍କ ସମ୍ପର୍କ ଶେଷ ହୋଇଛି ବୋଲି ଭାବୁଛନ୍ତି କି? ଏହାର ଜବାବରେ ଟ୍ରମ୍ପ କହିଛନ୍ତି, ମୁଁ ଭାବୁଛି ଏହି ସଂପର୍କ ଶେଷ ହୋଇଯାଇଛି । ଆପଣ ଜାଣନ୍ତି, ମୁଁ ବିପୁଳ ବ୍ୟବଧାନରେ ନିର୍ବାଚନ ଜିତିଥିଲି ଏବଂ ମସ୍କଙ୍କୁ ବଡ଼ ସୁଯୋଗ ଦେଇଥିଲି । ସୂଚନାଯୋଗ୍ୟ, ଇଲେକ୍ଟ୍ରିକ୍ ଯାନ ନିୟମକୁ ନେଇ ଟ୍ରମ୍ପଙ୍କ କେତେକ ନିର୍ଦ୍ଦେଶକୁ ମସ୍କ ବିରୋଧ କରିଥିଲେ ଏବଂ ଶୁଳ୍କ ନୀତିକୁ ମଧ୍ୟ ନାପସନ୍ଦ କରିଥିଲେ । ଏହାକୁ ନେଇ ତିକ୍ତତା ବଢିବା ପରେ ଉଭୟ ପରସ୍ପର ବିରୋଧରେ ଅତି କଟୁ ମନ୍ତବ୍ୟ ଦେଇଥିଲେ । ଟ୍ରମ୍ପଙ୍କ ବିରୋଧରେ ମସ୍କଙ୍କ ଅଭିଯୋଗ ମଧ୍ୟ ରାଜନୀତିକୁ ସରଗରମ କରିଛି । ଡେମୋକ୍ରାଟମାନେ ଏହାକୁ ଅସ୍ତ୍ର କରି ଟ୍ରମ୍ପ ପ୍ରଶାସନକୁ ଟାର୍ଗେଟ୍ କରିଛନ୍ତି ।

## ଟ୍ରମ୍ପଙ୍କ ନିର୍ଦ୍ଦେଶ : ବିକ୍ଷୋଭକାରୀଙ୍କୁ ଗିରଫ କର

ଲସ୍ ଆଞ୍ଜେଲସ୍: ବେଆଇନ ପ୍ରବାସୀମାନଙ୍କ ଦ୍ୱାରା ଆମେରିକାର ଲସ୍ ଆଞ୍ଜେଲସ୍ରେ ଚାଲିଥିବା ବିରୋଧ ପ୍ରଦର୍ଶନ ଧୀରେ ଧୀରେ ହିଂସାତ୍ମକ ରୂପ ନେବାରେ ଲାଗିଛି । ସହରର ଅନେକ ସ୍ଥାନରେ




ପୋଡ଼ାଜଳା ଓ ହିଂସାକାଣ୍ଡ ଦେଖିବାକୁ ମିଳୁଛି । ଏହାକୁ ଦୃଷ୍ଟିରେ ରଖି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମାସ୍କ ପିନ୍ଧିଥିବା ପ୍ରତିବାଦକାରୀଙ୍କୁ ଗିରଫ କରିବାକୁ ସୁରକ୍ଷା ବାହିନୀକୁ ନିର୍ଦ୍ଦେଶ ଦେଇଛନ୍ତିଛଆମେରିକାର ରାଷ୍ଟ୍ରପତି ସମାଜିକ ଗଣମାଧ୍ୟମ ଟ୍ରୁଥରେ ଏକ ପୋଷ୍ଟ କରି କହିଛନ୍ତି, ମାସ୍କ ପିନ୍ଧିଥିବା ଲୋକଙ୍କୁ ତୁରନ୍ତ ଗିରଫ କରନ୍ତୁ। ଏବେଠାରୁ, ପ୍ରତିବାଦରେ ମାସ୍କ ପିନ୍ଧିବାକୁ ଅନୁମତି ଦିଆଯିବ ନାହିଁ । ଆମେରିକାର ରାଷ୍ଟ୍ରପତି ସମାଜିକ ଗଣମାଧ୍ୟମ ଟ୍ରୁଥରେ ଏକ ପୋଷ୍ଟ କରି କହିଛନ୍ତି, ମାସ୍କ ପିନ୍ଧିଥିବା ଲୋକଙ୍କୁ ତୁରନ୍ତ ଗିରଫ କରନ୍ତୁ। ଏବେଠାରୁ, ପ୍ରତିବାଦରେ ମାସ୍କ ପିନ୍ଧିବାକୁ ଅନୁମତି ଦିଆଯିବ ନାହିଁ । ତେବେ ଏହା ସ୍ପଷ୍ଟ ନୁହେଁ ଯେ ଆମେରିକାର ସଂଘୀୟ ସରକାରଙ୍କ ପାଖରେ ଏପରି ନିର୍ଦ୍ଦେଶ ଜାରି କରିବାର ଅଧିକାର ଅଛି କି ନାହିଁ। ଟା ପ୍ରତିବାଦକାରୀମାନେ ମୁହଁ ଚିହ୍ନଟରୁ ବଞ୍ଚିବା ଏବଂ ପୋଲିସ ଅସ୍ତ୍ରଶସ୍ତ୍ରରୁ ନିର୍ଗତ ଧୂଆଁରୁ ନିଜକୁ ରକ୍ଷା କରିବା ପାଇଁ ମାସ୍କ ପିନ୍ଧିଛନ୍ତି।

କାହିଁକି ହେଉଛି ବିକ୍ଷୋଭ ? ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିର୍ଦ୍ଦେଶରେ, ଇମିଗ୍ରେସନ ଅଧିକାରୀମାନେ ଅବୈଧ ପ୍ରବାସୀମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ଆମେରିକା ବାହାରକୁ ପଠାଇବା ପାଇଁ ଚଢାଉ କରୁଛନ୍ତି। ଟ୍ରମ୍ପଙ୍କ ଏହି ନିର୍ଦ୍ଦେଶ ବିରୋଧରେ ପ୍ରତିବାଦ ଦେଖିବାକୁ ମିଳୁଛି ଏବଂ ଲୋକମାନେ ରାସ୍ତାକୁ ବାହାରୁଛନ୍ତି। ମାନବାଧିକାର କର୍ମୀମାନେ କହିଛନ୍ତି ଯେ ଆମେରିକାରେ ଆଇନଗତ ଭାବରେ ରହୁଥିବା ଲୋକମାନଙ୍କୁ ମଧ୍ୟ ହଇରାଣ କରାଯାଉଛି ଏବଂ ସମାଜରେ ବିଭାଜନ ସୃଷ୍ଟି କରିବାକୁ ପ୍ରୟାସ କରାଯାଉଛି।

## ବସ୍ ଦୁର୍ଘଟଣାରେ ୧୫ ଛାତ୍ରଙ୍କ ମୃତ୍ୟୁ

ନୂଆଦିଲ୍ଲୀ : ମାଲେସିଆର ପେରାକରେ ଏକ ବଡ଼ ସଡ଼କ ଦୁର୍ଘଟଣା ଘଟିଛି। ଛାତ୍ରମାନଙ୍କୁ ନେଇ କ୍ୟାମ୍ପସକୁ ଫେରୁଥିବା ଏକ ବିଶ୍ୱବିଦ୍ୟାଳୟ ବସ୍ ଏକ କାର ସହିତ ଧକ୍କା ଦେଇଥିଲା, ଯେଉଁଥିରେ ୧୫ ଜଣଙ୍କର ମୃତ୍ୟୁ ହୋଇଥିଲା। ଏହି ଘଟଣା ସୋମବାର ସକାଳେ ଘଟିଥିଲା। ଦୁର୍ଘଟଣା ପରେ ମାଲେସିଆର ପ୍ରଧାନମନ୍ତ୍ରୀ ଅନୱର ଇବ୍ରାହିମ୍ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ପ୍ରାରମ୍ଭିକ ତଦନ୍ତ ଅନୁଯାୟୀ, କାର ସହିତ ଧକ୍କା ହେବା ପରେ ବସ୍ ନିୟନ୍ତ୍ରଣ ହରାଇଥିଲା। ରିପୋର୍ଟ ଅନୁଯାୟୀ, ପେରାକର ପୂର୍ବ-ପଶ୍ଚିମ ରାଜପଥରେ ବିଶ୍ୱବିଦ୍ୟାଳୟ ବସ୍ ଏକ କାର ସହିତ ଧକ୍କା ହୋଇଥିଲା। ବସ୍ରେ ଅନେକ ବିଶ୍ୱବିଦ୍ୟାଳୟ ଛାତ୍ର ବସିଥିଲେ। ପେରାକ ପୋଲିସ ମୁଖ୍ୟ ନୁର ହିଶାମ୍ ନୋର୍ଡିନ୍ କହିଛନ୍ତି ଯେ ପ୍ରାରମ୍ଭିକ ତଦନ୍ତରୁ ଜଣାପଡୁଛି ଯେ ବସ୍ ନିୟନ୍ତ୍ରଣ ହରାଇଥିଲା। ଏହା ଓଲଟିବା ପୂର୍ବରୁ ସାମ୍ନା କାରକୁ ପଛରୁ ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ ସୁଲତାନ ଇଦ୍ରିସ୍ ଶିକ୍ଷା ବିଶ୍ୱବିଦ୍ୟାଳୟର ୧୫ ଜଣ ଛାତ୍ରଙ୍କ ମୃତ୍ୟୁ ହୋଇଛି। ବସ୍ରେ ୪୮ ଜଣ ଛାତ୍ର ଥିବାବେଳେ ବସ୍ଟି ଟେରେଙ୍ଗାନୁ ରାଜ୍ୟର ଜେର୍ଟେହରୁ ଆସୁଥିଲା ଏବଂ ପେରାକର ତାନଜୁଙ୍ଗ ମାଲିମ୍ରେ ଥିବା ବିଶ୍ୱବିଦ୍ୟାଳୟର ମୁଖ୍ୟ କ୍ୟାମ୍ପସ୍ ଅଭିମୁଖେ ଯାଉଥିଲା। ଦୁର୍ଘଟଣାରେ ଘଟଣାସ୍ଥଳରେ ୧୩ ଜଣଙ୍କ ମୃତ୍ୟୁ ହୋଇଥିଲା, ଯେତେବେଳେ ଅନ୍ୟ ଦୁଇଜଣଙ୍କର ହସ୍ପିଟାଲରେ ମୃତ୍ୟୁ ହୋଇଥିଲା। ଦୁର୍ଘଟଣାରେ ଅନେକ ଛାତ୍ର ମଧ୍ୟ ଆହତ ହୋଇଥିଲେ।

## ୧୧ରେ ଜେଲରୁ ମୁକୁଳିବେ ଇମ୍ରାନ!

ଇସଲାମ୍ବାଦ : ଜୁନ ୧୧ରେ ଇମ୍ରାନ ଖାନଙ୍କୁ ଜାମିନ ମିଳିବାକୁ ଯାଉଥିବା ପିଟିଆଇର ମୁଖ୍ୟ ଗୋହର ଅଲୀ ଖାନ ଦାବି କରିଛନ୍ତି। ୨୦୨୩ ମସିହା ଅଗଷ୍ଟ ମାସରୁ ବନ୍ଦୀ ଜୀବନ କାଟୁଥିବା ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କୁ ନେଇ ବଡ଼ ତଥ୍ୟ ସାମ୍ନାକୁ ଆସିଛି। ସେ ଜୁନ ୧୧ରେ ଜେଲରୁ ମୁକୁଳିବେ ବୋଲି ତାଙ୍କ ଦଳ ପାକିସ୍ତାନ ତେହରିକ ଇ ଇନସାଫ ବା ପିଟିଆଇ ପକ୍ଷରୁ ଦାବି କରାଯାଇଛି। ଜୁନ ୧୧ରେ ଇମ୍ରାନ ଖାନଙ୍କୁ ଜାମିନ ମିଳିବାକୁ ଯାଉଥିବା ପିଟିଆଇର ମୁଖ୍ୟ ଗୋହର ଅଲୀ ଖାନ ଦାବି କରିଛନ୍ତି। କିଛି ଦିନ ତଳେ ଜେଲରେ ଥିବା ଇମ୍ରାନ ଖାନ ନିଜକୁ ପିଟିଆଇର ସଂରକ୍ଷକ ମୁଖ୍ୟ ଭାବେ ଘୋଷଣା କରିଥିଲେ। ସେ ଜେଲର ୪ କାନ୍ଥ ମଧ୍ୟରେ ରହି ଦେଶବ୍ୟାପୀ ତାଙ୍କ ଦଳ କରିବାକୁ ଯାଉଥିବା ବିକ୍ଷୋଭର ନେତୃତ୍ୱ ନେବେଛ ଏବେ ପିଟିଆଇ ମଧ୍ୟ ଦେଶବ୍ୟାପୀ ବିକ୍ଷୋଭ କରିବାକୁ ଅଣ୍ଟା ଭିଡ଼ିଛି।ଇମ୍ରାନ ଖାନଙ୍କ ଏପରି ଦାବି ପାକିସ୍ତାନ ଆର୍ମି ମୁଖ୍ୟ ଆସିମ ମୁନିରଙ୍କ ଚିନ୍ତା ବାଇ ଦେଇଛି। କାରଣ ଭାରତର ଅପରେସନ ସିନ୍ଦୂର ପରେ ମୁନିର ବ୍ୟାକଫୁଟରେ ରହିଛନ୍ତି। ଏପରି ସ୍ଥିତିରେ ଇମ୍ରାନ ଖାନଙ୍କ ଦଳ ଦେଶବ୍ୟାପୀ ବିକ୍ଷୋଭ ପାଇଁ ପ୍ରସ୍ତୁତ ହେବା ଓ ଇମ୍ରାନ ଖାନ ଜୁନ ୧୧ରେ ମୁକୁଳିବାର ସଙ୍କେତ ମିଳିବା, ତାଙ୍କ ଚିନ୍ତାକୁ ଦୁଇ ଗୁଣିତ କରି ଦେଇଛି। ସେ ଏବେ କ'ଣ କରିବେ, ସେହି ଚିନ୍ତାରେ ରହିଥିବା ଜଣାପଡ଼ିଛି। ଇସଲାମାବାଦ ହାଇକୋର୍ଟ ଜୁନ ୧୧ରେ ଇମ୍ରାନ ଖାନ ଓ ତାଙ୍କ ପତ୍ନୀ ବୁଶରା ବିବିଙ୍କୁ ଜିବିପି ୧୯୦ ମିଲିୟନ ଅଲ କାଦିର ଟ୍ରଷ୍ଟ ମାମଲାରେ ହୋଇଥିବା ଜେଲଦଣ୍ଡ ବିରୋଧୀ ଆବେଦନର ଶୁଣାଣି କରିବେ। ଏହି ମାମଲାରେ ସେମାନଙ୍କୁ ଜାମିନ ମିଳିବାର ଯଥେଷ୍ଟ ସମ୍ଭାବନା ଥିବା ଗୋହଲ ଅଲୀ ଖାନ ଦାବି କରିଛନ୍ତିଛ ତାଙ୍କ କହିବା କଥା ଯେ ଜୁନ ୧୧ ଖାନ ଦମ୍ପତିଙ୍କ



ପାଇଁ ବେଶ ଗୁରୁତ୍ୱପୂର୍ଣ୍ଣ। ସେ ଆହୁରି କହିଛନ୍ତି ଯେ ଇମ୍ରାନ ଖାନଙ୍କୁ ଛାଡ଼ିବା ପାଇଁ ଏକାଧିକ ବୁଝାମଣାର ଅଫର ଆସିଥିଲାଛ କିନ୍ତୁ ପିଟିଆଇ କୌଣସି ବୁଝାମଣାକୁ ଗ୍ରହଣ କରିବ ନାହିଁ ବୋଲି ସେ ପୁଣି ସ୍ପଷ୍ଟ କରିଛନ୍ତି।ଏକାଧିକ ମାମଲାର ସାମ୍ନା କରୁଥିବା ୭୨ ବର୍ଷୀୟ ଇମ୍ରାନ ଖାନ ଏବେ ରାୱଲପିଣ୍ଡିର ଆଦିଆଲା ଜେଲରେ ରହିଛନ୍ତି। ସେ ନିଜର ଗିରଫଦାରୀକୁ ୨୦୨୩ ଅଗଷ୍ଟରୁ ବେଆଇନ ବୋଲି କହିଆସୁଥିଲେ ହେଁ କୋର୍ଟରୁ ଏଯାଏ ଆଶ୍ୱସ୍ତି ପାଇ ନାହାନ୍ତି।

## ଚଳନ୍ତା ଟ୍ରେନରୁ ଖସି ୫ ଯାତ୍ରୀ ମୃତ

ଥାଣେ: ମୁମ୍ବାଇର ଛତ୍ରପତି ଶିବାଜୀ ମହାରାଜ ଟର୍ମିନସରୁ ଥାଣେର କସରା ଅଞ୍ଚଳକୁ ଯାଉଥିବା ଏକ ଲୋକାଲ୍ ଟ୍ରେନରୁ ଟ୍ରାକ୍ ଉପରେ ପଡ଼ି ପାଞ୍ଚ ଜଣ ଯାତ୍ରୀଙ୍କ ମୃତ୍ୟୁ ଘଟିଛି । ଏହି ଦୁର୍ଘଟଣାରେ ଏକାଧିକ ଯାତ୍ରୀ ଆହତ ମଧ୍ୟ ହୋଇଛନ୍ତି ।

ଅଧିକାରୀଙ୍କ ଅନୁଯାୟୀ, ଅତି କମରେ ୧୦ ରୁ ୧୨ ଜଣ ଯାତ୍ରୀ ଟ୍ରେନ୍ରୁ ଖସି ପଡ଼ିଥିବା ଜଣାପଡ଼ିଛି । ପୁଲିସ କହିଛି ଯେ ଥାଣେ ଜିଲ୍ଲାର ମୁମ୍ବ୍ରା ଷ୍ଟେସନ ନିକଟରେ ଏହି ଘଟଣା ଘଟିଛି । ଭାରତୀୟ ରେଳବାଇ ଅନୁଯାୟୀ, ଟ୍ରେନ୍ ଭିତରେ ଅତ୍ୟଧିକ ଭିଡ଼ ଯୋଗୁ ଲୋକମାନେ ଏକ ଡବାରୁ ଖସି ପଡ଼ିଥିଲେ । ଭିଡ଼ ଯୋଗୁ ଯାତ୍ରୀମାନେ ଦ୍ୱାରରେ ଝୁଲି ଯାତ୍ରା କରୁଥିଲେ । ରେଳବାଇ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ନିକଟସ୍ଥ ହସ୍ପିଟାଲକୁ ନେଇଛନ୍ତି । ଘଟଣାର ତଦନ୍ତ ଚାଲିଛି । ସକାଳ ପ୍ରାୟ ୧୦ଟା ସମୟରେ ଏହି ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି । ରେଳବାଇ ପୁଲିସ (ଜିଆର୍ପି) ଏବଂ ସ୍ଥାନୀୟ ପ୍ରଶାସନ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି । ରେଲୱେ ପ୍ରଶାସନ ଦୁର୍ଘଟଣାର ତଦନ୍ତ ଆରମ୍ଭ କରିଛି ।



## ହନିମୁନ୍ ହତ୍ୟା ମାମଲା : ପତ୍ନୀ ହାତରେ ପଡିଲା କଡ଼ି

ଇନ୍ଦୋର: ହନିମୁନ ହତ୍ୟା ମାମଲାରେ ପୁଣି ଆସିଲା ଚାଞ୍ଚଲ୍ୟକର ତଥ୍ୟ । ହୋସ୍ ଉଡାଇଦେବ ପିଶାଚୀ ପତ୍ନୀର କାରନାମା ଶୁଣିଲେ । ଜାଣି ଆଶ୍ଚର୍ଯ୍ୟ ହେବେ ବାହାଘରର ବାର ଦିନ ପରେ ହିଁ ନିଜ ସ୍ୱାମୀଙ୍କୁ ହତ୍ୟା କରିଛି ସ୍ତ୍ରୀ । ନିଜ ପ୍ରେମିକ ସହ ମିଶି ସ୍ୱାମୀଙ୍କୁ ହତ୍ୟା କରିବାକୁ ପ୍ଲାନ କରିଛି ଆଉ ସୁପାରୀ ଦେଇ ଶେଷରେ ହନିମୁନ ଟ୍ରିପରେ ଥିବା ବେଳେ ସ୍ୱାମୀଙ୍କୁ ହତ୍ୟା କରିଛି ଆଉ ହତ୍ୟା ପରେ ଘଟଣାକୁ ନାଟକୀୟ ମୋଡ ଦେବାକୁ ଚେଷ୍ଟା କରିଥିଲେ ହେଁ ପିଶାଚୁଣୀ ପତ୍ନୀର ସବୁ ଚାଲ୍ ଧରା ପଡିଯାଇଛି । ଆଉ ହନିମୁନ ହତ୍ୟା ମାମଲାରେ ସ୍ତ୍ରୀ ହାତରେ ହାତକଡ଼ି ପଡିଛି ।

ରାଜା ରଘୁବଂଶୀ ହତ୍ୟା ମାମଲାର ମାଷ୍ଟରମାଇଣ୍ଡ ଆଉ କେହି ନୁହନ୍ତି ବରଂ ତାଙ୍କ ନିଜ ପତ୍ନୀ ଖୋଦ୍ ସୋନମ । ସୋନମଙ୍କୁ ଗାଜିପୁରର ଗୋଟିଏ ଢାବାରୁ ଉତ୍ତରପ୍ରଦେଶ ପୋଲିସ ଧରିବାରେ ସଫଳ ହୋଇଛି । ଏଥିସହ ଅନ୍ୟ ୪ ଅଭିଯୁକ୍ତ ମଧ୍ୟ ପୁଲିସ ହାତରେ ଧରା ପଡ଼ିଛନ୍ତି । ଅଭିଯୁକ୍ତମାନେ ହେଲେ ଆକାଶ ରାଜପୁତ, ବିଶାଲ, ଆନନ୍ଦ ଏବଂ ରାଜ ସିଂ କୁଶୱାହା । ୨୧ ବର୍ଷୀୟ ରାଜ ସିଂ କୁଶୱାହା ସୋନମଙ୍କ ବୟଫ୍ରେଣ୍ଡ ବୋଲି କୁହାଯାଉଛି ।

ଆଉ ସେହି ପ୍ରେମିକର ପ୍ଲାନ ଅନୁସାରେ ସୋନମଙ୍କ ସ୍ୱାମୀଙ୍କୁ ହତ୍ୟା କରାଯାଇଛି ।ତେବେ ରାଜା ଏବଂ ସୋନମ ହନିମୁନ୍ ପାଇଁ ସିଲଙ୍ଗ ଯାଇଥିଲେ । ସେହିଠାରେ ହିଁ ରାଜାଙ୍କୁ



ସୁପାରି କିଲର୍ ହତ୍ୟା କରି ଘାଟିରୁ ଫିଙ୍ଗି ଦେଇଥିଲେ । ସବୁଠାରୁ ବଡ଼ କଥା ହେଉଛି ପ୍ରେମିକ ରାଜ୍ କିନ୍ତୁ ସେମାନଙ୍କ ସହ ସିଲଙ୍ଗ ଯାଇନଥିଲା । ସିଏ ଫୋନ ମାଧ୍ୟମରେ ଯୋଜନାକୁ ପରିଚାଳନା କରୁଥିଲା । ଲଗାତାର ଭାବେ ଭିନ୍ନ ଭିନ୍ନ ଲୋକେସନ ସହ ସୋନମ ଏବଂ ସୁପାରୀ କିଲରଙ୍କ ସହ ଯୋଗାଯୋଗ ଏବଂ ଚାଟିଂ ମାଧ୍ୟମରେ ନିର୍ଦ୍ଦେଶ ଦେଉଥିଲା ।

ସିଲଙ୍ଗରେ ପ୍ରଥମେ ସୁପାରୀ କିଲରଙ୍କୁ ସୋନମ ଭେଟିଥିଲେ ଏବଂ ପରେ ସମସ୍ତେ ଚେରାପୁଞ୍ଜି ବାହାରିଥିଲେ । ସେଠାରେ ଯୋଜନା ମୁତାବକ ସୋନମ ରାଜାଙ୍କୁ ଏକ ଶୂନଶାନ



ରାସ୍ତାରେ ନେଇଯାଇଥିଲେ, ଯେଉଁଠି ଆଗରୁ ସୁପାରୀ କିଲରମାନେ ପ୍ରସ୍ତୁତ ହୋଇଥିଲେ ଏବଂ ସେମାନେ ମିଳିମିଶି ରାଜାଙ୍କୁ ହତ୍ୟା କରିଛନ୍ତି ବୋଲି କହିଛନ୍ତି ଗିରଫ ହୋଇଥିବା ୪ ଅଭିଯୁକ୍ତ । ହତ୍ୟାକାଣ୍ଡ ପରେ ୪ ଅଭିଯୁକ୍ତଙ୍କ ସମେତ ସୋନମ ଉକ୍ତ ସ୍ଥାନ ଛାଡି ଚାଲିଆସିଥିଲେ ଏବଂ ଗୌହାଟୀ ଅଭିମୁଖେ ଯାତ୍ରା କରିଥିଲେ । ଗୌହାଟୀରେ ସମସ୍ତେ ସାଙ୍ଗରେ ରହିବା ପରେ ପରଦିନ ଯେଝା ବାଟରେ ଯେଝେ ଯାଇଥିଲେ । ହେଲେ ମେଘାଳୟ ପୋଲିସକୁ ରାଜାଙ୍କ ପତ୍ନୀ ସୋନମଙ୍କ ଉପରେ ସନ୍ଦେହ ବଢିଥିଲା । ସେପଟେ ରାଜାଙ୍କ ମୃତଦେହ ସମ୍ପୂର୍ଣ୍ଣ ଭାବରେ ସି ଯାଇଥିଲେ ସୁଦ୍ଧା ପରିବାର ଶବକୁ ଚିହ୍ନଟ କରିଥିଲେ । ହତ୍ୟାକାଣ୍ଡ ମେ ୨୩ ତାରିଖରେ ଘଟିଥିବା ବେଳେ ମେ ୧୧ ତାରିଖରେ ଦୁହିଁଙ୍କ ବିବାହ ହୋଇଥିଲା । ମାତ୍ର ୧୨ ଦିନରେ ନିଜ ଅସଲ ରୂପକୁ ଫେରି ଆସି ମିଛ ବିବାହର ନାଟକ କରୁଥିବା ସୋନମ ନିଜ ପ୍ରେମିକ ପାଇଁ ଗୋଟେ ପରିବାରକୁ ଛାରଖାର କରିଦେଲା । ଜୁନ୍ ୨ ରେ ରାଜାଙ୍କ ଶବ ମିଳିବା ପରେ ମାମଲା ଭିନ୍ନ ମୋଡ଼ ନେଇଥିଲା ଏବଂ ହତ୍ୟାକାଣ୍ଡର ଖୁଲାସା ହେଲା ।

## ଭାରତୀୟ ଟି-୨୦ ଦଳ

# ସ୍ଥାନ ପାଇବେ ବୈଭବ, ପ୍ରିୟଂଶ, ପ୍ରଭସିମରନ୍ !

ନୂଆଦିଲ୍ଲୀ, ୯।୬ (ଏଜେନ୍ସି) : ଆଇପିଏଲ୍‌ରେ ଚମକପ୍ରଦ ପ୍ରଦର୍ଶନ ଯୋଗୁ ସମସ୍ତଙ୍କ ନଜରକୁ ଆସିଛନ୍ତି ୩ ଯୁବ ଖେଳାଳି ପ୍ରିୟଂଶ ଆର୍ଯ୍ୟ, ପ୍ରଭସିମରନ୍ ସିଂ ଏବଂ ବୈଭବ ସୂର୍ଯ୍ୟବଂଶୀ। ଏହି ୩ ଖେଳାଳିଙ୍କ ଅନ୍ତର୍ଜାତୀୟ ପ୍ରଦାର୍ପଣକୁ ନେଇ ମତବ୍ୟକ୍ତ କରିଛନ୍ତି ପୂର୍ବତନ କ୍ରିକେଟ୍‌ର ରବିନ୍ ଉଥପା। ଆଗାମୀ ୨୦୨୬ ଟି- ୨୦ ବିଶ୍ୱକପ୍ ଭାରତୀୟ ଦଳରେ ଏହି ୩ ଅଣକ୍ୟାପ୍ ଖେଳାଳିଙ୍କୁ ସୁଯୋଗ ମିଳିବ ବୋଲି ରବିନ୍ ଉତପା ଦୃଢତାର ସହ କହିଛନ୍ତି। କାରଣ ସଦ୍ୟ ସମାପ୍ତ ଆଇପିଏଲ୍‌ର ୧୮ ତମ ସଂସ୍କରଣରେ ଏହି ଯୁବ ଖେଳାଳିଙ୍କ ପ୍ରତିଭା ସମସ୍ତେ ଦେଖିଲେ। ଟି- ୨୦ରେ ଏମାନେ ଉଚ୍ଚ କୋଟିର ପ୍ରଦାର୍ଶନ ଜାରି ରଖିଛନ୍ତି। ତେଣୁ ଖୁବ୍‌ଶୀଘ୍ର ଚୟନକର୍ତ୍ତାଙ୍କ ଶୁଭ ଦୃଷ୍ଟି ଏମାନଙ୍କ ଉପରେ ପଡିବ। ଜାତୀୟ ଦଳରେ ବହୁ ବରିଷ୍ଠ ଖେଳାଳି ଅବସର ନେଇ ସାରିଛନ୍ତି । ତେଣୁ ଭାରତୀୟ ଦଳକୁ ସୁଦୃଢ ଓ ସୁସଂଗଠିତ କରିବା ପାଇଁ ଯୁବ ଖେଳାଳିଙ୍କୁ ସୁଯୋଗ ଦେବା ସପକ୍ଷରେ ନୂଆ କୋଚ୍ ଗୌତମ ଗମ୍ଭୀର ସର୍ବଦା ପ୍ରାଧାନ୍ୟ ଦେଇଆସିଛନ୍ତି। ପଞ୍ଜାବ କିଙ୍ଗସର ଓପନିଂ ଯୋଡି ପ୍ରିୟଂଶ ଓ ପ୍ରଭସିମରନ୍ ନିଜର ଫିଅରଲେସ୍ କ୍ରିକେଟ୍ ପାଇଁ ଟୁର୍ଣ୍ଣାମେଣ୍ଟରେ ଚର୍ଚ୍ଚାରେ ରହିଥିଲେ। ଏମାନେ ବ୍ୟତୀୟ ୧୪ ବର୍ଷୀୟ ବିହାରର ବୈଭବ ସୂର୍ଯ୍ୟବଂଶୀ ରାଜସ୍ଥାନ ରୟାଲସ୍ ପକ୍ଷରୁ ୩୫ ବଲରୁ ଶତକ ହାସଲ କରି ଚହଳ ପକାଇଥିଲେ। ତେଣୁ ସମସ୍ତଙ୍କ ନଜର ସେମାନଙ୍କ ଉପରେ ରହିଛି। ଏଥର ଘରୋଇ ସିଜନ୍ ଓ ଆଇପିଏଲ୍‌ର ୧୯ ତମ ସଂସ୍କରଣରେ ଯଦି ଏମାନେ ବିଧ୍ୱଂସି ଇନିଂସ୍ ଖେଳିବାକୁ ସଫଳ ହୁଅନ୍ତି ତେବେ ଜାତୀୟ ଦଳରେ ଖୁବ୍‌ଶୀଘ୍ର ଏମାନଙ୍କୁ ସ୍ଥାନ ମିଳିଯିବ ବୋଲି ରବିନ୍ ଉଥପା କହିଛନ୍ତି। ଆଇପିଏଲ୍‌ରେ ପ୍ରଭସିମରନ୍ ୧୭ ମ୍ୟାଚରୁ ୫୪୯ ରନ୍ କରିଥିଲେ। ୪ ଟି ଅର୍ଦ୍ଧ ଶତକ ସହ ୯୧ ରନ୍ ତାଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ଥିଲା। ଚଳିତ ସିଜନ୍‌ରେ ସର୍ବାଧିକ ରନ୍ ସଂଗ୍ରହ କରିଥିବା ତାଲିକାର ସେ ଅଷ୍ଟମ ସ୍ଥାନରେ ଅଛନ୍ତି। ସେହିଭଳି ଓପନର୍ ପ୍ରିୟଂଶ ୧୭ ଇନିଂସରେ ୪୭୫ ରନ୍ କରିଛନ୍ତି। ଏଥିରେ ଗୋଟିଏ ଶତକ ଓ ଦୁଇଟି ଅର୍ଦ୍ଧ ଶତକ ରହିଛି। ସେହିଭଳି ବୈଭବ ସୂର୍ଯ୍ୟବଂଶୀ ୭ ଟି ମ୍ୟାଚ୍‌ରୁ ୨୫୨ ରନ୍ ସଂଗ୍ରହ କରିଛନ୍ତି। ଏଥିରେ ଗୋଟିଏ ଶତକ ଓ ଗୋଟିଏ ଅର୍ଦ୍ଧ ଶତକ ରହିଛି।



## ବଦଳିଲା ଟେଷ୍ଟ ଭେନ୍ୟୁ

# ଇଡେନ୍‌ରେ ଭାରତ – ଦ. ଆଫ୍ରିକା ମ୍ୟାଚ୍

ନୂଆଦିଲ୍ଲୀ, ୯।୬ (ଏଜେନ୍ସି): ଭାରତରେ ଖେଳାଯିବାକୁ ଥିବା କିଛି ଅନ୍ତର୍ଜାତୀୟ ମ୍ୟାଚ୍‌ର ଭେନ୍ୟୁରେ ପରିବର୍ତ୍ତନ କରାଯାଇଛି। ୨୦୨୫-୨୬ ସିଜନ୍‌ର ଉଭୟ ପୁରୁଷ ଓ ମହିଳା କ୍ରିକେଟ୍ ଦଳର ମ୍ୟାଚ୍ ଭେନ୍ୟୁରେ ବିସିଆଇ ସଂଶୋଧନ କରିଛି। ଏହା ମଧ୍ୟରେ ଏକ ଟେଷ୍ଟ ମ୍ୟାଚ୍ ବି ରହିଛି। ପ୍ରଦୂଷଣ ଚିନ୍ତା କାରଣରୁ ବିସିଆଇ ଏହି ମ୍ୟାଚକୁ ନୂଆଦିଲ୍ଲୀରୁ ଇଡେନ୍ ଗାର୍ଡେନକୁ ସ୍ଥାନାନ୍ତର କରିଛି। ନଭେମ୍ବର ମାସରେ ଦିଲ୍ଲୀରେ ପ୍ରଦୂଷଣର ମାତ୍ରା ସର୍ବାଧିକ ରହିଥାଏ। ଏ ଦୃଷ୍ଟିରୁ ଦିଲ୍ଲୀରେ ଖେଳାଯିବାକୁ ଥିବା ଭାରତ - ଦ.ଆଫ୍ରିକା ଟେଷ୍ଟ ମ୍ୟାଚ୍ ଇଡେନ ଗାର୍ଡେନକୁ ସ୍ଥାନାନ୍ତର ହୋଇଛି।

ନଭେମ୍ବର ୧୪ରେ ଦିଲ୍ଲୀର ଅରୁଣ ଜେଟ୍‌ଲି ଷ୍ଟାଡିୟମ୍‌ରେ ଭାରତ ଓ ଦ. ଆଫ୍ରିକା ମଧ୍ୟରେ ଟେଷ୍ଟ ମ୍ୟାଚ୍ ଖେଳାଯିବାର ଥିଲା। ମ୍ୟାଚ୍‌ର ଭେନ୍ୟୁ ପରିବର୍ତ୍ତନ ପରେ ଦିଲ୍ଲୀକୁ ଅକ୍ଟୋବରରେ ୱେଷ୍ଟଇଣ୍ଡିଜ୍ ବିପକ୍ଷ ଟେଷ୍ଟ ଆୟୋଜନର ସୁଯୋଗ ମିଳିଛି। ପୂର୍ବରୁ ଏହି ମ୍ୟାଚ୍ କୋଲକାତାରେ ହେବାକୁ ଥିଲା। ଏପ୍ରିଲ୍ ମାସରେ ବିସିସିଆଇ ଘରୋଇ ସିଜନ୍‌ର ଭେନ୍ୟୁ ଘୋଷଣା କରିଥିଲା। ନଭେମ୍ବର ମାସରେ ଦିଲ୍ଲୀରେ କିଭଳି ମ୍ୟାଚ୍ ହେବ ବୋଲି ଚିନ୍ତା ପ୍ରକଟ କରାଯାଇଥିଲା। କାରଣ ନଭେମ୍ବର ମାସରେ ଦିଲ୍ଲୀରେ ସାଂଘାତିକ ପ୍ରଦୂଷଣର ସାମ୍ନା କରିବାକୁ ପଡିଥାଏ। ଘନ କୁହୁଡି ସାଙ୍ଗକୁ ଧୂଳି ଓ ଧୂଆ ଯୋଗୁଁ ଦିଲ୍ଲୀର ପରିବେଶ ଅନ୍ତର୍ଜାତୀୟ ମ୍ୟାଚ୍ ପାଇଁ ଆଦୌ ଅନୁକୂଳ ନୁହେଁ। ପୂର୍ବ ସୂଚୀ ଘୋଷଣା ବେଳେ ବିସିସିଆଇ ଏ ଦିଗକୁ ଗୁରୁତ୍ୱ ଦେଇନଥିଲା। ଜୁନ୍ ୯ ତାରିଖ ଅର୍ଥାତ୍ ସୋମବାର ବିସିସିଆଇ ବିଧିବଦ୍ଧ ଭାବରେ ନଭେମ୍ବର ମାସରେ ଦିଲ୍ଲୀରେ ମ୍ୟାଚ୍ ସମ୍ଭବ ନୁହେଁ ବୋଲି ଘୋଷଣା କରିବା ସହ ଟେଷ୍ଟ ମ୍ୟାଚ୍‌ର ସ୍ଥାନ ବଦଳାଇଛି। ଅରୁଣ ଜେଟ୍‌ଲି ଷ୍ଟାଡିୟମରେ ଶେଷ ଥର ପାଇଁ ୨୦୨୩ ଫେବୃଆରୀରେ ଭାରତ ଟେଷ୍ଟ ମ୍ୟାଚ୍ ଖେଳିଥିଲା। ଅଷ୍ଟ୍ରେଲିଆ ବିପକ୍ଷରେ ମ୍ୟାଚ୍ ଭାରତ ୬ ୱିକେଟ୍‌ରେ ବିଜୟ ହୋଇଥିଲା। ଏହା ପୂର୍ବରୁ ୨୦୧୭ ଡିସେମ୍ବର ମାସରେ ଭାରତ ଓ ଶ୍ରୀଲଙ୍କା ଟେଷ୍ଟ ମ୍ୟାଚ୍‌ରେ ବିବାଦ ହୋଇଥିଲା। ଶ୍ରୀଲଙ୍କ ଖେଳାଳି ପ୍ରଦୂଷଣ ଯୋଗଁ ସାଂଘାତିକ ସ୍ଥିତିର ସମ୍ମୁଖୀନ ହୋଇଥିବା ଅଭିଯୋଗ ହୋଇଥିଲେ।

ଅତିରିକ୍ତ ଭାବେ ବିସିସିଆଇ ମହିଳା କ୍ରିକେଟ୍‌ର ଦଳର ତିନୋଟି ମ୍ୟାଚ୍‌ର ଭେନ୍ୟୁରେ ପରିବର୍ତ୍ତନ କରିଛି। ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ତିନୋଟି ଦିନିକିଆ ମ୍ୟାଚ୍ ଖେଳାଯିବ। ଏହି ଶୃଙ୍ଖଳା ସେପ୍ଟେମ୍ବର ୧୪ ରୁ ୨୦ ଯାଏ ଚାଲିବ। ଚେନ୍ନାଇର ଚିଦାମ୍ବରମ୍ ଷ୍ଟାଡିୟମରେ ଆଉଟ୍ ଫିଲ୍ଡ ଓ ପିଚ୍‌ଗୁଡିକର ନବିକରଣ କରାଯିବାରୁ ମହିଳା ଦିନିକିଆ ଶୃଙ୍ଖଳା ଚେନ୍ନାଇରୁ ଚଣ୍ଡିଗଡକୁ ସ୍ଥାନାନ୍ତର କରାଯାଇଛି। ଏହି ଶୃଙ୍ଖଳାର ପ୍ରଥମ ଦୁଇଟି ମ୍ୟାଚ୍ ନ୍ୟୁ ଚଣ୍ଡିଗଡର ନୂଆ ପିସିଏ ଷ୍ଟାଡିୟମରେ ଖେଳାଯିବ। ସେହିପରି ତୃତୀୟ ତଥା ଶେଷ ଦିନିକିଆ ମ୍ୟାଚ୍‌ଟି ଦିଲ୍ଲୀର ଅରୁଣ ଜେଟ୍‌ଲି ଷ୍ଟାଡିୟମରେ ଆୟୋଜିତ ହେବ।

**ଭାରତୀୟ ପୁରୁଷ ଦଳର ଘରୋଇ ମ୍ୟାଚ୍**

**ଭାରତ- ଇଣ୍ଡିଜ୍**
- ପ୍ରଥମ ଟେଷ୍ଟ- ଅକ୍ଟୋବର ୨ ରୁ ୬- ଅହମ୍ମଦାବାଦ
- ଦ୍ୱିତୀୟ ଟେଷ୍ଟ- ଅକ୍ଟୋବର ୧୦ ରୁ ୧୪- ଦିଲ୍ଲୀ

**ଭାରତ - ଦ. ଆଫ୍ରିକା ଶୃଙ୍ଖଳା**
- ପ୍ରଥମ ଟେଷ୍ଟ - ନଭେମ୍ବର ୧୪ ରୁ ୧୮ - କୋଲକାତା
- ଦ୍ୱିତୀୟ ଟେଷ୍ଟ - ନଭେମ୍ବର ୨୨ ରୁ ୨୬ - ଗୋହାଟି
- ପ୍ରଥମ ଦିନିକିଆ -ନଭେମ୍ବର ୩୦- ରାଞ୍ଚି
- ଦ୍ୱିତୀୟ ଦିନିକିଆ - ଡିସେମ୍ବର ୩ - ରାୟପୁର
- ତୃତୀୟ ଦିନିକିଆ - ଡିସେମ୍ବର ୬- ବିଶାଖାପାଟନମ୍
- ପ୍ରଥମ ଟି-୨୦ - ଡିସେମ୍ବର ୯- କଟକ
- ଦ୍ୱିତୀୟ ଟି-୨୦- ଡିସେମ୍ବର ୧୧ - ନ୍ୟୁ ଚଣ୍ଡିଗଡ
- ତୃତୀୟ ଟି- ୨୦- ଡିସେମ୍ବର ୧୪ - ଧର୍ମଶାଳା
- ଚତୁର୍ଥ ଟି-୨୦-ଡିସେମ୍ବର ୧୭- ଲକ୍ଷ୍ନୌ
- ପଞ୍ଚମ ଟି-୨୦-ଡିସେମ୍ବର ୧୯ -ଅହମ୍ମଦାବାଦ



# ଏସିଆନ୍ ଜୁଜିଟସୁ : ଅନୁପମାଙ୍କୁ ସମ୍ବର୍ଦ୍ଧିତ କଲେ ଆରକ୍ଷୀ ମହାନିର୍ଦ୍ଦେଶକ


ଭୁବନେଶ୍ୱର, ୯।୬ (ସବ୍ୟୁ) : ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ନବମ ଜୁଜିଟସୁ ଏସିଆନ୍ ଚାମ୍ପିଅନ୍‌ସିପ୍‌ରେ ଅଂଶ ଗ୍ରହଣ କରି ଉଚ୍ଚ କୋଟିର ପ୍ରଦର୍ଶନ ଦେଖାଇଥିବା ଅନୁପମା ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ରାଜ୍ୟ ପୋଲିସ ମୁଖ୍ୟାଳୟ ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଡିଜିପି ଶ୍ରୀ ଖୁରାନିଆ ଅନୁପମାଙ୍କ କ୍ରିଡା ସଫଳତାକୁ ଉଚ୍ଚ ପ୍ରଶଂସା କରିବା ସହ ତାଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରିଥିଲେ। ଏହା ସହ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ପ୍ରତିକ୍ ମହାନ୍ତି, ଡିଆଇଜି ଯୁଗଳ କିଶୋର ବନୋଥ, ଏଆଇଜି ସୁରେଶ ଚନ୍ଦ୍ର ନାୟକଙ୍କ ଉପସ୍ଥିତ ଥିଲେ।

ଗତ ମେ ମାସ ୨୩ ରୁ ୨୫ ତାରିଖ ପର୍ଯ୍ୟନ୍ତ ଯୋର୍ଡାନ୍‌ର ଅମାନ ସହରରେ ଏସିଆନ୍ ଚାମ୍ପିଅନ୍‌ସିପ୍ ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ଅନୁପମା ଦେଶକୁ ପ୍ରତିନିଧିତ୍ୱ କରି ୫୨ କେଜିରୁ କଣ୍ଟାକ୍ଟ ବର୍ଗରେ ରୌପ୍ୟ ପଦକ ଏବଂ ଫାଇଟିଂ ସିଷ୍ଟମ୍ ବର୍ଗରେ ବ୍ରୋଞ୍ଜ ପଦକ ଲାଭ କରି ଓଡିଶା ପୋଲିସକୁ ଗୌରବାନ୍ୱିତ କରିଛନ୍ତି। ବର୍ତ୍ତମାନ ଅନୁପମା ଭୁବନେଶ୍ୱର ସହରାଞ୍ଚଳ ପୋଲିସର କନେଷ୍ଟବଳ ଭାବେ କାର୍ଯ୍ୟରତ ଅଛନ୍ତି। ସେ ପୂର୍ବରୁ ବିଭିନ୍ନ ଜାତୀୟ ଏବଂ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପଦକ ବିଜୟୀ ହେବା ସହ ଓଡିଶା ପୋଲିସକୁ ଗୌରବାନ୍ୱିତ କରିଛନ୍ତି।




# ଚୋକର୍ସ ଟ୍ୟାଗ୍ ହଟାଇବା ଲକ୍ଷ୍ୟରେ ଦ. ଆଫ୍ରିକା

ନୂଆଦିଲ୍ଲୀ, ୯।୬(ଏଜେନ୍ସି) : ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲ୍ ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯିବ । ଇଂଲଣ୍ଡର ଐତିହାସିକ ଲର୍ଡ୍‌ସରେ ଏହି ମୁକାବିଲା ହେବାକୁ ଥିବା ବେଳେ ଟାଇଟଲ୍ ଲକ୍ଷ୍ୟରେ ରହିବେ ଉଭୟ ଦଳ। ଆଇସିସି ଟ୍ରଫି ମୁକାବିଲାରେ ଦ. ଆଫ୍ରିକା ନିଜକୁ ଚୋକର୍ସ ଟିମ୍ ଭାବେ ପରିଗଣିତ କରିଛି। ଠିକ୍ ସମୟରେ ଖେଳାଳିମାନେ ଚାପରେ ପଡି ମ୍ୟାଚ୍ ହାତଛଡା କରନ୍ତି। ଦଳ କେବଳ ୧୯୯୮ ଚାମ୍ପିଅନସ୍ ଟ୍ରଫି ହାସଲ କରିବାରେ ସଫଳ ହୋଇଥିଲା। ଅପର ପକ୍ଷରେ ଅଷ୍ଟ୍ରେଲିଆ ଦଳ ଭାବେ ବିଶ୍ୱକପ୍, ଚାମ୍ପିଅନ୍ ଟ୍ରଫି, ଟି- ୨୦ ବିଶ୍ୱ କପ୍ ଏବଂ ବିଶ୍ୱ ଟେଷ୍ଟ ଚାମ୍ପିଅନ୍ ସିପ୍ ଟାଇଟଲ ହାସଲ କରିଛି। ଦଳ ୧୩ ଟି ଫାଇନାଲରୁ ୧୦ ଥର ବିଜୟ ହୋଇଛି। ଦ. ଆଫ୍ରିକା ୨୦୨୩ - ୨୫ ଚକ୍ରରେ ସର୍ବାଧିକ ୩୦ ଜଣ ଖେଳଳିକୁ ଖେଳାଇଛି।କ୍ରମାଗତ ୭ ଟି ମ୍ୟାଚ୍ ଜିତି ଦଳ ଫାଇନାଲରେ ପ୍ରବେଶ କରିଥିଲା। ଟି- ୨୦ ବିଶ୍ୱକପ୍ ଅଳ୍ପକେ ଭାରତ ନିକଟରୁ ପରାଜିତ ହୋଇ ଦ. ଆଫ୍ରିକା ଟାଇଟଲ୍ ହରାଇଥିଲା। ଦଳର ଏହି ଦୁଃଖ ମନରୁ ଯାଇନଥିବ। ବିଶ୍ୱ ଟେଷ୍ଟ ଚାମ୍ପିଅନ୍ ସିପ୍ ଟାଇଟଲ୍ ଜିତି ଏହାକୁ ଭୁଲିବାକୁ ଚେଷ୍ଟା କରିବ ଦ. ଆଫ୍ରିକା। ଡେଭିଡ୍ ୱାର୍ଣ୍ଣରଙ୍କ ପରେ ଏବେ ଅଷ୍ଟ୍ରେଲିଆ ଉଶମାନ୍ ଖ୍ୱାଜାଙ୍କ ସହ କିଏ ଓପନିଂ କରିବ ସେ ନେଇ ଚିନ୍ତାରେ ରହିଛି। ଜୋସ୍ ହାଜଲେଉଡ ଆହତ ଥିବାରୁ ଦଳର ସମସ୍ୟା ବଢିଛି। ଗତ ସଂସ୍କରଣରେ ଭାରତକୁ ପରାସ୍ତ କରିଥିବା ଅଷ୍ଟ୍ରେଲିଆ ଦଳରେ ବିଶେଷ ପରିବର୍ତ୍ତନ ହୋଇନାହିଁ। ଖେଳାଳିଙ୍କ ଫାଇନାଲ୍ ଖେଳିବା ଅଭିଜ୍ଞତା ଦଳକୁ ଭଲ ସ୍ଥିତିରେ ରଖିଛି।



# ଆଲକାରେଜଙ୍କ ଅପ୍ରତ୍ୟାଶିତ ବିଜୟ

ନୂଆଦିଲ୍ଲୀ, ୯।୬(ଏଜେନ୍ସି) : ବର୍ଷର ଦ୍ୱିତୀୟ ଗ୍ରାମ୍ ସ୍ଲାମ୍ ଟେନିସ ଟୁର୍ଣ୍ଣାମେଣ୍ଟ ଫ୍ରେଞ୍ଚ ଓପନ୍ ଶେଷ ହୋଇଛି। ଏଥର ପୁରୁଷ ସିଙ୍ଗଲସ୍ ବିଜତା ବନିଛନ୍ତି କାର୍ଲୋସ ଆଲ୍‌କାରେଜ୍। ୫ ଘଣ୍ଟା ୨୯ ମିନିଟ୍‌ର ଲମ୍ବା ଲଢେଇ କରି ଅପ୍ରତ୍ୟାଶିତ ଭାବେ ମ୍ୟାଚ୍‌କୁ ପ୍ରତ୍ୟାବର୍ତ୍ତନ କରି ଆଲକାରେଜ୍ ବିଜୟ ମୁକୁଟ ପିନ୍ଧିଥିଲେ। ଏହା ଆଲକାରେଜ୍‌ଙ୍କ ୫ମ ଗ୍ରାଣ୍ଡସ୍ଲାମ୍ ଟାଇଟଲ୍। ସେ ଟାଇଟଲ୍ ଆସଲ ସମୟରେ ତାଙ୍କୁ ୨୨ ବର୍ଷ ୧ ମାସ ୩ ଦିନ ବୟସ ହୋଇଥିଲା। ଏହି ଲମ୍ବା ଲଢେଇକୁ ସମସ୍ତେ ବର୍ଷ ବର୍ଷ ଧରି ମନେ ରଖିବେ । କାରଣ ସେ ମ୍ୟାଚ୍‌ରେ କେବଳ ଜବତଦସ୍ତ ପ୍ରତ୍ୟାବର୍ତ୍ତନ କରିନଥିଲେ, ବରଂ ଐତିହାସିକ ବିଜୟ ହାସଲ କରିଥିଲେ। ଉତ୍କ୍ଷା ପୂର୍ଣ୍ଣ ଫାଇନାଲରେ ବିଶ୍ୱ ମାନ୍ୟତାର ପ୍ରଥମ ସ୍ଥାନରେ ଥିଲା ଇଟାଲିର ଜାନିକ୍ ସିନରଙ୍କୁ ନାଟକୀୟ ଭାବେ ଧରାସାୟୀ କରିଥିଲେ। ଫାଇନାଲରେ ଆଲକାରେଜ୍ ୪-୬, ୬-୭, ୬-୪, ୭-୬, ୭-୬ ମାରାଥନ ସେଟ୍‌ରେ ସିନରଙ୍କୁ ପରାସ୍ତ କରି ଦ୍ୱିତୀୟ ବର୍ଷ ପାଇଁ ଫ୍ରେଞ୍ଚ ଓପନ୍ ଗ୍ରାଣ୍ଡସ୍ଲାମ୍ ଟେନିସ ପ୍ରତିଯୋଗିତାର ପୁରୁଷ ଏକକ ଟ୍ରଫି ଜିତିଛନ୍ତି। ଗତବର୍ଷ ଏଠାରେ ନିଜର ଟ୍ରଫି ଜିତିଥିବା ଆଲକାରେଜିଙ୍କ କ୍ୟାରିଅରର ଏହା ପଞ୍ଚମ ଗ୍ରାଣ୍ଡସ୍ଲାମ୍। ୨୨ ବର୍ଷୀୟ ଆଲକାରେଜ୍ ୪୯ ବର୍ଷ ପରେ ଫ୍ରେଞ୍ଚ୍ ଓପନ୍ ଟାଇଟଣ୍ଡ ଜିତିବା ପରେ ପ୍ରଥମ ଇଟାଲୀୟ ଖେଳାଳି ହୋଇଛନ୍ତି। ୧୯୮୨ରେ ଖେଳାଯାଇଥିବା ଫାଇନାଲ୍ ମ୍ୟାଚ୍ ଦୀର୍ଘ ସମୟ ଖେଳାଯାଇଥିଲା। ସେ ସମୟରେ ମ୍ୟାକ୍ସ ୱିଲାଣ୍ଡର ଓ ଗିଲେର୍ମୋ ଭିଲାସଙ୍କ ମଧ୍ୟରେ ଫାଇନାଲ୍ ମ୍ୟାଚ୍ ୪ ଘଣ୍ଟା ୪୨ ମିନିଟ୍‌ରେ ହୋଇଥିଲା। ତେବେ ଏହି ମ୍ୟାଚକୁ ପଛରେ ପକାଇଛନ୍ତି ଆଲକାରେଜ୍। ଆଲକାରେଜ୍ ୨୦୨୩ ଓ ୨୦୨୪ରେ ୱିମ୍ବଲଡନ, ୨୦୨୪ ଓ ୨୦୨୫ ଫ୍ରେଞ୍ଚ୍ ଓପନ୍ ଏବଂ ୨୦୨୨ରେ ୟୁଏସ୍ ଓପନ ଟାଇଟଣ୍ଡ ଜିତିଥିଲେ।




# ୧୩ରୁ ସର୍ବଭାରତୀୟ କବାଡି ପ୍ରତିଯୋଗିତା

କୁଆଖିଆ, ୯।୬ (ସବ୍ୟୁ) : ଯାଜପୁର ଜିଲ୍ଲା ରସୁଲପୁର ବ୍ଲକ ଅନର୍ଗତ ଖଣ୍ଡିତର ପଡିଆରେ ଆସନ୍ତା୧୩ରୁ ସର୍ବଭାରତୀୟ ପୁରୁଷ ଓ ମହିଳା କବାଡି ଅନୁଷ୍ଠିତ ହେବ ।ଏଥି ପାଇଁ ରବିବାର ଦିନ ପ୍ରଦୀପ କୁମାର ସେଠିଙ୍କ ସଭାପତିତ୍ୱରେ ସାମ୍ବାଦିକ ସମିଳନୀ ଅନୁଷ୍ଠିତ ହୋଇଥିଲା । ଏଥିରେ ଉପସଭାପତି କୃଷ୍ଣକାନ୍ତ ପଣ୍ଡା, ସମ୍ପାଦକ ସମରେନ୍ଦ୍ର ଦାଶ, ଅରୁଣ କୁମାର ସାହୁ, ଅଭୟ ମହାନ୍ତି, ଗୋବିନ୍ଦ ଶତପଥୀ ଯୋଗ ଦେଇ ଚଳିତ ବର୍ଷର ସର୍ବଭାରତୀୟ ପୁରୁଷ ଓ ମହିଳା କବାଡି ଟୁର୍ଣ୍ଣାମେଣ୍ଟ ସମ୍ପର୍କରେ ସୂଚନା ଦେଇଥିଲେ ।୩୨ ଟି ଦଳ ପୁରୁଷ ରେ ଗୁଜୁରାଟ, ନାଗପୁର, ଭୋପାଳ, ଜବଲପୁର, ଗୁରୁଗ୍ରାମ, ଜିନ୍ଦ, ନିଜାମପୁର, ଜେ ଡି ଏକାଡେମୀ, ଆଗ୍ରା, ଦକ୍ଷିଣ ପୂର୍ବ ରେଳବାଇ, ପୂର୍ବ ରେଳବାଇ, କୋଲକାତା ପୋଲିସ, ଛତିଶଗଡ, ବିଳାସପୁର ସେହିପରି ଓଡିଶାର ଭଞ୍ଜନଗର, କଟକ, କିଶୋର କ୍ଲବ, କଳିଙ୍ଗ ଷ୍ଟାଡିଅମ, ରେନବ ପଟିଆ, ଯାଜପୁର ସେହିପରି ମହିଳା ରେ ଅଶୋକ ସଂଘ, ଦକ୍ଷିଣ ପୂର୍ବ ରେଳବାଇ, ଛତିଶଗଡ, ଗୁଜୁରାଟ, କୀଟ ବିଶ୍ୱବିଦ୍ୟାଳୟ କଳିଙ୍ଗ ଏକାଡେମୀ, କଟକ, କିଶୋର କ୍ଲବ, ଯାଜପୁର ଆଦି କବାଡି ଟିମ ଯୋଗ ଦେବେ ।ଚଳିତ ବର୍ଷ ଚାମ୍ପିୟନ ପୁରୁଷ ପ୍ରଥମ ଦଳ କୁ ୧ଲକ୍ଷ୫୦ହଜାର,ଦ୍ୱିତୀୟ ଦଳ କୁ ୧ ଲକ୍ଷ ତୃତୀୟ ଦଳ କୁ ୬୦ହଜାର ନଗଦ ଅର୍ଥ ସହ ଟ୍ରଫି ଦିଆ ଯିବ । ସେହିପରି ମହିଳା ଚମ୍ପିୟାନ ୫୦,ହଜାର ଦ୍ୱିତୀୟ ଦଳକୁ ୩୦,ହଜାର ତୃତୀୟ ଦଳ କୁ ୨୦ ହଜାର ନଗଦ ଅର୍ଥ ସହ ଟ୍ରଫି ଦିଆଯିବାକୁ ସ୍ଥିର ହୋଇଛି । ଏଥିରେ ଅତିଥି ବିଧାୟକ ହିମାଂଶୁ ଶେଖର ସାହୁ, ସାଂସଦ ଡ଼ଃ ରବୀନ୍ଦ୍ର ନାରାୟଣ ବେହେରା, କୋରେଇ ବିଧାୟକ ଆକାଶ ଦାସ ନାୟକ, ଉଦଯାପନୀରେ କ୍ରୀଡା ମନ୍ତ୍ରୀ ସୂର୍ଯ୍ୟ ବଂଶୀ ସୁରଜ, ବିଧାୟକ ଅମର ନାୟକଙ୍କ ସହ ବହୁ ମାନ୍ୟଗଣ୍ୟ ଯୋଗ ଦେବେ ।ଶେଷରେ ସମ୍ପାଦକ ରବୀନ୍ଦ୍ର ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ ।ଏଥିରେ ଜେ କେ ର ସମସ୍ତ ସଭ୍ୟ ଯୋଗ ଦେଇ ସହଯୋଗ କରିଥଲେ ।

# ଅଭ୍ୟାସ ସେସନ୍‌ରେ ପନ୍ତ ଆହତ

ନୂଆଦିଲ୍ଲୀ, ୯।୬ (ଏଜେନ୍ସି) : ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳା ଖେଳିବା ପାଇଁ ଭାରତୀୟ ଦଳ ଇଂଲଣ୍ଡ ଗସ୍ତରେ ଯାଇଛି। ବିଶ୍ୱ ଟେଷ୍ଟ ଚାମ୍ପିଅନ ସିପର ଆଗାମୀ ଚକ୍ର ଏହି ଶୃଙ୍ଖଳାରୁ ଆରମ୍ଭ ହେବ। ତେବେ ଶୃଙ୍ଖଳା ଆରମ୍ଭ ପୂର୍ବରୁ ଭାରତ ପାଇଁ ଏକ ଦୁଃଖଦ ଖବର ଆସିଛି। ଭାରତୀୟ ଦଳର ଖେଳାଳିମାନେ ଇଂଲଣ୍ଡ ପହଞ୍ଚିବା ପରେ କଡା ଅଭ୍ୟାସ କରିଛନ୍ତି। ଦଳର ଉପ ଅଧିନାୟକ ତଥା ୱିକେଟ୍ କିପର ବ୍ୟାଟର ରିଷଭ ପନ୍ତ ଅଭ୍ୟାସ ସମୟରେ ଆହତ ହୋଇଛନ୍ତି। ତାଙ୍କ ବାମ ହାତ କହୁଣିରେ ବଲ୍ ବାଜିଛି। ତେବେ ଏହି ସମସ୍ୟା ଅଧିକ ଗୁରୁତ୍ୱ ନୁହେଁ ବୋଲି ବିସିସିଆଇ ପକ୍ଷରୁ କୁହାଯାଇଛି। ବିରାଟ କୋହଲି, ରୋହିତ ଶର୍ମା ଓ ରବିଚନ୍ଦ୍ର ଅଶ୍ୱିନ୍‌ଙ୍କ ଅନୁପସ୍ଥିତିରେ ଶୁଭମନ୍ ଗିଲଙ୍କ ନେତୃତ୍ୱରେ ଏକ ଯୁବ ଟିମ୍ ଇଂଲଣ୍ଡ ଗସ୍ତରେ ଯାଇଛି। ଭାରତ ଦୀର୍ଘ ଦିନ ହେବ ଇଂଲଣ୍ଡ ଗସ୍ତରେ ଶୃଙ୍ଖଳା ଜିତିନାହିଁ ଭାରତର ଅନେକ ଖେଳାଳି ଆଇପିଏଲ୍ ବ୍ୟସ୍ତ ରହିଥିବାରୁ ଟେଷ୍ଟ ଫର୍ମାଟ୍ ପ୍ରତି ମନୋନିବେଶ କରିବା ପାଇଁ ଅଭ୍ୟାସ ଜରୁରୀ ହୋଇପଡିଛି। କୋଚ୍ ଗୌତମ୍ ଗମ୍ଭୀରଙ୍କ ପ୍ରଶିକ୍ଷଣରେ ଖେଳାଳି ମାନେ ଅଭ୍ୟାସ ଜାରି ରଖିଛନ୍ତି। ଆଗାମୀ ୨୦ ତାରିଖରୁ ଭାରତ - ଇଂଲଣ୍ଡ ଟେଷ୍ଟ ଆରମ୍ଭ ହେବ।



# ଆଇପିଏଲ୍‌ର ବିଫଳ ଖେଳାଳି

ନୂଆଦିଲ୍ଲୀ, ୯।୬(ଏଜେନ୍ସି) : ଆଇପିଏଲ୍ ୨୦୨୫ ଶେଷ ହୋଇସାରିଛି। ଏଥର ନୂଆ ଦଳ ଭାବେ ରୟାଲ୍ ଚ୍ୟାଲେଞ୍ଜରସ୍ ଚାମ୍ପିଅନ୍ ମୁକୁଟ ପିନ୍ଧିଥିଲା। ଅନେକ ଯୁବ ଖେଳାଳି ଆଇପିଏଲ୍ ମାଧ୍ୟରେ ଚର୍ଚ୍ଚାକୁ ଆସିଥିବା ବେଳେ ସବୁଠୁ ଅଧିକ ଦରମାରେ ବିକ୍ରି ହୋଇଥିବା ଖେଳାଳିଙ୍କ ଫ୍ଲବ୍ ଶୋ ତାଲିକା ମଧ୍ୟ ଲମ୍ବିଛି। ରିଶଭ ପନ୍ତ ଏବଂ ଭେଙ୍କଟେଶ ଆୟର ଉଭୟଙ୍କ ଦରମା ୫୦ କୋଟି ଉପରେ ଏହା ବ୍ୟତୀୟ ଧୋନିକ ନାମ ମଧ ଫ୍ଲବ୍ ତାଲିକାରେ ସାମିଲ ଅଛି।

ଫ୍ଲବ୍ ୧୧ରେ ଅଛନ୍ତି ରଚିନ୍ ରବିନ୍ଦ୍ର । ସିଜନ୍‌ରେ ୮ ଟି ମ୍ୟାଚ ଖେଳି ୧୯୧ ରନ୍ କରିଛନ୍ତି। ଇଶାନ୍ କିଶାନ ମଧ ଏହି ତାଲିକାରେ ଅଛନ୍ତି। ଇଶାନ ଗୋଟିଏ ଶତକ ଗୋଟିଏ ଅର୍ଦ୍ଧ ଶତକ ହାସଲ କରିଥିଲେ। ଏହି ଦୁଇ ଇନିଂସକୁ ବାଦ ଦେଲେ ୧୨ ଟି ମ୍ୟାଚ୍ ସେ କେବଳ ୧୫୪ ରନ୍ କରିଛନ୍ତି। ଏହି ତାଲିକରେ ତୃତୀୟରେ ଅଛନ୍ତି ରିଶଭ ପନ୍ତ। ଚଳିତ ବର୍ଷ ସେ ବିଶେଷ କିଛି ପ୍ରଦର୍ଶନ ଦେଖାଇ ପାରିନାହାଁନ୍ତି। ଗୋଟିଏ ଶତକକୁ ବାଦ ଦେଲେ ସେ କେବଳ ୧୫୧ ରନ୍ କରିଛନ୍ତି। ଭେଙ୍କଟେଶ୍ ଆୟର ଚତୁର୍ଥ ସ୍ଥାନରେ ରହିଛନ୍ତି। ସେ ଚଳିତ ସିଜନ୍‌ରେ ନିରାଶ କରିଛନ୍ତି। ତାଙ୍କୁ କୋଲକାତା ୨୩.୭୫ କୋଟି ଟଙ୍କାରେ କିଣିଥିଲା। ସେ ପୁରା ସିଜନ୍‌ରେ ମାତ୍ର ୧୪୨ ରନ୍ କରିଥିଲେ। ପଞ୍ଚମ ସ୍ଥାନରେ ନିତୀଶ କୁମାର ରେଡ୍ଡି ରହିଛନ୍ତି। ଚଳିତ ସିଜନ୍‌ରେ ତାଙ୍କ ଦଳ ସମସ୍ତଙ୍କୁ ନିରାଶ କରିଥିଲା। ଲିଆମ୍ ଲିଭିଙ୍ଗ୍ ଷ୍ଟୋନ୍ ୧୧୨ ରନ୍ କରି ଷଷ୍ଠ ସ୍ଥାନରେ ରହିଛନ୍ତି। ଗ୍ଲେନ୍ ମ୍ୟାକ୍ସୱେଲ୍ ୪୮ ରନ୍ କରି ସପ୍ତମ ସ୍ଥାନରେ ରହିଛନ୍ତି। ଏମ୍‌ଏସ୍ ଧୋନି କେବଳ ୧୪୬ ରନ୍ କରିଥିଲେ। ରସିଦ୍ ଖାନ୍ ଅତ୍ୟାନ୍ତ ଖରାପ ବୋଲିଂ କରି ୯ ୱିକେଟ୍ ନେଇଥିଲେ। ଏହି ବର୍ଷ ମହମ୍ମଦ ସାମି ଓ ଇଶାନ୍ ଶର୍ମାଙ୍କ ପ୍ରଦର୍ଶନ ମଧ ନୈରାଶ୍ୟ ଜନକ ରହିଛି। ଏହି ଦୁଇ ଖେଳାଳି ଫ୍ଲବ୍ ଏକାଦଶରେ ସ୍ଥାନ ପାଇଛନ୍ତି।



ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭୀମ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି